# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar

ODISHA BHASKAR

ଯାହା ଆପଣଙ୍କ କଥା କହେ




ଅଲିମ୍ପିଆଡ୍ ମଶାଲ ରିଲେ ଉଦ୍‌ଘାଟନ କରିବେ ।୧୧



ସାଇ ପଲ୍ଲବୀଙ୍କ ବୟାନକୁ ନେଇ ଥାନାରେ ମାମଲା।୧୨


RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଊନବିଂଶ ବର୍ଷ ସଂଖ୍ୟା-୯୫ | Vol. 19 No-95 | 18 JUNE 2022 SATURDAY BHUBANESWAR | ଶନିବାର, ୧୮ ଜୁନ୍ ୨୦୨୨ | ପୃଷ୍ଠା-୧୨ | ମୂଲ୍ୟ:୭.୦୦


## ଉଗ୍ରରୂପ ନେଉଛି 'ଅଗ୍ନିପଥ' ନିଆଁ

# ପୋଡ଼ିଦେଲେ ଏକାଧିକ ଟ୍ରେନ୍



- ୧୪୦ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ, ୩୪୦ ପ୍ରଭାବିତ
- ୭ ରାଜ୍ୟରେ ସ୍ଥିତି ସାଂଘାତିକ
- ପୋଲିସ-ବିକ୍ଷୋଭକାରୀ ମୁହାଁମୁହିଁ, ଜଣେ ମୃତ
- ଷ୍ଟେସନରେ ବ୍ୟାପକ ଭଙ୍ଗାରୁଜା
- ହରିଆଣା, ବିହାରରେ ଇଣ୍ଟରନେଟ୍ ସେବା ବନ୍ଦ

ନୂଆଦିଲ୍ଲୀ, ୧୭।୬ : କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ନେଇ ଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଏହି ଯୋଜନାକୁ ବିରୋଧ କରି ଯୁବପୀଢ଼ି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଥିବାବେଳେ ଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଜାରି ରହିଛି। ଉତ୍ତର ପ୍ରଦେଶର ବାଲିଆ ରେଳଷ୍ଟେସନରେ ଆନ୍ଦୋଳନକାରୀମାନେ ବ୍ୟାପକ ଭଙ୍ଗାରୁଜା କରିବା ସହ ଷ୍ଟେସନରେ ଫିଙ୍ଗା ଫୋପଡ଼ା କରିଛନ୍ତି। ସେଠାରେ ମଧ୍ୟ ବିକ୍ଷୋଭକାରୀ ଏକ ଟ୍ରେନ୍‌କୁ ପୋଡ଼ି ଦେଇଛନ୍ତି। ତେବେ ସେଠାରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତକୁ ନେଇଥିଲେ ମଧ୍ୟ ତୀବ୍ର ଉତ୍ତେଜନା ଲାଗି ରହିଛି। ସେହିପରି ବିହାରର ବିଭିନ୍ନ ଷ୍ଟେସନରେ ଜୋରଦାର ପ୍ରତିବାଦ ଦେଖିବାକୁ ମିଳିଛି। ବିହାରର ସମସ୍ତିପୁର ଓ ବେଗୁସରାଇର ଲଖୀସରାଇରେ ଏକ ଟ୍ରେନ୍‌କୁ ଆନ୍ଦୋଳନକାରୀ ନିଆଁ ଲଗାଇ ଦେଇଛନ୍ତି। ହରିଆଣାରେ ମଧ୍ୟ ଆନ୍ଦୋଳନ ବ୍ୟାପୁଥିବାରୁ ସେଠାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ସେହିପରି ଲଖମିନିଆରେ ଥିବା ରେଳଷ୍ଟେସନରେ ଆନ୍ଦୋଳନକାରୀ ନିଆଁ ଲଗାଇ ଦେଇଛନ୍ତି। ଆରାରା, ବକ୍ସର ଓ ବେଟିହାରେ ମଧ୍ୟ ତୀବ୍ର ପ୍ରତିବାଦ ଦେଖିବାକୁ ମିଳିଛି। ତେଲେଙ୍ଗାନାର ସିକନ୍ଦରାବାଦରେ ବିକ୍ଷୋଭକାରୀ ଏକ ଟ୍ରେନ୍‌କୁ ପୋଡ଼ି ଦେଇଥିବା ସୂଚନା ମିଳିଛି। ତେବେ ଆନ୍ଧ୍ରର ବିଶାଖାପାଟଣାରେ ବିକ୍ଷୋଭକାରୀଙ୍କ ଉପରକୁ ପୋଲିସ ଗୁଳି ଚଳାଇବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଫଳରେ ୧୪୦ ଏକ୍ସପ୍ରେସ୍ ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ୩୪୦ରୁ ଊର୍ଦ୍ଧ୍ୱ ଟ୍ରେନ୍‌ର ଚଳାଚଳ ପ୍ରଭାବିତ ହୋଇଛି। ହରିଆଣାରେ ପଲୱାଲ ଜିଲ୍ଲାରେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବାକୁ ବାତିଲ କରାଯାଇଛି। ଏଠାରେ ସ୍ଥିତି ଭୟଙ୍କର ଥିବା ଆଶଙ୍କା କରି ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ● ପୃଷ୍ଠା ୮ ଦେଖନ୍ତୁ

### କଟକରେ ପ୍ରତିବାଦ, ଲାଠିଚାର୍ଜ

କଟକ, ୧୭।୬, (ଭାସ୍କର ନ୍ୟୁଜ୍) : ବ୍ୟାପିବାରେ ଲାଗିଛି ଅଗ୍ନିପଥ ନିଆଁ। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ନେଇ ଚାଲିଛି ବ୍ୟାପକ ଆନ୍ଦୋଳନ। ଓଡ଼ିଶାରେ ମଧ୍ୟ ଆନ୍ଦୋଳନର ଛିଟା ଦେଖିବାକୁ ମିଳିଛି। କଟକ କ୍ୟାଣ୍ଟନମେଣ୍ଟ ରୋଡ୍ ସ୍ଥିତ ଆର୍ମି ଅଫିସ ସମ୍ମୁଖରେ ବହୁ ନିଯୁକ୍ତି ଆଶାୟୀ ଠେଙ୍ଗାବାଡ଼ି ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ରିଙ୍ଗରୋଡ୍‌ରେ ରାସ୍ତା ଅବରୋଧ କରିବା ସମୟରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ରାସ୍ତା ଅବରୋଧ ହଟାଇବା ପାଇଁ ପୋଲିସ ବିକ୍ଷୋଭକାରୀଙ୍କ ଉପରେ ଲାଠିଚାର୍ଜ କରିଥିଲା। ଏହି ଘଟଣାରେ କେତେକ ଆନ୍ଦୋଳନକାରୀଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

# ପ୍ରତ୍ୟେକ ଜୀବନ ମୂଲ୍ୟବାନ: ମୁଖ୍ୟମନ୍ତ୍ରୀ



- ଜୁନ୍‌ରୁ ଅକ୍ଟୋବର ଗୁରୁତ୍ୱପୂର୍ଣ୍ଣ
- ପ୍ରସ୍ତୁତି ସୁଦୃଢ଼ କରିବାକୁ ନିର୍ଦ୍ଦେଶ
- ଖାଦ୍ୟସାମଗ୍ରୀ ମହଜୁଦ ପାଇଁ ପରାମର୍ଶ

ଭୁବନେଶ୍ୱର, ୧୭।୬, (ଭାସ୍କର ନ୍ୟୁଜ୍) : ପ୍ରତ୍ୟେକ ଜୀବନ ହେଉଛି ଆମ ପାଇଁ ମୂଲ୍ୟବାନ। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ଆସିବା ପୂର୍ବରୁ ସମସ୍ତ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଆମର ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମର ନୀତି ହେଉଛି ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହି ନୀତିକୁ ଅନୁସରଣ କରି ଓଡ଼ିଶା ଭଳି ଗୋଟିଏ ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରି ଏକ୍ଷେତ୍ରରେ ଆଗୁଆ ରାଜ୍ୟ ହୋଇପାରିଛି। ପ୍ରତ୍ୟେକ ବର୍ଷ ଜୁନ୍‌ରୁ ଅକ୍ଟୋବର ମାସ ଅତି ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ବନ୍ୟା, ବାତ୍ୟା, ମରୁଡ଼ି ଭଳି ଅନେକ ପ୍ରାକୃତିକ ବିପର୍ଯ୍ୟୟ ଘଟିଥାଏ। ଏପରିକି ଏହି ସମୟ ମଧ୍ୟରେ ବାତ୍ୟା ଓ ବନ୍ୟା ମଧ୍ୟ ଏକ ସମୟରେ ଆସିବାର ସମ୍ଭାବନା ରହିଥାଏ। ତେଣୁ ଏନେଇ ଆମର ପ୍ରସ୍ତୁତିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସମସ୍ତ ପ୍ରଶାସନିକ କଳ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଆଗୁଆ ବିପର୍ଯ୍ୟୟ ସୂଚନା ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ, ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପ୍ରାଣୀସେବା ବ୍ୟବସ୍ଥା ଆଦିକୁ ପ୍ରସ୍ତୁତ କରି ରଖିବା ଜରୁରୀ। ଏହା ସହିତ ସମସ୍ତ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ମଧ୍ୟ ପ୍ରସ୍ତୁତ ରଖିବାକୁ ସେ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟ ପ୍ରବଣ ଓ ଦୁର୍ଗମ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣ ଖାଦ୍ୟପଦାର୍ଥ ମହଜୁଦ ରଖିବା, ଜିଲ୍ଲାସ୍ତରୀୟ ଜରୁରୀକାଳୀନ କେନ୍ଦ୍ରଗୁଡ଼ିକୁ ୨୪ ଘଣ୍ଟିଆ କାର୍ଯ୍ୟକାରୀ କରିବା, ପଶୁଖାଦ୍ୟ ମହଜୁଦ ରଖିବା ଓ ବିପର୍ଯ୍ୟୟ ସମୟରେ ପ୍ରାଣୀ ସେବା କ୍ୟାମ୍ପ ଖୋଲିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ, ରାଜ୍ୟ ସରକାର ବିପର୍ଯ୍ୟୟ ● ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### ସଂଜୟ ସିଂହ ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ସଚିବ



ଭୁବନେଶ୍ୱର, ୧୭।୬ (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ସଂଜୟ ସିଂହଙ୍କୁ ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି। ଏଥି ସହିତ ସେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଗଞ୍ଜାମ ଜିଲ୍ଲାପାଳ ଥିବା ବିଜୟ ଅମୃତ କୁଲାଙ୍ଗେଙ୍କୁ ବିଏମ୍‌ସି କମିଶନର ଭାବେ ନିଯୁକ୍ତି ଦେଇଥିଲେ ରାଜ୍ୟ ସରକାର। ସେହିପରି ଓଡ଼ିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି ) ଯାମିନୀ ଷଡ଼ଙ୍ଗୀଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଓଏସ୍‌ଡି ଦାୟିତ୍ୱ ଦେଇଛନ୍ତି। ଶୁକ୍ରବାର ଦିନ ସାଧାରଣ ପ୍ରଶାସନ ପକ୍ଷରୁ ଏସମ୍ପର୍କରେ ବିଜ୍ଞପ୍ତି ଜାରି କରାଯାଇଛି।

### ଅଳିଆ ଗଦାରୁ ନବଜାତକ ଉଦ୍ଧାର

ଆସିକା, ୧୭।୬ (ଭାସ୍କର ନ୍ୟୁଜ୍) : ଆସିକା ଧରାକୋଟ ବଡ଼ଦାଣ୍ଡ ସାହିର ଜଣକ ଘର ପଛପଟ ବାଡ଼ିରେ ପଡ଼ିଥିବା ଅଳିଆ ଗଦାରୁ ଏକ ନବଜାତକକୁ ଉଦ୍ଧାର କରାଯାଇଛି। ତେବେ ଏହି ନବଜାତକକୁ ଅଳିଆଗଦାକୁ କିଏ ଆଣିଲା ସେ ନେଇ ସୂଚନା ମିଳିନଥିବାବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୫୧,୩୬୦.୪୨

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୨୯ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

### ୧୭।୬ ର ମତାମତ

ହାତୀ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଏହାକୁ ରୋକାଯିବା ସମ୍ଭବ କି ?




### ଆଜିର ପ୍ରସଙ୍ଗ

ଅଗ୍ନିପଥ ଯୋଜନାକୁ ବିରୋଧ କରି ଜାତୀୟ ସମ୍ପତ୍ତି ନଷ୍ଟ କରାଯିବା ଠିକ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ଆସାମ ବନ୍ୟାସ୍ଥିତି ଜଟିଳ

# ୨୫ ଜିଲ୍ଲାର ୧୧ ଲକ୍ଷ ଲୋକ ପ୍ରଭାବିତ



- ଶହ ଶହ ଗାଁ ପାଣିଘେରରେ
- ଜୀବନଯାତ୍ରା ପ୍ରଭାବିତ
- ଡଙ୍ଗା ବୁଡ଼ି ଜଣେ ନିଖୋଜ

ଗୌହାଟୀ, ୧୭।୬ : ଆସାମରେ ବନ୍ୟା ସ୍ଥିତି ଭୟଙ୍କର ରୂପ ଧାରଣ କରିଛି। ପୂର୍ବୋତ୍ତର କ୍ଷେତ୍ରରେ ଜାରି ରହିଥିବା ବର୍ଷା ଆସାମରେ ବିପ୍ଳାତ ସୃଷ୍ଟି କରିଛି। ନଦୀମାନଙ୍କରେ ଜଳସ୍ତର ବୃଦ୍ଧି ହେବା ଯୋଗୁଁ ଶହ ଶହ ଗାଁ ଜଳବନ୍ଦୀ ହୋଇପଡ଼ିଛି। ବର୍ଷା ଓ ବନ୍ୟାରେ ଲୋକଙ୍କ ଜୀବନଯାତ୍ରା ମଧ୍ୟ ପ୍ରଭାବିତ ହୋଇଛି। ସହର ତଳି ଅଞ୍ଚଳ ପାଣିରେ ବୁଡ଼ିଯାଇଛି। ଏଥିରେ ଆସାମର ୨୫ଟି ଜିଲ୍ଲା ପ୍ରଭାବିତ ହୋଇଥିବାବେଳେ ୧୧ ଲକ୍ଷ ଲୋକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ତେବେ ନବଗଠିତ ବାଜାଲି ଜିଲ୍ଲା ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ସୂଚନା ଦିଆଯାଇଛି। ଆସାମ ସରକାରଙ୍କ ଜଣେ ଅଧିକାରୀ କହିଛନ୍ତି ଯେ, ବନ୍ୟା ପାଣିରେ ୧୯,୭୮୨ ହେକ୍ଟର ଜମିରେ ଫସଲ ପାଣି ଘେରରେ ରହିଛି। ମାନସ, ପଗଲାଡିଆ, ପୁଥିମାରି, କୋପିଲି ଇତ୍ୟାଦି ସ୍ଥାନରେ ବ୍ରହ୍ମପୁତ୍ର ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ରାଜ୍ୟ ସରକାରଙ୍କ ସୂଚନାନୁଯାୟୀ, ୧ ହଜାର ୫୧୦ଟି ଗାଁ ଜଳମଗ୍ନ ହୋଇପଡ଼ିଛି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପ୍ରଶାସନ ଲୋକଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦେଇଛି। ବିଶେଷ ପରିସ୍ଥିତି ନପଡ଼ିଲେ ବାହାରକୁ ବାହରିବାକୁ ବାରଣ କରାଯାଇଛି। ରାଜଧାନୀ ଗୌହାଟୀରେ ଶୁକ୍ରବାର ଲଗାତାର ୩ୟ ଦିନ ପାଇଁ ମୂଷଳଧାରାରେ ବର୍ଷା ଜାରି ରହିଛି। କେତେକ ସ୍ଥାନରେ ଭୂସ୍ଖଳନ ହୋଇଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ବକ୍ସା ଜିଲ୍ଲାର ଦିହିଙ୍ଗ ନଦୀରେ ବନ୍ୟାଜଳ ପ୍ରବଳ ● ପୃଷ୍ଠା ୮ ଦେଖନ୍ତୁ

## ସ୍ୱିସ୍ ନ୍ୟାସନାଲ୍ ବ୍ୟାଙ୍କ୍‌ର ରିପୋର୍ଟ

# ଭାରତୀୟଙ୍କ ଜମା ଟଙ୍କା ବର୍ଷକରେ ୫୦% ବୃଦ୍ଧି




ନୂଆଦିଲ୍ଲୀ, ୧୭।୬ : ସ୍ୱିସ୍ ବ୍ୟାଙ୍କ୍‌ରେ ଭାରତୀୟଙ୍କ ଜମା ରାଶି କ୍ରମାଗତ ୨ୟ ବର୍ଷ ପାଇଁ ବୃଦ୍ଧି ପାଇଛି। ଏହାର ପରିମାଣ ୩୦ ହଜାର ୫୦୦ କୋଟିରେ ପହଞ୍ଚିଛି। ଗତ ୧୪ ବର୍ଷ ଭିତରେ ଏହା ଭାରତୀୟଙ୍କ ସର୍ବାଧିକ ଜମା ରାଶି। ୨୦୨୧ରେ ହୋଇଥିବା ଜମା ରାଶି ତୁଳନାରେ ଏହା ୫୦% ଅଧିକ ବୋଲି ସ୍ୱିସ୍ ନ୍ୟାସନାଲ ବ୍ୟାଙ୍କ୍ ଜାରି କରିଥିବା ଏକ ରିପୋର୍ଟରୁ ସୂଚନା ମିଳିଛି। କରୋନା ସଂକ୍ରମଣ ହ୍ରାସ ପାଇବା ପରେ ଏହି ବିଦେଶୀ ବ୍ୟାଙ୍କ୍‌ରେ ଭାରତୀୟଙ୍କ ଟଙ୍କା ପରିମାଣ ବୃଦ୍ଧି ପାଇଛି। ୨୦୨୦ରେ ଏହି ବ୍ୟାଙ୍କ୍‌ରେ ଭାରତୀୟଙ୍କ ଜମା ରାଶି ସଞ୍ଚୟ ଖାତା, ପ୍ରତିଭୂତି ଓ ଅନ୍ୟାନ୍ୟ ନିବେଶ ବାବଦରେ ୨୦ ହଜାର ୭୦୦ କୋଟି ଟଙ୍କା ରହିଥିଲା। ଏହା ପୂର୍ବରୁ ୨୦୦୬ରେ ସ୍ୱିସ୍ ବ୍ୟାଙ୍କ୍‌ରେ ଭାରତୀୟଙ୍କ ଜମା ସର୍ବୋଚ୍ଚ ସ୍ତରରେ ମଧ୍ୟ ରହିଥିଲା। ଏହାପରେ ୨୦୧୧, ୨୦୧୩, ୨୦୧୭, ୨୦୨୦, ୨୦୨୧କୁ ବାଦ୍ ଦେଲେ ଅନ୍ୟ ସବୁବର୍ଷ ଜମାରାଶି ହ୍ରାସ ପାଇଥିଲା। ୨୦୧୯ରେ ସବୁ ବର୍ଗରେ ଜମା ରାଶି ହ୍ରାସ ପାଇଥିବାବେଳେ ୨୦୨୧ରେ ସବୁବର୍ଗରେ ଜମାରାଶିରେ ବୃଦ୍ଧି ଘଟିଥିଲା। ଏହି ବ୍ୟାଙ୍କ୍‌ରେ ଜମା ରାଶି ରଖିଥିବା ଶ୍ରେଷ୍ଠ ୧୦ ରାଷ୍ଟ୍ର ମଧ୍ୟରେ ରହିଛନ୍ତି ବ୍ରିଟେନ୍, ଆମେରିକା, ଓ୍ୱେଷ୍ଟେଣ୍ଡିଜ୍, ଜର୍ମାନୀ, ସିଙ୍ଗାପୁର, ହଂକଂ, ବାହାମାସ, ନେଦରଲ୍ୟାଣ୍ଡ, ସାଇପ୍ରସ ଓ ଅନ୍ୟାନ୍ୟ ରାଷ୍ଟ୍ରମାନେ। ଏହି ତାଲିକାର ୪୪ତମ ସ୍ଥାନରେ ରହିଛି ଭାରତ। ତେବେ ପୋଲାଣ୍ଡ, ଦକ୍ଷିଣ କୋରିଆ, ସ୍ୱିଡେନ୍, ବାହାରିନ, ଓମାନ, ନ୍ୟୁଜିଲ୍ୟାଣ୍ଡ, ନରଓ୍ୱେ, ମରିସସ୍, ବାଂଲାଦେଶ, ପାକିସ୍ତାନ, ହଙ୍ଗେରୀ ତୁଳନାରେ ଭାରତୀୟଙ୍କର ଏହି ବ୍ୟାଙ୍କ୍‌ରେ ଅଧିକ ଜମା ରାଶି ରହିଛି। ତେବେ ସ୍ୱିସ୍ ବ୍ୟାଙ୍କ୍‌ରେ ଭାରତୀୟଙ୍କ ଟଙ୍କା ଜମା ରଖିବା ଏକ ରାଜନୈତିକ ପ୍ରସଙ୍ଗ ଭାବେ ଉଭା ହୋଇଛି। ସ୍ୱିସ୍ ବ୍ୟାଙ୍କ୍‌ରେ ବିପୁଳ ପରିମାଣର କଳାଧନ ଜମା ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ତେବେ ଏହି ବ୍ୟାଙ୍କ୍ ଗ୍ରାହକଙ୍କ ତଥ୍ୟକୁ ଗୋପନ ରଖିବା ଲାଗି ସ୍ୱିଜରଲ୍ୟାଣ୍ଡର ନୀତି ଟିକସ ଠକେଇ କରୁଥିବା, ଜାଲିଆତିରେ ସମ୍ପୃକ୍ତ ଥିବା ଓ ଆର୍ଥିକ ହେରଫେର୍ କରୁଥିବା ଲୋକଙ୍କୁ ବେଶ୍ ସୁହାଉଛି। ଏହି ଅପବାଦରୁ ମୁକ୍ତି ପାଇବା ଲାଗି ସ୍ୱିଜରଲ୍ୟାଣ୍ଡ ସରକାର ବିଭିନ୍ନ ଦେଶ ସହିତ ବ୍ୟାଙ୍କ୍ ତଥ୍ୟ ଆଦାନ ପ୍ରଦାନ ନେଇ ବୁଝାମଣା କରିଛନ୍ତି। ଭାରତ ସହ ମଧ୍ୟ ଏଭଳି ବୁଝାମଣା ହୋଇଥିବାବେଳେ କଳାଧନ ସମ୍ପର୍କୀୟ ତଥ୍ୟ ମଧ୍ୟ ମିଳିବାରେ ଲାଗିଛି।

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ଛତା ଧରିବାର ଋତୁ ଆସିଗଲା
ଆସିଗଲା ମଉସୁମୀ,
ହସିବ ଏଣିକି ସସାଗରା ଧରା
ବୃକ୍ଷଲତା, ଚାଷ ଜମି ।
ବିପର୍ଯ୍ୟୟ ଗଲେ କମି,
ଶାନ୍ତିରେ ନିଃଶ୍ୱାସ ମାରିବେ ମଣିଷ,
କୀଟପତଙ୍ଗ ଓ କୃମି !!

## ଖୋଲିଲା ସ୍କୁଲ, ପାଠପଢ଼ା ଆରମ୍ଭ

ଭୁବନେଶ୍ୱର, ୧୭।୬, (ଭାସ୍କର ନ୍ୟୁଜ୍) : ଦୀର୍ଘ ୧୧ ଦିନ ଧରି ରଜ ଛୁଟି ରହିବା ପରେ ପୁଣି ଶୁକ୍ରବାର ଠାରୁ ରାଜ୍ୟର ସମସ୍ତ ସ୍କୁଲ ଖୋଲିଛି। ଛାତ୍ରଛାତ୍ରୀଙ୍କ କ୍ଲାସରୁମ୍ ପାଠପଢ଼ା ଆରମ୍ଭ ହୋଇଛି। ଏଥର କିନ୍ତୁ ସକାଳୁଆ ସ୍କୁଲ ବଦଳରେ ୧୦ଟାରୁ ପାଠପଢ଼ା ଆରମ୍ଭ ହୋଇଛି। ୧୦ଟାରୁ ପୂର୍ବ ଭଳି କ୍ଲାସ ଆରମ୍ଭ ହୋଇ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ବିଦ୍ୟାଳୟ ଖୋଲିବା ଓ ପାଠପଢ଼ା ନେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଥିଲା। ଏହି ଗାଇଡ୍‌ଲାଇନ୍ ଅନୁଯାୟୀ, ଶିକ୍ଷକ ଶିକ୍ଷୟିତ୍ରୀମାନେ ସକାଳ ୯ଟା ସୁଦ୍ଧା ସ୍କୁଲ୍‌ରେ ପହଞ୍ଚିବେ ଓ ଅପରାହ୍ଣ ସାଢ଼େ ୪ଟା ଯାଏଁ କ୍ୟାମ୍ପସରେ ରହିବେ। ଏଥିସହ ଏକାଡେମିକ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବା ସହ ଚଳିତ ଶିକ୍ଷାବର୍ଷ ୨୦୨୩ ମାର୍ଚ୍ଚ ସୁଦ୍ଧା ସାରିବା ଯୋଜନା ପ୍ରସ୍ତୁତ ହୋଇଛି। ପ୍ରଥମ ଦିନ ପ୍ରଧାନ ଶିକ୍ଷକମାନେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ବୈଠକ କରି ଟାଇମ୍ ଟେବୁଲ ଓ ଲେସନଚାର୍ଜ ଆଦି ପ୍ରସ୍ତୁତ କରିଥିଲେ। ପିଲାମାନଙ୍କ ପାଠପଢ଼ା ଓ ପରୀକ୍ଷା ଶେଷ ହୋଇନଥିବାରୁ ଠିକ୍ ସମୟରେ କୋର୍ସ ଶେଷ କରି ପରୀକ୍ଷା କରାଇବା ପାଇଁ ଗଣଶିକ୍ଷା ● ପୃଷ୍ଠା ୮ ଦେଖନ୍ତୁ

## ମାଆକୁ ଟାଙ୍ଗିଆରେ ହାଣି ହତ୍ୟା କଲା ପୁଅ

କେନ୍ଦୁଝର, ୧୭।୬, (ଭାସ୍କର ନ୍ୟୁଜ୍) : ଦଶ ମାସ ଦଶ ଦିନ ଗର୍ଭରେ ଧରି ଜନ୍ମ ଦେଇଥିଲା। ପାଳିପୋଷି ମଣିଷ କରିବାକୁ ପ୍ରୟାସ ବି ଜାରି ରଖିଥିଲା। ହେଲେ ସାମାନ୍ୟ କେତେଟା ଟଙ୍କା ପାଇଁ ଶେଷରେ ପୁଅ ପାଲଟିଗଲା ମାତୃହନ୍ତା। ଡ୍ରେସ୍ କିଣିବାକୁ ଟଙ୍କା ଦେବାକୁ ମାଆ ଅସମର୍ଥ ହେବାରୁ ପୁଅ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ହାଣିଦେଲା। ଆଉ ଘଟଣାସ୍ଥଳରେ ମାଆର ମୃତ୍ୟୁ ବି ଘଟିଲା। ଏଭଳି ଏକ ହୃଦୟବିଦାରକ ଦୃଶ୍ୟ କେଉଁଝର ଜିଲ୍ଲା ନୟାକୋଟ ଥାନା ଉପରବରଡ଼ା ଗାଁରେ ଘଟିଛି। ମାଆକୁ ଟାଙ୍ଗିଆରେ ହାଣି ମାରିଦେଇଛି ୧୦ ବର୍ଷର ନାବାଳକ ପୁଅ। ପୋଲିସ ନାବାଳକକୁ ଅଟକ ରଖି ପଚରା ଉଚୁରା କରୁଛି। ମିଳିଥିବା ସୂଚନାନୁଯାୟୀ, ଉପରବରଡ଼ା ଗାଁର ମୁଗ ସାଆନ୍ତାଙ୍କ ୧୦ ବର୍ଷର ପୁଅ ଡ୍ରେସ୍ କିଣିବା ପାଇଁ ମାଆକୁ ଟଙ୍କା ମାଗିଥିଲା। ହେଲେ ଏଥିପାଇଁ ମାଆ ପୁଅକୁ ଟଙ୍କା ଦେଇପାରିନଥିଲେ। ମାଆଙ୍କ ପାଖରେ ଟଙ୍କା ନଥିବାରୁ ● ପୃଷ୍ଠା ୮ ଦେଖନ୍ତୁ

### ସ୍ତ୍ରୀର ମୁଣ୍ଡ କାଟିଦେଲା ସ୍ୱାମୀ

କରଞ୍ଜିଆ, ୧୭।୬, (ଭାସ୍କର ନ୍ୟୁଜ୍) : ପାରିବାରିକ କଳହକୁ କେନ୍ଦ୍ର କରି ଠାକୁରମୁଣ୍ଡା ଥାନା ହାତୀଗଡ଼ ଗାଁରେ ଏକ ନୃଶଂସ ତଥା ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀ ପ୍ରତିମା ମହାକୁଡ଼ (୩୦)ର ବେକ କାଟି ସ୍ୱାମୀ ହତ୍ୟା କରିବା ଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପ୍ରତିମାଙ୍କୁ ହତ୍ୟା କରିବା ପରେ ତା'ର ଗଣ୍ଡି ଓ ମୁଣ୍ଡକୁ ଅଲଗା କରି ଅଭିଯୁକ୍ତ ଗୁହାଳରେ ପୋତି ଦେଇଥିଲା। ଏକଥା ଜଣାପଡ଼ିବା ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତ ରାଜେନ୍ଦ୍ର ମହାକୁଡ଼କୁ ଗିରଫ କରିଛି। ତେବେ ଅଭିଯୁକ୍ତ ହତ୍ୟା କରିବା ପରେ ଆତ୍ମସମର୍ପଣ କରିଥିବା ନିଜେ କହିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନିଖୋଜ ଟ୍ରଲର ଠାବ

# ୧୨ ମତ୍ସ୍ୟଜୀବୀ ଉଦ୍ଧାର

ରାଜନଗର/ପଟ୍ଟାମୁଣ୍ଡାଇ, ୧୭।୬, (ଭାସ୍କର ନ୍ୟୁଜ୍) : ଗୁରୁବାର ସକାଳେ ମାଛ ଧରିବାକୁ ସମୁଦ୍ରକୁ ଯାଇ ନିଖୋଜ ହୋଇଥିବା ଟ୍ରଲରକୁ ଠାବ କରାଯାଇଛି। ଏଥିରେ ଥିବା ୧୩ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୧୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ଜଣଙ୍କ ପତ୍ତା ମିଳିପାରି ନାହିଁ। କୋଷ୍ଟଗାର୍ଡ ଓ ସାମୁଦ୍ରିକ ଥାନା ପୋଲିସର ମିଳିତ ପ୍ରୟାସରେ ଏହି ୧୨ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଛି। ଏଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଘଟିଛି। ମିଳିଥିବା ସୂଚନାନୁଯାୟୀ, ଗୁରୁବାର ସକାଳୁ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରୁ ୧୩ ଜଣ ମତ୍ସ୍ୟଜୀବୀ ଉପାସନା-୧ ନାମକ ଏକ ଟ୍ରଲରରେ ସମୁଦ୍ର ଭିତରକୁ ମାଛ ଧରିବା ପାଇଁ ଯାଇଥିଲେ। ତେବେ ସନ୍ଧ୍ୟାରେ ସେମାନଙ୍କ ସହ ଆଉ ଯୋଗାଯୋଗ ସମ୍ଭବପର ହୋଇପାରି ନଥିଲା। ଏପରିକି ଟ୍ରଲରର ଜିପିଏସ୍ ସଂଯୋଗ ମଧ୍ୟ ବିଚ୍ଛିନ୍ନ ହୋଇଯାଇଥିଲା। ଏନେଇ ପରିବାରବର୍ଗ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଓ କୋଷ୍ଟଗାର୍ଡ ପକ୍ଷରୁ ସେମାନଙ୍କୁ ଉଦ୍ଧାର ପାଇଁ ପ୍ରୟାସ ● ପୃଷ୍ଠା ୮ ଦେଖନ୍ତୁ



ଧାମନଗର, (ଭାସ୍କର ନ୍ୟୁଜ) : ଧାମନଗର ବ୍ଲକ ଅନ୍ତର୍ଗତ ସୋହଡ଼ା ପଞ୍ଚାୟତର ବାଲିପଡ଼ା ଠାରେ ଥିବା ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୨ ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ସହଦେବ ଜେନାଙ୍କ ସଭାପତିତ୍ୱରେ ସେବାନିବୃତ୍ତ ଶିକ୍ଷକ ଭାଗିରଥୀ ସାମଲ, ଫକିର ସାହୁ, ନନ୍ଦକିଶୋର ଖଣ୍ଡୁଆଲ, ଦୟାନିଧି ଷେଣ୍ଢ, ରାମକୃଷ୍ଣ ଦାସ, କୃଷ୍ଣଚନ୍ଦ୍ର ସାହୁ, ଦେବେନ୍ଦ୍ର ଜେନା, ଦଶରଥ ଦାସ, ରବିନ୍ଦ୍ର ଦାସ, ଭାଗବତ ବେହେରା, ବଟକୃଷ୍ଣ ଦାସ, ପବିତ୍ର ମହାନ୍ତି, ଅଶୋକ ପଣ୍ଡା, ଦୁର୍ଯ୍ୟଧନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଛାତ୍ରୀ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପୂର୍ବତନ ଛାତ୍ରୀ ଜାନକୀଲତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଦାଲିପ ଦାସ, ଜଜାତି ଦାସ, ରାଜକିଶୋର ସାହୁ, ଶିଶିର ବେହେରା, ସୁବାସ ଜେନା, ବସନ୍ତ ବେହେରା, ଅଶୋକ ବେହେରା, ସମିତି ଜେନା, ସୁଜାତା ଖଣ୍ଡୁଆଲଙ୍କ ସମେତ ପୁରାତନ ଛାତ୍ର ଛାତ୍ରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ପାନୀୟ ଜଳ ସମସ୍ୟା ନେଇ ସଚେତନତା କାର୍ଯ୍ୟକ୍ରମ



ଅସ୍ତରଙ୍ଗ : (ଭାସ୍କର ନ୍ୟୁଜ):ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଞ୍ଚାୟତ ଯଥା ନଗର, ଆଳସାହି, ଛୁରିଆନା, ନୂଆଗଡ, ଝାଡ଼ଲିଙ୍ଗ, ଶିଶୁଅଁସମେତ ବିଭିନ୍ନ ପଞ୍ଚାୟତ ସାଧାରଣ ଲୋକେ ପାନୀୟ ଜଳ ଟୋପେ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାକି ବାରମ୍ବାର ସ୍ଥାନୀୟ ପ୍ରଶାସନ କୁ ଅଭିଯୋଗ କଲେ ମଧ କିଛି କାର୍ଯ୍ୟକାରୀ ହେଉନାହିଁ। ତାହା ସହ ବିଭିନ୍ନ ପଞ୍ଚାୟତକୁ ପାଇପି ମାଧ୍ୟମରେ ପାନୀୟ ଜଳ ଯାଉଥିଲେ ମଧ ଅନେକ ସ୍ଥାନରେ ଦୀର୍ଘ ଦିନ ହେବ ପାଇପି ଫୁଟି ବାହାରକୁ ପାଣି ନିଷ୍କାସନ ହୋଇଯାଉଛି। ପାନୀୟ ସମସ୍ୟା କିପରି ଦୂରୀଭୂତ ହେବ ସେଥିପାଇଁ ଆଳସାହି ପଞ୍ଚାୟତ ଭି. ଆଇ. ପି କଲୋନୀରେ ଏକ ପାନୀୟ ଜଳ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ଏଗାର ଟି ବ୍ଲକ ସଙ୍ଗଠକ ପାଣି ସାଥି, ପୁରୀ ମୁନିସିପାଲିଟି ସଙ୍ଗଠକ ପାଣି ଉପଦେଷ୍ଟା ଦିଲ୍ଲିପ ବାନାର୍ଜୀ, ଆର. ସି. ଡି. ସି ଗବେଷକ ତପନ ପାତ୍ରୀ, ନୂଆ ଦିଲ୍ଲୀର ପ୍ରମୁଖ ବିଶେଷଜ୍ଞ ଶ୍ରୀଯୁକ୍ତ ଅନିରୁଦ୍ଧ ଦାଦା ପରାମର୍ଶ ଦେଇ ଏହାର ସ୍ଥାୟୀ ସମାଧାନ ଦିଗରେ ଜଳ ସଂରକ୍ଷଣ ପରିଚାଳନା ଓ ସ୍ୱାସ୍ଥ୍ୟ ରକ୍ଷା ସଚେତନ ଉପରେ ଗ୍ରାମବାସୀଙ୍କ ଶହ ଆଲୋଚନା କରାଯାଇ ପ୍ରସ୍ତାବ ରଖିଥିଲେ.। ଏହି କାର୍ଯ୍ୟକ୍ରମକୁ ଆବାହକ ଉମାକାନ୍ତ ମହାନ୍ତି, ସଂଯୋଜକ ରାଜ କିଶୋର ସ୍ୱାଇଁ, ବସନ୍ତ ଜେନା, ସ୍ଥାନୀୟ ବ୍ଲକ ସଂଘଠକ ପବିତ୍ର କାଣ୍ଡି,ନାରାୟଣ ବାରିକ ପରିଚାଳନା କରିଥିଲେ.।

## ବିପୁଳ ପରିମାଣର ଗଞ୍ଜେଇ ଜବତ

ଜଗତସିଂହପୁର(ଭାସ୍କର ନ୍ୟୁଜ) : ଜଗତସିଂହପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଓଡ଼ିଶୋ ଗ୍ରାମରୁ ଆଜି ସକାଳ ପ୍ରାୟ ୬ଟା ସମୟରେ ଜଗତସିଂହପୁର ଅବକାରୀ ଥାନା ପକ୍ଷରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି । ସୂଚନାମୁତାବକ ଜଗତସିଂହପୁର ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ବୈଜୟନ୍ତି ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ରଞ୍ଜୁଲତା ବାରିକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଆଜି ସକାଳ ୬ଟା ସମୟରେ ଓଡ଼ିଶୋ ଗ୍ରାମରେ ଚଢ଼ାଉ କରି ପ୍ରାୟ ୧୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତ ତ୍ରିଲୋଚନ ବେହେରାକୁ ଗିରଫ କରି ଅବକାରୀ ଥାନାରେ ଅଟକ ରଖିଛନ୍ତି। ଏହି ଚଢ଼ାଉ ସମୟରେ ଅବକାରୀ ଥାନାର କର୍ମଚାରୀ ପ୍ରକାଶ ରାଉତ, ସୁମନ୍ତ ମହାନ୍ତି, ଲକ୍ଷ୍ମୀଧର ମଲ୍ଲିକ ,ଦୀନବନ୍ଧୁ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# କିଆଦା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ

ଏରସମା, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ଥାନା କିଆଦା ଗ୍ରାମରେ ଆକସ୍ମିକ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ଚାରୋଟି ପରିବାର ପାଖାପାଖି ୧୮ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଚାରୋଟି ପରିବାର ନିମିଷକ ମଧ୍ୟରେ ସର୍ବସାନ୍ତ ହୋଇଥିବା ଜଣାପଡିଛି । ସର୍ଟସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ଗ୍ରାମର ଲୋକ ମାନଙ୍କ ପାଖରୁ ଜାଣିବାକୁ ମିଳିଛି । ଅଗ୍ନିକାଣ୍ଡରେ କିଆଦା ଗ୍ରାମର ଅମିତା ବଇରାଙ୍କର ପାଞ୍ଚ ବଖରା, ଚନ୍ଦ୍ରମଣି ବଇରାଙ୍କର ଛଅ ବଖରା ଓ ଆଶିଷ ବଇରାଙ୍କ ଦୁଇ ବଖରା ଚାଳଘର ପୋଡି ପାଉଁଶ ହୋଇଯାଇଥିବା ବେଳେ, ଲକ୍ଷ୍ମୀଧର ବଇରାଙ୍କ କୋଠା ଘର ୫ରକା କବାଟ ଓ ଅନ୍ୟାନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଛି । ଅଗ୍ନିକାଣ୍ଡ ସମୟରେ ଘରଭିତରେ ଥିବା ଗ୍ୟାସ ସିଲିଣ୍ଡର ଫାଟି ବିସ୍ଫୋରଣ ହୋଇଥିଲା । ଗ୍ୟାସ ସିଲିଣ୍ଡର ଫାଟିବାରୁ ଦୁଇଶହ ମିଟର ଦୂରରେ ଥିବା ନଡିଆଗଛ ଗୁଡିକ ଜଳିଥିଲା । ଗ୍ରାମବାସୀ ଅଗ୍ନିକାଣ୍ଡକୁ ଆୟତ କରିବାକୁ ଉଦ୍ୟମ କରୁଥିବା ବେଳେ ଖବରପାଇ ଏରସମା ଅଗ୍ନିଶମ ବାହିନି ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକୁ ଆୟତ କରିଥିଲେ । ଅଗ୍ନି ବିପନ୍ନ ମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇ ଥିବା ବେଳେ ବିଜେଡ଼ି ରାଜ୍ୟ ସମ୍ପାଦକ ଶାରଦା ପ୍ରସନ୍ନ ଜେନା, ଏରସମା ଯୁବ ବିଜେଡ଼ି ସଭାପତି ପାର୍ଥ ସାରଥୀ ରାଉତ, ବ୍ଲକ ଉପ ସଭାପତି ବିଜୟ ପାଳ, ୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ରାନୀ ଟୁଡୁ, ଆମ୍ୱୀକି ସରପଞ୍ଚ ରଞ୍ଜନ କୁମାର ଜେଠି, ଏରସମା ସରପଞ୍ଚ ସାଚ୍ଚିଦାନନ୍ଦ ଦାସ ପ୍ରମୁଖ ଅଗ୍ନୀ ବିପନ୍ନ ପରିବାର ମାନଙ୍କୁ ଭେଟି ସାନ୍ତ୍ୱନା ଦେବା ସହିତ ଶୁଖିଲା ଖାଦ୍ୟ, ବସ୍ତ୍ର ଏବଂ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିଛନ୍ତି ।



# ତଣ୍ଟି ଚିପି ହତ୍ୟା, ଘଟଣାରେ ଅଭିଯୁକ୍ତ ଗିରଫ



ଛତ୍ରପୁର,(ଭାସ୍କର ନ୍ୟୁଜ) ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅଧିନ ଜାତୀୟ ରାଜପଥ ନିକଟ କାଳୀ ଢାବା କୁମାର ବେଗପଲ୍ଲୀ ରାସ୍ତା କାଳୀ ମନ୍ଦିର ସମ୍ମୁଖରେ ସୋମବାର ରାତିରେ ଛତ୍ରପୁର ବିଦ୍ୟାଧର ନଗର ଅଞ୍ଚଳର ବାବୁଲା ବେହେରାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ଏଥିରେ ସମ୍ପୃକ୍ତ ପାଲିଆ ଛତ୍ରପୁରର ଏସ. କ୍ରିଷ୍ଣା ରାଓଙ୍କୁ ଶୁକ୍ରବାର ଛତ୍ରପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ମଙ୍ଗଳବାର ସକାଳୁ କାଳୀ ମନ୍ଦିର ସମ୍ମୁଖରେ ବାବୁଲାଙ୍କ ମୃତଦେହକୁ ଛତ୍ରପୁର ପୋଲିସ ଉଦ୍ଧାର କରିଥିଲେ ।

## ସ୍କୁଟିକୁ ଧକ୍କା ଦେଲା ବାଇକ୍ : ୨ ଆରୋହୀ ସମେତ ୫ ଗୁରୁତର

ଢେଙ୍କାନାଳ, (ଭାସ୍କର ନ୍ୟୁଜ) : ଢେଙ୍କାନାଳ ସଦର ଥାନା ଖମାର ଅଂଚଳରେ ଘଟିଛି ଏହି ଦୁର୍ଘଟଣା । ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ସମେତ ୫ ଜଣ ଗୁରୁତର ହୋଇଥିବାର ଜଣାପଡିଛି । ଗୁରୁତର ବାପ,ଝିଅ ଓ ଦାଦାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରାଯାଇଥିବାର ସୂଚନା ମିଳିଛି । ସୂଚନା ଅନୁଯାୟୀ ସଦର ଥାନା ଅନ୍ତର୍ଗତ ଢେଙ୍କାନାଳ ବଣସିଂହ ରାସ୍ତାର ଖମାର ଛକ ଠାରେ ଏହି ମର୍ମନ୍ତୁଦ ଘଟଣା ଘଟିଛି । ସ୍ଥାନୀୟ ଖମାର ଗ୍ରାମର ରୁଷିଆ ବେହେରା,ଝିଅ ସ୍ୱାଗତିକା ବେହେରା ଓ ସାନ ଭାଇ କୃଷ୍ଣ ବେହେରା ଏକ ସ୍କୁଟି ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ଅପର ପାର୍ଶ୍ୱରୁ ଏକ ବାଇକ ଯୋଗେ ରଣପଶି ଗ୍ରାମର ସୁଧାକର ପ୍ରଧାନ ଓ ପ୍ରଳୟ ପ୍ରଧାନ ଏକ ବାଇକ୍ ଯୋଗେ ଦୃତ ବେଗରେ ଆସି ସ୍କୁଟିକୁ ଧକ୍କା ଦେଇଥିଲେ । ଘଟଣା ସ୍ଥଳରେ ସ୍କୁଟି ଚାଳକ ଓ ଝିଅ ସମେତ ସାନଭାଇ ଗୁରୁତର ଆହତ ହେବା ସହ ବାଇକ୍ ଚାଳକ ସୁଧାକର ଓ ପ୍ରଳୟ ଆହତ ହୋଇଥିଲେ । ଗୁରୁତର ଆହତ ଅବସ୍ଥାରେ ରୁଷିଆ, କୃଷ୍ଣ ଓ ଝିଅ ସ୍ୱାଗତିକା ସହିତ ବାଇକରେ ଆସୁଥିବା ୨ ଜଣଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ବାଇକ ଚାଳକଙ୍କ ଅବସ୍ଥା ସ୍ଥିର ଥିବା ବେଳେ ଗୁରୁତର ଆହତ ବାପ,ଝିଅ ଓ ସାନଭାଇଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବାର ଜଣାପଡିଛି ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ



ସୋରଡ଼ା, (ଭାସ୍କର ନ୍ୟୁଜ): ଆଜି ସୋରଡା ତହସିଲ ତରଫରୁ ପାଳକାଟୁ ଗ୍ରାମପଞ୍ଚାୟତରେ 'ମୋ ଗାଁ ରେ ତହସିଲ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଏହି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଶତାଧିକ ଲୋକ ଆସି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ସହ ବିଭିନ୍ନ କାର୍ଯ୍ୟ ସମାଧାନ କରିଥିଲେ। ତହସିଲଦାର ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ନିଜେ ଉପସ୍ଥିତ ରହି ଆସୁ ସମାଧାନ ଜନସାଧାରଣଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲଦାରଙ୍କ ସହ ତହସିଲର ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଥିଲେ ।ଏଠାରେ ତହସିଲର ବିଭିନ୍ନ କାର୍ଯ୍ୟ ସମାଧାନ ସ୍ୱରୁପ ମ୍ୟୁଟେସନ୍ ,ରାଜସ୍ୱ ଆଦାୟ ପାଇଁ ଇ ପାଉତି ସହ ଜମିଜମା ତଥା ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବୁଝି ସମାଧାନ କରିଥିଲେ। କିଛି ଲୋକଙ୍କୁ ଜମି ପଟ୍ଟା ମଧ ତହସିଲଦାର ଶ୍ରୀ ଡାକୁଆ ରାଜସ୍ୱ ରଥ ଦ୍ୱାରା ବଣ୍ଟନ କରିଥିଲେ ଏବଂ ରାଜସ୍ୱ ବିଭାଗର ପ୍ରାୟ ସତର ହଜାରରୁ ଉର୍ଦ୍ଧ୍ୱ ରାଜସ୍ୱ ଆଦାୟ ହୋଇଥିବା ବେଳେ ୬୦ଟିରୁ ଉର୍ଦ୍ଧ୍ୱ ସମସ୍ୟାର ସମାଧାନ ହୋଇଥିବା ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମ ଦ୍ୱାରା ଲୋକମାନେ ନିଜ ଗାଁ ପାଖରେ ଏହି ପ୍ରକାର ସୁବିଧା ପାଇ ବହୁତ ଖୁସି ଥିବା ପ୍ରକାଶ କରିଛନ୍ତି ଏବଂ ଯାହା ଆମେ ବାରମ୍ବାର ଦୌଡ଼ି ସମାଧାନ ହେଉନଥିଲା ବେଳେ ଆମେ ଆମ ହାତ ପାଆନ୍ତରେ ପାଇ ଗୋଟିଏ ଦିନରେ ସମାଧାନ ହୋଇଥିବାରୁ ପ୍ରଶାସନର ଏହିଭଳି କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଛନ୍ତି ।ଏତଦବ୍ୟତୀତ ଅଞ୍ଚଳବାସୀଙ୍କ ସହଯୋଗ ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବା ତହସିଲଦାର ଶ୍ରୀ ଡାକୁଆ ଖୁସି ବ୍ୟକ୍ତ କରିଛନ୍ତି ।

## କେବେ ପୂର୍ଣ୍ଣାଙ୍ଗ ହେବ ଅଙ୍ଗନୱାଡି କେନ୍ଦ୍ର !



ନିଆଳି, (ଭାସ୍କର ନ୍ୟୁଜ) : କଣ୍ଟାପଡା ବ୍ଲକ୍ ପୋସ୍ତଳ ପଞ୍ଚାୟତ ଉତ୍ତରାପାରି ରହମ୍ବାରେ ୨୦୧୮-୧୯ ଆର୍ଥିକ ବର୍ଷରେ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଇଥିଲା। କିଛି ମୁଷ୍ଟିମେୟ ଲୋକ ଏହି ଅଙ୍ଗନୱାଡି କେନ୍ଦ୍ରଟିକୁ ଅତ୍ୟନ୍ତ ନିମ୍ନମାନର କରି ଲକ୍ଷାଧିକ ଟଙ୍କା ଚଳୁ କରିଛନ୍ତି। ଏହି ଅଙ୍ଗନୱାଡି କେନ୍ଦ୍ରର କାମ ପୂର୍ଣ୍ଣାଙ୍ଗ ହୋଇନଥିବା ବେଳେ କାନ୍ଥ ପାଟି ଦୁଇ ଫାଳ ହେଲାଣି। ଛାତ ଗଳି ପଡିବାକୁ ବସିଲାଣି। ସ୍ଥାନୀୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏହି ଅଙ୍ଗନୱାଡି କେନ୍ଦ୍ରଟିକୁ ଗାଈ ଗୁହାଳ ଓ ଛେଳି ଗୁହାଳ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ଓ ବ୍ଲକ୍ ପ୍ରଶାସନ ଅଧିକାରୀ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଛୋଟ ଛୋଟ ଶିଶୁ ମିନି ଅଙ୍ଗନୱାଡି ନଥିବାରୁ ଆଗୁକ ବର୍ଷା ଦିନ ଆସୁଥିବାରୁ ଏମାନେ ଠାକୁର ବାରଣ୍ଡାରେ ପଢୁଛନ୍ତି। ତୁରନ୍ତ ଏହି ଅଙ୍ଗନୱାଡି କେନ୍ଦ୍ରଟିକୁ ପୂର୍ଣ୍ଣାଙ୍ଗ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ଠାକୁରାଣୀ ପାହାଡି ପୂଜାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ, ବଳି ହେଲା ବନ୍ଦ

ବାରିପଦା (ଭାସ୍କର ନ୍ୟୁଜ):ବାଙ୍ଗିରିପୋଷି ଥାନା କଳାବାଡିଆ ଓ କୁମ୍ଭାରମୁଣ୍ଡାକଟା ସିମା ରେ ଥିବା ବାଇଶମୌଜାର ଅଧିଷ୍ଠିତ ଦେବୀ ମା ଆମ୍ବିଳିପାଟଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ୧୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଦେବୀଙ୍କ ଦର୍ଶନ ପାଇଁ ଆସିଥିଲେ। ମାନସିକ ପାଇଁ ୫୦୦ ରୁ ଉର୍ଦ୍ଧ୍ୱ କୁକୁଡ଼ା ଓ ଛେଳି ମା' ଙ୍କ ନିକଟରେ ବଳି ପଡ଼ିବା ପାଇଁ ଆସିଥିଲା। ହେଲେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବଳି ପଡ଼ିବା ପାଇଁ ଦେଇ ନଥିଲେ ଦେହୁରୀ। ଯାହାକି ପୂଜା ପରେ ଭକ୍ତମାନେ ଫେରାଇ ନେଇ ଆସିଥିଲେ। ପ୍ରଥମେ ବ୍ରାହ୍ମଣ ପୂଜା କଲା ପରେ ଦେହୁରୀ ଏଠାରେ ପୂଜା କରିଥାନ୍ତି। କିମ୍ବଦନ୍ତୀ କହେ ଦୁଇଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ପୂର୍ବରୁ ମା' ଙ୍କ ପୂଜା ଏକ ପାହାଡ ଉପରେ ପୂଜା ପାଉଥିଲେ। ଏହି ପାହାଡ଼କୁ କାଳକ୍ରମେ ଠାକୁରାଣୀ ପାହାଡି ନାମ ଦିଆଯାଇଥିଲା। ଆଉ ପରମ୍ପରା ଅନୁଯାୟୀ ପୂଜା ପାଇବା ପରେ ଆଉ ସେ ପାହାଡ଼କୁ ଦେହୁରୀ କେବେ ଫେରୁ ନଥିଲେ କିନ୍ତୁ ଦିନେ ଦେହୁରୀ ପୂଜା କଲା ପରେ ନିଜ ଟାଙ୍ଗୀ ଛାଡି ଆସିଥିବାରୁ ପୁଣି ପାହାଡିକୁ ଫେରି ଯାଇଥିଲେ। ଯାହା ଫଳରେ ମା' ରାଗି ଯାଇ ଟାଙ୍ଗୀଟି ଫିଙ୍ଗି ଦେବା ସହିତ କେବଳ ରଜ ସଂକ୍ରାନ୍ତି ଦିନ ଏହି ଠାରେ ପୂଜା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଦିନ ଠାରୁ ଏହି ପରମ୍ପରା ବଜାଇ ରଖି ଦେହୁରୀ ପୂଜା କରି ଆସୁଛନ୍ତି। ଟାଙ୍ଗୀ ପଡ଼ିଥିବା ସ୍ଥାନ ଜଗନ୍ନାଥ ଖୁଣ୍ଟା ଗ୍ରାମରେ ମା' ଗୁରୁବାରକୁ ଗୁରୁବାର ଦେହୁରୀଙ୍କ ଦ୍ୱାରା ପୂଜା ପାଉଛନ୍ତି। ମା'ଙ୍କ ବର୍ଷକୁ ବର୍ଷ ଜଗନ୍ନାଥ ଖୁଣ୍ଟା ଗ୍ରାମରେ ବାର୍ଷିକ ଯଜ୍ଞ କମିଟି ଓ ଜନସାଧାରଣଙ୍କ ସାହାଯ୍ୟରେ ଅନୁଷ୍ଠିତ ହୋଇ ଆସୁଅଛି।




## ମା' ଅଡଙ୍ଗେଇଙ୍କ ପୀଠରେ ଧୂମଧାମରେ ଶେଷ ହେଲା ରଜ ଉତ୍ସବ

ଗୋପ, (ଭାସ୍କର ନ୍ୟୁଜ୍) : ଉତ୍କଳୀୟ ପରମ୍ପରା ଓ ସଂସ୍କୃତିର ଅନ୍ୟତମ ଗଣପର୍ବ ରଜ ଉତ୍ସବ ଗୋପ ବ୍ଲକ ନାଗପୁର ପଞ୍ଚାୟତ ଷୋଳପୁର ନିକଟ କୁଶଭଦ୍ରା ନଦୀ କୂଳରେ ଥିବା ମା' ଅଡଙ୍ଗେଇଙ୍କ ପୀଠରେ ୩ଦିନ ଧରି ଧୂମଧାମରେ ପାଳିତ ହୋଇଯାଇଛି । ଆଧୁନିକତାର ଛାପରେ ଆସ୍ତେ ଅସ୍ତେ ହଜିବାକୁ ବସିଥିବା ଏହି ପରମ୍ପରାକୁ ଉଦ୍‌ଜିବୀତ ରଖିବା ପାଇଁ ଅଣ୍ଟା ଭିଡିଥିବା ମା' ଅଡଙ୍ଗେଇ ସାଂସ୍କୃତିକ ପରିଷଦ ପକ୍ଷରୁ ଏଠରେ ୩ ଦିନ ଧରି ରଜମୁଡ଼ି, ରଜପାନ, ରଜପିଠା, ଦୋଳି, ଝୋଟି, ମ୍ୟୁଜିକ ଚ୍ୟାୟର, ପୁଚି, ନଡିଆ ଭଙ୍ଗା, ଦଉଡି ଡିଆଁ, ହୁଳହୁଳି ଆଦି ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା । ସେହିପରି ୩ ଦିନଧରି ହୋଇଥିବା ଗୋଟିପୁଅ ନୃତ୍ୟ, ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ପାଲା, ଘୋଡାନାଚ, ଆଧୁନିକ ନାଚ ସମସ୍ତଙ୍କ ମନମୋହିଥିଲା । ୩ ଦିନ ଧରି ଉକ୍ତ ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିବା ବେଳେ ବିଭିନ୍ ରଙ୍ଗ ବେରଙ୍ଗର ନୂଆ ନୂଆ ପୋଷାକ ଓ ଶାଢୀ ପରିଧାନ କରି ଝିଅ ବୋହୂମାନେ ଏହାର ମଜା ବେଶ ଉପଭୋଗ କରିଥିଲେ । ଗତ ୩ ଦିନଧରି ଚାଲିଥିବା ଏହି ରଜ ମହୋତ୍ସବର ଉଦଯାପନୀ ଦିବସରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଧୁନିକତାର ଛାପରେ ବିଲୁପ୍ତ ହେବାକୁ ବସିଥିବା ଏହି ସଂସ୍କୃତି ଓ ପରମ୍ପରା ରଜପର୍ବକୁ ଉଦ୍ଦୀଜୀବିତ ରଖିବାକୁ ଚେଷ୍ଟା କରିଥିବା ମା' ଅଡଙ୍ଗେଇ ସାଂସ୍କୃତିକ ପରିଷଦର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମାଜସେବୀ ପୁନେଶ କୁମାର ସେନାପତି ,ସମ୍ମାନିତ ଅତିଥିଭାବେ ସଂସ୍କୃତି ଗବେଷକ ତଥା କବି ଶକ୍ତ ଦେବ ଶତପଥି,ନିଳକଣ୍ଠ ନାୟକ,ସୁକାନ୍ତ ମହାନ୍ତି,ସୁଶାନ୍ତ ନାୟକ,ପର୍ଶୁରାମ ମହାନ୍ତି ପ୍ରମୁଖ ଯୋଗଦେଇଥିବା ବେଳେ ପରିଷଦର ସଂପାଦକ ଫକୀର ବିଶ୍ୱାଳ, କାଜଲ ପରିଡା, ଦିବ୍ୟ ଜ୍ୟୋତି ନାୟକ, ପାଣ୍ଡବ ପାତ୍ର, ଲିଙ୍ଗ ବେହେରା, ପିଣ୍ଟୁ ନାୟକ, ଧନେଶ୍ୱର ପରିଡା, ମିହିର ରଂଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଓଡିଶା ଆଦର୍ଶ ବିଦ୍ୟାଳୟର ଶୁଭାରମ୍ଭ



ରଘୁନାଥପୁର, (ଭାସ୍କର ନ୍ୟୁଜ) : ରଘୁନାଥପୁର ବ୍ଲକ ପୂର୍ଣଚନ୍ଦ୍ର ବିଦ୍ୟମନ୍ଦିରରେ ଅସ୍ଥାୟୀ ଭାବେ ଓଡିଶା ଆଦର୍ଶ ବିଦ୍ୟାଳୟର ଶୁଭାରମ୍ଭ ହୋଇଛି ।ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଆନୁଷ୍ଠାନିକ ଭାବେ ଶ୍ରେଣୀ ଗ୍ରହରେ ପିଲାଙ୍କୁ ଶିକ୍ଷାଦାନ କରି ଚଳିତ ବର୍ଷର ପାଠପଢ଼ା ଆରମ୍ଭ କରିଥିଲେ ।ଅନ୍ୟତମ ଅତିଥି ଭାବେ ପୂର୍ଣଚନ୍ଦ୍ର ବିଦ୍ୟମନ୍ଦିରର ପ୍ରଧାନଶିକ୍ଷୟତ୍ରୀ ରୋଜି ରାୟ,ଉମେଶ କୁମାର ନାୟକ, ଏସ କେ ସମିରୁଦ୍ଦିନଙ୍କ ସମେତ ଶିକ୍ଷାଦାନ ପାଇଁ ନିଯୁକ୍ତି ପ୍ରାପ୍ତ ୯ ଜଣ ଶିକ୍ଷକ ଥିଲେ ।ସ୍ଥାନୀୟ କୋରକୋରା ଗ୍ରାମରେ ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହ ନିର୍ମାଣାଧୀନ ରହିଛି ।ଏହା ପୂର୍ଣାଙ୍ଗ ହେବା ପରେ ଉକ୍ତ ସ୍ଥାନକୁ ବିଦ୍ୟାଳୟ ସ୍ଥାନାନ୍ତରିତ ହୋଇଯିବ ବୋଲି ଶିକ୍ଷାଧିକାରୀ ସ୍ୱାଇଁ ପ୍ରକାଶ କରିଛନ୍ତି ।ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ୮୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ, ଅବିଭାବକମାନେ ନିଜ ଦାୟିତ୍ୱରେ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ନେବାଆଣିବା କରିବେ। ଷଷ୍ଠ ଓ ସପ୍ତମ ଶ୍ରେଣୀରେ ପିଲାଙ୍କୁ ଇଂରାଜୀ ଓ ଓଡ଼ିଆ ଭାଷାରେ ଶିକ୍ଷାଦାନ କରାଯିବ। ସେହିପରି ଅଷ୍ଟମ ଶ୍ରେଣୀରୁ ଇଂରାଜୀ ଓ ହିନ୍ଦୀ ଭାଷାରେ ପିଲାଙ୍କୁ ପାଠ ପଢ଼ାଯିବ ।ପିଲାଙ୍କୁ ବହି ଯୋଗାଇ ଦିଆଯାଇଥିବାବେଳେ ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ରହିଛି । ଏହାଛଡା ଖୁବଶୀଘ୍ର ସେମାନଙ୍କୁ ଡ୍ରେସ ଦିଆଯିବ ବୋଲି କୁହାଯାଇଛି ।ହୃଷୀକେଶ ସାହୁ ପ୍ରିନ୍ସପାଲ ନିଯୁକ୍ତି ପାଇଥିବାବେଳେ ତାଙ୍କ ଅନୁପସ୍ଥିତରେ ବ୍ଲକ ଶିକ୍ଷାଧିକାରୀ ସ୍ୱାଇଁ ଏହି ଦାଇତ୍ୱ ନିର୍ବାହ କରୁଛନ୍ତି ।ବିଦ୍ୟାଳୟ ପାଇଁ ୨ଟି ଶ୍ରେଣୀଗୃହ ଓ ଶିକ୍ଷକଙ୍କ ପାଇଁ ୧ଟି ଗୃହ ଯୋଗାଇଦିଆଯାଇଛି ।ବିଦ୍ୟାଳୟ ଶୁଭାରମ୍ଭରେ ଅବିଭାବକ, ସ୍ଥାନୀୟ ବିଦ୍ୟମନ୍ଦିରର ଶିକ୍ଷକ ଓ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଷ୍ଟାଫମାନେ ଉପସ୍ଥିତ ଥିଲେ।

# ଅଗପାଳରେ ଓଡିଶା ଆଦର୍ଶ ବିଦ୍ୟାଳୟର ଶୁଭାରମ୍ଭ




କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଆଜି ପୂର୍ବାହ୍ନରେ ସରକାରୀ ଉଚ୍ଚ ବିଦ୍ୟାଳୟ ଅଗପାଳ ପରିସରରେ କୁଜଙ୍ଗ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ ହୋଇଯାଇଛି। କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ ଯୋଗଦେଇ ଫିତା କାଟି ଏହି ନୂତନ ବିଦ୍ୟାଳୟକୁ ଉଦ୍‌ଘାଟନ କରିବା ସହ ପ୍ରଦ୍ୱୀପ ପ୍ରଜ୍ୱଳନ ପୂର୍ବକ ଚଳିତ ଶିକ୍ଷାବର୍ଷର ପାଠ ପଢାର ଶୁଭରମ୍ଭ କରାଇଥିଲେ। ଏହି ଅବସରରେ ଶ୍ରୀମତୀ ସାହୁ ବ୍ଲକର ମେଧାବୀ ଛାତ୍ରମାନଙ୍କୁ ଯାତୀୟ ସ୍ତରର ଶିକ୍ଷା ପାଇଁ ହୋଇଥିବା ମହାନୀୟ ପ୍ରୟାସ କହିବା ସହ ରାଜ୍ୟ ସରକାରଙ୍କ ଶିକ୍ଷା ପ୍ରତିଥିବା ଦାୟିତ୍ୱବୋଧକୁ ଉଚ୍ଚ ପ୍ରସଂଶା କରି ଏହି ବିଦ୍ୟାଳୟର ଶୁଭ ମନାସୀ ଥିଲେ। ଏହି ଅବସରରେ ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ, କୁଜଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ବିମଳା ସେଠୀ, ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ କୁମାର ମିଶ୍ର, ସିଆର୍‌ସିସି ଲଳିତ କୁମାର ସେଠୀ, ଅଗପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୀରାରାଣୀ ସାସମଲ, ସମାଜସେବୀ ଅରୁଣ କୁମାର ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶାରଦା ପ୍ରସାଦ ମଲ୍ଲ, ୱାର୍ଡ ସଭ୍ୟ ଜ୍ୟୋତି ପ୍ରକାଶ ଦାସ, ଶାରଦା ପ୍ରସାଦ ମହାପାତ୍ରଙ୍କ ସହ ଆଦର୍ଶ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଅଗପାଳର ସମସ୍ତ ଶିକ୍ଷକ, କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହି ଉଦ୍‌ଘାଟନ ସମୟରେ ଓଡିଶା ଆଦର୍ଶ ବିଦ୍ୟାଳୟ କୁଜଙ୍ଗର ୭୦ରୁ ଉର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ଅଗପାଳ ବ୍ଲକର ମଧ୍ୟଭାଗ ଓ କଟକ-ପାରାଦ୍ୱୀପ ରାସ୍ତା ସହ ସଂଯୋଗ ହୋଇଥିବାରୁ ବ୍ଲକର ବିଭିନ୍ନ ଭାଗରୁ ଛାତ୍ର ତଥା ଅଭିଭାବକ ମାନଙ୍କ ପାଇଁ ଯାତାୟତ ସୁବିଧା ହେବା ସହ ଏହ ଅଞ୍ଚଳର ଭଲ ପରିବେଶ ପାଠ ପଢା ଭଲ ହେବ ବୋଲି ଅଭିଭାବକ ସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି।

## ସ୍ତ୍ରୀକୁ ମାଡମାରି ସ୍ୱାମୀ ଗଲା ଜେଲ୍

ବାଲିପାଟଣା , (ଭାସ୍କର ନ୍ୟୁଜ୍) : ସ୍ତ୍ରୀ କୁ ମାଡମାରି ସ୍ୱାମୀ ଗଲା ଜେଲ୍। ସ୍ୱାମୀ ଏଭଳି ଘଟଣା ଘଟିଛି ବାଲିପାଟଣା ଥାନା ଅନ୍ତର୍ଗତ ବନମାଳିପୁର ହାଟସାହି ରେ। ସୂଚନା ଅନୁଯାୟୀ ଉକ୍ତ ସାହିର ପାର୍ଥ ସାରଥୀ ସେନାପତି ତାଙ୍କ ସ୍ତ୍ରୀ କଲ୍ୟାଣି ବେହେରା(୨୨) ଙ୍କୁ କୈଣସି ଏକ କାରଣ ରୁ ଗତ କାଲି ରାତିରେ ମାଡ ମାରିବା ସହ ସ୍ତ୍ରୀଙ୍କ ଆସବାବ ପତ୍ର ପୋଡି ଦେଇଥିଲେ ଏବଂ ନିଜର ୨ ବର୍ଷର ଝିଅକୁ କୁ ମଧ ପୋଡିବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ କଲ୍ୟାଣି ଥାନାରେ ଅଭିଯୋଗ କରିବା ପରେ ପାର୍ଥ ଙ୍କୁ ଗିରଫ୍ କରାଯାଇ କେଶ୍ ନମ୍ବର ୧୬୧/୨୦୨୨ ମାମଲା ରୁଜୁ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃପାସିନ୍ଧୁ ବରାଡ ସୂଚନା ଦେଇଛନ୍ତି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଗୋଟିଏ ଦିନରେ ୨୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୭୬୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୩୯୮ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୮୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୫ ଜଣ ସଂଗରୋଧରୁ ଓ ୧୦ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରୁ ୧, ବଲାଙ୍ଗୀର ଜିଲ୍ଲାରୁ ୧, କଟକ ଜିଲ୍ଲାରୁ ୨, ଜଗତସିଂହପୁର ଜିଲ୍ଲାରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୧୫ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରୁ ୧, ଷ୍ଟେଟ ପୁଲରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୪ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଭବାନୀପାଟଣାରେ କିସ୍ ପକ୍ଷରୁ ପ୍ରତିଷ୍ଠିତ ସ୍କୁଲ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ମାଗଣାରେ ପାଠ ପଢ଼ିବେ ୧୨ଶହ ଛାତ୍ରଛାତ୍ରୀ







ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍ଫରେନ୍ସିଂ ଜରିଆରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରେ କିସ୍ ପକ୍ଷରୁ ପ୍ରତିଷ୍ଠିତ ଏକ ସ୍କୁଲ ଉଦ୍‌ଘାଟନ କରିଛନ୍ତି । ଏହି ବିଦ୍ୟାଳୟରେ ୧୨୦୦ ଜନଜାତି ଛାତ୍ରଛାତ୍ରୀ ବିନା ମୂଲ୍ୟରେ ପାଠ ପଢିବାର ସୁଯୋଗ ପାଇବେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ଜିଲ୍ଲାରେ ସ୍କୁଲ ଖୋଲି ଶିକ୍ଷାର ଉନ୍ନତି ପାଇଁ ବିଶେଷକରି ଜନଜାତି ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ପାଇଁ କିସ୍‌ର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କଳାହାଣ୍ଡି ଏବେ ଶିକ୍ଷା କ୍ଷେତ୍ରରେ ଆଗକୁ ବଢୁଛି । ଜିଲ୍ଲାରେ ବିଶ୍ୱ ବିଦ୍ୟାଳୟ, ସରକାରୀ ଇଂଜିନିୟରିଂ କଲେଜ ଆଦି ଜିଲ୍ଲା ପାଇଁ ନୂଆ ପରିଚୟ ସୃଷ୍ଟି କରିଛି । ଶିକ୍ଷା ହିଁ ରୂପାନ୍ତରର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଶିକ୍ଷା ଉପରେ ରାଜ୍ୟ ସରକାର ସବୁଠାରୁ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି । ୫-ଟି ଉପକ୍ରମରେ ସ୍କୁଲ ରୂପାନ୍ତରକୁ ହିଁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି । ରାଜ୍ୟରେ ୪୦୦ଟି ସ୍କୁଲର ରୂପାନ୍ତର କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କଳାହାଣ୍ଡି ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ୧୨୯ଟି ସ୍କୁଲର ରୂପାନ୍ତର କରାଯାଇଛି । ରୂପାନ୍ତର ପିଲାଙ୍କ ଭିତରେ ଆଗ୍ରହ, ଉତ୍ସାହ ଓ ଭବିଷ୍ୟତ ପ୍ରତି ଦୃଢ ସଂକଳ୍ପ ସୃଷ୍ଟି କରିଛି ବୋଲି ସେ କହିଥିଲେ । ଏହି ଭିଡିଓ କନ୍ଫରେନ୍ସିଂ କାର୍ଯ୍ୟକ୍ରମରେ '୫-ଟି' ସଚିବ ଭି.କେ ପାଣ୍ଡିଆନ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ସାଂସଦ ବସନ୍ତ ପଣ୍ଡା, ସାଂସଦ ସୁଜିତ କୁମାର, ବିଧାୟକ ପ୍ରଦୀପ ଦିଶାରୀ ପ୍ରମୁଖ ଯୋଗ ଦେଇ ଜନଜାତି ପିଲାଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କ୍ଷେତ୍ରରେ କିସ୍‌ର ଉଦ୍ୟମ ପାଇଁ ଏହାର ପ୍ରତିଷ୍ଠାତା ତଥା ସାଂସଦ ଡଃ ଅଚ୍ୟୁତ ସାମନ୍ତଙ୍କ ଉଚ୍ଚ ପ୍ରଶଂସା କରିଥିଲେ । କିସ୍‌ର ପ୍ରତିଷ୍ଠାତା ଓ ସାଂସଦ ଡଃ ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ କଳାହାଣ୍ଡି ଜିଲ୍ଲାପାଳ ଗାଭାଲି ପରାଗ ହର୍ଷ ଧନ୍ୟବାଦ ଅର୍ପଣ କରିଥିଲେ ।



ରାଜଧାନୀ ଆକାଶରେ ପ୍ରଥମ ମୌସୁମୀର ଖଣ୍ଡଖଣ୍ଡ କଳା ବାଦଲ

# ରାଜ୍ୟରେ କରୋନା ପଜିଟିଭିଟି ହାର ୦.୦୫%: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ପ୍ରତି ଦଶ ହଜାର କରୋନା ଟେଷ୍ଟରେ ୨୫ ପଜିଟିଭି ବାହାରୁଛି । ରାଜ୍ୟରେ କରୋନା ପଜିଟିଭିଟି ହାର ୦.୦୫% ରହିଛି । କୋଭିଡ ସଂକ୍ରମଣ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରି ଏହା କହିଛନ୍ତି । ସେ କହିଛନ୍ତି ଯେ, ଥଣ୍ଡା, କାଶ ଓ ଜ୍ୱର ହେଲେ ଲୋକମାନେ ତୁରନ୍ତ ନିଜକୁ ଆଇସୋଲେଟ କରନ୍ତୁ, ଟେଷ୍ଟିଂ କରାନ୍ତୁ । ତାହାହେଲେ ଯାଇ ସେମାନେ ନିଜ ପରିବାର ଲୋକଙ୍କୁ ସୁରକ୍ଷିତ ରଖିପାରିବେ । ସଂକ୍ରମଣକୁ ରୋକା ଯାଇପାରିବ । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପୁଣି କହିଛନ୍ତି ଯେ, କୋଭିଡକୁ ନେଇ ଆତଙ୍କିତ ହେଲା ଭଳି ସ୍ଥିତି ନାହିଁ । ଯେହେତୁ ଭାଇରସ୍ ଅଛି, ସଂକ୍ରମଣ ବି ଅଛି । ସଂକ୍ରମଣ ଏଭଳି ତଳ ଉପର ହେବ । କେଉଁଠି ବଢ଼ିବ ତ କେଉଁଠି କମିବ । କ୍ଲଷ୍ଟର ଆଉଟବ୍ରେକ୍ ହେବ । ତେବେ ମୁଖ୍ୟ କଥା ହେଉଛି, କେତେ ଲୋକ ଗୁରୁତର ହେଉଛନ୍ତି ଓ ଡାକ୍ତରଖାନା ଯାଉଛନ୍ତି । ଯେଉଁଠି କ୍ଲଷ୍ଟର ଆଉଟବ୍ରେକ୍ ହେଉଛି, କଣ୍ଟାକ୍ଟ ଟ୍ରେସିଂ କରି ଆଇସଲେଟ୍ କରି ଟ୍ରିଟମେଣ୍ଟ କରିବାକୁ ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ଫ୍ଲାଟ ଦେବା ନାଁରେ ଠକେଇ, ବିଲଡର ସଂସ୍ଥାର ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫ୍ଲାଟ ଦେବା ନାଁରେ ପ୍ରାୟ ୧ କୋଟି ୧୬ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ବିଲଡର ସଂସ୍ଥାର ନିର୍ଦ୍ଦେଶକ ଅମରେଶ ଷଡଙ୍ଗୀଙ୍କୁ ଗିରଫ କରିଛି ଇଓଡବ୍ଲ୍ୟୁ । ଅମରେଶଙ୍କ ଘର ନୟାଗଡ ଜିଲ୍ଲା ଫତେଗଡ ଥାନା ଅଞ୍ଚଳରେ । ଭୁବନେଶ୍ୱର ସିଜୁଆଠାରେ ବାସେରା ଫ୍ରେସ୍କୋ ପ୍ରକଳ୍ପରେ ଫ୍ଲାଟ ଦେବାକୁ କହିଥିଲେ ଅମରେଶ । ହେଲେ ଫ୍ଲାଟ ନ ମିଳିବାରୁ କିମ୍ବା ଟଙ୍କା ଫେରି ନ ପାଇବାରୁ ଜ୍ୟୋତିଶଙ୍କର ପଣ୍ଡା ନାମକ ବ୍ୟକ୍ତି ଅଭିଯୋଗ କରିଥିଲେ । ଠକେଇ ନେଇ ଅମରେଶ ଷଡଙ୍ଗୀଙ୍କ ସମେତ ୪ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା ।

# ୨୦ ଲିଟର ମଦ ଜବତ, ଜଣେ ଗିରଫ

ବାରଙ୍ଗ(ଭାସ୍କର ନ୍ୟୁଜ୍): ବାରଙ୍ଗ ପୋଲିସ ପକ୍ଷରୁ ଶୁକ୍ରବାର ଦିନ ଉକ୍ତ ଥାନା ଅନ୍ତର୍ଗତ ପାଟପୁର ଗ୍ରାମ ଦେଉରୀ ସାହିରେ ଚାଲିଥିବା ଦେଶୀ ମଦ କାରବାର ଉପରେ ଚଢାଉ କାରି ଅନୈତିକ ଭାବେ ଦେଶୀ ମଦ ବେପାର କରୁଥିବା ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ନିରଞ୍ଜନ ସାମଲ ।ଅଭିଯୁକ୍ତଙ୍କ ଠାରୁ ନାଲି ରଙ୍ଗର ବ୍ଲାଡରରେ ପ୍ରାୟ ୨୦ ଲିଟର ଦେଶୀ ମଦ ଜବତ ହୋଇଛି । ଅଭିଯୁକ୍ତ ଗୁପ୍ତ ସ୍ଥାନରେ ନିଜ ବେପାର ଚାଲୁ ରଖିଥିଲେ । ଏନେଇ ଉକ୍ତ ସାହିର ମାତା ବେହେରା, ରମା ବେହେରା, ଦୀପା ବେହେରା, ସାବି ବେହେରା, ବିମ୍ବଳୀ ପ୍ରଧାନ, ରଞ୍ଜନା ବେହେରା, ଉମା ବେହେରା, ହିନୀ ବେହେରା, ନିଶି ବେହେରା, ଶାନ୍ତି ବେହେରା, ସକି ବେହେରା, କୁନି ବେହେରା, ପଦି ବେହେରା ପ୍ରମୁଖ ଶତାଧିକ ମହିଳା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଥିଲା ବେଳେ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇ ସୁଦାମ ଚରଣ ହୋନାଗା ଓ ତାଙ୍କ ସହକର୍ମୀଗଣ ଦେଶୀ ମଦ କାରବାର ହେଉଥିବା ସ୍ଥାନରେ ଚଢାଉ କରି ଦେଶୀ ମଦ ଜବତ କରିବା ସହ ତାକୁ ଗିରଫ କରିଥିଲା । ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇଛି ।

# ରେଳବାଇ ପାଇଁ ଷ୍ଟାର୍ଟ ଅପ୍ସ-ଭାରତୀୟ ରେଳର ଅଭିନବୀକରଣ ନୀତି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ରେଳ ଷ୍ଟାର୍ଟ ଅପ୍ସ ନୀତି ଦ୍ୱାରା ବିଭିନ୍ନ ଷ୍ଟାର୍ଟ-ଅପ୍ସ ଗୁଡିକର ଅଂଶଗ୍ରହଣ ମାଧ୍ୟମରେ ରେଳବାଇର ଅଭିନବୀକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ବିଭିନ୍ନ ସଂସ୍ଥାଗୁଡ଼ିକ ରେଳ କ୍ଷେତ୍ରରେ ସହ-ସୃଷ୍ଟି ଏବଂ ସହ-ନବସୃଜନ ପାଇଁ ଦେଶରେ 'ଅଭିନବ ସଂସ୍କୃତି'କୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଆଜି ଅପରାହ୍ନରେ ପୂର୍ବ ତଟ ରେଳପଥ ମୁଖ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ କହିଛନ୍ତି । ବିଭିନ୍ନ ଷ୍ଟାର୍ଟଅପ୍ ର ପ୍ରତିନିଧୀ, ବିଭିନ୍ନ ଇଞ୍ଜିନିୟରିଂ ଏବଂ ମ୍ୟାନେଜମେଂଟ ଇନଷ୍ଟିଚ୍ୟୁଟର ଶେଷ ବର୍ଷ ଛାତ୍ରଛାତ୍ରୀ ମଧ୍ୟ ରେଳବାଇ ପାଇଁ ଷ୍ଟାର୍ଟ ଅପ୍ସର ଉପକାରିତା ବିଷୟରେ ଆଲୋଚନାରେ ପ୍ରତିନିଧୀ ଭାବେ ଯୋଗଦାନକରି ଏହା ସମ୍ବନ୍ଧରେ ଆଲୋଚନା କରିଥିଲେ । ପୂର୍ବ ତଟ ରେଳପଥର ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀ ମାନଙ୍କ ସହିତ ମୁଖ୍ୟ ଜନସମ୍ପର୍କ ଅଧିକାରୀ ବିଶ୍ୱଜିତ୍ ସାହୁ, ଉପ ମହାପ୍ରବନ୍ଧକ ଏ.କେ ମିଶ୍ର ଏବଂ ମହାପ୍ରବନ୍ଧକଙ୍କ ସଚିବ ବିଶ୍ୱଜିତ ଭୋଇ ଏହି ଆଲୋଚନାରେ ଭାଗନେବା ସହିତ ଷ୍ଟାର୍ଟଅପ୍ ର ପ୍ରତିନିଧୀ ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପ୍ରଶ୍ନ ଗୁଡିକର ଉତର ରଖିଥିଲେ । ସେ କହିଥିଲେ ଯେ ଜାତୀୟ ପରିବହନକାରୀ ଭାରତୀୟ ରେଳ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇ ଅଭିନବୀକରଣ କ୍ଷେତ୍ରରେ ଷ୍ଟାର୍ଟ ଅପ୍ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର ଅଂଶଗ୍ରହଣ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ଆଗେଇ ଆସିଛି । ରେଳ, ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଜୁନ ମାସ ୧୩ ତାରିଖରେ ନୂଆଦିଲ୍ଲୀର ରେଳ ଭବନରେ 'ରେଳବାଇ ପାଇଁ ଷ୍ଟାର୍ଟଅପ୍' ନୀତିକୁ ଶୁଭାରମ୍ଭ କରିଛନ୍ତି ।

### ହାତୀ ମୃତ୍ୟୁ ମାମଲାରେ ଦୋଷୀ ଦଣ୍ଡ ପାଇବେ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହାତୀ ମୃତ୍ୟୁ ତଦନ୍ତ ପାଇଁ ଏସ୍‌ଆଇଟି ଗଠନ କରାଯାଇଛି । ମାସେ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ । ସେ କହିଛନ୍ତି ଯେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଶିକାରୀ ବା ଫରେଷ୍ଟ ଅଧିକାରୀ ଯିଏ ଦୋଷୀ ହୋଇଥିବେ ସମସ୍ତେ ଦଣ୍ଡ ପାଇବେ । ସୂଚନାଯୋଗ୍ୟ ଯେ ବଡ଼ମ୍ବା ବନାଞ୍ଚଳରେ ଗତ ୧୨ ଦିନ ମଧ୍ୟରେ ୪ଟି ହାତୀଙ୍କ କଙ୍କାଳ ମାଟିତଳୁ ଉଦ୍ଧାର କରାଯାଇଥିବାବେଳେ ଏକ ଦନ୍ତାକୁ ଗୁଳି କରାଯାଇ ହତ୍ୟା କରାଯାଇଥିଲା ।

## ୨୪ତମ ମିସ୍ ଆଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ଅଡିସନ୍ ଆରମ୍ଭ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୪ତମ ମିସ ଆଣ୍ଡ ମିଷ୍ଟର ଟିନ ଇଣ୍ଡିଆ ପାଇଁ ଚାଲିଛି ଅଡିସନ୍ । ଆଲି କ୍ଲବ୍ ପକ୍ଷରୁ ଚଳିତ ୨୦୨୨ ସିଜନ୍ ପାଇଁ ଏହି ଅଡିସନ୍ କରାଯାଇଛି । ୨୫ ଟି ରାଜ୍ୟର ୩ ଶହ ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶିତ କରିଛନ୍ତି । ଆଲୀ କ୍ଲବ୍ ନିର୍ଦ୍ଦେଶିକା ତଥା ରାମ୍ପ ଗୁରୁ ସମ୍ମିତା ବୋଷ, ଟିନ ଇଣ୍ଡିଆ ସାଇନିଂ ଷ୍ଟାର ତଥା ୨୦୧୯ ମିଷ୍ଟର ଟିନ ଇଣ୍ଡିଆ କୁମାର ଅଭିଷେକ, ସୁପର ମଡେଲ ସ୍ୱପ୍ନା ପ୍ରିୟଦର୍ଶିନି ଅଡିସନ୍‌ରେ ବିଚାରକ ଭାବେ ଉପସ୍ଥିତ ରହି ଅଡିସନ୍ ପରିଚାଳନା କରିଥିଲେ । ପ୍ରତିଯୋଗୀ ମାନେ ରାମ୍ପରେ ଚାଲିବା ସହ ନାଚ, ଗୀତ ଓ ବିଚାରକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ସଫଳ ପ୍ରତିଯୋଗୀ ମାନେ ଆସନ୍ତା ଜୁଲାଇରେ ଦିଲ୍ଲୀରେ ହେବାକୁ ଥିବା ସେମିଫାଇନାଲ ରାଉଣ୍ଡ ରେ ଯୋଗ ଦେବେ । ସେମିଫାଇନାଲ ରାଉଣ୍ଡର ବିଜେତା ଅଗଷ୍ଟ ୨୪ରେ ଫାଇନାଲ ରାଉଣ୍ଡରେ ଅଂଶଗ୍ରହଣ କରିବେ ବୋଲି ଆଲି କ୍ଲବ୍ ନିର୍ଦ୍ଦେଶିକା କହିଛନ୍ତି ।

## କେନ୍ଦ୍ର ସରକାରଙ୍କ ଆକ୍ରୋଶମୂଳକ ରାଜନୀତି ବିରୁଦ୍ଧରେ କଂଗ୍ରେସର ପ୍ରତିବାଦ ସଭା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କଂଗ୍ରେସ ଦଳର ନେତୃବର୍ଗଙ୍କ ପ୍ରତି ମୋଦି ସରକାରଙ୍କ ଆକ୍ରୋଶମୂଳକ ରାଜନୀତି ଏବଂ ଦିଲ୍ଲୀ ପୋଲିସ୍ କଂଗ୍ରେସ କାର୍ଯ୍ୟାଳୟରେ ପ୍ରବେଶ କରି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଭୁବନେଶ୍ୱରରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇଛି । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଭୁବନେଶ୍ୱର ପି.ଏମ୍.ଜି ମୁଖ୍ୟ ପ୍ରବନ୍ଧକ ଡାକଘର କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କହିଲେ ଯେ ଆସନ୍ତା ଦିନରେ ମୋଦୀ ସରକାରଙ୍କୁ ଏହି ପ୍ରତିଶୋଧ ଆକ୍ରୋଶମୂଳକ ରାଜନୀତି ତଥା ଦିଲ୍ଲୀ ପୋଲିସ୍‌ର କଂଗ୍ରେସ ନେତୃବର୍ଗଙ୍କ ଉପରେ ବର୍ବରଚିତ ଆକ୍ରମଣ ଏବଂ ଇଡ଼ି ମାଧ୍ୟମରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ଛବିକୁ ମଳିନ କରିବା ପାଇଁ ଯେଉଁ ହୀନ ଉଦ୍ୟମ ଚାଲିଛି ତାହା ସମ୍ଭବ ହେବ ନାହିଁ । ସାରା ରାଜ୍ୟରେ କଂଗ୍ରେସ ଆଜି ଏକତ୍ରିତ ଏବଂ ମୋଦୀ ସରକାରର ଦେଶ ବିରୋଧି ଓ ଜନ ବିରୋଧି କାର୍ଯ୍ୟକଳାପ ବିରୁଧରେ ଲଢ଼େଇ କରିବା ପାଇଁ ପ୍ରସ୍ତୁତ । ବରିଷ୍ଠ ଆଇନଜୀବି ତଥା କଂଗ୍ରେସ ନେତା ଶିବାନନ୍ଦ ରାୟ କହିଲେ ଏହି ସମୁଦାୟ ଘଟଣାରେ ରାଜନୈତିକ ଚାଲ ଖେଳିବା ପାଇଁ କେନ୍ଦ୍ରୀୟ ସଂସ୍ଥାମାନଙ୍କୁ ମୋଦୀ ଓ ଅମିତ୍ ଶାହା ବ୍ୟବହାର କରୁଛନ୍ତି । ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ରଜନୀ ମହାନ୍ତି, କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ସୁରୋଶ ରାଉତରାୟ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ବରିଷ୍ଠ କଂଗ୍ରେସ ନେତା ତଥା ପ୍ରବକ୍ତା ମନୋରଞ୍ଜନ ଦାସ କହିଥିଲେ ଯେ, ମୋଦୀ ସରକାର ସମସ୍ତ ବିଫଳତାକୁ ଲୋକଙ୍କ ଆଖି ଆଗରୁ ଏଡ଼େଇ ଯିବା ପାଇଁ ଷଡ଼ଯନ୍ତ୍ର ରଚାଯାଇଛି । ଏହା ବିରୁଦ୍ଧରେ ଏକ ଦୀର୍ଘଦିନ ଧରି ଲଢ଼େଇ ଲଢ଼ିବାକୁ ପଡ଼ିବ ।

## ଅଗ୍ନିପଥ ଯୋଜନା ବାତିଲ କର: ସିପିଆଇ(ଏମ୍)

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ଅଗ୍ନିପଥ ଯୋଜନା କୁ ସିପିଆଇ(ଏମ) ତୀବ୍ର ପ୍ରତିବାଦ କରି ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଛି । ସିପିଆଏମ୍ ରାଜ୍ୟ ସମ୍ପାଦକ ଅଲି ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ଏହା ଜାତୀୟ ସ୍ୱାର୍ଥ ବିରୋଧୀ । ପେସାଦାର/ ବୃତିଗତ ସେନା ବାହିନୀ ପାଇଁ ଠିକା ଭିତିରେ ୪ ବର୍ଷ ପାଇଁ ନିଯୁକ୍ତି ଦେବା ନିଷ୍ପତି ଗ୍ରହଣଯୋଗ୍ୟ ନୁହେଁ । ଏହାଦ୍ୱାରା ପେନସନ ଅର୍ଥକୁ ବଞ୍ଚାଇବାକୁ ଯାଇ ଆମ ସେନା ବାହିନୀର ଗୁଣ ଏବଂ ଦକ୍ଷତା ପ୍ରତି ସାଙ୍ଘାତିକ ଭାବେ ସାଲିସ କରାଯାଇଛି । ବିଗତ ଦୁଇ ବର୍ଷ ଧରି ସେନା ବାହିନୀ ରେ କୌଣସି ନିଯୁକ୍ତି ଦିଆଯାଇନାହିଁ ।ସ୍ଥାୟୀ ସୈନିକ ନିଯୁକ୍ତି ଦେବା ପରିବର୍ତ୍ତେ ଅସ୍ଥାୟୀ ଭାବେ ଚାରି ବର୍ଷ ପାଇଁ ଠିକା ନିଯୁକ୍ତି ଦେଇ ସେମାନଙ୍କ ଭବିଷ୍ୟତ ପ୍ରତି ଆଖି ବୁଜି ଦିଆଯାଇଛି । ଏହାର ପରିଣାମ ସ୍ୱରୂପ ଠିକା ନିଯୁକ୍ତି ରେ ତାଲିମ ପ୍ରାପ୍ତ ଏହି ସୈନିକ ବଳ ପରବର୍ତ୍ତୀ ସମୟରେ ଏକ ଘରୋଇ ସଶସ୍ତ୍ର ବାହିନୀ ରେ ପରିଣତ ହେବ । ସମାଜ ଉପରେ ଏହାର ପରିଣତି ଅତି ଭୟଙ୍କର ହେବ । ଅଦ୍ୟାବଧି ବିଭିନ୍ନ ପ୍ରସଙ୍ଗ ରେ ଆମ ସମାଜ ବିଷାକ୍ତ ପରିବେଶରେ ଆଘାତ ପ୍ରାପ୍ତ ହୋଇ ସାରିଛି ।

## ଇଡ଼ି ଅଫିସରେ କଳାପତାକା ଲଗାଇଲା ଯୁବ କଂଗ୍ରେସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାହୁଲ ଗାନ୍ଧିଙ୍କୁ ଇଡିର ଜେରା ପ୍ରତିବାଦରେ ଓଡ଼ିଶା ଯୁବ କଂଗ୍ରେସ ସଭାପତି ଡ଼. ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶୁକ୍ରବାର ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଇଡି କାର୍ଯ୍ୟାଳୟରେ କଳାପତାକା ଲଗାଯାଇଛି । ଏହାକୁ ବିଜେପି ଅଫିସ ବୋଲି କଳା କାଳିରେ ୱାଲ୍ ପେଣ୍ଟିଙ୍ଗ୍ କରି ବିରୋଧ ପ୍ରଦର୍ଶନ କରାଯାଇଛି । ଶ୍ରୀ ଲେଙ୍କା କହିଛନ୍ତି ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଭାରତୀୟ ଜାତୀୟ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧିଙ୍କୁ ଯେଉଁଳି ଭାବେ ବିନା କୌଣସି ତଥ୍ୟ ପ୍ରମାଣ କି କେସ୍ ନଥାଇ ଭାରତୀୟ ଜନତା ଦଳ ଇସାରାରେ ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ହୀନ ପ୍ରଚେଷ୍ଟାରେ ବାରମ୍ବାର ଅପମାନିତ କରି ଜେରା କରୁଛି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ନାୟକ, ଜ୍ଞାନ ରଞ୍ଜନ ରାଉତ, ବିଶ୍ୱଜିତ ଲେଙ୍କା, ସୌମ୍ୟପ୍ରକାଶ ମିଶ୍ର, ଅକ୍ଷୟ କୁମାର ମଲ ଓ ରିତୁର ମହାରଣା ପ୍ରମୁଖ ଉପସ୍ଥିତ ଥଲେ ।

# ୨୦ ପରେ ବଢ଼ିବ ବର୍ଷା





ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗତକାଲି ଓଡ଼ିଶା ଛୁଇଁବା ପରେ ଶୁକ୍ରବାର ଦିନ ଓଡ଼ିଶାର ଆଉ କେତେକ ଜିଲ୍ଲାକୁ ଛୁଇଁଛି । ମୌସୁମୀର ଉତର ସୀମା ଏବେ ଓଡ଼ିଶାର ଭବାନୀପାଟଣାକୁ ଛୁଇଁଛି । ଆସନ୍ତା ୩ ଦିନରେ ମୌସୁମୀ ଆହୁରି ଅଗ୍ରଗତି କରି ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼ର ଆଉ କିଛି ଅଂଶ, ବିଦର୍ଭ ଓ ଆନ୍ଧ୍ରପ୍ରଦେଶର ଅବଶିଷ୍ଟ ଅଂଶକୁ ଛୁଇଁବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଅପରପକ୍ଷରେ ମୌସୁମୀ ବାୟୁ ପ୍ରଭାବରେ ଉପକୂଳ ଓଡିଶାର କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ଯେ ମୌସୁମୀ ଛୁଇଁବା ପରେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇଛି । କୋରାପୁଟରେ ସର୍ବାଧିକ ୭୬ ମିମି ବର୍ଷା ରେକର୍ଡ ହୋଇଛି । ସେହିପରି ଜି. ଉଦୟଗିରିରେ ୬୫.୪, ନବରଙ୍ଗପୁର ଓ ଫୁଲବାଣୀରେ ୪୦ ମିମି ବର୍ଷା ରେକର୍ଡ କରାଯାଇଛି । ଆଗାମୀ ୨ରୁ ୩ ଦିନ ମଧ୍ୟରେ ମୌସୁମୀ ଆହୁରି ଅଗ୍ରସର ହେବ । ୨୦ ତାରିଖ ପରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓଡ଼ିଶା ଅଧିକାଂଶ ଅଂଚଳରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଯାଜପୁର, କେନ୍ଦୁଝର,ଢେଙ୍କାନାଳ, କଟକ ଓ ନୟାଗଡ଼ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏସବୁ ଜିଲ୍ଲା ପାଇଁ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୮ରୁ ୧୯ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, କନ୍ଧମାଳ, ବୌଦ୍ଧ, ସୋନପୁର, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର, ବଲାଙ୍ଗୀର ଜିଲ୍ଲାର କେତେକ ସ୍ଥାନରେ ବର୍ଷା ଓ ବଜ୍ରପାତ ହେବାର ଆଶଙ୍କା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।



ଗଞ୍ଜାମ, (ଭାସ୍କର ନ୍ୟୁଜ୍): ଅଳିଆ ଗଦାରୁ ଉଦ୍ଧାର ହେଲା ନବଜାତ ଶିଶୁପୁତ୍ର। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଉଦ୍ଧାର କରାଯାଇଛି । ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଧରାକୋଟ ବଡଦାଣ୍ଡ ସାହିର ଜଣେ ବ୍ୟକ୍ତିଙ୍କ ବାଡ଼ିପଟ ଅଳିଆଗଦାରୁ। ଆଜି ଅସକାଲୁ ଏହି ଅଳିଆ ଗଦାରେ ନବଜାତ ଶିଶୁପୁତ୍ର ପଡ଼ିଥିବା ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକ। ଶିଶୁପୁତ୍ରଟିକୁ ସେଠାରୁ ଉଦ୍ଧାର କରି ଧରାକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଶିଶୁଟି ସୁସ୍ଥଥିବା କହିଥିବା ବେଳେ କିଏ ଏବଂ କାହିଁକି ନବଜାତ ଶିଶୁକୁ ଅଳିଆ ଗଦାରେ ପକାଇଲା ତାହା ଏବେ ବଡପ୍ରଶ୍ନ ହୋଇଛି । ଅବୈଧ ସମ୍ପର୍କରୁ ଏହି ଶିଶୁପୁତ୍ର ଜନ୍ମିତ ହୋଇଥିବାରୁ ଏହିଭଳି ଅଳିଆ ଗଦାରେ ପକାଯାଇଥିବା ଅଞ୍ଚଳରେ ଆଲୋଚନା ହେଉଛି । ସେପଟେ ଧରାକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଦିଲ୍ଲୀ ପୋଲିସ୍‌ର ଦମନଲୀଳାକୁ ବିରୋଧ

## ଗଜପତି ଜିଲ୍ଲା କଂଗ୍ରେସର ଦୃଢ଼ ନିନ୍ଦା ଓ ବିକ୍ଷୋଭ ପ୍ରଦର୍ଶନ




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ୧୫.୦୬.୨୦୨୨ ରିଖ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମୋଦୀ ସରକାରଙ୍କର ଏକଛତ୍ରବାଦ ନୀତି ଓ ପୁଲିସ୍‌ର ଦମନଲୀଳା ବିରୁଦ୍ଧରେ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ପରିପନ୍ଥି ବୋଲି ଓଡ଼ିଶାର ପ୍ରଦେଶ କଂଗ୍ରେସର ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଣମାଧମକୁ ସମ୍ବୋଦ୍ଧିତ କରି ସେ କହିଲେ ଯେ, ଆଜି ଯେଉଁଭଳି ଭାବରେ ୨୪ ଆକବର ରୋଡ଼, ଦିଲ୍ଲୀ ସ୍ଥିତ ଅଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ଏବଂ ଭାରତୀୟ ଜାତୀୟ କଂଗ୍ରେସର ବିଭିନ୍ନ କାର୍ଯ୍ୟକର୍ତା ଓ କର୍ମୀମାନଙ୍କୁ କାର୍ଯ୍ୟାଳୟ ଭିତରକୁ ନ ଛାଡ଼ିବା ଏହା ସ୍ୱାଧୀନ ଭାରତ ବର୍ଷରେ କେବେ ଦେଖାଯାଇନଥିଲା । କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ୧୪୪ ଧାରା ଜାରି କରି ଦିଲ୍ଲୀ ପୁଲିସ୍, କର୍ମକର୍ତ୍ତାମାନଙ୍କୁ କାର୍ଯ୍ୟାଳୟ ପରିସର ମଧକୁ ପ୍ରବେଶ କରିବାକୁ ଦେଲା ନାହିଁ ଏବଂ ଯେଉଁମାନେ ପ୍ରତିବାଦ କଲେ ସେମାନଙ୍କ ଉପରେ ଲାଠିମାଡ଼ କଲା। କାହା ନିର୍ଦ୍ଦେଶରେ ଏଭଳି କାମ କରୁଛି ବୋଲି ପିସିସି ସଭାପତି ପ୍ରଶ୍ନ କରିଛନ୍ତି । ଜାତୀୟ କଂଗ୍ରେସର ଅଧକ୍ଷ ଏବଂ ବର୍ତମାନ ସାଂସଦ ରାହୁଲ ଗାନ୍ଧୀଙ୍କୁ ଲଗାତାର ୩ ଦିନ ଧରି ଇଡି ପଚରା ଉଚରା ପାଇଁ ଡାକୁଛନ୍ତି। ଯେଉଁଥିରେ ମନି ଲଣ୍ଡରିଙ୍ଗ ହୋଇଥିବାର ସାମାନ୍ୟତମ ଯଥାର୍ଥତା ନାହିଁ । କଂଗ୍ରେସ ଓ ଗାନ୍ଧୀ ପରିବାରକୁ ଜନମାନସରେ ନିନ୍ଦିତ କରିବା ପାଇଁ ଏକଛତ୍ରବାଦୀ ଶାସନ ନରେନ୍ଦ୍ର ମୋଦୀଙ୍କ ବିଜେପି ସରକାର ସିବିଆଇ, ଆଇଟି ଓ ଇଡି ଆଦି ସଂସ୍ଥାକୁ ହାତ ବାରିଶ୍ କରି ବିରୋଧି ବିଶେଷ କରି କଂଗ୍ରେସର ନେତାମାନଙ୍କୁ ଶିକାର କରୁଛନ୍ତି। କଂଗ୍ରେସ ଏହାର ଦୃଢ଼ ନିନ୍ଦା କରୁଛି । ଦୀଲ୍ଲି ପୁଲିସ୍‌ର ଆଜିର ବର୍ବରତା ପ୍ରତିବାଦରେ ତା. ୧୭.୦୬.୨୦୨୨ ରିଖ (ଶୁକ୍ରବାର ) ଦିନ ତଥା ଜୁନ ୧୭ ତାରିଖରେ ଗଜପତି ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲା ସଦର ମହକୁମାରେ ଥିବା କଂଗ୍ରେସ କାର୍ଯ୍ୟାଳୟ ଠାରୁ ଏକ ସଭାଜାତ୍ରା ବାହାରି କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ତଥା ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ସେଠାରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗଜପତି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପରିଚାଳନା କରିଥିଲେ ଏଥିରେ ଜିଲ୍ଲା ସଭାପତି ତଥା ମୋହନା ବିଧାୟକ ଦସରଥି ଗମାଙ୍ଗ, ଜିଲ୍ଲା ଉପସଭାପତି ବସନ୍ତ ପଣ୍ଡା, ସଂଜୟ ଅଧିକାରୀ, ଶଂଗ୍ରାମ ସାହୁ, ତ୍ରୀନାଥ ପାତ୍ର, ଗୁମ୍ମା ବ୍ଲକର ଜିଲ୍ଲା ପରିଷଦ ସଭ୍ୟ, ଲଳିତ ମହୋନ ଦଣ୍ଡସେନା, ମଣ୍ଟୁ ପାଣି, ବହୁ ସରପଞ୍ଚ ସମିତି ସଭ୍ୟ, ରମେଶ ପ୍ରଧାନି, ମଫେଲ ଲିମା, ନବୀନ ରଚିତ, ମୋହନା ବ୍ଲକ ସଭାପତି, ଆର୍ ଉଦୟଗିରି ବ୍ଲକ ସଭାପତି, ରାୟଗଡା ବ୍ଲକ ସଭାପତି, ନୂଆଗଡ ବ୍ଲକ ସଭାପତି, କାଶୀନଗର ବ୍ଲକ ସଭାପତି, ସମସ୍ତ ବ୍ଲକ୍ ସରପଞ୍ଚ, ସମିତି ସଭ୍ୟ, ପ୍ରମୁଖ ସତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ମାଓ ଦମନ ପାଇଁ କନ୍ଧମାଳ ଗସ୍ତରେ ସିଆର୍‌ପିଏଫ୍ ଏଡିଜି

କନ୍ଧମାଳ, (ଭାସ୍କର ନ୍ୟୁଜ୍): ମାଓ ଦମନ ପାଇଁ କନ୍ଧମାଳ ଜିଲ୍ଲା ଗସ୍ତରେ ସିଆରପିଏଫ ଏଡିଜି ନୀତିନ୍ ଅଗ୍ରୱାଲା ଫୁଲବାଣୀ ରିଜର୍ଭ ପୋଲିସ ପଡିଆ ଠାରେ ହେଲିକପ୍ଟର ଯୋଗେ ପହଞ୍ଚିଥିଲେ। କନ୍ଧମାଳ ଆରକ୍ଷୀ ଅଧିକ୍ଷକ ବିନୀତ ଅଗରୱାଲଙ୍କ ସହ ଆଲୋଚନା କରି ଗୋଛାପଡ଼ା ଥାନା ପାଖରେ ଥିବା ୧୨୭ ସିଆର୍‌ପିଏଫ୍ କ୍ୟାମ୍ପ ଗସ୍ତ କରି ବୁଲି ଦେଖିବା ସହ ଯବାନ୍‌ମାନଙ୍କ ସୁବିଧା ଅସୁବିଧା ଓ ମାଓବାଦୀଙ୍କ ଚାଲିଚଳନ ବୁଝିଥିଲେ। ପରେ ପୋଲିସ ଅଧିକାରୀ ଓ ସିଆରପିଏଫ ଅଧିକାରୀଙ୍କ ସହ ଏକ ରୁଦ୍ଧ ଦ୍ୱାର ବୈଠକ କରିଥିଲେ। ମାଓବାଦୀ ଙ୍କ ଗତି ପଥ, ମାଓ ଦମନ ଉପରେ ସମୀକ୍ଷା କରିଥିଲେ। ଏଡିଜି ଅଗରୱାଲଙ୍କ ଗସ୍ତ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା କରିବା ସହ ଗୋଛାପଡା ମାଓ ଅଞ୍ଚଳ ହୋଇଥିବା ଯୋଗୁଁ ସ୍ଥାନେସ୍ଥାନେ ଯବାନ୍‌ମାନେ ମାଓ ଗତିବିଧି ଲକ୍ଷ୍ୟ କରୁଥିଲେ। ଏଡିଜି ଆସିବା ଯୋଗୁଁ ଯବାନ୍‌ମାନଙ୍କ ମନୋବଳ ବହୁତ ବଢୁଛି। ଓଡିଶା ପୋଲିସଙ୍କ ସହ ମିଶି କାମ ଠିକ୍ ଚାଲିଛି ବୋଲି କହିଥିଲେ ଏଡିଜି ନୀତିନ୍ ଅଗରୱାଲ। ଏହି ଗସ୍ତରେ ସଂଗ୍ରାମ କେଶରୀ ମହାନ୍ତି ମଧ୍ୟ ରହିଥିଲେ।

## ଲୁଣ ଟ୍ରକରୁ ୫୨୩ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ଚିତ୍ରକୋଣ୍ଡା ପୋଲିସକୁ ଗଞ୍ଜେଇ ଧରପଗଡରେ ସଫଳତା ମିଳିଛି। ଚିତ୍ରକୋଣ୍ଡା ଏସଡିପିଓ ଅଂଶୁମାନ ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିତ୍ରକୋଣ୍ଡା ପୋଲିସ ବିଭିନ୍ନ ଅଞ୍ଚଳରେ ଚଢଉ କରି ଲକ୍ଷଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରି ସାରିଲାଣି। ଏହି କ୍ରମରେ ଆଜି ମଧ୍ୟ ଚିତ୍ରକୋଣ୍ଡା ପୋଲିସ ତରଫରୁ ରାଜୁଲକୋଣ୍ଡା ନିକଟରେ ପୋଟ୍ରୋଲିଂ କରୁଥିବା ସମୟରେ ଏକ ଟ୍ରକ ଦ୍ରୁତ ଗତିରେ ଆସୁଥିବା ଦେଖିବା ପରେ ଗାଡ଼ିକୁ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ଏହି ଟ୍ରକରେ ଲୁଣ ବସ୍ତା ଭର୍ତ୍ତି ହୋଇ ରହିଥିଲା। ପୋଲିସ ଯାଞ୍ଚ କରୁଥିବା ସମୟରେ ଲୁଣ ବସ୍ତା ଦେଖି ପ୍ରଥମେ ସନ୍ଦେହ କରି ନଥିଲା। କିନ୍ତୁ ପରବର୍ତ୍ତି ସମୟରେ ଲୁଣ ବସ୍ତା ତଳେ ୨୧ଟି ଗଞ୍ଜେଇ ବ୍ୟାଗ ରହିଥିବା ପୁଲିସ ପରେ ଜାଣିବାକୁ ପାଇଥିଲା। ଏହି ୨୧ଟି ବ୍ୟାଗକୁ ଆଣି ଓଜନ କରିବା ପରେ ସେଥିରେ ୫୨୩ କିଲୋ ଗଞ୍ଜେଇ ରହିଥିବା ଜାଣିବାକୁ ପାଇଥିଲା। ଗଞ୍ଜାମର ମିଥୁନ ପାଣିଗ୍ରାହୀକୁ ପୁଲିସ ଗିରଫ କରିଥିଲା। ଏହି ଗଞ୍ଜେଇକୁ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଦାରକୋଣ୍ଡା ଗ୍ରାମରୁ ରାୟପୁରକୁ ସ୍ଥାନାନ୍ତର କରୁଥିଲେ। ଲଗାତାର ଚିତ୍ରକୋଣ୍ଡା ଅଞ୍ଚଳରୁ ଗଞ୍ଜେଇ ବାହାର ଜିଲ୍ଲା ଏବଂ ରାଜ୍ୟକୁ ଚାଲାଣ ହୋଇ ଆସୁଛି। ମାଫିଆ ମାନେ ଡାଳେ ଡାଳେ ଗଲେ ପୁଲିସ ମଧ୍ୟ ପତରେ ପତରେ ଯାଇ ସମସ୍ତ ଚାଲକୁ ଫସର ଫଟାଉଛି। ଆଗାମୀ ଦିନରେ ମଧ୍ୟ ଏହି ଚଢଉ ଜାରି ରହିବ ବୋଲି ଏସଡିପିଓ ଅଂଶୁମାନ ଦ୍ୱିବେଦୀ ପ୍ରକାଶ କରିଛନ୍ତି।

### ଡକାୟତି ଉଦ୍ୟମ ପଣ୍ଡ

## ୫ ସନ୍ଦିଗ୍ଧ ଗିରଫ

## ମାରଣାସ୍ତ୍ର, ଲଙ୍କାଗୁଣ୍ଡ ଜବତ

ବରଗଡ଼, (ଭାସ୍କର ନ୍ୟୁଜ୍): ଅତାବିରା ଥାନା ଗୋଡ଼ଭଗା ଅଂଚଳରେ ଡକାୟତି କରିବା ପାଇଁ ଉଦ୍ୟମ କରୁଥିବା ୫ ଜଣ ସନ୍ଦିଗ୍ଧ ଅପରାଧୀଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅପରାଧୀମାନେ ହେଲେ ସମ୍ବଲପୁର ବରେଇପାଲିର ଦେବ ଓରଫ ସୁକଦେବ ସୁନା (୨୭) ଓ ଫାଟକର ସଂକେତ ମିଶ୍ର (୨୦), ଗୋଶାଳା କଦମପଡ଼ାର ରାଜୁ ନାଗ (୨୦), ବରଗଡ଼ ବିଶିପଡ଼ାର ସୁଶାନ୍ତ ମେହେର (୩୦) ଓ ବାନ୍ଧୁଟିକ୍ରାର ପ୍ରଭାସ ଓରଫ ପିଙ୍କୁ ମେହେର (୨୩)। ଏମାନଙ୍କଠାରୁ ଧାରୁଆ ଚାକୁ, ଭୁଜାଲି, ଲୁହା ରଡ଼, ମିର୍ଚ୍ଚି ଗୁଣ୍ଡ ପାକେଟ, ୨ଟି ସ୍କୁଟି, ନଗଦ ୧୫୨୦ ଟଙ୍କା ଜବତ ହୋଇଛି। ୪ଜଣଙ୍କ ନାମରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଗତ ୧୫ ତାରିଖ ଗୋଡ଼ଭଗା ଅଂଚଳରେ ଡକାୟତି ପାଇଁ ପ୍ରସ୍ତୁତ ଥିବାବେଳେ ଗୋଡ଼ଭଗା ଫାଣ୍ଡି ଅଧିକାରୀ ବିପିନ ବାଘ, ଏସ୍ଆଇ ଯାଦବ ବାଗ, ମନୋରଂଜନ ଲୁହା, ଲୁକେଶ କୁଜୁର, ସୁଶମନ୍ତ ପଶାୟତ, ଗୋବିନ୍ଦ ମହାନନ୍ଦ ଅପରାଧୀଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ଗିରଫ ୫ ଅପରାଧୀଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

### ପାନୀୟ ଜଳ ପ୍ରକଳ୍ପ ଅଚଳ

## ଟାଙ୍କି ରଙ୍ଗ ମାରି ଟାଙ୍କିକୁ ଦିଆଯାଉଛି ନୂତନ ରୂପ

କାଲିମେଲା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇ ପଡ଼ି ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ନିର୍ମାଣ ହୋଇଥିଲେ ମଧ୍ୟ ଗ୍ରାମବାସୀ ବର୍ଷବର୍ଷ ଧରି ପାଣି ପାଇବାରୁ ବଞ୍ଚିତ ହେଉଥିବା ବେଳେ ଆଉ କିଛି ସ୍ଥାନରେ ସୋଲାର ବ୍ୟବସ୍ଥା ଅଚଳ ହୋଇ ପଡିଥିବାରୁ ଜଳ ଯୋଗାଣ ବନ୍ଦ ରହିଛି। ସୂଚନା ଅନୁଯାୟୀ, ୨୦୧୯ ମସିହାରେ ବସୁଧା ଯୋଜନାରେ କାଲଦାପଲ୍ଲୀ ଗ୍ରାମରେ ୪୦ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ତେବେ ଏହି ପାଣି ଟାଙ୍କି ଗତ କିଛି ମାସ ଧରି ଅଚଳ ହୋଇ ପଡ଼ିଥିବାରୁ ସ୍ଥାନୀୟ ଲୋକ ପାଣି ପାଇପାରୁନାହାନ୍ତି। ପ୍ରକଳ୍ପ ଅଚଳ ଥିବାରୁ ଗ୍ରାମବାସୀ ନଳକୂପ ଓ ସ୍ଥାନୀୟ ଶାବେରୀ ନଦୀ ଉପରେ ନିର୍ଭର କରୁଛନ୍ତି । ପଞ୍ଚାୟତ କାର୍ଯ୍ୟାଳୟର ଅପର ପାର୍ଶ୍ୱରେ ରହିଥିବା ଏହି ପାଣି ଟାଙ୍କି ମରାମତି ନେଇ ସ୍ଥାନୀୟ ଲୋକ ବାରମ୍ବାର ପଞ୍ଚାୟତ ଅଧିକାରୀ ଏବଂ ଆରଡବ୍ଲୁଏସିଏସ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଦୃଷ୍ଟି ଗ୍ରାମବାସୀ ଦେଉନଥିବା କହିଛନ୍ତି। ଅନ୍ୟପଟେ ବିଭାଗ ପକ୍ଷରୁ ଅଚଳ ପାଣି ଟାଙ୍କିକୁ ରଙ୍ଗ କରାଯାଇ ନୂତନ ରୂପ ଦେବା ଘଟଣାକୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ସେହିପରି କାଲଦାପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୁରକୋଣ୍ଡା ଗ୍ରାମରେ ମଧ୍ୟ ସୋଲାର ବ୍ୟବସ୍ଥା ଅଚଳ ଥିବାରୁ ଜଳ ଯୋଗାଣ ଟାଙ୍କି ମଧ୍ୟ ବର୍ଷ ବର୍ଷ ଧରି କାମରେ ଲାଗୁନି। ଏ ବାବଦରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ କାଲଦାପଲ୍ଲୀ ପାଣି ଟାଙ୍କି ଠିକ୍ ରହିଥିବା ବେଳେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଥିବାରୁ ଜଳ ଯୋଗାଣ ହୋଇପାରୁନି ବୋଲି କହିଛନ୍ତି। ଏନେଇ ସେ ସ୍ଥାନୀୟ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଥିବା ମଧ୍ୟ କହିଛନ୍ତି ।

### ମାସ ମାସ ଧରି ପାଣି ପାଇବାରୁ ବଞ୍ଚିତ ଗ୍ରାମବାସୀ

## ୨୩ ଟିକିଆ ହାତୀ ପଲଙ୍କ ଉତ୍ପାତ

## ବ୍ୟାପକ ଖରାଟିଆ ଧାନ ଫସଲ ନଷ୍ଟ



ଚମ୍ପୁଆ, (ଭାସ୍କର ନ୍ୟୁଜ୍): ଗତ କିଛି ଦିନ ତଳେ ଚମ୍ପୁଆ ରେଞ୍ଜକୁ ପଶି ଆସିଥିବା ୨୩ ଟିକିଆ ହାତୀ ପଲ ଗତ ରାତି ରରୁଆଁଗୋଡା ଗ୍ରାମରେ ବ୍ୟାପକ କ୍ଷୟ କ୍ଷତି କରିଥିବା ଜଣା ପଡ଼ିଛି। ଗ୍ରାମରେ ହୋଇଥିବା ଏକର ଏକର ଖରାଟିଆ ଧାନ ଫସଲ ମାଡ଼ି ଚକଟି ନଷ୍ଟ କରିଥିବା ବେଳେ ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ହାତୀ ପଲ ରରୁଆଁ ଗୋଡା ଗ୍ରାମରେ କ୍ଷୟ କ୍ଷତି କରିବା ପରେ ନିକଟସ୍ଥ କେମୁଣ୍ଡିଆ ଗ୍ରାମ ଜଙ୍ଗଲରେ ରହିଛନ୍ତି। ହାତୀ ପଲ ରାରୁଆଁ ଗୋଡ଼ା ଗ୍ରାମର ବାମଦେବ ମହାନ୍ତ, ସୁଦାମ ଚରଣ ମହାନ୍ତ, ମୁକୁନ୍ଦ ମହାନ୍ତ, ଘନଶ୍ୟାମ ମହାନ୍ତ, ଭୈରବ ମହାନ୍ତଙ୍କ ଏକର ଏକର ଧାନ ଫସଲ ମାଡ଼ି ଚକଟି ନଷ୍ଟ କରିଥିବାରୁ ଏମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ପଣସର ଅଭାବୀ ବିକ୍ରି

## କେଉଁଠି ୫୦ କେଉଁଠି ୧୫୦



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଉତ୍କୃଷ୍ଟ ମାନର ପଣସ ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରେ ନିଜର ପରିଚୟ ହାସଲ କରିଛି। ଏବେ ପଣସର ଅଭାବୀ ବିକ୍ରି ଓ ବେପାରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଚାଷୀମାନେ ପଣସର ଉଚିତ ମୂଲ୍ୟ ପାଇପାରୁ ନଥିବା ଅଭିଯୋଗ ହେଉଛି । ଯେଉଁଥିପାଇଁ ପଣସ ଚାଷ କରିବାକୁ କେହି ଆଗ୍ରହ ଦେଖାଉ ନାହାନ୍ତି। କେନ୍ଦୁଝର ଜିଲ୍ଲାର ଘଟଗାଁ, ପାଟଣା, ହରିଚନ୍ଦନପୁର, ସଦର, ସାହାରପଡ଼ା, ବାଂଶପାଳ ଓ ତେଲକୋଇ ଆଦି ବ୍ଲକ ଅଞ୍ଚଳରେ ପ୍ରବଳ ପରିମାଣରେ ପଣସ ହୋଇଥାଏ। ରାଜ୍ୟର ଅନ୍ୟ ଅଂଚଳରେ କେନ୍ଦୁଝର ପାଚିଲା ପଣସର ଚାହିଦା ଅଧିକ ରହିଥାଏ। ଯେଉଁଥିପାଇଁ ବେପାରୀମାନେ ଶହ ଶହ ଟନ୍‌ର ପାଚିଲା ପଣସ ସଂଗ୍ରହ କରି ଯାନବାହନରେ ବାହାରକୁ ନେଇଥାନ୍ତି। ଅଳ୍ପ ପରିଶ୍ରମ ଓ କମ୍ ଦେଖାରଖାରେ ଚାଷ ହୋଇପାରୁଥିବା ପଣସ ଏକ ଅର୍ଥକରୀ ଫସଲ ହୋଇଥିଲେ ମଧ୍ୟ ପାଚିଲା ପଣସର ଉପଯୁକ୍ତ ବଜାର ବ୍ୟବସ୍ଥା ନଥିବାରୁ ଚାଷୀ ଲାଭବାନ ହୋଇପାରୁ ନଥିବା ଅଭିଯୋଗ ହେଉଛି । କେନ୍ଦୁଝର ଜଙ୍ଗଲରେ ବ୍ୟାପକ ପରିମାଣର ପଣସ ଗଛ ଥିବାବେଳେ ଆଦିବାସୀମାନେ ପଣସ ସଂଗ୍ରହ କରି ବଜାରରେ ବିକ୍ରି କରିଥାନ୍ତି। ବଜାରରେ ବେଶ ଚାହିଦା ଥିବା ପଣସ କଟକ ଭୁବନେଶ୍ୱରରେ ୧୦୦ ରୁ ୧୫୦ ଟଙ୍କା ଗୋଟା ପ୍ରତି ବିକ୍ରି ହେଉଛି। ପାଚିଲା ପଣସର ମଞ୍ଜି ମଧ୍ୟ ବେଶ ଉପକାରୀ ଓ ଏହା ଔଷଧୀୟ ପୋଷଣରେ ଭରପୁର । କେବଳ ସାବିତ୍ରୀ ବ୍ରତ ଓ ରଜ ସମୟରେ ପାଚିଲା ପଣସର ଚାହିଦା ଥିବାବେଳେ ଏହି ସମୟରେ ପଣସ ମଞ୍ଜି ମଧ୍ୟ ବେଶ ଭଲ ଅମଳ ହୋଇଥାଏ । ଛେଚା ଓ ତରକାରୀ ପାଇଁ ପଣସ ମଞ୍ଜିର ମଧ୍ୟ ବେଶ୍ ଚାହିଦା ରହିଛି । ଜିଲ୍ଲାରେ ପଣସ ପ୍ରୋସେସିଂ ୟୁନିଟ ନଥିବାରୁ କମ ଦାମରେ ଚାଷୀ ପଣସ ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହାର ଫାଇଦା ନେଇ ବେପାରୀମାନେ ଶାଗମାଛ ମୂଲ୍ୟରେ ପଣସଗୁଡ଼ିକୁ କିଣି ନେଉଛନ୍ତି। ତେଣୁ ପଣସ ଚାଷୀଙ୍କୁ ଉପଯୁକ୍ତ ବଜାର ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଏହି ଚାଷ ଆଗେଇ ପାରିବ ନାହିଁ।

## ସ୍ୱାବଲମ୍ବୀ ଯୋଜନାରେ ଏସ୍‌ଏସ୍‌ଜିକୁ ମିଳୁଥିବା ରାଜସ୍ଥାନୀ ଗାଈ ମୃତ୍ୟୁମୁଖରେ !



ଗଞ୍ଜାମ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ମିସନ୍ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ଙ୍କୁ ଆତ୍ମନିର୍ଭରଶୀଳ ଏବଂ ସ୍ୱାବଲମ୍ବୀ କରାଇବାକୁ ଗୋପାଳନ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ହେଲେ, ରାଜସ୍ଥାନରୁ ଅଣାଯାଇ ଗଞ୍ଜାମ ଜିଲ୍ଲାର ଏସ୍‌ଏଚ୍‌ଜି କ୍ଲଷ୍ଟଗୁଡ଼ିକୁ ଯୋଗାଇ ଦିଆଯାଇଥିବା ଗାଈ ଓ ବାଛୁରୀ ଗୁଡ଼ିକ ହଠାତ୍ ଅସୁସ୍ଥ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ବ୍ଲକ୍‌ରେ। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତତ୍ତ୍ୱାବଧାନରେ ଗଠିତ 'ସବୁଜ ଗଞ୍ଜାମ' କମ୍ପାନୀ ମାଧ୍ୟମରେ ରାଜସ୍ଥାନରୁ ଗାଈ ଅଣାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ବ୍ଲକ୍‌ର ୧୯ଟି କ୍ଲଷ୍ଟରର ଏସ୍‌ଏଚ୍‌ଜିଙ୍କୁ ୩୯ଟି ଗାଈ ଯୋଗାଇ ଦିଆଯାଇଛି। ହେଲେ, ଗତ ତିନିଦିନ ତଳେ ସନ୍ତୋଷପୁର ପଞ୍ଚାୟତର ଲାଉପୁଟୁ ଗ୍ରାମର ମହିଳା ଗୋଷ୍ଠୀ ରାଜସ୍ଥାନରୁ କଣ୍ଟେନରରେ ଆସିଥିବା ଗାଈ ଓ ବାଛୁରୀ ଓହ୍ଲାଇବାବେଳେ ଏଗୁଡ଼ିକର ସ୍ୱାସ୍ଥ୍ୟାବସ୍ଥା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଦୁଇଟି ବାଛୁରୀ ଓ ଗୋଟିଏ ଗାଈ ମରିଯାଇଥିବାବେଳେ ଆଉ ଏକ ଗାଈର ଗୋଡ଼ ଭାଙ୍ଗିଯାଇଥିଲା। ଅନ୍ୟ ଗାଈ ଓ ବାଛୁରୀ ଗୁଡ଼ିକ ଅଚେତ ହୋଇ ପଡ଼ିରହିଥିଲେ। ଏହି ଗାଈ ଗୁଡ଼ିକୁ ପରିବହନ କରି ଆଣିବା ସମୟରେ ଠିକ୍ ସମୟରେ ଖାଇବାକୁ ଦିଆଯାଇ ନଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ସେହିପରି ସୁବଳୟା ପଞ୍ଚାୟତ ଶତ୍ରୁସୋଲ ଗ୍ରାମରେ ମଧ୍ୟ ରାଜସ୍ଥାନରୁ ଆସିଥିବା ଗୋଟିଏ ଗାଈର ମୃତ୍ୟୁ ହୋଇଥିବା ବେଳେ ୩ଟି ଗାଈ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ଆଜି ସକାଳେ ପୁଣି ଆଉ ୩ଟି ଗାଈ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ବେଳେ ଗୋଟିଏ ବାଛୁରୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସରକାରୀ ଯୋଜନାରେ ରାଜସ୍ଥାନରୁ ଅଣାଯାଇ ଏସ୍‌ଏଚ୍‌ଜିଙ୍କୁ ଦିଆ ଯାଇଥିବା ଗାଈ ଗୁଡ଼ିକ ଏଠାକାର ପରିବେଶ ସହ ଖାପ ଖୁଆଇ ପାରୁ ନଥିବାରୁ ଏଭଳି ସମସ୍ୟା ଦେଖାଦେଇଛି ବୋଲି ବିଶେଷଜ୍ଞ ଗୋପାଳକମାନେ କହୁଛନ୍ତି। ଏଭଳିକି କେତେକ ବାଛୁରୀ ମା ଗାଈକୁ ଚିହ୍ନିପାରୁ ନାହାନ୍ତି। ଫଳରେ ଏ ଯୋଜନାରୁ ଏସ୍‌ଏଚ୍‌ଜି ସଦସ୍ୟା ଲାଭବାନ୍ ହେବା ଓ ଏହାର ସଫଳ ରୂପାୟନ ଦେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଧୁମଧାମରେ ପାଳିତ ହେଲା ରଜଯାତ୍ରା



କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): ବ୍ରହ୍ମପୁର ଉପକଣ୍ଠ ତଥା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ମା' ଗ୍ରାମଦେବତୀଙ୍କ ପୀଠରେ ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଧୁମଧାମରେ ପାଳିତ ହେଲା ରଜ ଯାତ୍ରା । ଏହି ଯାତ୍ରା କେବଳ କୃଷକମାନଙ୍କ ହିତ ସକାଶେ ବହୁ ପୂର୍ବରୁ ପ୍ରତ୍ୟେକ ବର୍ଷ ରଜ ସଂକ୍ରାନ୍ତୀରେ ମା' ଗ୍ରାମ ଦେବତୀଙ୍କ ପୀଠରେ ପାଳିତ ହୋଇ ଆସୁଛି । କିନ୍ତୁ ଗତ ଦୁଇ ବର୍ଷ ଧରି କରୋନା ମହାମାରୀ କରାଳ ତାଣ୍ଡବ ଯୋଗୁଁ ମା'ଙ୍କ ପୀଠରେ ଯାତ୍ରା କେବଳ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ମା'ଙ୍କୁ ମନ୍ଦିର ଚତୁପାର୍ଶ୍ୱରେ ବେଢ଼ା ପରିକ୍ରମା କରି ସମାପ୍ତ କରାଯାଉଥିଲା । କିନ୍ତୁ ଚଳିତ ବର୍ଷ କରୋନା ହଟିଥିବାରୁ ଯାତ୍ରାକୁ ମହାଆଡ଼ମ୍ବର ସହକାରେ ପାଳନ କରିବାକୁ ଗ୍ରାମ୍ୟ କମିଟି ଆଗଭର ହୋଇଥିଲେ। ରଜ ସଂକ୍ରାନ୍ତି ଦିନ ମା'ଙ୍କ ପୀଠରେ ଦେବନୀତି କାର୍ଯ୍ୟ ସହ ସକାଳ ଧୂପ, ମଧାହ୍ନ ଭୋଗ ପରେ ଅପରାହ୍ନରେ ଘୃତଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥାଏ। ଘୃତ ଯଜ୍ଞରେ ଗ୍ରାମର ବି. ବିଶ୍ୱନାଥ ପାତ୍ର କର୍ତ୍ତା ରୂପେ ଯୋଗ ଦେଇଥିବା ବେଳେ ପୁରୋହିତମାନେ ହୋମ ଯଜ୍ଞରେ ଭାଗ ନେଇ ପୂର୍ଣ୍ଣାହୁତି କରିଥିଲେ । ସନ୍ଧ୍ୟାରେ ସନ୍ଧ୍ୟାଧୂପ, ସନ୍ଧ୍ୟା ଆଳତି ଭୋଗରାଗ ପରେ ମା'ଙ୍କ ଘଟକୁ ଗ୍ରାମ ପରିକ୍ରମା ନିମନ୍ତେ ବିଭିନ୍ନ ପଟୁଆରରେ ତଥା ଘଣ୍ଟସ୍ଥଳ, ପରଭା, ବାଘନଷ୍ଟ, ଘୋଡ଼ା ନାଚ, ସିଙ୍ଘ ବାଦ୍ୟ, ଦଶଅବତାର, ବାଡ଼ିଆଖଡ଼ା ଆଦି ବିଭିନ୍ନ ପ୍ରକାର ବେଶଭୂଷାରେ ହଜାର ହଜାର ଭକ୍ତଙ୍କ ସମାଗମରେ ଅତ୍ୟାଧୁନିକ ଆଲୋକ ସାଜସଜ୍ଜାରେ ଗ୍ରାମର ସମସ୍ତ ସାହି ଗଳି କନ୍ଦି ପରିକ୍ରମା କରାଯାଇଥିଲା। ମା'ଙ୍କ ଘଟ କେବଳ ଗୋଟେ ଦିନ ପାଇଁ ଗ୍ରାମ ପରିକ୍ରମା କରିବା ପରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ମା' ପ୍ରତ୍ୟେକସାହି ପରିକ୍ରମା କରିବା ହେତୁ ଲୋକଙ୍କ ମଧ୍ୟରେ ଆଧାତ୍ମିକ, ସାଂସ୍କୃତିକ ଚିନ୍ତାଧାରାକୁ ପାଥେୟ କରି ଆନନ୍ଦ ଉଲ୍ଲାସରେ ନିଜ ନିଜ ସାହିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମା'ଙ୍କ ପୀଠ ନିକଟରେ ମନ୍ଦିର କମିଟି ପକ୍ଷରୁ ପୌରାଣିକ ନାଟକ ରଜାନାଟକ ଲୋକଙ୍କୁ ବେଶ ଆକର୍ଷିତ କରିପାରିଥିଲା। ସେହିଭଳି ଗ୍ରାମର ବଡ଼ ଦାଣ୍ଡ ଓ ଭଣ୍ଡାରୀ ସାହିରେ ମହାଭାରତ, ସନ୍ତୋଷି ନଗର, ହରିଜନ ସାହି, ଧୋବା ସାହି ଓ ନୂଆ ନେତାଜୀ ନଗରରେ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ସେହିଭଳି କୁମ୍ଭାର ସାହି, ଗୋଲା ସାହିରେ ଭାରତଲୀଳା ପରିବେଷିତ ହୋଇଥିବା ବେଳେ ନେତାଜିନଗରରେ ଲକ୍ଷ୍ମୀ ପୁରାଣ ପରିବେଷିତ ହୋଇଥିଲା। ରଜ ଯାତ୍ରାରେ ଜଗଦଳପୁର ଗ୍ରାମର ଯୁବ ଗୋଷ୍ଠୀଙ୍କ ଦ୍ୱାରା ସାମାଜିକ ଅପେରା ନାଟକ 'ମୁଁ ଭଦ୍ରୀକିଆ ଟୋକା' ଇତ୍ୟାତି ପରିବେଶିତ ହୋଇଥିଲା। ଏହି ସାମାଜିକ ନାଟକ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲା। ଏହି ଯାତ୍ରା ଦୀର୍ଘ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା ବେଳେ ଏହାକୁ ଉପଭୋଗ ପାଇଁ ଆଖପାଖ ଅଞ୍ଚଳର ହାଜର ହଜାର ଶ୍ରଦ୍ଧାଳୁ ଭକ୍ତଗଣଙ୍କ ସୁଅଛୁଟିଥିଲା। ସଦର ଏସ୍‌ଡ଼ିପିଓ ଶିବ ଶଙ୍କର ମହାପାତ୍ର, ଥାନା ଅଧିକାରୀ ମହେନ୍ଦ୍ର ସାହୁ, ନିମଖଣ୍ଡି ଫାଣ୍ଡି ଅଧିକାରୀ ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ପୁଲିସ୍ ଫୋର୍ସ ଗ୍ରାମରେ ମୁତୟନ ରହିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ। ଏହି ଯାତ୍ରାକୁ ଜଗଦଳପୁର ସରପଞ୍ଚ କ୍ରାନ୍ତୀ କୁମାରୀ ଦେବୀ, ସମିତିସଭ୍ୟ ବି. ରବିନ୍ଦ୍ର ପାତ୍ର, ଯାତ୍ରା କମିଟି ସଭାପତି ତଥା ପୂର୍ବତନ ସରପଞ୍ଚ ହାଡୁବନ୍ଧୁ ବେହେରା, ପୂର୍ବତନ ସରପଞ୍ଚ ଏଲ୍. ପୁରୁଷୋତ୍ତମ ପାତ୍ର, ଡାକ୍ତର ସିଏଚ୍. ମନୋଜ କୁମାର ପାତ୍ର, ଏମ୍ ନାଗେଶ ପାତ୍ର, କେ. ଶ୍ରୀନିବାସ ପାତ୍ର, କେ. ଅମିତ ପାତ୍ର. ପି. ସୁରଜ ଦାସ, କେ. ବିନୋଦ, ସୁଭାଷ ପ୍ରଧାନ, ସୁଦର୍ଶନ ସାହୁ, ପି ସୁନୀଲ, ଏସ୍. ସନ୍ତୋଷ ପାତ୍ର, ବି. ସୁବାସ ପାତ୍ର, ନାରାୟଣ ପ୍ରଧାନ, ପି. ରବୀନ୍ଦ୍ର ଦାସ, ଏସ୍ ମନୋଜ କୁମାର ପାତ୍ର, ସିଏଚ୍ ମହେନ୍ଦ୍ର କୁମାର ପାତ୍ର, ଇ. ରଞ୍ଜନ, ସୀମାଞ୍ଚଳ ମହାରଣା, କେ. ବିଜୟ କୁମାର, ସୁଦର୍ଶନ ପାଢ଼ୀ, ଏ. କେଶବ ପାତ୍ର, ସତ୍ୟ ପାତ୍ର, ଶଙ୍କର ନାୟକ, ସିଏଚ୍ ରାମେୟା ପାତ୍ରଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଗ୍ରାମ୍ୟ କମିଟି ବୃନ୍ଦ ଓ ଯାତ୍ରା ପରିଚାଳନା କମିଟି ବୃନ୍ଦ ସହଯୋଗ କରୁଥିଲେ । ଏହି ଯାତ୍ରାର ପ୍ରଥମ ଦିନରେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗଦେଇ ମା'ଙ୍କ ଆଶୀଷ ଭିକ୍ଷା କରିବା ସହ ସମସ୍ତଙ୍କୁ ରଜ ଉପଲକ୍ଷେ ଅଭିନନ୍ଦନ ଜଣାଇଥିଲେ।



ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ ଓ ସାଂସ୍କୃତି ବିଭଗ ଦ୍ୱାରା ଆଜି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ରଜ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଅନାଥଶ୍ରମର ଝିଅମାନଙ୍କ ସହ ବିଭିନ୍ନ ଅନୁଷ୍ଠନର ଯୁବତୀ ଓ ମହିଳାମାନେ ଦୋଳିରେ ଝୁଲି ରଜ ଉତ୍ସବର ମଜା ଉଠାଇଥିଲେ । କାର୍ଯ୍ୟକ୍ରମରେ ରଜ ପାନ ସହ ବିଭିନ୍ନ ପ୍ରକାରର ପିଠା ପଣା ବିତରଣ କରାଯିବା ସହ ନାଚ ଗୀତର ମସଗୁଲ ହୋଇଥିଲେ ଝିଅ ଓ ମହିଳାମାନେ । ଏହି ଅବସରରେ ଝିଅମାନେ ଓଡ଼ିଶୀ ନୃତ୍ୟ ସହ ରଜ ସମ୍ପର୍କିତ ଗୀତ ନାଚ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ଚନ୍ଦ୍ର ନାୟକ, ସହକାରୀ ଜିଲ୍ଲାପାଳ କୁତୁଲି ଚରଣ ବେହେରା, ଓଏସଡି କିରଣ କୁମାର ମହାନ୍ତି, ପାରଳାଖେମୁଣ୍ଡି ପୌରଅଧକ୍ଷା ନିର୍ମଳା ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବା ମଞ୍ଚାସୀନ ଥିଲେ । ଏହା ସହିତ ବିଭିନ୍ନ ଜିଲ୍ଲା ପ୍ରଶାସନିକ ଅଧିକାରୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ ଶିଶା ସଂଗୀତ ଗୁରୁ ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତଥିଲେ ।

## ବଜ୍ରପାତରେ ୨୧ ଗୋରୁ ମୃତ



ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକର ଡୁମସିଲ ଗ୍ରାମରେ ବଜ୍ରପାତରେ ସାତ ଜଣଙ୍କର ୨୧ଟି ଗୋରୁଙ୍କର ମତ୍ୟୁ ଘଟିଛି । ସମସ୍ତ ଗୋରୁ ମାଲିକ ଗରିବ ଆଦିବାସୀ ଶ୍ରେଣୀର ହୋଇଥିବା ବେଳେ ଗାଈ ଗୋରୁଙ୍କ ପାଇଁ ସେମାନଙ୍କ ପରିବାର ଚଳୁଥିଲା ବର୍ତ୍ତମାନ ଏତେ ସଂଖ୍ୟକ ଗୋରୁ ମୃତ୍ୟୁବରଣ କରିଥିବାରୁ ସମସ୍ତେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସେମାନଙ୍କୁ ତୁରନ୍ତ ସରକାରି ସାହାଯ୍ୟ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି । ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ଘଟଣା ସ୍ଥଳକୁ ଯାଇ କ୍ଷତିଗ୍ରସ୍ତଙ୍କୁ ବୁଝାଇବା ସହ ସରକାରି ସହାୟତ ପାଇବା ଦିଗରେ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏନେଇ ଭେଟେନାରି ତରଫରୁ ସମସ୍ତ ମୃତ ଗୋରୁଙ୍କର ବ୍ୟବଚ୍ଛେଦ କରାଯାଇଛି । ଗତକାଲି ନାରାୟଣପାଟଣା ବ୍ଲକରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା । ଡୁମୁସିଲ ଗ୍ରାମର ଗାଈ ଗୋରୁ ଜଙ୍ଗଲକୁ ଚରିବାକୁ ଜାଇଥିଲା ସମୟରେ ବଜ୍ରପାତ ହୋଇଥିଲା । ଗୋରୁ ଗୁଡିକ ରାତିରେ ଘରକୁ ନଆସିବାରୁ ମାଲିକ ମାନେ ଚରିବା ସ୍ଥାନକୁ ଯାଇ ଖୋଜାଖୋଜି କରିଥିଲା ବେଳେ ସମସ୍ତ ୨୧ଟି ଗୋରୁ ଏକ ଗଛପାଖରେ ଏଣେତେଣେ ହୋଇ ପଡି ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ ।

## ଏକ୍ସପ୍ରେସ୍ ଓ ପାସେଞ୍ଜର ଟ୍ରେନ ରହଣି ସମୟ ପରିବର୍ତ୍ତନ ପାଇଁ ଦାବିପତ୍ର



କଲ୍ୟାଣସିଂହପୁର,(ଭାସ୍କର ନ୍ୟୁଜ): କଲ୍ୟାଣସିଂହପୁର ପାହାଡ଼ ଜଙ୍ଗଲ ଘେରା ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକରେ ଅନେକ ଦର୍ଶନୀୟ ସ୍ଥାନ ଓ ପର୍ଯ୍ୟଟନ ସ୍ଥଳ ରହିଛି ସେ ମଧ୍ୟରୁ ଜୀବନ ଜୀବିକା ଓ ଯୋଗଯୋଗ ପାଇଁ ରେଳ ଲାଇନ୍ ସଂଯୋଗରେ ଶିକରପାଇ ପଞ୍ଚାୟତର ଜାମୁଗୁଡ଼ା ଗ୍ରାମ ନିକଟରେ ଶିକରପାଇ ରେଳ ଷ୍ଟେସନ ରହିଅଛି । ଏହି ଶିକରପାଇ ଷ୍ଟେସନ ଦେଇ ଏକ୍ସପ୍ରେସ ଓ ପସେଞ୍ଜର୍ ଟ୍ରେନ କୋରାପୁଟ ଓ ଜଗଦଲପୁର ଅଭିମୁଖେ ଟ୍ରେନ ଯାତାୟାତ କରୁଥିବା ବେଳେ ଅନ୍ୟ ପଟୁ ବିଶାଖାପାଟଣା ଓ ଭୁବନେଶ୍ୱର ତଥା ରାଜ୍ୟ ଓ ରାଜ୍ୟ ବାହାରକୁ ଯିବା ଆସିବା କରିବା ପାଇଁ ସୁବିଧା ରହିଛି । ଗତ ଦୁଇ ବର୍ଷ ଧରି କୋରୋନା କଟକଣା ଯୋଗୁଁ ରେଳ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । କିନ୍ତୁ ବର୍ତ୍ତମାନ ସ୍ଥିତି ସାମାନ୍ୟ ହେଲାପରେ ହୀରାଖଣ୍ଡ ଏକ୍ସପ୍ରେସ, ସମଲେଶ୍ୱରୀ ଏକ୍ସପ୍ରେସ, ରାଉଲକେଲା ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନ ଯାତାୟାତ କରୁଛି । କିନ୍ତୁ ପୂର୍ବଭଳି ପାସେଞ୍ଜର ଟ୍ରେନ ନୂତନ ସମୟ ଅନୁସାରେ ଶିକରପାଇ ଷ୍ଟେସନରେ ରହୁଥିବା ବେଳେ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ଆଉ ଶିକରପାଇ ଷ୍ଟେସନରେ ରହୁନାହିଁ । ଯାହାଦ୍ୱାରା ଏହି ଅଞ୍ଚଳର ବ୍ୟବସାୟୀ, ଆବଶ୍ୟକୀ ସ୍ଥଳେ ସ୍ୱାସ୍ଥ୍ୟ ସେବା ଓ ପିଲାଙ୍କର ଶିକ୍ଷ୍ୟା କ୍ଷେତ୍ରରେ ବି ଏହାପାଇଁ ବାଧାପ୍ରାପ୍ତ ହେଉଥିବାର ଅଭିଯୋଗ କରି ଶିକରପାଇ ମଣ୍ଡଳ ସଭାପତି ମନୋଜ କୁମାର ସେଠୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତାମାନେ ଶିକରପାଇ ରେଳ ଷ୍ଟେସନକୁ ଆସି ଷ୍ଟେସନ ମାଷ୍ଟରଙ୍କ ଜରିଆରେ ଡିଆର୍‌ଏମ୍‌ଇ ରେଳ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ତାସହ ପାସେଞ୍ଜର୍ ଟ୍ରେନର ରହଣି ସମୟ ପୂର୍ବପରି ସମୟ ଅନୁସାରେ ରହିବାକୁ ମଧ ଦାବିପତ୍ରରେ ଉଲ୍ଲେଖ ରହିଛି । ଯଦି ଏହି ଦାବିପତ୍ର ପ୍ରଦାନ ପରେ ଜୁଲାଇ ଏକ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରେଳ ରୋକ୍ ଆନ୍ଦୋଳନ କରିବାକୁ ବାଧ ହେବୁ ଓ ଏଥିରେ କିଛି ବ୍ୟାଘାତ ହେଲେ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ରେଳ ବିଭାଗ ଦାୟୀ ବିଭାଗ ରହିବେ ବୋଲି ବରିଷ୍ଠ ନେତା ହରିହର ମିଶ୍ର ଜଣେଇଛନ୍ତି । ଏହି ଦାବିପତ୍ର ପ୍ରଦାନ କରିବା ସମୟରେ ସିକରପାଇ ମଣ୍ଡଳ ସଭାପତି ମନୋଜ କୁମାର ସେଠୀଙ୍କ ସହ ଜେକେ ମଣ୍ଡଳ ସଭାପତି ତରୁଣ ଗରଡ଼ିଆ, ବରିଷ୍ଠ ନେତା ହଳଧର ମିଶ୍ର, ଶିବ ଭାଇ, ସୁରେଶ ଗୁଡ୍ଲା, ଶିକରପାଇ ମଣ୍ଡଳ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟେଲ୍, ମହିଳା ମୋର୍ଚ୍ଚା ସଭାପତି ପ୍ରମିଳା ନାୟକ, ଯୁବ ମୋର୍ଚ୍ଚା ସଭାପତି ଦିଲିପ୍ ମିଣୀଆକା, ଆଦିବାସୀ ମୋର୍ଚ୍ଚା ସଭାପତି ଯମୁନା ମିଣିଆକା, ଯୁବ ମୋର୍ଚ୍ଚା ସମ୍ପାଦକ ମନୋଜ ପଟନାୟକ ଏବଂ ଭାରତୀୟ ଜନତା ପାର୍ଟିର ଅନେକ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଫେରାର ଯୁବକ ଗିରଫ

ଖଡ଼ିଆଳ,(ଭାସ୍କର ନ୍ୟୁଜ):ଖଡ଼ିଆଳ ଥାନା ଦ୍ୱାରା ଜାମିନ ବିହୀନ ପରୱାନା କରାଯାଇଥିବା ଯୁବକକୁ ଗତ ବୁଧବାର ପୋଲିସ ଗିରଫ କରି ଗତକାଲି ଗୁରୁବାର କୋର୍ଟଚାଲାଣ କରିଥିବା ସୂଚନା ମିଳିଛି । ପ୍ରାପ୍ତ ଖବର ଅନୁସାରେ, ଖଡ଼ିଆଳ ଥାନା ଅନ୍ତର୍ଗତ ଅଞ୍ଚଳପୁର ଗାଁର କୁଞ୍ଜ ଅଦା ନାମକ ଯୁବକ ଡୁକଲା ଗାଁର ଜଣେ ଯୁବତୀକୁ ବାହା ହୋଇଥିଲା ଏବଂ ବିଭିନ୍ନ ସମୟରେ ଯୁବତୀକୁ ବିଭିନ୍ନ ଆଳରେ ମାରପିଟ, ଗାଳି ଗୁଲଜ, ଏବଂ ଫୋନରେ ଧମକ ଦେବା ସହ ଦ୍ୱିତୀୟ ବିବାହ ମଧ କରିଥିଲେ । ଏ ନେଇ ଖଡ଼ିଆଳ ଥାନାରେ ୨୦୨୦-୨୧ରେ ଏକ ଅଭିଯୋଗ କରାଯାଇଥିଲା । ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରୁଥିଲାବେଳେ କୁଞ୍ଜ କୁଆଡେ ଫେରାର ହୋଇଯାଉଥିଲା । ପୋଲିସ ଜାଲବିଛାଇ ତାକୁ ଗତ ବୁଧବାର ଦିନ ତାର ଗାଁ ଅଞ୍ଚଳପୁର ଠାରୁ ଗିରଫ କରି ଗୁରୁବାର ଦିନ କୋର୍ଟ ଚାଲାଣ କରିଛି ।

## ଆରଏମ୍‌ସି ଶୌଚାଳୟ ଖୋଲିବାକୁ ଦାବି




ଚମ୍ପୁଆ,(ଭାସ୍କର ନ୍ୟୁଜ):ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ସାପ୍ତାହିକ ହାଟ ଏକ ବଡ ହାଟ ଭାବରେ ଆଖ ପାଖ ଅଞ୍ଚଳରେ ଜଣାଶୁଣା । ପ୍ରତି ସୋମବାର ବସୁଥିବା ଏହି ହାଟକୁ ଆଖ ପାଖ ଅଞ୍ଚଳରୁ ଅନେକ ଲୋକ ନିଜ ଉତ୍ପାଦିତ ପନି ପାରିବା ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିବାକୁ ଆସନ୍ତି । ପ୍ରକାଶ ଥାଉ କି ଏହି ହାଟ ରେ ପନିପାରିବା, ଲୁଗା, ତେଜରାତି ସାମଗ୍ରୀ, ଜୋତା, କଂସା ବାସନ ଠାରୁ ଆରମ୍ଭ କରି କୁକୁଡ଼ା ଓ ଛେଳି ମେଣ୍ଢା ପର୍ଯ୍ୟନ୍ତ ସବୁ କିଣା ବିକା ହୁଏ । ଏଥିପାଇଁ ଏହି ହାଟକୁ ଆଖ ପାଖର ଲୋକମାନେ ଆସିବା ସହିତ ଅନେକ ଦୂର ଦୁରାନ୍ତରରୁ ବ୍ୟବସାୟୀମାନେ ମଧ ଆସିଥାନ୍ତି । ହାଟରେ ସକାଳୁ ସନ୍ଧ୍ୟାଯାଏଁ ପ୍ରବଳ ଜନଗହଳି ଦେଖିବାକୁ ମିଳେ । ଚମ୍ପୁଆ ଆର୍‌ଏମ୍‌ସି ପକ୍ଷରୁ ଏହି ହାଟକୁ ସାମଗ୍ରୀ ବିକ୍ରିକରିବାକୁ ଆସିଥିବା ଲୋକମାନଙ୍କ ଠାରୁ ସେମାନେ ବିକ୍ରିକରିବାକୁ ଆଣିଥିବା ସାମଗ୍ରୀ ଅନୁସାରେ କର ଆଦାୟ କରିଥାନ୍ତି । ଏକ ବର୍ଷରୁ ଅଧିକ ହେବ ଚମ୍ପୁଆ ଆର୍‌ଏମ୍‌ସି ତରଫରୁ ଏହି ହାଟରେ ଲୋକମାନଙ୍କ ପାଇଁ ଏକ ଶୌଚାଳୟ ତିଆରି କରାଯାଇଛି । କିନ୍ତୁ ଦୁଃଖର ବିଷୟ ଏହି ଶୌଚାଳୟ ତିଆରି ହେବା ଦିନଠାରୁ ସେଥିରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ହାଟକୁ ଆସୁଥିବା ଜନସାଧାରଣ ଶୌଚ ହେବାପାଇଁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି । ହାଟକୁ ଆସୁଥିବା ମହିଳା ମାନେ ଏହି ଶୌଚାଳୟ ବନ୍ଦ ଥିବା ଯୋଗୁ ଶୌଚ ହେବାପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଦୃଷ୍ଟିଗୋଚର ହେଉଛି । ଚମ୍ପୁଆ ଆରଏମ୍‌ସି କର୍ତ୍ତୃପକ୍ଷ ଏହି ହାଟରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଥିବା ବେଳେ ଜନ ସାଧାରଣଙ୍କୁ ଶୌଚାଳୟ ପରି ଏକ ମୌଳିକ ସୁବିଧା ଯୋଗାଇ ଦେବାରେ ଅସମର୍ଥ ହେଉଥିବାରୁ ହାଟକୁ ଆସୁଥିବା ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଚମ୍ପୁଆ ଆର୍‌ଏମ୍‌ସି ସେକ୍ରେଟାରୀ ଦିଗମ୍ବର ପ୍ରଧାନଙ୍କୁ ଏ ବିଷୟରେ ଫୋନ ଯୋଗେ ପଚାରିବାରୁ ସେ ପ୍ରଥମେ ଶୌଚାଳୟ ପ୍ରତି ହାଟଦିନ ଖୋଲା ରହୁଛି ବୋଲି ସଫେଇ ଦେଇଥିଲେ । କିନ୍ତୁ ଆମ ପ୍ରତିନିଧି ଏହି ଶୌଚାଳୟ କୌଣସି ହାଟଦିନ ଖୋଲା ନ ରହୁଥିବାର ପ୍ରମାଣ ରହିଥିବା କଥା କହିବାରୁ ସେକ୍ରେଟାରୀ ମହୋଦୟ ମୁଁ ମୋ ରିମୁଳି ହାଟ ଡିଉଟିରେ ଥିବା କର୍ମଚାରୀଙ୍କୁ ହାଟ ଦିନ ଶୌଚାଳୟ ଖୋଲା ରଖିବା ପାଇଁ କହିଛି, ଯଦି ସେମାନେ ଶୌଚାଳୟକୁ ଖୋଲୁ ନାହାଁନ୍ତି ତେବେ ମୁଁ ଏବେ ଠାରୁ କିପରି ସବୁ ହାଟ ଦିନ ଶୌଚାଳୟ ଖୋଲା ରହିବ ସେ ପ୍ରତି ଦୃଷ୍ଟି ଦେବି ବୋଲି କହିଛନ୍ତି ।

## ପ୍ରତିଶ୍ରୁତିପରେ ପଥର ଖଣି ଚାଲୁକରିବାକୁ ସମ୍ମତି ପ୍ରଦାନ

ଖଇରପୁଟ,(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଗୌଡଗୁଡା ପଞ୍ଚାୟତ ରୁକ୍ମିଣିଗୁଡା ଗ୍ରାମ ନିକଟରେ ଦୀର୍ଘ ୧୫ ବର୍ଷ ହେଲା ଏକ ପଥର ଖଣିକୁ ରାଜସ୍ୱ ବିଭାଗ ନିଲାମ କରି ରାଜସ୍ୱ ଆଦାୟ କରୁଛି । ଏହି ପଥର ଖଣିରେ କ୍ରସର ବସାଇ ଉତ୍ପାଦିତ ମେଟାଲ, ଚିପ୍ସ ଜିଲ୍ଲାର ବିଭିନ୍ନ ଅଞ୍ଚଳର ରାସ୍ତା, ଗୃହ ଓ ପୋଲ ନିର୍ମାଣରେ ବିଭାଗ ଗୁଡ଼ିକ ବ୍ୟବହାର କରୁଛନ୍ତି । ଚଳିତ ବର୍ଷ ଏହି ଖଣି ନିଲାମ ନେଇଥିବା ବ୍ୟକ୍ତି ଏସ୍. ପରମେଶ୍ୱର ରାଓ ରାଜସ୍ୱ ବିଭାଗର ଚୁକ୍ତି ଅନୁଯାୟୀ ସବୁ ଅର୍ଥ ପୈଠ କରଛନ୍ତି । ତେବେ ରୁକ୍ମିଣିଗୁଡାବାସୀ ଗତ ମାସରେ ଅତିରିକ୍ତ ତହସିଲଦାର, ପିଇଓଙ୍କ ଉପସ୍ଥିତିରେ ଗ୍ରାମରେ ଏକବୈଠକ କରିଥିଲେ । ଏହି ବୈଠକରେ ଗ୍ରାମବାସୀ ସେମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଏହାର ସମାଧାନ ହୋଇ ପାରୁ ନ ଥିବାରୁ ସେମାନଙ୍କ ସମସ୍ୟା ଯଥା ପାରିପାର୍ଶ୍ୱିକ ଭିତ୍ତିଭୂମି ବିକାଶ ଲାଗି ଗ୍ରାମକୁ ବିଦ୍ୟୁତ୍, ପାନୀୟ ଜଳ, ପରିବେଶ, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି କରିଥିଲେ । ଏହି ସବୁ ଦାବିକୁ ସମ୍ପୃକ୍ତ ଲିଜଧାରୀ ମାନି ନେଇ ଏଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାରୁ ସବୁ ସମସ୍ୟାର ସମାଧାନ ହୋଇଥିବା ଜଣାପଡିଛି ।

## ଏକ୍ସ କ୍ୟାଡର ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ



ଖପ୍ରାଖୋଲ,(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଠାରେ ଏକ୍ସ କ୍ୟାଡର ଶିକ୍ଷକ ସଂଘ ର ବୈଠକ ମୋତିଲାଲ ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ରେ ପଦୋନ୍ନତି, ସେବା ପୁସ୍ତକ ଅପଡେଟ, ନିୟମିତ ଦରମା ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ଏକ ନୂତନ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା । ବ୍ଲକ ସଭାପତି ରୂପେ ମୋତିଲାଲ ତାଣ୍ଡି, ଉପସଭାପତି ରୂପେ ସପ୍ତା ସାହୁ, ରମେଶ ଭୋଇ, କାର୍ଯ୍ୟକାରୀ ସଭାପତି ରୂପେ ପ୍ରଫୁଲ୍ଲ ପ୍ରଧାନ, ସମ୍ପାଦକ ରୁପେ ମାଧବ ପଧାନ, କୋଷାଧ୍ୟକ୍ଷ ରୂପେ ରଞ୍ଜନ କୁମାର ମେହେର , ମନୋନୀତ ହୋଇଥିଲେ । କମିଟିର ଉପଦେଷ୍ଟା ରୁପେ ଭଗବାନ ସେଟ, ଜଗନ୍ନାଥ ପାଣ୍ଡେ, ମଳୟ ମେହେର, ବଳରାମ ସାହୁ, ପ୍ରଭାତ ସାହୁ, ପ୍ରମୋଦ ଦାସ, ସତ୍ୟବାନ ସାହୁ, ବ୍ୟାସଦେବ ବିଶ୍ୱାଳ ଓ ଧରମ ସିଂହ ଧାରୁଆ ମନୋନୀତ ହୋଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇନ୍ଦ୍ରମଣି ସାହୁ, ଶେଷଦେବ ଦାସ, ଉର୍ମିଳା ଯୋଶୀ, ସନ୍ଧ୍ୟାବତି ନାଗ, ଗୀତାଞ୍ଜଳି ସାହୁ, ଗୋଲାପି ତାଣ୍ଡି ସମେତ ଶିକ୍ଷୟିତ୍ରି, ଶିକ୍ଷକ ଉପସ୍ଥିତ ଥିଲେ । ଶେଷରେ ଧରମ ସିଂହ ଧରୁଆ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର'ର ୬ ଜିଲ୍ଲା ପରିକ୍ରମା




ବରଗଡ଼,(ଭାସ୍କର ନ୍ୟୁଜ): ଛାତ୍ରଛାତ୍ରୀଙ୍କୁ ପୁସ୍ତକ ମନସ୍କ କରାଇବା, ପୁସ୍ତକ ପ୍ରତି ଆଗ୍ରହ ବଢାଇବାର ବାର୍ତ୍ତା ଦେବା ଓ ସେମାନଙ୍କ ହାତ ପାଆନ୍ତାରେ ଶିଶୁ ସାହିତ୍ୟ ଆଧାରିତ ପୁସ୍ତକ ପହଞ୍ଚାଇବା ତଥା ଶିଶୁ ସାହିତ୍ୟର ବିକାଶର ବାର୍ତ୍ତା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ପରିକ୍ରମା କରୁଥିବା ବରଗଡ଼ର 'ଶିଶୁଶ୍ରୀ' ଭ୍ରାମ୍ୟମାଣ ପାଠାଗାର ବରଗଡ଼, ପୁରୀ, ଯାଜପୁର, କଟକ, ବାଲେଶ୍ୱର ପରିକ୍ରମା କରି ଷଷ୍ଠ ଜିଲ୍ଲା କ୍ରମରେ ଖୋର୍ଦ୍ଧା ଜିଲ୍ଲାର ଡମଣା ଅନ୍ତର୍ଗତ ଗାଡକଣ ଗ୍ରାମର ଗଡେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ 'ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମ'ର ଆୟୋଜନ କରିଛି । 'ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର' ର ଆବାହକ ଶିଶୁ ସାହତ୍ୟିକ ଡକ୍ଟର ରବିନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ତଥା ଶିଶୁ ସାହତ୍ୟିକ ଡକ୍ଟର ଶରତ କୁମାର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ପାଇଁ ପୁସ୍ତକ ଓ ପାଠାଗାରର ଉପାଦେୟତା ତଥା ଛାତ୍ର ଜୀବନ ରେ ପୁସ୍ତକ ପଠନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସହଦେବ ପଣ୍ଡା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଗାହାଣ ଓ ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ମହାପାତ୍ର ଛାତ୍ର ଛାତ୍ରୀ ମାନେ ପାଠ୍ୟ ପୁସ୍ତକ ସହିତ ଗପ, କବିତା ଓ ମହାପୁରୁଷ ଜୀବନୀ ଆଧାରିତ ପୁସ୍ତକ ଓ ପତ୍ର ପତ୍ରିକା ପାଠ କରିବାକୁ ପରାମର୍ଶ ଦେଇଥିଲେ । ପଠିତ ପୁସ୍ତକ ଉପରେ ବକ୍ତବ୍ୟ ରଖି ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ଅମିତ ମହାପାତ୍ର, ମୋନାଲିସା ଦାଶ, ସ୍ନିଗ୍ଧା ସେଫାଳି ବରାଳ ଓ ଜାହାନାରା ବେଗମ୍‌ଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷକ ଦୋଳଗୋବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିନି ଷ୍ଟାଡିୟମରେ ଆଲୋକ ବ୍ୟବସ୍ଥା ଦାବି




ରାଇଘର,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡିଏନ୍‌କେ ଠାରେ ଥିବା ମିନି ଷ୍ଟାଡିୟମରେ ଆଲୋକ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି । ଷ୍ଟାଡିୟମ୍ ମଧ୍ୟରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଅନ୍ଧାର ରହୁଛି । ଫଳରେ ତାହା ମଦ୍ୟପଙ୍କ ଆଡ୍ଡା ସ୍ଥଳି ପାଲଟିଛି । ପ୍ରକାଶ ଥାଉ କି ସନ୍ଧ୍ୟା ସମୟରେ ଅସାମାଜିକ ବ୍ୟକ୍ତିମାନଙ୍କ ଭିଡ଼ ହୋଇ ଷ୍ଟାଡିୟମ୍ ମଧ୍ୟରେ ମଦ୍ୟପାନ କରି ଷ୍ଟାଡିୟମ୍‌ର ଏଣେ ତେଣେ ମଦ ପିଇ ବୋତଲ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ଷ୍ଟାଡିୟମ୍‌କୁ ଲାଗି କି ଜନ ଜାତି ଉନ୍ନୟନ ବିଭାଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାଙ୍ଗକୁ ବାଳକ ଓ ବାଳିକା ହଷ୍ଟେଲ ରହିଅଛି । ତାସହ ଷ୍ଟାଡିୟମ୍ ଦେଇ ସ୍କୁଲ ଛାତ୍ର ଛାତ୍ରୀ ଏବଂ ସେ ପାଖରେ ଥିବା ବସ୍ତିକୁ ସାଧାରଣ ଲୋକ ଯିବା ଆସିବାକୁ ଉଚିତ୍ ମନେ କରୁନାହାନ୍ତି । ତେଣୁ ସ୍ଥାନୀୟ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଏହା ଉପରେ ନଜର ଦେଇ ଏହାର ସମାଧାନ ନିମନ୍ତେ ସାଧାରଣରେ ଦାବି ହେଉଛି ।

## ବ୍ଲକ ଅଧ୍ୟକ୍ଷା ଓ ବିଧାୟକ ପ୍ରତିନିଧିଙ୍କ ମାଣ୍ଡସିଲ ଗାଁ ପରିଦର୍ଶନ



ଖଡ଼ିଆଳ,(ଭାସ୍କର ନ୍ୟୁଜ): ଖଡ଼ିଆଳ ବ୍ଲକର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ବ୍ଲକର ସମସ୍ତ ପଞ୍ଚାୟତ ଗାଁ ପରିଦର୍ଶନ କରି ସମସ୍ୟା ଓ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରି ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବା ଜଣାପଡ଼ିଛି । ପ୍ରାପ୍ତ ଖବର ଅନୁସାରେ, ମାଣ୍ଡସିଲ ଗାଁରେ ଚାଲିଥିବା ଆଦର୍ଶ ପୋଖରୀ କାର୍ଯ୍ୟର ତଦାରଖ କରି ଆଗକୁ ବୃଷ୍ଟିପାତ ଥିବା କାରଣରୁ ଆଉ କାମ ହୋଇ ପାରିବ ନାହିଁ ଏଣୁ ଯେତିକି କାମହୋଇଛି ସେତିକିର ମାପ କରି ତାଙ୍କ ପାରିଶ୍ରମିକପ୍ରାପ୍ୟ ତୁରନ୍ତପ୍ରଦାନ କରିବାକୁ ବିଭାଗୀୟଯନ୍ତ୍ରୀକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ତଦାରଖରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ନନ୍ଦଙ୍କ ସହ ତାଙ୍କ ସ୍ୱାମୀ ତଥା ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ମଧ ଥିଲେ । ତାଙ୍କୁ ଗ୍ରାମବାସୀ ଶତାଧିକ ସଂଖ୍ୟାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେହିପରି ଗାଁରେ ହାଇମାଷ୍ଟ ଷ୍ଟ୍ରିଟଲାଇଟ ବିବାଦ ଲାଗି ରହିଥିଲାବେଳେ ଦୁଇଟି ହାଇମାଷ୍ଟ ଷ୍ଟ୍ରିଟଲାଇଟ ପ୍ରଦାନକରିବାକୁ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଗସ୍ତରେ ସରପଞ୍ଚ ସୁବାସିନୀ ପାନ, ସମିତିସଭ୍ୟ ଡୋଲାମଣି ପଣ୍ଡା, ପୂର୍ବତନ ସରପଞ୍ଚ ରାଧେ ରଣା, ବିଭାଗୀୟ ଯନ୍ତ୍ରୀ, ମାଣ୍ଡସିଲ ପଞ୍ଚାୟତର କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଆସନ୍ତା ସେପ୍ଟେମ୍ବର ଏକ ତାରିଖ ମଧ୍ୟରେ ପଞ୍ଚାୟତ ନିର୍ମାଣ କାର୍ଯ୍ୟ ଶେଷକରାଯିବ ଏବଂ ନୂଆଖାଇ ଦିନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ ହେବ ବୋଲି ପ୍ରତଶ୍ରୁତି ଦେଇଛନ୍ତି । ସେହିପରି ପଞ୍ଚାୟତ ପାଖ ବର ଗଛ ତଳେ ଚାନ୍ଦିନୀ ନିର୍ମାଣ କରାଯିବା ସହ ଗୋଟିଏ ଓଭର ଟ୍ୟାଙ୍କ ନିର୍ମାଣକରି ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରତଶ୍ରୁତି ଦେଇଛନ୍ତି ।

## ଅଧ୍ୟାପକଙ୍କ ପତ୍ନୀ ନାଁରେ ଫେକ୍ ଆକାଉଣ୍ଟ ଖୋଲିବା ନେଇ ଏତଲା

କାଳିମେଳା,(ଭାସ୍କର ନ୍ୟୁଜ): କାଳିମେଳାସ୍ଥିତ ଗୋପବନ୍ଧୁ ଆଞ୍ଚଳିକ ମହାବିଦ୍ୟାଳୟର ଜଣେ ଅଧ୍ୟାପକଙ୍କ ପତ୍ନୀଙ୍କ ନାମରେ ଇନଷ୍ଟାଗ୍ରାମରେ ଏକ ଫେକ ଆକାଉଣ୍ଟ କରି ସେଥିରେ କିଛି ଆପତ୍ତିଜନକ ଫଟୋ ଓ ଲେଖା ପୋଷ୍ଟ କରିବା ଘଟଣାକୁ ନେଇ କାଳିମେଳା ଥାନାରେ ଏକ ଏତଲା ରୁଜୁ କରାଯାଇଥିବା ଜଣାପଡ଼ିଛି । ମହିଳାଙ୍କ ସ୍ୱାମୀ ଆଜି ଏ ସଂପର୍କରେ କାଳିମେଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ-୧୬୩, ଆଇଟି ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଯୋଗ୍ୟ ଯେ ଇନଷ୍ଟାଗ୍ରାମରେ କେହି ଦୁର୍ବୃତ୍ତ ଅଧ୍ୟାପକଙ୍କ ପତ୍ନୀଙ୍କ ନାମରେ ଫେକ ଆକାଉଣ୍ଟ ଖୋଲି କିଛି ଆପତ୍ତିଜନକ ଫଟୋ ଓ ଲେଖା ଥିବାର ଜଣାପଡ଼ିବା ପରେ ମହିଳାଙ୍କ ସ୍ୱାମୀ କାଳିମେଳା ଥାନାରେ ଆଜି ଲିଖିତ ଅଭିଯୋଗ କରିଛନ୍ତି । ତେବେ କାଳିମେଳା ଅଞ୍ଚଳର କେହି ଦୁର୍ବୃତ୍ତ ଏପରି କରିଥିବାର ପୋଲିସ ସନ୍ଦେହ କରୁଛି । ତେବେ ଏହା ଉପରେ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି କାଳିମେଳା ଥାନା ଅଧିକାରୀ ରଘୁନାଥ ମାଝୀ ।

## ରେଳ ଡିଭିଜନ ଡିଆରଏମ୍‌ଙ୍କ କୋରାପୁଟ ଗସ୍ତ




କୋରାପୁଟ,(ଭାସ୍କର ନ୍ୟୁଜ): ବିଶାଖାପାଟଣା ରେଳ ଡିଭିଜନ ଡିଆରଏମ ଅନୁପ ଶତପଥୀ କୋରାପୁଟ ଓ ଜୟପୁର ରେଳ ଷ୍ଟେସନ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଉଭୟ ଷ୍ଟେସନର ଉନ୍ନତିକରଣ କାମର ଅନୁଧ୍ୟାନ କରିଛନ୍ତି । କୋରାପୁଟ-ରାୟଗଡା ରେଳପଥର ଦୌହରୀକରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ବେଳେ କାର୍ଯ୍ୟର ସମୀକ୍ଷା କରିଛନ୍ତି । କୋରାପୁଟ-ରାୟଗଡା ରେଳପଥରେ ବହୁ ପାହାଡ ରହିଥିବାରୁ ଦୋହରୀକରଣ କାର୍ଯ୍ୟରେ ସମୟ ଲାଗୁଛି । କିନ୍ତୁ କାମ ଠିକଣା ଭାବେ ଜାରି ରହିଛି ବୋଲି ଡିଆରଏମ କହିଛନ୍ତି । କୋରାପୁଟ ବାଇପାସ ରାସ୍ତା ନିର୍ମାଣ ନେଇ ଜମି ସମସ୍ୟାର ସମାଧାନ ହୋଇଯାଇଛି । ରାସ୍ତା ନିର୍ମାଣ ନିମନ୍ତେ ଆବଶ୍ୟକ ଜମି ରେଳ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଦିଆଯାଇଛି। ଏଣୁ ବାଇପାସ୍ ରାସ୍ତା ନିର୍ମାଣ ଦାୟିତ୍ୱ ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କର ବୋଲି କହିଛନ୍ତି । ଅନ୍ୟପକ୍ଷରେ ଜୟପୁର-ନବରଙ୍ଗପୁର ଓ ଜୟପୁର -ମାଲକାନଗିରି ରେଳପଥ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ କାମ ଜାରି ରହିଛି । ଜମି ଅଧିଗ୍ରହଣ ସରିବା ପରେ ରେଳପଥ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯିବ ବୋଲି ସୂଚନା ଦେଇଛନ୍ତି । କୋରାପୁଟ ସ୍ୱତନ୍ତ୍ର ସର୍କଟ ହାଉସରେ ଡିଆର୍‌ଏମ୍ ଓ କୋରାପୁଟ ଜିଲ୍ଲାପାଳଙ୍କ ମଧ୍ୟରେ ଜମି ସମସ୍ୟାର ସମାଧାନ ଓ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଥିଲା । ବିଶାଖାପଟଣା ରେଳ ଡିଭିଜନର ସମସ୍ତ ବିଭାଗର ଅଧିକାରୀ ଏହି ସମୟରେ ଉପସ୍ଥିତ ଥିଲେ।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଜାତୀୟ ପାଠଚକ୍ର ଉଦ୍‌ଘାଟିତ

ଗୁଣୁପୁର,(ଭାସ୍କର ନ୍ୟୁଜ): ଜିଆଇଇଟ ବିଶ୍ୱବିଦ୍ୟାଳୟର ମେକାନିକାଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଦୁଇ ଦିନିଆ ଜାତୀୟ ପାଠଚକ୍ର ଆଜି ଅନଲାଇନ ମାଧ୍ୟମରେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନ୍‌ଆଇଟି ରାଉରକେଲାର ପ୍ରଫେସର ଡଃ ଶିବ ଶଙ୍କର ମହାପାତ୍ର, ଏନ୍‌ଆଇଟି ଅରୁଣାଚଳପ୍ରଦେଶର ପ୍ରଫେସର ଡଃ ଅନୁପ ପଲ, ମଦୁରାଇ ସ୍ଥିତ ଥିୟାଗ ରାଜର ମହାବିଦ୍ୟାଳୟର ପ୍ରଫେସର ଡଃ ଏମ ପଲଣିନାଥ ରାଜା, ଦିଲ୍ଲୀ ବୈଷୟିକ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡଃ ସୁରେଶ କୁମାର ଗର୍ଗ ପ୍ରମୁଖ ଅଂଶଗ୍ରହଣ କରି ଶକ୍ତି ଏବଂ ସାମଗ୍ରୀ ଉତ୍ପାଦନ ଉପରେ ଗବେଷଣା କରିବା ଦିଗରେ ନିଜ ନିଜ ମତବ୍ୟକ୍ତ କରିଥିଲେ ।ବିଶ୍ୱ ବିଦ୍ୟାଳୟର କୁଳପତି ଡଃ ଗୌତମ ଘୋଷ, ଡିନ ଏକାଡ଼େମୀକ୍ସ ଡଃ ଏଭିଏନ୍‌ଏଲଶର୍ମା, ବିଭାଗୀୟ ମୁଖ୍ୟ ପ୍ରଫେସର ଶିବବ୍ରତ ମହାନ୍ତି, ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠଚକ୍ରର ଉପଯୋଗିତା ବିଷୟରେ କହିଥିଲେ । ପାଠଚକ୍ରର ଆବାହକ ଡଃ ପ୍ରବୀଣ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ଼ଃ କାଳୀ ଚରଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ହେମକାନ୍ତ ସାଏ ନୂଆପଡ଼ାର ନୂଆ ଜିଲ୍ଲାପାଳ



ନୂଆପଡ଼ା,(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଆଜି ଭାରତୀୟ ପ୍ରଶାସନିକ ସେବା(ଆଇଏଏସ) ସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି । ଏହି କ୍ରମରେ ନୂଆପଡ଼ା ଜିଲ୍ଲାପାଳ ସ୍ୱାଧାଦେବ ସିଂଙ୍କୁ ରାୟଗଡ଼ା ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ଅନ୍ୟପକ୍ଷେ କୋରାପୁଟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ହେମକାନ୍ତ ସାଏ ନୂଆପଡ଼ାର ନୂତନ ଜିଲ୍ଲାପାଳ ଭାବେ ନିଯୁକ୍ତ ହୋଇଛନ୍ତି । ଶ୍ରୀ ସାଏ ୧୯୮୭ ଜୁନ ୨୯ରେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅଙ୍କଲପଡ଼ା ଗାଁ'ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ହିନ୍ଦୁରାମ ସାଏ ଜୟପୁରରେ ସର୍ବଭାରତୀୟ ରେଡିଓର ରିପୋର୍ଟର ଥିଲେ । ପିଲାଦିନରୁ ଶ୍ରୀ ସାଏ ଜୟପୁର ସହରରେ ପରିବାର ସହ ରହୁଥିଲେ । ଜୟପୁର ପାଇକ ଷ୍ଟିଟରେ ପ୍ରାଥମିକ ଶିକ୍ଷା ଲାଭ ପରେ ଉପର କୋଲାବ ହାଇସ୍କୁଲରେ ଶିକ୍ଷା ଲାଭ କରିଥିଲେ । ଭିଡି କଲେଜରେ ଯୁକ୍ତ ଦୁଇ ଓ କାନପୁର ଆଇଟିଆଇରେ ମେକାନିକାଲ ଇଞ୍ଜିନିୟରିଂ କରିଥିଲେ । ୨୦୧୧ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଜୁନିଅର ମ୍ୟାନେଜର ଭାବେ ନିୟୋଜିତ ହୋଇଥିବା ଶ୍ରୀ ସାଏ ୨୦୧୫ରେ ୧୯ ର୍ୟାଙ୍କରେ ଓଏଏସ ପାଇଥିଲେ । ୨୦୧୭ ବ୍ୟାଚରେ ୬୩୪ ର୍ୟାଙ୍କରେ ଆଇଏଏସ ପାଇଥିଲେ । ପ୍ରଥମେ କୋରାପୁଟ ଉପ-ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିବା ଶ୍ରୀ ସାଏ ସେଠାରେ ଡିଆରଡିଏ ପିଡି ଭାବେ କାମ କରୁଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଜନମ ଭୂମି ଯେ ମାଟି ପଥରର ଜନନୀ କି ବଳି ବଡ?
ସେ ଜନମ ଭୂମି ସେବା ଯେ କରଇ ନର ଜନ୍ମ ଧନ୍ୟ ତା'ର।"
-ପଣ୍ଡିତ ଗୋଦାବରିଶ ମିଶ୍ର



"ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ
ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ।"
-ମଧୁସୂଦନ ରାଓ



## 'ଅଗ୍ନିପଥ'କୁ ନେଇ ପ୍ରତିବାଦର ଝଡ଼
# ତରବରିଆ ପଦକ୍ଷେପ ଅନୁଚିତ

ସେନା ବାହିନୀରେ ନିଯୁକ୍ତି ପାଇଁ କେନ୍ଦ୍ର ସରକାର 'ଅଗ୍ନିପଥ' ଯୋଜନା ଘୋଷଣା କରିବାର ୨୪ ଘଣ୍ଟା ନପୂରୁଣୁ ଦେଶର ବହୁ ଅଞ୍ଚଳରେ ପ୍ରତିବାଦର ସ୍ୱର ଉଠିଛି। ବିଶେଷ କରି ହିନ୍ଦୀଭାଷୀ ରାଜ୍ୟଗୁଡ଼ିକରେ ଏହା ବିରୋଧରେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ ସହ ବ୍ୟାପକ ଭଙ୍ଗାରୁଜା ଓ ଜଳାପୋଡ଼ା ଘଟଣା ସାମ୍ନାକୁ ଆସିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଙ୍ଗଳବାର ଦିନ ତିନି ସେନା ବାହିନୀର ମୁଖ୍ୟଙ୍କ ଉପସ୍ଥିତିରେ 'ଅଗ୍ନିପଥ' ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଯୋଜନା ଅନୁଯାୟୀ ସେନାବାହିନୀକୁ ଆସିବାକୁ ଚାହୁଁଥିବା ଯୁବକ ଯୁବତୀଙ୍କୁ କେତେକ ସର୍ତ୍ତରେ ସ୍ୱଳ୍ପକାଳୀନ ନିଯୁକ୍ତି ଦିଆଯିବ, ଯଦ୍ୱାରା ସେମାନେ ସଶସ୍ତ୍ର ବାହିନୀକୁ ସହଯୋଗ କରିବା ସଙ୍ଗେ ସଙ୍ଗେ ଦେଶବାସୀଙ୍କୁ ସୁରକ୍ଷା ଯୋଗାଇ ଦେଇ ପାରିବେ। ନିଯୁକ୍ତି ପାଇଥିବା ଯୁବକ ଓ ଯୁବତୀମାନେ 'ଅଗ୍ନିବୀର' ନାମରେ ନାମିତ ହେବେ। କେବଳ ୧୭ରୁ ୨୩ ବର୍ଷ ବୟସର ଯୁବକ-ଯୁବତୀଙ୍କୁ ନିଯୁକ୍ତିର ସୁଯୋଗ ମିଳିବ। ତେବେ ବଡ଼କଥା ହେଉଛି 'ଅଗ୍ନିବୀର'ମାନଙ୍କୁ ମାତ୍ର ୪ବର୍ଷ ପାଇଁ ନିଯୁକ୍ତି ଦିଆଯିବ ଓ ସେମାନଙ୍କର ମାସିକ ଦରମା ୩୦ ହଜାରରୁ ୪୦ ହଜାର ଟଙ୍କା ରହିବ। ଚାକିରୀ କାଳ ୪ବର୍ଷ ଶେଷ ହେବା ପରେ ମାତ୍ର ୨୫ ପ୍ରତିଶତ 'ଅଗ୍ନିବୀର'ଙ୍କ ନିଯୁକ୍ତି ଅବଧିକୁ ବୃଦ୍ଧି କରାଯିବ ଏବଂ ଅବଶିଷ୍ଟ ୭୫ ପ୍ରତିଶତଙ୍କୁ ପ୍ୟାକେଜ ଦିଆଯାଇ ଚାକିରୀରୁ ବିଦା କରିଦିଆଯିବ। ବିଦା ହୋଇଥିବା 'ଅଗ୍ନିବୀର'ମାନଙ୍କ ପାଇଁ କୌଣସି ପେନସନର ବ୍ୟବସ୍ଥା ରହିବ ନାହିଁ। କେବଳ ଯେଉଁ ୨୫ ପ୍ରତିଶତଙ୍କ ନିଯୁକ୍ତି ଅବଧି ଆଉ ୧୫ ବର୍ଷ ବୃଦ୍ଧି ପାଇବ, ସେହିମାନେ ହିଁ ପେନସନ୍ ପାଇବାକୁ ହକ୍‌ଦାର ହେବେ। 'ଅଗ୍ନିବୀର'ଙ୍କ ୟୁନିଫର୍ମରେ ଯେଉଁ ଚିହ୍ନ ଲଗାଯିବ, ତାହା ତିନି ବାହିନୀଠାରୁ ପୃଥକ୍ ରହିବ। ପ୍ରଥମ ପର୍ଯ୍ୟାୟରେ ତିନି ବାହିନୀରେ ପ୍ରାୟ ୪୫ ହଜାର ଅଗ୍ନିବୀରଙ୍କୁ ନିଯୁକ୍ତି ଦିଆଯିବ ବୋଲି ଘୋଷଣା କରାଯାଇଛି। ତେବେ ଏହି ନୂତନ କେନ୍ଦ୍ରୀୟ ଯୋଜନା ଦେଶର ଯୁବବର୍ଗଙ୍କୁ ଆକୃଷ୍ଟ କରିବା ପରିବର୍ତ୍ତେ ଅଧିକ ବିକ୍ଷୁବ୍ଧ ଓ ଉତ୍ତେଜିତ କରିଥିବାର ଲକ୍ଷ୍ୟ କରାଯାଉଛି। ଅଗ୍ନିବୀର ଚାକିରୀ ପାଇଁ ସରକାର ଧାର୍ଯ୍ୟ କରିଥିବା ସର୍ତ୍ତାବଳୀ ହିଁ ସେମାନଙ୍କ ଅସନ୍ତୋଷର ମୂଳ କାରଣ ହୋଇଛି। ପ୍ରଶ୍ନ ଉଠୁଛି ମାତ୍ର ୪ ବର୍ଷର ନିଯୁକ୍ତି ମିଆଦ ଶେଷ ହେବା ପରେ ସେମାନଙ୍କ ଅବଶିଷ୍ଟ ଭବିଷ୍ୟତ କିପରି କଟିବ? ସେମାନେ ପରିବାର ନେଇ ଚଳିବେ କିପରି? ୪ବର୍ଷର ନିଯୁକ୍ତିରୁ ଅବସର ଗ୍ରହଣ କରିବା ପରେ ସେମାନେ ଅନ୍ୟ ଚାକିରୀ ପାଇଁ ପ୍ରସ୍ତୁତ ହେବା ସମ୍ଭବ ନୁହେଁ ଏବଂ ସେତେବେଳକୁ ଅନେକଙ୍କର ନିଯୁକ୍ତି ବୟସ ଅତିକ୍ରାନ୍ତ ହୋଇ ସାରିଥିବ। ତେଣୁ ଅବଶିଷ୍ଟ ଜୀବନ ବେକାରୀରେ କଟିବାର ଆଶଙ୍କା ଅଧିକ ବୋଲି ବିକ୍ଷୋଭକାରୀ ଯୁବକ ଦର୍ଶାଇଛନ୍ତି। କେବଳ ଆଶାୟୀ ଯୁବକ ନୁହନ୍ତି, ଅବସରପ୍ରାପ୍ତ ସେନା କର୍ମଚାରୀ ଓ ଅଧିକାରୀମାନେ ମଧ୍ୟ ଏହି ଯୋଜନାକୁ ସମାଲୋଚନା କରିଛନ୍ତି। ଅଗ୍ନିବୀରଙ୍କ ଚାକିରୀ ଅବଧି ୪ ବର୍ଷରୁ ୭ ବର୍ଷକୁ ବୃଦ୍ଧି ଓ କ୍ୟାଡ଼ର ନିଯୁକ୍ତି ସଂଖ୍ୟା ୨୫ ପ୍ରତିଶତରୁ ୫୦ ପ୍ରତିଶତକୁ ବଢ଼ାଇ ଦିଆଗଲେ ଏହି ଯୋଜନାରୁ କିଛିଟା ସୁଫଳ ମିଳିପାରେ ବୋଲି କେତେକ ପୂର୍ବତନ ସେନା ଅଧିକାରୀ ମତ ଦେଇଛନ୍ତି। ଏହାରି ଭିତରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାରୁ ଏକ ଦୁଃଖଦ ଖବର ହସ୍ତଗତ ହୋଇଛି। ସେନା ବାହିନୀରେ ସ୍ଥାୟୀ ନିଯୁକ୍ତି ପାଇବାର ଆଶା ମଉଳିଯିବା ପରେ ସୋରରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଦେଶବ୍ୟାପୀ ପ୍ରତିବାଦକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତରବରିଆ ଭାବରେ କୌଣସି ପଦକ୍ଷେପ ନନେଇ ଏହି ଯୋଜନା ସମ୍ପର୍କରେ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି।

# ଭୋକ ଓ ଭୂତାଣୁ ଏକ ମାରାତ୍ମକ ଘାତକ

ଡ଼ଃ. କିଶୋରମହାନ୍ତି
ଅରଙ୍ଗାବାଦ
ମୋ -୯୪୩୭୭୨୮୪୭୫

ଭୋକ ଓ ଭୂତାଣୁ ସମାନ୍ତରାଳ ଭାବର ସଂପ୍ରତି ଗତି କରି ଚାଲିଛନ୍ତି। ଯଦିଓ ଭୋକ ସର୍ବକାଳୀନ କିନ୍ତୁ ଭୂତାଣୁର ସ୍ଥିତି ସାମୟିକ। ଏହା ସତ୍ୟ ଯେ ଭୂତାଣୁ ଅପେକ୍ଷା ଭୋକ ଆହୁରି ଭୟଙ୍କର। ବିଶ୍ୱରେ ଭୋକ ଆଉ ଭୂତାଣୁ ମଣିଷ ଜୀବନକୁ ଛିନ୍‌ଭିନ୍ କରିବାରେ ଲାଗିଛନ୍ତି। ଭୋକ ଦୀର୍ଘକାଳୀନ ଥିଲାବେଳେ ଭୂତାଣୁର ଭୟଙ୍କାରି ଓ ତା'ର ପ୍ରଭାବ ଜନଜୀବନ ଓ ଜୀବନ ଜୀବିକା ଉପରେ ଏତେ ବେଶୀ ଯେ ଜନ ଜୀବନ ଅସ୍ତବ୍ୟସ୍ତ ତଥା ନିଜର ଭାରସାମ୍ୟ ରକ୍ଷା କରିବା ସମ୍ଭବପର ନୁହେଁ - ଯାହା ସାଂପ୍ରତିକ ମଣିଷ ସମାଜରେ କରୋନା ମହାମାରୀର ତାଣ୍ଡବଲୀଳାରେ କେତେ ଜୀବନ ମୃତ୍ୟୁର ଦ୍ୱାର ଦେଶରେ ଉପନୀତ ତାହା ଆଜି ବେଶ ସୁସ୍ପଷ୍ଟ। ଏଣୁ ଏକଥା ସତ୍ୟ ଯେ ଭୋକ ଓ ଭୂତାଣୁ ମଣିଷ ଜୀବନର ଗତି ପ୍ରବାହକୁ ବାଧା ଦେବା ସଙ୍ଗେ ସଙ୍ଗେ ଯେଉଳି ଭତାଣୁର ପ୍ରକ୍ରିୟା ଓ ପ୍ରତିକ୍ରିୟା ମଣିଷର କଣ୍ଠରୋଧ କରୁଛି ତାହା ସ୍ପଷ୍ଟ ଅନୁମେୟ ଏବଂ ଖୁବ୍ ଦୁଃଖ ଦାୟକ। ଏହା ମଣିଷ ସମାଜ ପ୍ରତି ଏକ ବିପ୍ରାତ କହିଲେ ଅତ୍ୟୁକ୍ତି ହେବନାହିଁ। କହିବାକୁ ଗଲେ ଭୋକ ଠାରୁ ବଡ଼ ଭୂତାଣୁ ଜଗତରେ ଆଉ କିଛି ନାହିଁ ବୋଲି କହିଲେ ଚଳେ। ସମାଜର ଉନ୍ନତି କ୍ଷେତ୍ରରେ ଭୋକ ହିଁ ପ୍ରଧାନ ଅନ୍ତରାୟ ଓ ବଡ଼ ଶତ୍ରୁ। ଭାରତରେ ଭୋକର ସ୍ଥିତି ଅତି ଶୋଚନୀୟ। ଏଠିକୁ ପୋଷଣର ବିକଟାଳ ରୂପ ଗରୀବ ଆଫ୍ରିକା ଦେଶଠାରୁ ଖୁବ୍ ଅଧିକ। ଏଠାକାର ୫୦ ଶତାଂଶ ମହିଳାଙ୍କର ରକ୍ତହୀନତା ଅନ୍ୟତମ କାରଣ। ବିଶେଷ କରି ୭୦ଶତାଂଶ ଭାରତର ଗ୍ରାମାଞ୍ଚଳ ଲୋକମାନଙ୍କର କୁପୋଷଣ ଓ ଖାଦ୍ୟାଭାବ ଖୁବ୍ ବେଶୀ। ବିଶେଷତଃ ଦେଶର ଆଦିବାସୀ ଜନଜାତି, ବସ୍ତିବସୀ ମହିଳା ଓ ପାଞ୍ଚବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ କୁପୋଷଣର ଅଧିକ ଭାବରେ ଶୀକାର ହେଉଛନ୍ତି। ଏଣୁକରି ପିଲାର ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏମାନଙ୍କର ତଦନୁରୂପେ ଉଚ୍ଚତା ବୃଦ୍ଧି ପାଉନାହିଁ। ଶକ୍ତି ଓ ସାମର୍ଥ୍ୟ ହରାଇ ବସି ବିକଳାଙ୍ଗ ହୋଇଯାଉଛନ୍ତି। ପ୍ରାୟତଃ ୩୦କୋଟି ଭାରତୀୟ ଭୋକ ଓ କୁପୋଷଣ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଭାରତରେ ଖାଦ୍ୟ ବ୍ୟବସ୍ଥା ବ୍ରିଟିଶ ଶାସନ କାଳରୁ ବଡ଼ ସଙ୍କଟମୟ ପରିସ୍ଥିତି ଦେଇ ଗତି କରି ଆସୁଛି। ଓଡ଼ିଶାରେ ୧୮୬୬ ମସିହାରେ ହେଇଥିବା ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଅସ୍ତିତ୍ୱକୁ ଦୋହଲାଇ ଦେଇଥିଲା। କ୍ଷୁଧା ଅନାହାରରେ ଲୋକ ପୋକ ମାଛି ପରି ମରିଶୋଇଲେ। ସେହି ଶୋଚନୀୟ ଅବସ୍ଥାରେ ଚିତ୍ର ଏତେ ଭୟଙ୍କର ଥିଲା ଯେ ଇତିହାସ ଓ ଆମ ଲେଖକମାନେ ସେମାନଙ୍କର ଉପନ୍ୟାସରେ ଏହାର ଭୟାବହତା ଚିତ୍ରଣ କରିଯାଇଛନ୍ତି। ଅର୍ଥନୀତି ଓ ସାମାଜିକ ପ୍ରଗତିର ଅନ୍ତରାୟ ଘଟିଲା। ୧୯୪୩ ମସିହାରେ ବଙ୍ଗରେ ଘଟିଥିବା ଶୋଚନୀୟ ଓ ହୃଦୟ ବିଦାରକ ଦୁର୍ଭିକ୍ଷ। ୧୯୩୭ ମସିହାରେ ଭାରତକୁ ବର୍ମାଠାରୁ ଅଲଗା କରିଦିଆଗଲା। ସେତେବେଳେ ଭାରତକୁ ପ୍ରତିବର୍ଷ ଲକ୍ଷେଟନରୁ ଉର୍ଦ୍ଧ୍ୱ ଚାଉଳ ମିଳୁଥିଲା। ୧୯୪୭ ମସିହାରେ ଭାରତ ସ୍ୱାଧୀନତା ପାଇଲା ସତ କିନ୍ତୁ ଭୋକ ମଲାନି। ସେତେବେଳେ ବି ଭାରତକୁ ବିଭାଜିତ କରିଦିଆଗଲା। ଯାହାଫଳରେ କି ଧାନ ଓ ଗହମ ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ବଙ୍ଗଳା ଓ ପଞ୍ଜାବର କେତେକ ସ୍ଥାନ ପାକିସ୍ଥାନ୍ ଅଧୀନକୁ ଚାଲିଗଲା ଏବଂ ଲକ୍ଷ ଲକ୍ଷ ଶରଣାର୍ଥୀ ଭାରତକୁ ଅନୁପ୍ରବେଶ କଲେ। ସ୍ୱାଧୀନତା ପରେ ପରେ ଭାରତ ଭୀଷଣ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଲା। ଯଦିଓ ଭାରତ କୃଷିପ୍ରଧାନ ଦେଶ, ହୁ ହୁ ହୋଇ ବଢୁଥିବା ଜନସଂଖ୍ୟା ଯୋଗୁ ସମସ୍ତଙ୍କୁ ଖାଦ୍ୟ ଯୋଗାଇବାରେ ଅକ୍ଷମତା ପ୍ରକାଶ ପାଇଲା। ଭୋକକୁ ରୋକିବାରେ ଆମେ ଏବେ ବି ସମ୍ପୂର୍ଣ୍ଣ ଭାବରେ ଅକ୍ଷମ। ସଂପ୍ରତି କ୍ଷୁଧା ହେଉଛି ଭାରତ ପାଇଁ ବଡ଼ ସମସ୍ୟା। ଯେଉଁଠି ପେଟ ପାଇଁ ମୁଠାଏ ଦାନା ନାହିଁ ସେଠି ବିକାଶର ସ୍ୱପ୍ନ ଦେଖିବା ନିରର୍ଥକ। ଏବେ ଭାରତ ଏଥିପାଇଁ ବିଶ୍ୱରେ ବିଶେଷ ଭାବେ ଚର୍ଚ୍ଚିତ। ନେପାଳ, ଶ୍ରୀଲଙ୍କା, ମିଆଁମାର, ପାକିସ୍ଥାନ, ବାଂଲାଦେଶ ଓ ଇଣ୍ଡୋନେସିଆଠାରୁ ପଛରେ ୯୪ତମ ସ୍ଥାନରେ ରହିଛି ଭାରତ। ଏକ ପରିସଂଖ୍ୟାନରୁ ଜଣା ପଡ଼ିଛି ଯେ ପୃଥିବୀରେ ୧୮୯.୨ କୋଟି ଲୋକ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସେଥିରୁ ୧୪ ପ୍ରତିଶତ ଲୋକ ଭାରତର। ୫୧.୪ ପ୍ରତିଶତ ମହିଳା ଆନିମିଆ ବା ରକ୍ତହୀନତା ରୋଗ ଦ୍ୱାରା ଆକ୍ରାନ୍ତ। ୩୪.୫ ଶତାଂଶ ପାଞ୍ଚବର୍ଷରୁ କମ ପିଲାଙ୍କ ଅଭିବୃଦ୍ଧି ଘଟେନା। କୁପୋଷଣ କାରଣରୁ ପିଲାଙ୍କର ମୃତ୍ୟୁ ସଂଖ୍ୟାର ହାର ବୃଦ୍ଧି ପାଇବାରେ ଲାଗିଛି। କିଛି ପିଲା ନିମୋନିଆ, ଡ଼ାଏରିଆ ଓ ମ୍ୟାଲେରିଆ ଦ୍ୱାରା ପୀଡ଼ିତ। ଗ୍ଲୋବାଲ ଇଣ୍ଡେକ୍ସର ୨୦୧୯ ରିପୋର୍ଟ ଅନୁସାରେ ୧୧୭ଟି ଦେଶ ଭିତରୁ ଭାରତର ସ୍ଥାନ ୧୦୨ ସ୍ଥାନରେ ରହିଛି। ଆଜିର କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ଦେଶର ଖାଦ୍ୟ ବ୍ୟବସ୍ଥାରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହେଉଛି। ସମସ୍ତଙ୍କୁ ଏ ମହାମାରୀରେ ଖାଦ୍ୟ ଯୋଗାଇ ଦେବା ଏତେ ଉତ୍ସାହ ଜନକ ନୁହେଁ - ଏହା ଅନ୍ତରାୟ ସୃଷ୍ଟି କରୁଛି। ଆବଶ୍ୟକ ପରିମାଣରେ ସୁବିଧାରେ ଓ ଶସ୍ତାରେ ବହୁ ପରିମାଣର ଫଳ ଓ ପନିପରିବା ମିଳୁନାହିଁ। ଏ ଅସମୟରେ ଖାଦ୍ୟବିନା ଖାଇବାକୁ ନପାଇ କିଛି କିଛି ବି ପ୍ରାଣ ହରାଉଛନ୍ତି। ଏ ବେଳେ ଗରିବ ଶ୍ରେଣୀର ତଥା ଦିନ ମଜୁରିଆ ବେଶୀ ହଇରାଣ ହେଉଛନ୍ତି। ହାତରେ ପଇସା ନାହିଁ, ତେଣୁ ଉପବାସ ବି ରହିଯାଉଛନ୍ତି। ଦେଖାଯାଇଛି ଅଧିକାଂଶ ଗାଁ ଗଣ୍ଡା ଲୋକମାନେ ଓଳିଏ ଖାଇଲେ ଓଳିଏ ଉପାସ ରହନ୍ତି। କେହି କେହି ପରିବାରରେ ଚୂଲି ଜଳେନା। ଭିକାରୀ ତଥା ବାରବୁଲାଙ୍କର ଅବସ୍ଥା ଅତି ଶୋଚନୀୟ। ତଥାପି ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେମାନଙ୍କର ଖାଦ୍ୟର ବ୍ୟବସ୍ଥା କରିଥିଲେ ମଧ୍ୟ ଏହା ସମୁଦ୍ରକୁ ଶଙ୍ଖେ ପରି। ଲକ୍ ଡ଼ାଉନ୍ ଓ ସଟ୍ ଡ଼ାଉନ୍ ବେଳେ ଲୋକମାନେ ପେଟରେ ଓଦାକନା ପକାଇ ଶୋଇ ଯିବାର ନଜିର ମଧ୍ୟ ରହିଛି। କାମଧନ୍ଦା ବନ୍ଦ, ମୂଲ ଲାଗିବା ବନ୍ଦ, ଏ ଅବସ୍ଥାରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପୋଷିବା ସହଜ ମଧ୍ୟ ନୁହେଁ - ଭୋକ ସାଙ୍ଗକୁ ଏବେ କରୋନା ଭୂତାଣୁ ଦାଉ ସାଧୁଛି। ଜୀବନ ଓ ଜୀବିକା କ୍ଷେତ୍ରରେ ମଧ୍ୟ କରୋନା ପାଖରେ ହାର ମାନିଛି ମଣିଷ। ଭୂତାଣୁ ଯିବାର ନା ଧରୁନି। ସେଥିପାଇଁ ମଧ୍ୟ ଟୀକା ଏଯାବତ୍ ବାହାରି ପାରିଲା ନାହିଁ - କିଛି କିଛି ଲୋକ ନିଜ ନିଜର ବୃତ୍ତିରେ ଯୋଗ ଦେଲେଣି। ମଜୁରିଆମାନଙ୍କୁ କାମଧନ୍ଦା ଯୋଗାଇ ଦିଆଯାଉଛି ତଥାପି ଗୋଟାଏ ଭୟ ଓ ଆଶଙ୍କା କାବୁ କରି ଦେଇଛି। ପଦାକୁ ଗୋଡ଼ କାଢ଼ି ହେଉନାହିଁ ଏପରି ସ୍ଥଳେ, ଜୀବନ ଗତିଶୀଳ ହୋଇ ପାରୁନାହିଁ - ଏଣୁ ଭୋକ ଓ ଭୂତାଣୁର ସରଳାର୍ଥ ଆମ ପାଖରେ ଏବେ ଅସ୍ପଷ୍ଟ ନାହିଁ।

# ପ୍ରେମର ପରିଭାଷା

ଲୋପାମୁଦ୍ରା ରାଉତ
ସାମ୍ବାଦିକତା ବିଭାଗ ଛାତ୍ରୀ,
ମୋ:-୭୮୯୪୩୭୦୦୨୫

ପ୍ରେମ ସୃଷ୍ଟିର ସ୍ରଷ୍ଟାଙ୍କର ଏକ ଅତୁଳନୀୟ ରଚନା। ପ୍ରେମ ସ୍ୱର୍ଗୀୟ, ସାଶ୍ୱତ ଏବଂ ଚିରନ୍ତନ। ପ୍ରେମ ମନୁଷ୍ୟ ଜୀବନର ସାରବସ୍ତୁ। ପ୍ରେମ କେତେବେଳେ ବ୍ୟକ୍ତିଗତ ତ ପୁଣି ସାର୍ବଜନୀନ। ଏହା ପ୍ରକୃତ ଜୀବନର ଅନ୍ୟ ନାମ। ଯେଉଁଠାରେ ପ୍ରେମ, ସେହିଠାରେ ଜ୍ଞାନ ଓ ପବିତ୍ରତା, କର୍ତ୍ତବ୍ୟ ନିଷ୍ଠା ଥାଏ। ପ୍ରେମ ମନୁଷ୍ୟର ହୃଦୟକୁ ଭେଦାଭେଦ ଶୂନ୍ୟ କରେ, ସ୍ୱାର୍ଥ ରହିତ କରେ। ପ୍ରେମ ନିକଟରେ ଛୋଟବଡ଼ ଉଚ୍ଚ ନୀଚ ଭେଦଭାବ ରହି ନଥାଏ। ପ୍ରେମ ଏକ ପବିତ୍ର ଭାବନା। ପ୍ରେମ ସଚରାଚର ସୃଷ୍ଟିର ପ୍ରତ୍ୟେକ ଜୀବ ଓ ବସ୍ତୁ ମଧ୍ୟରେ ନିହିତ ଥାଏ। ପ୍ରେମ ଶବ୍ଦଟି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବରେ ବ୍ୟବହାର ହୋଇଥାଏ। ପିତା ମାତାଙ୍କର ନିଜ ସନ୍ତାନମାନଙ୍କ ପାଇଁ ଥାଏ। ଆଉ ଏହି ପ୍ରେମ ସବୁଠାରୁ ଉର୍ଦ୍ଧ୍ୱରେ। ଆଉ ତା'ର ଭଲ ପାଇବା ତ ସନ୍ତାନର ଜନ୍ମ ପୂର୍ବରୁ ହୋଇ ଥାଏ। ଆଉ ସେହି ପ୍ରେମର ବର୍ଣ୍ଣନା କରିବା ଅତ୍ୟନ୍ତ କଷ୍ଟକର। ସେହିପରି ଭାଇ ଭଉଣୀ ମଧ୍ୟରେ ପ୍ରେମ ଥାଏ, ଗୁରୁ ଶିଷ୍ୟ ମଧ୍ୟରେ ପ୍ରେମ ଥାଏ ଇଶ୍ୱର ଏବଂ ଭକ୍ତଙ୍କ ମଧ୍ୟରେ ମଧ୍ୟ ପ୍ରେମ ଥାଏ। ଏହିପରି ପ୍ରତ୍ୟେକ ସମ୍ପର୍କ ପ୍ରେମରେ ବନ୍ଧା। ତେଣୁ ପ୍ରେମ ସମ୍ପର୍କ ଉପରେ ନିର୍ଭର କରିନଥାଏ ବରଂ ସମ୍ପର୍କ ପ୍ରେମରୁ ସୃଷ୍ଟି ହୋଇଥାଏ। କିନ୍ତୁ ପ୍ରେମର ଅନୁଭବ ବିଭିନ୍ନ ସ୍ଥାନରେ ସମ୍ପର୍କ ଅନୁସାରେ ଭିନ୍ନ ହୋଇଥାଏ। ପିତା ମାତାଙ୍କର ସ୍ନେହ ପ୍ରେମ ପ୍ରତ୍ୟେକ ପ୍ରେଠାରୁ ବହୁ ଉର୍ଦ୍ଧ୍ୱରେ। ଏହା ହିଁ କେବଳ ସ୍ୱାର୍ଥ ରହିତ ଭଲପାଇବା। ନହେଲେ ଅନ୍ୟ ସମସ୍ତ ପ୍ରେମ ଆଉ ଶ୍ରଦ୍ଧାରେ ସ୍ୱାର୍ଥର ଗନ୍ଧ ବାରି ହୋଇଯାଏ। ପରିବାର ମଧ୍ୟରେ ସମସ୍ତଙ୍କର ସମସ୍ତଙ୍କ ପ୍ରତି ସ୍ନେହ ପ୍ରେମ ରହିଥାଏ। ଭାଇ ଭଉଣୀମାନଙ୍କ ନିକଟରେ ଏକ ନିଆରା ପ୍ରେମ ଥାଏ। ଛୋଟ ଦିନରୁ ସାଥୀ ହୋଇ ବଢିଥାନ୍ତି। ଛୋଟ ଛୋଟ କଥାରେ ଝଗଡ଼ା ମୁହଁ ଫୁଲାଫୁଲି ହୋଇ ଥାଏ। କିନ୍ତୁ ଗୋଟିଏ କ୍ଷଣ ପାଇଁ କେହି ପାଖରୁ ଦୂରେଇ ଗଲେ। ମନ ଭାରି କଷ୍ଟ ହୋଇଥାଏ। ଏହିପରି ପ୍ରତ୍ୟେକ ଜିନିଷ ସେ ସମ୍ପର୍କ ହେଉ ବା ଅନ୍ୟକିଛି ଯାହା ହୃଦୟ କୁ ଛୁଇଁଯାଏ ସେଠି ପ୍ରେମ ଗଢି ଉଠିଥାଏ। ପ୍ରେମ ବିନା ପ୍ରକୃତ ମନୁଷ୍ୟତ୍ୱ ସମ୍ଭବ ହୋଇନଥାଏ, ପ୍ରେମ ଶୂନ୍ୟ ହୃଦୟ ମରୁଭୂମି ସଦୃଶ। ଯେଉଁ ପ୍ରେମ ମନୁଷ୍ୟ ହୃଦୟରେ ଦେବଭାବ ବିକଶିତ କରେ ତାହାହିଁ ପ୍ରକୃତ ପ୍ରେମ। ଏହାଛଡା ବ୍ୟକ୍ତିଗତ ଆବିଳତା ସ୍ନେହକୁ ମଧ୍ୟ ପ୍ରେମ କୁହାଯାଏ। ବୈଜ୍ଞାନିକ ମତ ଅନୁଯାୟୀ ବିପରୀତ ଲିଙ୍ଗର ପ୍ରାଣୀମାନଙ୍କ ମଧ୍ୟରେ ଥିବା ଆକର୍ଷଣ ହିଁ ପ୍ରେମ। ସାଧାରଣତଃ ପ୍ରେମ ଏକ ଶାଶ୍ୱତ ଭାବନା ବା ଭକ୍ତ ଭଗବାନଙ୍କ ସମ୍ପର୍କକୁ ବୁଝାଇଥାଏ। ଏହା ଛଡା ଯୁବକ ଯୁବତୀଙ୍କ ମଧ୍ୟରେ ଅଧିକ ଭାବେ ଏହି ପ୍ରେମ ଦେଖାଯାଏ। ଯେତେବେଳେ ଝିଅଟିଏ ଯୌବନ ଅବସ୍ଥାରେ ପଦାର୍ପଣ କରିଥାଏ ସେ ଦୁନିଆକୁ ଆଉ ଟିକିଏ ନିକଟରୁ ବୁଝିବାକୁ ଆରମ୍ଭ କରିଥାଏ। ସେତେବେଳେ ତା' ନିକଟରେ ପ୍ରେମ ଭାବନା ଅଧିକ ଦେଖାଯାଏ। ସେ ଗୋଟିଏ ଜୀବନ ସାଥୀ ଖୋଜିଥାଏ। କେବଳ ଶରୀରର ଆକର୍ଷଣ ପାଇଁ ନୁହେଁ। ବରଂ ସେହି ବ୍ୟକ୍ତିଠାରୁ ଅନାବିଳ ସ୍ନେହ ଶ୍ରଦ୍ଧା ଆଉ ପ୍ରେମ ପାଇବ ପାଇଁ। ଜୀବନର ପ୍ରତ୍ୟେକ ମୋଡରେ ତାକୁ ବୁଝି ପାରୁଥିବା ଭଳି ସାଥୀଟିଏ ଖୋଜିଥାଏ। ହିନ୍ଦୁ ଧର୍ମରେ କାମଦେବଙ୍କ ସୁଖଦ, ଯୌନ ସମ୍ବଳିତ ପ୍ରେମ ହେଉଛି କାମ। ବେଦରେ କାମକୁ ତୃତୀୟ ପୁରୁଷାର୍ଥ ଭାବରେ ବର୍ଣ୍ଣନା କରାଯାଇଛି। କାମ ମଧ୍ୟ ପ୍ରେମର ଅନ୍ୟ ଏକ ପରିଭାଷା। ପ୍ରେମ ଆଉ ହୃଦୟର ସମ୍ପର୍କ ବହୁ ନିବିଡ଼। ସାରା ଜୀବନ ସାଥୀ ହୋଇ ରହିବାର ପ୍ରତିଶ୍ରୁତି, ସବୁଠାରୁ ନିଆରା। ଭଲ ପାଉଥିବା ମଣିଷଟିଏ ଯଦି ଜୀବନ ସାଥି ହେବାର ପ୍ରସ୍ତାବ ଦିଅନ୍ତି ତେବେ ଏହା ଠାରୁ ସୌଭାଗ୍ୟ ଆଉ କିଛି ହୋଇନପାରେ। ପ୍ରେମ ପାଇଁ ମନ ତଳେ ଚାପି ହୋଇ ରହିଥାଏ ଅନେକ ଅକୁହା କଥା। ପ୍ରତ୍ୟେକ ଯୁଗରେ ପ୍ରେମ ରହିଆସିଛି ଆଉ ଭବିଷ୍ୟତରେ ମଧ୍ୟ ରହିଥିବ। ପ୍ରେମ ହେଉଛି ନୀଳ ଆକାଶରେ ଅମ୍ଳାନ ଭାସ୍କର। ଯାହାର ତେଜ ସର୍ବଦା ଉଜ୍ଜ୍ୱଳ ଆଉ ନିଷ୍ପ୍ରଭ। ପ୍ରେମରେ ପ୍ରତାରଣା ଆଉ ଆତ୍ମ ସନ୍ତୋଷ ଉଭୟ ରହିଛି। ପ୍ରେମ ମଣିଷକୁ ଦାନବରୁ ମାନବ କରି ଥାଏ ତ ପୁଣି କେତେବେଳେ ଏହି ପ୍ରେମ ମାନବକୁ ପଶୁ କରିଦିଏ। ପ୍ରେମର ସଫଳତା ଓ ବିଫଳତାକୁ ନେଇ କେତେ ଯେ କାହାଣୀ ତା'ର କଳନା କଷ୍ଟକର। ମଣିଷ ଜାଣତରେ ହେଉ ବା ଅଜାଣତରେ ସେ ଅନ୍ୟକୁ ଭଲ ପାଏ। ଏହି ପ୍ରେମରେ ସେ ସଫଳ ହେଲେ ଧନ୍ୟ ମଣେ। ମାତ୍ର ଯେତେବେଳେ ସେ ବିଫଳ ଜୀବନକୁ ଅସାର ମଣେ। ପ୍ରେମ ଭାବ ମଣିଷ ଜୀବନର ମହତ୍ତ୍ୱ ଭାବ। ଏହି ପ୍ରେମ ଭାବ ପ୍ରଜ୍ୱଳିତ ହେଲେ ସାରା ଦୁନିଆ ଦିପ୍ତିମନ୍ତ ପ୍ରତିଭାଷିତ ହୁଏ। ଦୁଇଟି ଆତ୍ମାର ଓ ଦୁଇଟି ହୃଦୟର ମିଳନ ହେଉଛି ବାସ୍ତବ ପ୍ରେମ। ବାସ୍ତବ ପ୍ରେମ ଏମିତି ପବିତ୍ର ବନ୍ଧନରେ ଦୁଇ ଜଣଙ୍କୁ ଯୋଡି ରଖେ। ଯେତେ ଦୂରରେ ଥିଲେ ମଧ୍ୟ ପ୍ରେମର ଅଦୃଶ୍ୟ ବନନ୍ଧନ ଉଭୟଙ୍କୁ ଯୋଡ଼ି ରଖିଥାଏ। ଏହା ହିଁ ଅନ୍ତରୀଣ ଭାବ ସତ୍ତା। ଯେଉଁଠି ପ୍ରେମ ଥାଏ ସେଠାରେ ସମର୍ପଣ ଭାବ ଆସିଥାଏ। ଯେଉଁଠି ଦୁଇଟି ଆତ୍ମା ଗୋଟିଏ ଆତ୍ମାରେ ରୂପାନ୍ତରିତ ହୋଇଯାଏ। ଜଣଙ୍କର ଅନ୍ୟ ଜଣଙ୍କ ପାଇଁ ବ୍ୟଗ୍ରତା ଦୃଷ୍ଟିଗୋଚର ହୁଏ। ମନର ମଣିଷଟିକୁ ସର୍ବଦା ପାଖରେ ପାଇବାକୁ ଇଚ୍ଛା ହୁଏ। ଟିକିଏ ଦୂରେଇ ଗଲେ ବିରହ ବେଦନାରେ ମନ ଜର୍ଜରିତ ହୁଏ। ଏହି ଅପେକ୍ଷା ଓ ପ୍ରତିକ୍ଷା ହୃଦୟ ଭିତରେ ଆପଣାର ମଣିଷଟି ପ୍ରତି ତା'ର ପ୍ରେମାନୁରାଗ ଆହୁରି ବଢାଇ ଦିଏ। ଜଣା ପଡ଼ିଯାଏ, ଜଣେ ଅନ୍ୟ ଜଣଙ୍କ ପାଇଁ କେତେ ଅଧିକ ବ୍ୟସ୍ତ ହେଉଛି, ଯାହା ଦ୍ୱାରା ପ୍ରେମର ଗଭୀରତାକୁ ସହଜରେ ମାପି ହୁଏ। ଏହି ପ୍ରତୀକ୍ଷା ବେଳେବେଳେ ଏତେ ଅସହ୍ୟ ହୁଏ ଯେ, ମଣିଷ ଆଖିରୁ ଖାଲି ଧାର ଧାର ହୋଇ ଲୁହ ଝରି ଆସେ। ହେଲେ ସେ ସମସ୍ତ ମନର ଭାବକୁ ସମ୍ପୂର୍ଣ୍ଣ ପ୍ରକାଶ କରି ପାରେ ନାହିଁ। ଫଳରେ ମନରେ ବେଦନା ମନରେ ରହିଯାଏ। ଅକୁହା ପ୍ରେମକୁ ଛାତିରେ ଚାପି ଧରି ସେ ରାତି ରାତି ଅନିଦ୍ରା ରହି ନିଜର ନିରବତା ସହ ଦୁଃଖ ବାଣ୍ଟେ। ଏହି ତ ଭଲ ପାଇବା ଆଉ ପ୍ରେମ ଯାହା ସାଶ୍ୱତ ଓ ଚିରନ୍ତନ। ହେଲେ ବର୍ତ୍ତମାନ ସମୟରେ ପ୍ରକୃତ ପ୍ରେମର ସ୍ୱରୂପ ସମ୍ପୂର୍ଣ୍ଣ ବଦଳି ଯାଇଛି। ପ୍ରେମ କରିବା ପାଇଁ ଏଠି ଅନାବିଳ ପ୍ରେମ ଅନୁରାଗର ଆବଶ୍ୟକତା ନାହିଁ। ଅଛି ତ କେବଳ ସ୍ୱାର୍ଥ ଆଉ ଲୋକଦେଖାଣିଆ ଭାବରେ। ଯଦି କାହାକୁ ହୃଦୟରୁ ପ୍ରେମ କରିବାକୁ ହୁଏ ତ ବର୍ତ୍ତମାନ ପରିପ୍ରେକ୍ଷୀରେ ସୁନ୍ଦରତା ଓ ଧନ ଥିବା ଆବଶ୍ୟକ। କାହିଁକି ନା ଅଧିକ ଧନ ହିଁ ସ୍ୱାର୍ଥ ପୂରଣ କରିବା ପାଇଁ ସମର୍ଥ ହୋଇଥାଏ ସୁନ୍ଦର ପ୍ରେମ ଭରା ମନ ନୁହେଁ। ଏଠି ସମୟର ପରିବର୍ତ୍ତନ ସହିତ ପ୍ରେମ ଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ହୋଇଯାଇଛି। ସତୀ ନାରୀ ହୋଇ ମନ ପ୍ରାଣ ହୃଦୟ ଦେଇ ଭଲପାଇଲେ ଅପର ପକ୍ଷରୁ ପ୍ରେମ ମିଳିନଥାଏ। କିନ୍ତୁ ଯଦି ସେ ପିଙ୍ଗଳା ପରି ନିଜ ଶରୀରର ଆଉ ସୌନ୍ଦର୍ଯ୍ୟର ବ୍ୟବସାୟ କରିବ ତେବେ ତାକୁ ସମସ୍ତଙ୍କଠାରୁ ପ୍ରେମ ସହଜରେ ମିଳିଯିବ। ବର୍ତ୍ତମାନ ସମୟରେ ଲୋକମାନେ ବାସ୍ତବତାଠାରୁ ଲୋକ ଦେଖାଣିଆ ଛଳନା ପୂର୍ଣ୍ଣ ପ୍ରେମକୁ ବେଶି ପ୍ରାଧାନ୍ୟ ଦେଉଛନ୍ତି। ଯଦି ଜଣେ ଜାଣି ଯାଏ କି କେହି ଜଣେ ତାକୁ ନିଜଠାରୁ ଅଧିକ ଭଲ ପାଇବସିଛି, ତେବେ ସେ ତାକୁ ବାରମ୍ବାର ହତାଦର କରିବା ଆରମ୍ଭ କରିଦିଏ। ହେଲେ ପ୍ରକୃତ ପ୍ରେମ କରୁଥିବା ବ୍ୟକ୍ତିକୁ ଏ ସାମାନ୍ୟ କଷ୍ଟ ହରାଇ ପାରି ନଥାଏ। କେହି ଜଣେ ଯଦି ଆମକୁ ଭଲ ପାଉଛି ତେବେ ତା'ର ଭଲ ପାଇବାକୁ ସମ୍ମାନ ଦେବା ଉଚିତ୍। କାରଣ ପ୍ରେମ ସ୍ୱର୍ଗୀୟ ଯେଉଁଠି ଇଶ୍ୱରଙ୍କର ବାସ। ପ୍ରାଣୀଙ୍କ ସ୍ନେହ ପ୍ରେମରେ ଭଗବାନ ବିଦ୍ୟମାନ। ଯଦି ଆମେ ଇଶ୍ୱରଙ୍କ ସୃଷ୍ଟିକୁ ସମ୍ମାନ ଦେଇ ପାରିବା ନାହିଁ ତେବେ ତାଙ୍କୁ ଭକ୍ତି କିପରି କରିପାରିବା। ପ୍ରେମ, ଭକ୍ତି ଓ ଈଶ୍ୱର ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ ଯିଏ ବାସ୍ତବତାର ସାର ମର୍ମକୁ ଉପଭୋଗ କରିଛି ସେ ହିଁ ବୁଝି ପାରିବ ପ୍ରକୃତ ପ୍ରେମର ଅର୍ଥ।

# ଆମ ଭାସ୍କର: ପଠାଣି ସାମନ୍ତ

ବିପିନ ବିହାରୀ ମହାନ୍ତି
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ଖୋର୍ଦ୍ଧା,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮

ପଠାଣି ସାମନ୍ତଙ୍କର ପୁରାନାମ ମହାମହୋପଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଖଣ୍ଡପଡ଼ାର ସମ୍ଭ୍ରାନ୍ତ ରାଜବଂଶରେ ଜନ୍ମ କାରଣରୁ ତାଙ୍କ ପ୍ରଥମ ନାମ ଥିଲା ସାମନ୍ତ ଚନ୍ଦ୍ରଶେଖର ସିଂହ। ଜ୍ୟୋର୍ତିବିଦ୍ୟାରେ ପାରଦର୍ଶିତା ଦେଖାଇଥିବା କାରଣରୁ ପୁରୀ ଗଜପତି ମହାରାଜା ତାଙ୍କ ନାମ ସହିତ ସାଙ୍ଗିଆରେ ଯୋଡ଼ିଲେ ହରିଚନ୍ଦନ ମହାପାତ୍ର ଏବଂ ଭାରତ ସରକାର ତାଙ୍କୁ ଉପାଧି ଦେଲେ 'ମହାମହୋପାଧ୍ୟାୟ' ଯାହାକି ନାମ ପୂର୍ବରୁ ଯୋଡ଼ାଗଲା। ପିଲାଦିନରୁ ତାଙ୍କ ପିତା ଶ୍ୟାମବନ୍ଧୁ ଓ ମାତା ବିଷ୍ଣୁମାଳୀ ତାଙ୍କୁ ଶ୍ରଦ୍ଧାରେ ନାଁ ରଖିଲେ 'ପଠାଣି ସାମନ୍ତ'। ଏମିତି ନାମ କରଣର ଯଥାର୍ଥ ଏହି ଯେ ସେ ତାଙ୍କ ପିତାମାତାଙ୍କର ଥିଲେ ଏକାଦଶ ସନ୍ତାନ। ତାଙ୍କ ପୂର୍ବରୁ ତାଙ୍କର ଦୁଇ ଭଉଣୀ ଏବଂ ଏକମାତ୍ର ବଡ଼ଭାଇ ମରିଯାଇଥିବାରୁ ଏବଂ ପଠାଣିଙ୍କୁ କୌଣସି ଗ୍ରହଦୋଷ ନ ଲାଗିବା କାରଣକୁ ସେ ଜଣେ ବିଧର୍ମୀ ପଠାଣକୁ ବିକି ଦେଇଥିଲେ ଏବଂ ଅପରତିଅଣିଆ ନାଁ ରଖିଥିଲେ 'ପଠାଣି'। ସେମିତି ମହାଦେବଙ୍କ କୃପାରୁ ଏବଂ ଲିଙ୍ଗ ପାଖରୁ ଦରାଣ୍ଡୁ ଦରାଣ୍ଡୁ ଖଣ୍ଡିଏ ଚକ୍‌କଣ ପଥର ପାଇ ତାଙ୍କ ମା' ଗିଳିଦେଇଥିବାରୁ ଏବଂ ଏଥୁଅନ୍ତେ ତାଙ୍କର ପୁତ୍ର ଲାଭ କରିଥିବାରୁ ଶିବଙ୍କ ନାମାନୁସାରେ ନାଁ ରଖିଥିଲେ ଚନ୍ଦ୍ରଶେଖର।

ଚନ୍ଦ୍ରଶେଖର ୧୮୩୫ ଖ୍ରୀଷ୍ଟାବ୍ଦ କୃଷ୍ଣପକ୍ଷ ଅଷ୍ଟମୀ ଦିନ ଖଣ୍ଡପଡ଼ାରେ ଜନ୍ମଗ୍ରହଣ କରିଥିଲେ। ସେ ପାଞ୍ଚବର୍ଷରୁ ପାଠପଢ଼ା ଆରମ୍ଭ କରିଥିଲେ। ସାତବର୍ଷ ବେଳକୁ ବର୍ଣ୍ଣଶିକ୍ଷା, ଦଶକିଆ ପଣିକିଆ, ଗୋପିଭାଷା, ଭାଗବତ ମଥୁରା ମଙ୍ଗଳ ଓ ବିଦଗ୍ଧ ଚିନ୍ତାମଣି ଇତ୍ୟାଦି କାବ୍ୟ ଏବଂ ଅମର କୋଷରୁ କିଛି ଅଂଶ ଆୟତ କରି ନେଇଥିଲେ। ତାଙ୍କ ପିତା ଶ୍ୟାମବନ୍ଧୁ ଜଣେ ଭଲ ଗଣକ ଥିଲେ। ସେ ତାଙ୍କଠାରୁ ଜ୍ୟୋତିଷବିଦ୍ୟା ଅଧ୍ୟୟନ କରିନେଲେ। ୧୦/୧୨ବର୍ଷ ବେଳକୁ ସେ ସଂସ୍କୃତ ଶ୍ଳୋକ ମାନ ରଚନା କରି ପାରୁଥିଲେ। ଇତିମଧ୍ୟରେ ସେ ସାହିତ୍ୟ, ସଂସ୍କୃତ ବ୍ୟାକରଣ, ସ୍ମୃତି, ବେଦ, ବେଦାଙ୍ଗ ଓ କର୍ମକାଣ୍ଡ ଇତ୍ୟାଦି ଗ୍ରନ୍ଥମାନ ଆୟତ କରିନେଇଥିଲେ।



୧୫ବର୍ଷ ମଧ୍ୟରେ ସେ ଫଳିତ ଜ୍ୟୋତିଷରେ ପୁରା ପୋଖତ ହୋଇ ଗଣିତ ଜ୍ୟୋତିଷସାଧନାରେ ଅଗ୍ରଗତି କଲେ। ଚନ୍ଦ୍ରଶେଖର ରୂପରେ ସୁନ୍ଦର ନଥିଲେ। ଏଣୁ ତାଙ୍କ ବାହାଘର ବେଳେ ତାଙ୍କ ଶାଶୁ ତାଙ୍କ ଝିଅକୁ ବିବାହ ଦେବାରେ ରାଜି ନଥିଲେ। ସେଥିପାଇଁ ତାଙ୍କ ଗୁଣ ସୁନ୍ଦର ପରୀକ୍ଷା ନେଲାପରେ ଝିଅ ସୀତାଙ୍କୁ ତାଙ୍କ ସହିତ ବିବାହ ଦେଲେ। ସୀତାଦେବୀ ଥିଲେ ଅନୁଗୁଳର ରାଜବଂଶୀୟ କ୍ଷତ୍ରିୟବରସିଂହଙ୍କ କନ୍ୟା। ଏ ବିବାହର ତାଙ୍କୁ ୨୨ବର୍ଷ ବେଳେ ହୋଇଥିଲା। ଚନ୍ଦ୍ରଶେଖର ଉଭୟ ଫଳିତ ଓ ଗଣିତ ବିଦ୍ୟାରେ ଗଣନାରେ ପାରଙ୍ଗମ ଥିଲେ। ଶୈଶବରେ କି ଦିନ, କି ରାତି ଉଜାଗର ରହି ଆକାଶର ନକ୍ଷତ୍ର ଓ ଗ୍ରହମାନଙ୍କର ଗତିବିଧିକୁ ସ୍ୱଷ୍ଟ ଅଧ୍ୟୟନ କରୁଥିଲେ। ଏମିତିକି ଦିନବେଳେ ଶୁକ୍ର ଗ୍ରହକୁ ଦେଖିବା ଓ ଆକାଶରେ ଉଡୁଥିବା ଶାଗୁଣାଙ୍କ ସଂଖ୍ୟା ଓ ଦୂରତା ହିସାବ ସେ କରିପାରୁଥିଲେ। ସେ ଦୂରବୀକ୍ଷଣ ଯନ୍ତ୍ରର ବ୍ୟବହାର ଜାଣିନଥିଲେ। ଆକାଶର ନଭବସ୍ତୁ ଏବଂ ପାହାଡ଼ା ଇତ୍ୟାଦିର ଯଥାକ୍ରମେ ଗତି, ଦୂରତା ଏବଂ ଉଚ୍ଚତାମାପିବା ବା ଜାଣିବା ପାଇଁ ଏକ ପ୍ରକାର ମାନଯନ୍ତ୍ର ବ୍ୟବହାର କରୁଥିଲେ। ଏ ମାନଯନ୍ତ୍ର କହିଲେ ବାଉଁଶନଳୀ, ତ୍ରିକୋଣାକାର ତିନୋଟି ବାଉଁଶ କାଠରେ ବନ୍ଧେଇ ଏବଂ ଲିଖନ ପାଇଁ ତାଳପତ୍ର ଓ ଲେଖନୀ। ଦିନବେଳେ ଗଛର ଛାଇ ଅଧ୍ୟୟନ କରି ସେ ତିଆରି କରିଥିଲେ ସୂର୍ଯ୍ୟଘଡ଼ି ଯାହାକି ବର୍ତ୍ତମାନ ଖଣ୍ଡପଡ଼ା କଚେରୀରେ, ବଡ଼ମ୍ବା ଓ ବଡ଼ଗଡ଼ଠାରେ ଅଛି। ସେ ଗଣନା କରି କହିଥିଲେ ପୃଥବୀଠାରୁ ସୂର୍ଯ୍ୟର ଦୂରତା, ଚନ୍ଦ୍ର ଅପେକ୍ଷା ୧୫୫ଗୁଣ; ପାଦରେ ଖଣ୍ଡପଡ଼ାରୁ ପୁରୀ ଚାଲି କହିଥିଲେ ଏ ଦୁଇସ୍ଥାନର ଦୂରତ୍ୱ, ୧୫୧,୨୦୦ ପାହୁଣ୍ଡ। ସେ ବିଭିନ୍ନ ସମୟରେ ନିଜର ଗଣନା ପାଇଁ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି। ସେ ମଞ୍ଜୁସା ରାଜାଙ୍କ କହିଥିଲେ ମହେନ୍ଦ୍ର ଗିରିର ଉଚ୍ଚତା କେତେ। ମାନ୍ଦ୍ରାଜର ବଡ଼ଲାଟ୍‌ଙ୍କୁ କହିଥିଲେ କେବେ ଇଂଲଣ୍ଡରେ ହେବ ସୂର୍ଯ୍ୟପରାଗ, ପୁନଶ୍ଚ ସେ ନିଶ୍ଚିତ କରାଇଥିଲେ କେବେ ହେବ ଆମେରିକାରେ ଚନ୍ଦ୍ରଗ୍ରହଣ; ସେମିତି ତାଙ୍କ ଘରଠିକୁ ଆସିଥିବା ବିଦେଶୀ ପଣ୍ଡିତମାନଙ୍କୁ କହୁଥିଲେ, ସେଠାକାର ପାହାଡ଼ାର ଉଚ୍ଚତା କେତେ? ଥିବସ୍ ସାହେବଙ୍କର ୧୪ଟି ପ୍ରଶ୍ନର ଦେଇଥିଲେ ଉତ୍ତର ଏବଂ କପିଶନର କୁକ୍ ସାହେବଙ୍କ କହିଥିଲେ ସପ୍ତଶଯ୍ୟା ପାହାଡ଼ର ଉଚ୍ଚତା କେତେ? ସବୁଥିଲା ସରକାରୀ ରେକର୍ଡ଼ ଅନୁସାରେ ନିର୍ଭୁଲ ସତ୍ୟ। ସେ ଲେଖିଛନ୍ତି 'ସିଦ୍ଧାନ୍ତ ଦର୍ପଣ' ଯାହାକି ଗ୍ରହ, ନକ୍ଷେତ୍ର, ବର୍ଷ, ମାସ, ଦିନ, ବାର, ଦଣ୍ଡ, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଇତ୍ୟାଦିର ଏକ ଗଣନ ପଞ୍ଜିକା ଯାହାକୁ ଲେଖିବାକୁ ତାଙ୍କୁ ୨୦ବର୍ଷ ଲାଗିଥିଲା। ଏଥିରେ ୧୦କୋଟି ଦିବସର ଗଣନା ଅଛି। ଏହି ଗଣନାନୁସାରେ ଶ୍ରୀ ମନ୍ଦିରର ପାଞ୍ଜି କାର୍ଯ୍ୟକାରୀ ହୁଏ। ଏ ବହିରେ ୫ଟି ଅଧିକାର ଓ ୨୪ଟି ପ୍ରକାଶ ଅଛି। ଏହାର ଶ୍ଳୋକ ସଂଖ୍ୟା ୨୨୫୦। ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇଲା ୧୮୯୯ ମସିହାରେ। ତା' ପୂର୍ବରୁ ଇଂରେଜ ସରକାରଙ୍କ ଦ୍ୱାରା ତାଙ୍କ କୃତିତ୍ୱ ପାଇଁ ପ୍ରଶଂସିତ ହୋଇ ୧୮୯୪ ମସିହା ସେପ୍ଟେମ୍ବର ୩ ତାରିଖରେ ସେ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ ହୋଇଥିଲେ। ଏ ଉପାଧି ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ। ପଠାଣି ସାମନ୍ତ ଥିଲେ ଚିରରୁଗ୍ଣ ଓ ଅଭାବୀ। ତଥାପି ସାଧନା ପଥରେ ହଟି ଯାଇନଥିଲେ। ତେବେ ତାଙ୍କ ଜୀବନର ଗୋଟିଏ ଭୁଲ ଧାରଣା ଥିଲା ଯେ ପୃଥିବୀ ସ୍ଥିର ଏବଂ ସୂର୍ଯ୍ୟ ଗତିଶୀଳ। ତଥାପି ଗଣନା ଠିକ୍। ଏହି ଯୋଗଜନ୍ମା ମହାପୁରୁଷଙ୍କର ୧୯୦୪ ଜୁନ ୧୧ତାରିଖରେ ଇଚ୍ଛାନୁଯାୟୀ ପୁରୀରେ ମୃତ୍ୟୁହେଲା। ତାଙ୍କ ମୃତ୍ୟୁରେ ଅଭିଭୂତ ରାଧାନାଥ ଲେଖିଛନ୍ତି :

ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ,
ନରଦେହେ ଥିବ ଯାବତ୍ ହୃଦୟ।
ଧନ୍ୟତୁମେ ପଠାଣି ସାମନ୍ତ। ତୁମେ
ଧନ୍ୟ ତୁମ ପାଇଁ ଏମାଟି ଧନ୍ୟ।

# ଯୋଗ୍ୟତା ଲୋଡ଼ା



ଶ୍ରୀକାନ୍ତ ମହାଲିକ
ପ୍ରଧାନ ଶିକ୍ଷକ, ଦୋଳମଣ୍ଡପ ହାଇସ୍କୁଲ, ଦୋଳମଣ୍ଡପ, ଚାନ୍ଦବାଲି, ଭଦ୍ରକ
ମୋ ନ:-୮୬୫୮୪୩୯୭୦୨

କେହି କେହି ଅଭିଯୋଗ କରନ୍ତି ଯେ, ଭଗବାନ ବଡ ନିଷ୍ଠୁର। ବଡ କଠୋର। ପୂଜା-ପାଠ, ଜପ-ତପ, କର୍ମ-କାଣ୍ଡ, ଆଦି କରି ଯେତେ ଡାକିଲେବି ସେ ଆମ ଡାକ ଶୁଣୁନାହାନ୍ତି। ଆମର ହାତ ସର୍ବଦା ଶୂନ୍ୟ ହୋଇ ରହିଛି। ଅବଶ୍ୟ ଏ କଥାର ଯେ କୌଣସି ସତ୍ୟତା ନାହିଁ, ତାହା ନୁହେଁ। ଏପରି ଅଭିଯୋଗ ଅନେକ ପରିମାଣରେ ସତ। ହେଲେ ଏହାର ଉତର ଏହା ଠାରୁ ଅଧିକ ସତ ବୋଲି କୁହାଯାଇପାରେ। ଏହି ପରିପ୍ରେକ୍ଷୀରେ ଏକ ରୋଚକ କାହାଣୀଟିଏ ନିମ୍ନରେ ପ୍ରଦାନ କରାଗଲା। ଥରେ କେତେକ ଶାମୁକା (ଯେଉଁ ମାନଙ୍କ ଠାରେ ମୋତି ଉତ୍ପନ୍ନ ହୋଇ ନଥିଲା) ଏକତ୍ରିତ ହୋଇ ସ୍ୱାତି ବିନ୍ଦୁ ବିରୁଦ୍ଧରେ ଏକ ଅଭିଯୋଗ କଲେ। କହିଲେ "ତୁମେ ଆମ ଭିତରେ ମୋତି ଉତ୍ପନ୍ନ କଲ ନାହିଁ କାହିଁକି? ଆମ ଡାକ ଶୁଣିଲ ନାହିଁ କାହିଁକି? ଆମର ଅପରାଧ କ'ଣ ଥିଲା?" ଏକଥା ଶୁଣି ସ୍ୱାତି ବିନ୍ଦୁ ଉତର ଦେଲା - "ତୁମ୍ଭେମାନେ ମୁହଁ ଖୋଲିଲ ନାହିଁ କାହିଁକି? ନିଜକୁ ଯୋଗ୍ୟ କରି ଗଢିଲ ନାହିଁ କାହିଁକି? ଯେହେତୁ ତୁମେ ମୁହଁ ଖୋଲିଲ ନାହିଁ ଏବଂ ନିଜକୁ ଯୋଗ୍ୟ କରିପାରିଲ ନାହିଁ, ତେଣୁ ତୁମ ଠାରେ ମୋତି ଉତ୍ପନ୍ନ ହୋଇପାରିଲା ନାହିଁ। ଯେଉଁମାନେ ନିଜକୁ ଯୋଗ୍ୟ କରି ଗଢିଥିଲେ, ସେମାନଙ୍କୁ ମୋର ସାହାଯ୍ୟ ମିଳିଲା ଏବଂ ସେମାନଙ୍କ ଠାରେ ମୋତି ଉତ୍ପନ୍ନ ହେଲା।" ଉପରୋକ୍ତ କାହାଣୀରୁ ଗୋଟିଏ କଥା ସ୍ପଷ୍ଟ ଯେ, ଭଗବାନଙ୍କର କୃପାଲାଭ କରିବା ପାଇଁ କେବଳ ପୂଜାପାଠ, ଜପତପ, ଭଜନ କୀର୍ତ୍ତନ ବା କର୍ମକାଣ୍ଡ ଆଦୌ ଯଥେଷ୍ଟ ନୁହେଁ। ଯଦି କେହି ଭାବୁ ଥାଏ ଯେ, କେବଳ ଏସବୁ କରି ଭଗବାନଙ୍କ କୃପା ମିଳିଯିବ ବୋଲି ତେବେ ତାହା ତାଙ୍କର ଭୁଲ୍ ଧାରଣା। କାରଣ ଏସବୁ ଦେଖିବାକୁ ଭଗବାନଙ୍କ ନିକଟରେ ସମୟ ନଥାଏ। ସେ ତ କେବଳ ଯୋଗ୍ୟତାକୁ ହିଁ ଦେଖିଥାନ୍ତି। ଆମ ଭିତରେ ଯୋଗ୍ୟତା ବା ପାତ୍ରତାର ବିକାଶ ହୋଇଛି କି ନାହିଁ ତାହା ସେ ଦେଖିଥାନ୍ତି। ବାଦଲ ତ ବର୍ଷା କରାଇବ। ହେଲେ ସେ ଜଳକୁ ଧରି ରଖି କାମରେ ଲଗାଇବାକୁ ହେଲେ ଆମ ପାଖରେ ପାତ୍ରଟିଏ ଥିବା ଆବଶ୍ୟକ। ଠିକ୍ ସେମିତି ଆମ ଭିତରେ ପାତ୍ରତାର ବିକାଶ ହୋଇପାରିଲେ ଭଗବତ କୃପା ଯେ ନିଶ୍ଚୟ ମିଳିପାରିବ ଏଥିରେ ସନ୍ଦେହ ନାହିଁ। ତେବେ ପୂଜା ପାଠ, ଜପ ତପ, ଭଜନ କୀର୍ତ୍ତନ, କର୍ମ କାଣ୍ଡ, ଅନୁଷ୍ଠାନ ଆଦିର ଯେ ଆବଶ୍ୟକତା ନାହିଁ ତାହା ନୁହେଁ। ଏସବୁର ନିଶ୍ଚୟ ଆବଶ୍ୟକତା ରହିଛି। ଏସବୁର ଆବଶ୍ୟକତା ଏଇଥିପାଇଁ ଯେ ନିଜ ଉପରେ ଚାପ ପ୍ରୟୋଗ କରି ଭଗବାନଙ୍କର ନିୟମକୁ ମାନିବା ଏବଂ ନିଜକୁ ସାଧିବା। ନିଜର ଗୁଣ, କର୍ମ, ସ୍ୱଭାବ ଓ ଚରିତ୍ରକୁ ସୁଧାରିବା। ନିଜର ଗୁଣ, କର୍ମ, ସ୍ୱଭାବ ଏବଂ ଚରିତ୍ର ବଦଳି ଯିବ ତ ବୁଝିବାକୁ ହେବ ଯେ, ପାତ୍ରତାର ବିକାଶ ହେଲା। ଭଗବାନଙ୍କର କୃପା ଲାଭ ପାଇଁ ଆମେ ଯୋଗ୍ୟ ହେଲେ। ହେଲେ ଆମେ ତାହା କରୁନେ। ନିଜର ସ୍ୱଭାବ, ନିଜର ଚରିତ୍ର ନ ବଦଳାଇ ଓଲଟି ଆମେ ଭଗବାନଙ୍କୁ ଦୋଷ ଦେଉଛେ। ତାଙ୍କ ଉପରେ ଚାପ ପକାଉଛେ। ଉପର ଠାଉରିଆ ଭକ୍ତି କରି ସେ ଆମକୁ କିଛି ଦେଉ ନାହାଁନ୍ତି ବୋଲି ଅଭିଯୋଗ କରୁଛେ। ଭକ୍ତିର ପ୍ରକୃତ ଅର୍ଥ ହେଉଛି - ନିଜ ଭିତରେ ପ୍ରେମ ଭାବକୁ ଜାଗ୍ରତ କରିବା। ସ୍ନେହ, ପ୍ରେମ, ଦୟା, କ୍ଷମା, କରୁଣା, ସମ୍ବେଦନଶୀଳତା ପରି ସଦ୍‌ଗୁଣ ଗୁଡିକର ଅଧିକାରି ହେବା। ଏଣୁ ଭଗବାନଙ୍କ ବିରୁଦ୍ଧରେ ଅଭିଯୋଗ କରିବା ଆଦୌ ଠିକ୍ ନୁହେଁ। ବରଂ ଆମେ ନିଜ ବିରୁଦ୍ଧରେ ଅଭିଯୋଗ କରିବା ଉଚିତ୍। ମୁଁ କାହିଁକି ମୋର ଗୁଣ କର୍ମ, ସ୍ୱଭାବ ଏବଂ ଚରିତ୍ରକୁ ବଦଳାଇଲି ନାହିଁ? ମୋ ଭିତରେ ଯୋଗ୍ୟତାର ବିକାଶ କଲିନାହିଁ କାହିଁକି? ନିଜ ଭିତରେ ପ୍ରେମ ଭାବ ଜାଗ୍ରତ କଲି ନାହିଁ କାହିଁକି? ଏସବୁ ବଦଳାଇ ଥରେ ଦେଖନ୍ତୁ ନା, ଭଗବାନଙ୍କ କୃପା କେମିତି ନ ମିଳିବ?




## ଆଇଏଏସ୍ ସ୍ତରରେ ଅଦଳବଦଳ

# କଳାହାଣ୍ଡି ଜିଲ୍ଲାକୁ ଆସିଲେ ଅନ୍ୱେଷା ରେଡ୍ଡୀ, ଗଲେ ଗାଭାଲି

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ରେକର୍ଡକାଳୀନ ଜିଲ୍ଲାପାଳ ଭାବେ ଡା. ଗାଭାଲି ପରାଗ ହର୍ଷଦ ଅବସ୍ଥାପିତ ହୋଇଥିଲେ। ଦୀର୍ଘ ୩ ବର୍ଷ ୧୦ ମାସ ପରେ ଗୁରୁବାର ଦିନ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବରେ ବଦଳି ହୋଇଛି। ତାଙ୍କ ସ୍ଥାନରେ ୨୦୧୭ ଆଇଏଏସ୍ କ୍ୟାଡର ପି. ଅନ୍ୱେଷା ରେଡ୍ଡୀଙ୍କୁ କଳାହାଣ୍ଡି ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ନୂତନ ଜିଲ୍ଲାପାଳ ପୂର୍ବରୁ ମୟୁରଭଞ୍ଜ ପିଡି ଡିଆରଡିଏ ଥିଲେ। ପି. ଅନ୍ୱେଷା ରେଡି ପୂର୍ବରୁ ବାରିପଦା ଉପଜିଲ୍ଲାପାଳ ଓ ବାରିପଦା ପୌରପରିଷଦ ନିର୍ବାହୀ ଅଧିକାରୀ ଭାବରେ ଦକ୍ଷତା ସହିତ କାର୍ଯ୍ୟ କରି ଆସିଛନ୍ତି। ପି. ଅନ୍ୱେଷା ରେଡି ଆନ୍ଧ୍ରପ୍ରଦେଶର ପଙ୍ଗଲମାଣ୍ଡେଲ ଜିଲ୍ଲାର ୱାନପାଟି ଅନ୍ତର୍ଗତ ଅନ୍ନରମା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା ପି. ଯୁଗନ୍ଧା ରେଡି ଆନ୍ଧ୍ରପ୍ରଦେଶ ଉପାଧ୍ୟୟ ସଙ୍ଗମ ସଭାପତି ଓ ମା' ସୁଗାନା ରେଡି ସାଙ୍ଗାରେଡି ସରକାରୀ ହାଇସ୍କୁଲ୍‌ରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି । କଳାହାଣ୍ଡି ଜିଲ୍ଲାରେ


ଡା. ଗାଭାଲି ପରାଗ ହର୍ଷଦ


ପି. ଅନ୍ୱେଷା ରେଡ୍ଡୀ

ଡା. ଗାଭାଲି ପରାଗ ହର୍ଷଦ ବହୁଦିନ ରହଣି ମଧ୍ୟରେ ସେ କଳାହାଣ୍ଡି ଜିଲ୍ଲାରେ ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିପାରିଥିଲେ। ବିଦାୟୀ ଜିଲ୍ଲାପାଳଙ୍କ ସମୟରେ ମୋ ସ୍କୁଲ ଅଭିଯାନରେ ୧୨୯ଟି ସ୍କୁଲ ସ୍ମାର୍ଟ ସ୍କୁଲ ରୂପାନ୍ତରଣ ହୋଇଥିଲା। ଆଭ୍ୟନ୍ତରୀଣ ମତ୍ସ୍ୟ ଚାଷରେ କଳାହାଣ୍ଡି ଜିଲ୍ଲା ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା। କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଡାକ୍ତରଖାନା ଓ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନା ବିଭିନ୍ନ କାୟାକଳ୍ପ ପୁରସ୍କାର ପାଇଥିଲା। ଇଣ୍ଡିଆ ଟୁ-ଡେ ପକ୍ଷରୁ ସ୍ୱଚ୍ଛତା ନିମନ୍ତେ କଳାହାଣ୍ଡି ଜିଲ୍ଲା ପୁରସ୍କୃତ ହୋଇଥିଲା। କଳାହାଣ୍ଡି ଆର୍ଟ ଏଣ୍ଡ କ୍ରାଫ୍ଟ ଗଠନ କରାଯାଇ ଜିଲ୍ଲାର ଖାଦ୍ୟ, ହସ୍ତକଳା ଓ ବିଭିନ୍ନ ସାମଗ୍ରୀର ବିକ୍ରି ବଟା ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି କରି ଉଦ୍ୟମ ଆରମ୍ଭ କରିଥିଲେ। ବର୍ତ୍ତମାନ ନୂତନ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେବା ପରେ କଳାହାଣ୍ଡି ଜିଲ୍ଲାରେ ଧାନର ଅଭାବୀ ବିକ୍ରି ଓ ମିଲରମାନଙ୍କ ଶୋଷଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚ୍ୟାଲେଞ୍ଜ ରହିବ। ଜିଲ୍ଲାର ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଗ୍ରାମକୁ ରାସ୍ତା ନଥିବା ଯୋଗୁ ଯୋଗାଯୋଗ ବ୍ୟବସ୍ଥା, ବିଭିନ୍ନ ବିଭାଗରେ ଚାଲିଥିବା ଦୁର୍ନୀତି, ସରକାରୀ ମେଡିକାଲ କଲେଜ ନିର୍ମାଣ, ଦୁର୍ଗମ ଅଞ୍ଚଳର ବିକାଶ, ଜିଲ୍ଲାର ଜବରଦଖଲ ସମସ୍ୟା, ପାନୀୟ ଜଳ, ସ୍ୱାସ୍ଥ୍ୟ ସମସ୍ୟା, ସ୍କୁଲମାନଙ୍କରେ ଶିକ୍ଷକ ଅଭାବ, ସହରାଞ୍ଚଳର ବସ୍ତିବାସିନ୍ଦାଙ୍କ ସମସ୍ୟା ପ୍ରମୁଖ ଚ୍ୟାଲେଞ୍ଜ ରହିଛି। ନୂଆ ଜିଲ୍ଲାପାଳ ଦାୟିତ୍ୱ ନେବା ପରେ କଳାହାଣ୍ଡିର ସମସ୍ୟାକୁ ଆଖି ଆଗରେ ରଖି କିଭଳି ଏହାର ସମାଧାନ ଓ ଲୋକଙ୍କୁ ସାମଗ୍ରିକ ବିକାଶର ସୁବିଧା ଯୋଗାଇବେ ସେନେଇ ଜିଲ୍ଲାବାସୀ ଅନାଇ ରହିଛନ୍ତି। ସେହିପରି କଳାହାଣ୍ଡି ପିଡିଡିଆରଡିଏ ତଥା ୨୦୧୭ ଆଇଏଏସ୍ ଅଧିକାରୀ ସୋମେଶ କୁମାର ଉପାଧ୍ୟୟଙ୍କୁ ଦେବଗଡ ଜିଲ୍ଲାପାଳ ଭାବରେ ନିଯୁକ୍ତି ଦିଆ ଯାଇଛି ।

# କୁଲାଳ ସମାଜର ସାଙ୍ଗଠନିକ ସଭା

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କର୍ଲାମୁଣ୍ଡା ବ୍ଲକ କୁଲାଳ ସମାଜର ସାଙ୍ଗଠାନିକ ବୈଠକ ତେରେସିଂହା ପିରବତୀ ମହିଳା କଲେଜରେ ବୁଧବାର ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ରୋହିତ ରଣାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ସଭାପତି କେଦାରନାଥ ରଣା ମୁଖ୍ୟ ଅତିଥି, ସମ୍ପାଦକ ବିରକିଶୋର ରଣା, ନର୍ଲା ସଭାପତି ଗଙ୍ଗାଧର ରଣା, କର୍ଲାମୁଣ୍ଡା ବ୍ଲକ ଉପସଭାପତି ମୂରଲୀଧର ରଣା, ମୋହନ ରଣା, ଉପଦେଷ୍ଟା ନନ୍ଦକିଶୋର ରଣା, ରିଷିଡ଼ା ପଞ୍ଚାୟତ ସଭାପତି ଦିଲୀପ ରଣା, ନନ୍ଦକିଶୋ ରଣା (ଖ), ଦେବରାଜ ରଣା, ଗୋପୀନାଥ ରଣା, ଜଗମହନ ରଣା, ହେମସାଗର ରଣା, ରମେଶ ରଶ, ଦଶ ରଣା, ନରେନ୍ଦ୍ର ରଣା, ହରିହର ରଣା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ମାଟି କାରୁକାର୍ଯ୍ୟକୁ ଶିଳ୍ପର ମାନ୍ୟତା ଓ ମାଟିକାରିଗରଙ୍କୁ ଶିଳ୍ପୀର ମାନ୍ୟତା ପ୍ରଦାନ, ମାଟିକଳାବୋର୍ଡ ଗଠନ, କୁମ୍ଭାର ବସ୍ତି ନିକଟରେ ମାଗଣାରେ ମାଟି ପାଇଁ ଜମି ଯୋଗାଇବାକୁ ଦାବି କରାଯାଇଥିଲା। ଏହି ଅବସରରେ ଜିଲ୍ଲାପରିଷଦ ସଭ୍ୟ ମହେନ୍ଦ୍ର ରଣା, ରିଷିଡି ସରପଞ୍ଚ ସେବତୀ ରଣା, ରାଜପୁର ସରପଞ୍ଚ କୌଶଲ୍ୟା ରଣା, ମାଟି ମୂର୍ତ୍ତି କାରିଗର ସଞ୍ଜୟ ରଣା (ରିଷିଡ଼ା), ଯୁବ କବି ସୁଶାନ୍ତ ରଣା (ତେରେସିଂହା), ବ୍ଲକର ପ୍ରଥମ ମହିଳା ଆଇନ ସ୍ନାତକ ସୁଶ୍ରୀ ରଶ୍ମିତା ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବେନ୍ଦ୍ର ରଣା ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ମୂରଲୀଧର ରଣା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ।

## ଜେସିବି ଧକ୍କାରେ ଗୋଡ଼ ହରାଇଥିବା ଘଟଣା

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ସୁରେନ୍ଦ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ପଳାଶ ଗାଁର ସୁରେନ୍ଦ୍ର ବାଗ ଗତ ୪ତାରିଖ ଭବାନୀପାଟଣା ନକଟିଗୁଡ଼ା ଛକରେ ଏକ ଜେସିବି ଧକ୍କାରେ ନିଜର ଗୋଟେ ଗୋଡ଼ ହରାଇଥିଲେ। ଏ ସଂକ୍ରାନ୍ତରେ ଭବାନୀପାଟଣା ଟାଉନ୍ ଥାନାରେ ପରିବାର ଲୋକେ ଲିଖିତ ଅଭିଯୋଗ କରିଥିଲେ । ଏବେ ୧୦ ଦିନ ପରେ ବୁର୍ଲା ମେଡିକାଲରୁ ସୁରେନ୍ଦ୍ର ଅସ୍ତ୍ରୋପଚାର ହୋଇ ଫେରିଛନ୍ତି। ମାତ୍ର ଦୁର୍ଘଟଣା ଘଟାଇଥିବା ଜେସିବି ଏ ଯାଏଁ ଧରା ପଡ଼ିନାହିଁ। ଏନେଇ ପୀଡ଼ିତ ସୁରେନ୍ଦ୍ର ଓଡ଼ିଶା ସେଡ୍ୟୁଲ୍ କାଷ୍ଟ ଫେଡରେସନ୍ କର୍ମକର୍ତ୍ତା ଏବଂ ପରିବାର ଲୋକଙ୍କ ସହ ନ୍ୟାୟ ପାଇଁ କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଫେଡରେସନ୍ ସଭାପତି ଧନଞ୍ଜୟ ଦୀପଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଯତୀନ୍ଦ୍ର କର, ଆଇନ ବିଭାଗ ମୁଖ୍ୟ ଛବିଲାଲ ନିଆଲ, ସୁଶୀଲ ବାଗ ଉପସ୍ଥିତିରେ ଏସ୍‌ପିଙ୍କୁ ଅଭିଯୋଗ ଦେଇଛନ୍ତି । ଦୁର୍ଘଟଣା ଭିନ୍ନକ୍ଷମ ହୋଇଥିବା ସୁରେନ୍ଦ୍ର ଲାଞ୍ଜିଗଡ଼ ଠାରେ ଏଲ୍ ଏଣ୍ଡ୍ରେ କାମ କରୁଥିଲେ । ଘଟଣା ଦିନ କାମ ସାରି ଘରକୁ ଫେରୁଥିବା ବେଳେ ତାଙ୍କର ଦୁର୍ଘଟଣା ହୋଇଥିଲେ। ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ବାଗ ସମେତ ପରିବାର ଭରଣପୋଷଣ ଏବେ ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ସରକାରଙ୍କ ତରଫରୁ ପରିବାରକୁ ଆର୍ଥିକ ସହାୟତା ବ୍ୟବସ୍ଥା କରାଯିବାକୁ ଫେଡେରେସନ୍ କର୍ମକର୍ତ୍ତ ଦାବି କରିଛନ୍ତି ।

# ଦେହରେ ନିଆଁ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ସଦର ଥାନା ବୋର୍ଡ ଫାଣ୍ଡି ଅଞ୍ଚଳ ମଖଳା ଗାଁରେ ଦେହରେ କିରୋସିନ୍ ଢାଳି ନିଆଁ ଲଗାଇ ଜଣେ ମହିଳା ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମହିଳା ଜଣକ ହେଲେ ମଖଳା ଗାଁର ଉଦ୍ଧବ ଜୁଆଡ଼ଙ୍କ ସ୍ତ୍ରୀ ସରୋଜିନି ଜୁଅଡ଼ (୨୮)। ମଙ୍ଗଳବାର ଅପରାହ୍ନରେ ସରୋଜିନି ନିଜ ଦେହରେ କିରୋସିନ୍ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀର ୮୦ ପ୍ରତିଶତ ଅଂଶ ପୋଡ଼ିଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ବୋର୍ଡ ଫାଣ୍ଡି ପୋଲିସ ଏକ ଅପମୃତ ମାମଲା ରୁଜୁ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମରଶରୀର ପରିବାରକୁ ହସ୍ତାନ୍ତର କରାଯାଇଛି।

# ଦେବସ୍ନାନ ପୂର୍ଣ୍ଣିମା ପାଳିତ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ବ୍ଲକ ସଦର, ଲାଞ୍ଜିଗଡ଼ ରୋଡ଼, ରାମଚନ୍ଦ୍ରପୁର, ମୁଷାନାଳ ଓ ଗନ୍ଧରବାରୁସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ସହିତ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ସୁବାସିତ ଜଳରେ ଠାକୁରଙ୍କ ସ୍ନାନ ପରେ ଭକ୍ତଙ୍କୁ ହାତୀବେଶରେ ଦର୍ଶନ ଦେଇଥିଲେ ତିନିଠାକୁର। ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିରରେ ଏଥିପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର ପ୍ରତାପ ସିଂହଦେଓ, କାମରାଜ ଦଳବେହେରା, ସୁଭେନ୍ଦୁ ପଣ୍ଡା, ବିପିନ ପଟ୍ଟନାୟକ, ଭଗବାନ ହୋତା, କୃଷ୍ଣଚନ୍ଦ୍ର ମହାରଣା, ଶରତ ସିଂହ, ଭବାନୀଶଙ୍କର ନନ୍ଦ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ପୂଜକ ଭାସ୍କର ମିଶ୍ର, ପ୍ରଭାକର ଆଚାର୍ଯ୍ୟ ନୀତିକାନ୍ତି ତୁଲାଇଥିଲେ।

## ବଜ୍ରପାତରେ ଗୋରୁ ମୃତ୍ୟୁ ଘଟଣା

# ବିରସିଙ୍ଗେର ଗାଁରେ ପହଞ୍ଚିଲା ପ୍ରଶାସନ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ବିରସିଙ୍ଗେର ଗାଁ ନିକଟରେ ବୁଧବାର ବଜ୍ରପାତରେ ୧୧ଟି ଗୋରୁର ମୃତ୍ୟୁ ଘଟିଥିଲା। ଗଣମାଧ୍ୟମରେ ଏନେଇ ଖବର ପ୍ରକାଶନ ପରେ ଲାଞ୍ଜିଗଡ଼ ପ୍ରାଣୀ ଚିକିତ୍ସାଳୟ ଓ ରାଜସ୍ୱ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପରେ ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଲାଞ୍ଜିଗଡ଼ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଭିଏସ୍ ଜ୍ୟୋତ୍ସ୍ନାରାଣୀ ସିଂ ଓ ଏଲ୍‌ଆଇ ରୋମାଞ୍ଚଳ ଗଉଡ଼ ଗୋରୁ ଶବ ବ୍ୟବଚ୍ଛେଦ କରିଥିଲେ। ଏନେଇ ଲାଞ୍ଜିଗଡ଼ ଆର୍‌ଆଇ ଅନିରୁଦ୍ଧଙ୍କୁ ପଚାରିବାରୁ ବିରସିଙ୍ଗେର ଗାଁକୁ ଯାଇ ତଦନ୍ତ କରିଛୁ ବୋଲି କହିଥିଲେ। ଆମ ରିପୋର୍ଟ ତହସିଲଦାରଙ୍କୁ ଦେବୁ, ଏହାପରେ ସରକାରଙ୍କ ପକ୍ଷରୁ ଯାହା ସହାୟତା ଅଛି ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

# କଳାହାଣ୍ଡି ଡିଷ୍ଟ୍ରିକ ଆଦିବାସୀ ସଂଘର ପ୍ରତିଷ୍ଠା ଦିବସ

ମ.ରାମପୁର, (ଭାସ୍କର ନ୍ୟୁଜ୍): ମ.ରାମପୁର ବୁରାଟସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରାଙ୍ଗଣରେ କଳାହାଣ୍ଡି ଡିଷ୍ଟ୍ରିକ୍ ଆଦିବାସୀ ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡିର ବିଭିନ୍ନ ପ୍ରାନ୍ତର ଆଦିବାସୀମାନେ ଏକତ୍ରିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ପରମାନନ୍ଦ ମାଝୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀପାଟଣା ଆଦିବାସୀ ସଂଘ ସମ୍ପାଦକ ଶୁକଦେବ ମାଝୀ, ଗବେଷକ ଅଜିତ ଭୋଇ, ମ.ରାମପୁର ଆଦିବାସୀ ସଂଘ ସଭାପତି ଧନସିଂହ ମାଝୀ, ସମ୍ପା ଶିଲି ମାଝୀ ପ୍ରମୁଖ ଯୋଗଦାନ କରିଥିଲେ। ଦ୍ରୋଣାଚାର୍ଯ୍ୟ ମାଝୀ ଓ ନୀଳାମ୍ବର ପାତ୍ର ସଭା ପରିଚାଳନା କରିଥିଲେ।

# ସର୍ପାଘାତରେ ମହିଳା ଛେଳି ଚରାଳିଙ୍କ ମୃତ୍ୟୁ




ଭବାନୀପାଟଣା/କୋକସରା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସଦର ଥାନା ଟିକ୍ରାପଡ଼ା ଗାଁର ଅନାଦି ସାହୁଙ୍କ ସ୍ତ୍ରୀ ଅଞ୍ଜନା ସାହୁ (୪୦)ଙ୍କୁ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଛେଳି ଚରାଉଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟରା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର ହୋଇଥିବା ନେଇ ସଦର ଥାନା ଏସ୍‌ଆଇ ସୌମ୍ୟ ରଞ୍ଜନ ପ୍ରଧାନ ଜଣାଇଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋତମୁଣ୍ଡା ପଞ୍ଚାୟତ ପିପଲଝାପର ଗାଁରେ ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ହେଲେ ରୁପାଲି ମାଝୀ। ଗତକାଲି ବିଳମ୍ବିତ ରାତିରେ ଶୋଇଥିବା ବେଳେ ଏକ ନାଗ ସାପ କାମୁଡିବା ପରେ ତାଙ୍କୁ ଘରଲୋକେ କୋକସରା ହସ୍ପିଟାଲକୁ ନେଇ ଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗଜବାହାଲ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ୨୨ରୁ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କର୍ଲାମୁଣ୍ଡା ବ୍ଲକ ଗଜବାହାଲରେ ନବନିର୍ମିତ ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ଚଳିତ ମାସ ୨୨ ତାରିଖରୁ ଆରମ୍ଭ ହେବ। ପ୍ରଥମ ଦିନ ରତ୍ନମୁଦ ସ୍ଥାପନ ଓ ସ୍କନ୍ଦ ପୁରାଣ ପଠନ ହୋଇ ୨୩ ତାରିଖ ଦିନ ମନ୍ଦିର ପ୍ରତିଷ୍ଠା, ନୀଳଚକ୍ର ସ୍ଥାପନ ହେବ। ୨୪ ତାରିଖ ଅଷ୍ଟପ୍ରହର ନାମଜଜ୍ଞ ଆରମ୍ଭ ହୋଇ ୨୫ରେ ପୂର୍ଣ୍ଣାହୂତି ପଡ଼ିବ। ଏଥିରେ ବିଡିଓ ସୌଭାଗ୍ୟ ସାହୁ ଓ ସୁମିତ୍ରା ସାହୁ କର୍ତ୍ତା ଦାୟିତ୍ୱ କାର୍ଯ୍ୟ ତୁଲାଇବେ।

# କଳାହାଣ୍ଡି ଯୁବ କଂଗ୍ରେସର ବିକ୍ଷୋଭ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଜାତୀୟ କଂଗ୍ରେସ କାର୍ଯ୍ୟାଳୟରେ ଆକ୍ରମଣ, କଂଗ୍ରେସ କର୍ମକର୍ତ୍ତାଙ୍କ ପ୍ରତି ଦିଲ୍ଲୀ ପୋଲିସର ବର୍ବରତା ଏବଂ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ ଇଡି ଓ ସିବିଆଇ ଉଦ୍ଦେଶ୍ୟମୂଳକ କାର୍ଯ୍ୟର ପ୍ରତିବାଦରେ ଗୁରୁବାର କଳାହାଣ୍ଡି ଯୁବ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, କମଲ ତାଣ୍ଡି, ଦାଓ୍ୱା ଅଲି ଖାନା, ପରମାନନ୍ଦ ମାଝୀ, ଦହ ଲହଜାଲ, ବୁଲୁ ନାଏକ, ଉମେଶ ସରାଫ, କୁମୁଦ ଗହିର, ବଣ୍ଟି ସୁନାନି ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ଥିଲେ।

# ମହିଳାଙ୍କ ପେଟରୁ ବାହାରିଲା ସାଢେ ୪ କେଜିର ଟ୍ୟୁମର

କେସିଙ୍ଗା, (ଭାସ୍କର ନ୍ୟୁଜ୍): କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତର ମଶାଣିବନ୍ଧ ଅଙ୍ଗନୱାଡ଼ି କର୍ମୀ କୁମାରୀ ସାହୁଙ୍କ ପେଟରୁ ଗୁରୁବାର ସାଢେ ୪କେଜିର ଟ୍ୟୁମର ବାହାର କରାଯାଇଛି। ଏକ ଜଟିଳ ଅସ୍ତ୍ରୋପଚାରରେ ବୁର୍ଲା ଭିମସାର ହସ୍ପିଟାଲର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସନ୍ତୋଷ ଦୋରା ଏବଂ ସଜନ ଡ. ବେଣୁଧର ପାଣ୍ଡେ ଅଙ୍ଗନୱାଡି କର୍ମୀଙ୍କ ୟୁଟ୍ରେସରୁ ସାଢେ ୪କେଜିର ଟ୍ୟୁମରକୁ ସଫଳତାର ସହ ବାହାର କରିଛନ୍ତି। ଦୀର୍ଘ ଦିନରୁ କୁମାରୀ ପେଟ, ଅଣ୍ଟା ବ୍ୟଥାରେ ପୀଡ଼ିତ ଥିଲେ। ତେବେ ଆଜି ଦୀର୍ଘ ୫ଘଣ୍ଟାର ଅପରେସନ ପରେ କୁମାରୀ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।



## ବର୍ଷେ ବିତିଗଲା, ମିଳିନି ମନରେଗା କାମର ମଜୁରି !

# ବିଡିଓଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍‌ର ଯୋରାଡବରା ପଞ୍ଚାୟତର ଶିଶାଖାଲ ଓ କାର୍ଣ୍ଡିଖୁଣ୍ଟି ଗ୍ରାମରେ ଶ୍ରମିକମାନେ ମନରେଗା ଯୋଜନାରେ କାମ କରିବାର ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ମଜୁରି ପାଇନଥିବା ଅଭିଯୋଗ ହୋଇଛି। ଏହି ଶ୍ରମିକମାନେ ଇନ୍ଦିରାକାନ ଠାରେ ଟିସିବି କାମ କରିଥିଲେ। ଗୁରୁବାର ଦିନ ସ୍ଥାନୀୟ ଯୁବନେତା ଶୁଭ୍ରାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଶ୍ରମିକମାନେ ଯୋରାଡବରା ପଞ୍ଚାୟତଠାରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁଙ୍କ ମାଧ୍ୟମରେ ବିଡିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଯଦି ଆଗାମୀ ୧୫ ଦିନ ମଧ୍ୟରେ ମଜୁରି ନ ମିଳେ ତେବେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କ୍ଷୀରାବ୍ଧି ସାହୁ, ଉତ୍ତମ ସାହୁ, ଅଭିରାମ ସାହୁ, ପିତାମ୍ବର ସାହୁ, ସୁରେନ୍ଦ୍ର ଚନ୍ଦନ, ପବିତ୍ର ସାହୁ, ମହେନ୍ଦ୍ର ଭୋଇ, ଗଜିନ୍ଦ୍ର ସାହୁ, ହୃଦାନନ୍ଦ ସାହୁ, କରୁଣା ସାହୁ, ଗୁର ସାହୁ, ଚୁମନ ସାହୁ, କେତକି ଗହୀର, ଭରତ ଚନ୍ଦନ, ଗଜାନନ ମାଝୀ ଉପସ୍ଥିତ ଥିଲେ।




# ରାଶିଫଳ

ଶନିବାର, ୧୮ ଜୁନ୍ ୨୦୨୨


**ମେଷ** – ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ । ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।


**ବୃଷ** – ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।


**ମିଥୁନ** – ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ ।


**କର୍କଟ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ।


**ସିଂହ** – କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ। ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।


**କନ୍ୟା** – ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ।


**ତୁଳା** – ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ।


**ବିଛା** – ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି।


**ଧନୁ**– ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।


**ମକର** – ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।


**କୁମ୍ଭ** – ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି।


**ମୀନ** – ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ସଇଁତଲା,(ଭାସ୍କର ନ୍ୟୁଜ୍):ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ସାହୁ ସମାଜ ଗୃହ ପାଇଁ ଭୂମି ପୂଜନ କାର୍ଯ୍ୟ ଆରମ୍ଭ ହେଇଯାଇଛି । ସ୍ଥାନୀୟ କଂସରପଡା ଠାରେ ଆଜି ସାହୁ ସମାଜର ନୂତନ ଗୃହ ପାଇଁ ଭୂମି ପୂଜା କାର୍ଯ୍ୟ ଆରମ୍ଭ ହେଇଛି । ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସରପଞ୍ଚ ସୁବ୍ରତ ନାଗ, ସାହୁ ସମାଜ ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ସାହୁ ଯୋଗ ଦେଇ ପଣ୍ଡିତ ବିକ୍ରମ ମିଶ୍ର ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ ଏହି କାର୍ଯ୍ୟକ୍ରମରେ ସାହୁ ସମାଜର ଛବିଲାଲ ସାହୁ, ଜୟରାମ ସାହୁ, ଭୀଷ୍ମ ସାହୁ ରଶ୍ମିରଞ୍ଜନ ସାହୁ, ରଥୀ ସାହୁ, ତ୍ରିଲୋଚନ ସାହୁ, ଚୁଡାମଣି ସାହୁ, ସତ୍ୟ ସାହୁ, ହରିବନ୍ଧୁ ସାହୁ ଭାରତ ସାହୁ, ଗୌର ସାହୁ, ଅଲେଖ ସାହୁ, ଲିଙ୍ଗରାଜ ସାହୁ, ଦୁର୍ଯ୍ୟୋଧନ ସାହୁ, ବେଣୁଧର ସାହୁ, ଆଶିଷ ସାହୁ, ଭୁକରଧନ ସାହୁ, ବିନୋଦ ସାହୁ, ଲକ୍ଷଣ ସାହୁ, ଶଶୀ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ସାହୁ ସମାଜ ପ୍ରବକ୍ତା ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ ।

## ଟାଟା କମ୍ପାନୀ, ଜିଲ୍ଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା; ଫଳଶୂନ



ଛତ୍ରପୁର,(ଭାସ୍କର ନ୍ୟୁଜ୍): ଛତ୍ରପୁର ବ୍ଲକ ଅଧୀନସ୍ଥ କାଳିପଲ୍ଲୀ ଗ୍ରାମ ନିକଟ ଟାଟା କମ୍ପାନୀ ଅଧିକୃତ ଜମିରେ ଚାଲିଥିବା 'ଦୀପକ ଫର୍ଟିଲାଇଜର' ପ୍ରକଳ୍ପକୁ ବିରୋଧ କରି ଦୀର୍ଘ ୭ ଦିନ ଧରି ଧାରଣାରେ ବସିବା ପରେ, ଜିଲ୍ଲାପାଳଙ୍କ ଆଦେଶ ପ୍ରକାରେ ଚିଠି ନଂ-୧୦୯ /ଏସଏଲଆର, ତାରିଖ ୧୩/୦୬/୨୦୨୨ ପ୍ରକାରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ, ଉପଜିଲ୍ଲାପାଳ ନୀଳମାଧବ ଭୋଇ, ଯୁଗ୍ମ ଶ୍ରମଅଧିକାର, ତହସିଲଦାର ପ୍ରକାଶ ଚନ୍ଦ୍ର ମିଶ୍ର, ଏସଡିପିଓ ଗୌତମ କିଷାନ୍, ଟାଟା ପ୍ରକଳ୍ପର ମୁଖ୍ୟ ପ୍ରତିନିଧି ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ କାଳିପଲ୍ଲି ଗ୍ରାମବାସୀଙ୍କ ତରଫରୁ ନେତୃବୃନ୍ଦ ବୈଠକକୁ ଶୁକ୍ରବାର ଅର୍ଥାତ ୧୭ ତାରିଖରେ ଡକାଯାଇଥିଲା। କିନ୍ତୁ ଗତକାଲି କାଳିପଲ୍ଲୀ ଗ୍ରାମବାସୀ ପ୍ରକଳ୍ପ ସ୍ଥଳରେ ଗ୍ରାମ କମିଟି ସଭାପତି ମୁରଲୀ ସାହୁଙ୍କ ନେତୃତ୍ୱରେ ଏକ ବୈଠକ ବସି ନିଷ୍ପତି ନେଇଥିଲେ ଯେ ଗ୍ରାମର ସମସ୍ତ ଯୁବକ ମହିଳା ଓ ପୁରୁଷ ମାନେ ଉପସ୍ଥିତ ରହିବା ପାଇଁ ନିଷ୍ପତ୍ତି ହୋଇଥିଲା । ଶୁକ୍ରବାର ଗ୍ରାମର ସମସ୍ତ ଗ୍ରାମବାସୀ ଏକତ୍ର ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଏବଂ ନାରାବାଜି ଦେଇଥିଲେ । ପରେ ପୋଲିସ ବୁଝାବୁଝି କଲାପରେ ସମସ୍ତ ଗ୍ରାମବାସୀ ଫାଟକ ସାମ୍ନାରେ ବସିବା ସହ ସେମାନଙ୍କ ମଧ୍ୟରୁ ୨୩ ଜଣ ପ୍ରତିନିଧିଙ୍କୁ ଗ୍ରାମବାସୀଙ୍କ ତରଫରୁ ବୈଠକ ଗୃହକୁ ଡକାଯାଇ ତ୍ରିପାକ୍ଷିକ ଆଲୋଚନା କରାଯାଇଥିଲା । କିନ୍ତୁ ବୈଠକ ଦୀର୍ଘ ୨ ଘଣ୍ଟା ଧରି ଆଲୋଚନା ହେଲା । ଜିଲ୍ଲାପାଳ ଉଭୟ ପକ୍ଷର କଥା ଶୁଣିବା ସହ ଆଗାମୀ ଦିନରେ ଗ୍ରାମରେ ଟାଟା କର୍ତ୍ତୃପକ୍ଷ ଓ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ଟିମ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ସମାଧାନ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଶେଷରେ ଆଲୋଚନାରେ ଭାଗ ନେଇଥିବା ପ୍ରତିନିଧି ଦଳ ଏଭଳି ନିଷ୍ପତିକୁ ଫାଟକ ପାଖରେ ବସିଥିବା ଗ୍ରାମବାସୀଙ୍କ ଜଣାଇଥିଲେ। କିନ୍ତୁ ଗ୍ରାମବାସୀ ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଯେଉଁ ପର୍ଯ୍ୟନ୍ତ ପ୍ରଶାସନ ଓ ଟାଟା କର୍ତ୍ତୃପକ୍ଷ ଆମକୁ ଲିଖିତ ପ୍ରତିଶ୍ରୁତି ଆମ ଦାବି ମୁତାବକ ପୂରଣ କରିନାହାନ୍ତି, ସେ ପର୍ଯ୍ୟନ୍ତ ଆମେ ଧାରଣା ସ୍ଥଳରେ ବସି ରହିବୁ କହି ଫେରିଛନ୍ତି । ପୁଣି ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ କହିଛନ୍ତି। ସୂଚନା ଯୋଗ୍ୟ ଟାଟା କମ୍ପାନୀ ଇସ୍ପାତ୍ କାରଖାନା ପାଇଁ କାଳିପଲ୍ଲୀ ଓ ନିକଟସ୍ଥ ଅଞ୍ଚଳରେ ୧୯୯୬ ମସିହାରେ ଜମି ଅଧିଗ୍ରହଣ ହୋଇଥିଲା। ଦୀର୍ଘ ୨୫ ବର୍ଷ ବିତିଥିଲେ ମଧ ଟାଟା କମ୍ପାନୀ ପକ୍ଷରୁ ଜମି ହରାଇଥିବା ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇନଥିବାରୁ ଅସନ୍ତୋଷ ଲାଗି ରହିଛି । ଏପରିକି ଇସ୍ପାତ କାରଖାନା ବଦଳରେ ଇଣ୍ଡଷ୍ଟ୍ରିଆଲ ପାର୍କ ନାଁରେ ବିଭିନ୍ନ କମ୍ପାନୀକୁ ଆଣି ଏଠାରେ ଟାଟା କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକଳ୍ପ କରାଯାଉଛି। ଏବେ କାଳିପଲ୍ଲି ନିକଟ ଉକ୍ତ ଜମିରେ ଟାଟା କମ୍ପାନୀ ଠାରୁ ଲିଜ୍ ନେଇ ଦୀପକ ଫର୍ଟିଲାଇଜର କମ୍ପାନୀ ସ୍ଥାପନ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାକୁ କାଳିପଲ୍ଲୀ ଗ୍ରାମବାସୀ ବିରୋଧ କରି ଗତ ଶନିବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପ୍ରଥମେ ନିଯୁକ୍ତି, ପରେ କାର୍ଯ୍ୟ ବୋଲି ନାରାବାଜି ଦେଇ ଗ୍ରାମବାସୀମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହିଛନ୍ତି।

## ଭିଜିଲାନ୍ସ ଜାଲରେ ଫସିଲେ କିରାଣୀ





ବାରିପଦା,(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ବଡସାହି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କିରାଣୀ ବିକ୍ରମ ବେହେରା ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ । ସୂଚନା ଅନୁଯାୟୀ ଟିକରପଡା ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ବିସିକେଶନ ଗୋଚ୍ଛାୟତଙ୍କ ପେନସନ ଟଙ୍କା କାଗଜପତ୍ର ପ୍ରସ୍ତୁତ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ହେଲେ ୧୫ ହଜାର ଟଙ୍କାରେ କଥା କଟିଥିଲା ।ଏହାପରେ ବିସିକେଶନ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେବେ ଟଙ୍କା ଦେବା ସମୟରେ ବାରିପଦା ଏବଂ ବାଲେଶ୍ୱର ଭିଜିଲାନ୍ସ ଟିମ ହାତରେ ଧରା ପଡ଼ିଥିଲେ କିରାଣୀ। ବିକ୍ରମଙ୍କଠାରୁ କେମିକାଲ ବୋଳା ଟଙ୍କା ଜବତ କରାଯାଇଛି । ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିପଚରାଉଚରା ଜାରି ରଖିଛି।

## କ୍ରୀଡ଼ା ମନ୍ତ୍ରୀଙ୍କ ଦ୍ୱାରା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ



ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତର ସୁରେନ୍ଦ୍ରନାଥ ବିଦ୍ୟାପୀଠରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଛନ୍ତି । ୨୦୨୨/୨୩ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିବା ଏହି ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା ଦେଇ ମେଧାବୀ ଛାତ୍ର ଛାତ୍ରୀମାନଙ୍କୁ ଚୟନ କରାଯାଇଛି । ଆଜିଠାରୁ ଷଷ୍ଠ ଶ୍ରେଣୀ ପଠା ପଢା ଆରମ୍ଭ କରାଯାଇଛି। ଏଥିପାଇଁ ୮୫ ଆସନ ବିଶିଷ୍ଟ ଆଦର୍ଶ ବିଦ୍ୟାଳୟରେ ଅସ୍ତରଙ୍ଗ ବ୍ଲକର ୮୨ ଜଣ ମେଧାବୀ ଛାତ୍ର ଛାତ୍ରୀ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଚୟନ କରାଯାଇ ନାମ ଲେଖାଇଛନ୍ତି। ଅଭିଭାବକ ମାନେ ପିଲା ବିଦ୍ୟାଳୟକୁ ଗମନାଗମନ କରିବା ପାଇଁ ବିଦ୍ୟାଳୟ ତରଫରୁ କୌଣସି ବନ୍ଦୋବସ୍ତ ନଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏହାର ପ୍ରତିଉତ୍ତରରେ ବ୍ଲକ ଶିକ୍ଷାଧିକାରୀ ମନ୍ଦରଧର ମହାନ୍ତି ସୂଚନା ଦେଇଛନ୍ତି କିଛି ମାସ ଅଭିଭାବକ ନିଜ ପିଲାଙ୍କୁ ନେବା ଆଣିବା କରିବେ। ପରେ ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉଦ୍‌ଘାଟନ ଉତ୍ସବରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବ୍ଲକ ଅଧକ୍ଷା ଆରତୀ ନାୟକଙ୍କ ସମେତ ଶିକ୍ଷା ଅଧିକାରୀ, ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପ୍ରସନ୍ନ କୁମାର ପାତ୍ର ଛତ୍ରପୁର ଉପଜିଲ୍ଲାପାଳ




ଛତ୍ରପୁର,(ଭାସ୍କର ନ୍ୟୁଜ୍):ଗଞ୍ଜାମ ଜିଲ୍ଲା ଛତ୍ରପୁର ଉପଜିଲ୍ଲାପାଳ ଭାବେ ପ୍ରସନ୍ନ କୁମାର ପାତ୍ର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୨୦୦୬ ଓଏଏସ୍ ବ୍ୟାଚର ହୋଇଥିବାବେଳେ ଏହା ପୂର୍ବରୁ ରଙ୍ଗେଇଲୁଣ୍ଡା ବିଡ଼ିଓ ଭାବେ କାର୍ଯ୍ୟ କରୁଥିଲେ ଏଠାରେ ଉପଜିଲ୍ଲାପାଳ ଥିବା ନୀଳମାଧବ ଭୋଇଙ୍କ ବ୍ରହ୍ମପୁର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି ହୋଇଛି।

## ଡାହାଣୀ ସନ୍ଦେହରେ ମହିଳାଙ୍କୁ ହତ୍ୟା

କରଞ୍ଜିଆ,(ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲା ଯଶୀପୁର ଥାନା ଅନ୍ତର୍ଗତ ମାଟିଆଗଡ଼ ପଞ୍ଚାୟତର ପୋଡାଗଡ଼ ଗାଁରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ଘର ସେହି ଗ୍ରାମର ଚମ୍ପାବତୀ ହେମ୍ବ୍ରମ (୭୦) ବୋଲି ଜଣାପଡିଛି, କେହି ତାଙ୍କୁ ଶୋଇଥିବା ଅବସ୍ଥାରେ ପଥରରେ ଛେଚି ହତ୍ୟା କରିଥିବା ଜଣାପଡିଛି। ମୃତକଙ୍କ ନିକଟରେ ହତ୍ୟା କରାଯାଇଥିବା ପଥର ପଡ଼ିରହିଛି ସେଥିରେ ଚୁଟି ଏବଂ ରକ୍ତ ଲାଗିଥିବା ଯୋଗୁଁ ପଥରରେ ଛେଚି ହତ୍ୟା କରାଯାଇଥିବା ସନ୍ଦେହ କରୁଛି ପୋଲିସ। ଘଟଣା ସ୍ଥଳରେ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇ ପହଞ୍ଚି ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି ତେବେ ସାଇଣ୍ଟିଫିକ ଟିମକୁ ଅପେକ୍ଷା କରିଛି ପୋଲିସ। ଯଶୀପୁର ପୋଲିସର ତଦନ୍ତ ଜାରି ରହିଛି। ସେପଟେ ମୃତକଙ୍କ ପୁଅ ମା'ଙ୍କ ହତ୍ୟାକୁ ନେଇ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

## ଆଦର୍ଶ ବିଦ୍ୟାଳୟ ପାଇଁ ନିଜସ୍ୱ ଗୃହ ଓ ହଷ୍ଟେଲ ଦାବି




ବାଲିପାଟଣା,(ଭାସ୍କର ନ୍ୟୁଜ୍) : ଗ୍ରୀଷ୍ମ ଛୁଟି ପରେ ସାରା ରାଜ୍ୟରେ ଆଜିଠାରୁ ଖୋଲିଛି ସମସ୍ତ ବିଦ୍ୟାଳୟ। ଏହି କ୍ରମରେ ବାଲିପାଟଣା ବ୍ଲକ୍‌ରେ ପ୍ରଥମଥର ପାଇଁ ଖୋଲିଛି ଆଦର୍ଶ ବିଦ୍ୟାଳୟ। ମାତ୍ର ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହ ନଥିବାରୁ ବନମାଳୀପୁରସ୍ଥିତ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠ ପଢିବେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ର ଛାତ୍ରୀ। ସୂଚନା ଅନୁଯାୟୀ ଏହି ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀ ପାଇଁ ମୋଟ ୭୮ ଜଣ ଛାତ୍ରଛାତ୍ରୀ ନାମଲେଖାଇ ଥିବା ବେଳେ ଆଜି ମୋଟ ୬୫ ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ନିଜସ୍ୱ ଗୃହ କିମ୍ବା ହଷ୍ଟେଲ ନଥିବାରୁ ଛାତ୍ରଛତ୍ରୀମାନେ ବିଭିନ୍ନ ଅଞ୍ଚଳରୁ ଗାଡ଼ି ଭଡ଼ାକରି ଆସିଥିବା ଦେଖିବାକୁ ମିଳିଥିଲା। କିନ୍ତୁ ମୁଖ୍ୟ ଆଲୋଚ୍ୟ ବିଷୟ ଯେ ଏହି ଆଦର୍ଶ ବିଦ୍ୟାଳୟ ପାଇଁ ମୋଟ ୭୮ ଜଣ ଛାତ୍ର ଛାତ୍ରୀଙ୍କ ପାଇଁ ୧୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଥିବା ଜଣାପଡିଛି। କେତେକ ସ୍ଥାନରେ ଶ୍ରେଣୀ ସଂଖ୍ୟା ତୁଳନାରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସାଂଖ୍ୟ କମ୍‌ଥିବା ବେଳେ ଏଠାରେ ଏତେ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦେବା ସରକାରଙ୍କ ସରକାରୀ ବିଦ୍ୟାଳୟ ପ୍ରତି ବୈମାତୃକ ମନୋଭାବକୁ ପଦାରେ ପକାଇଛି । ତେବେ କେତେକ ପାରିପାର୍ଶ୍ୱିକ ଅସୁବିଧା ଗୁଡ଼ିକୁ ବାଦ ଦେଲେ ବାଲିପାଟଣା ବ୍ଲକରେ ପ୍ରଥମ ଥର ପାଇଁ ଖୋଲିଥିବା ଆଦର୍ଶ ବିଦ୍ୟାଳୟ ନିଶ୍ଚିତ ଭାବରେ ପିଲାମାନଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ଏଥିରେ ସନ୍ଦେହ ନାହିଁ । ତେଣୁ ଯେତେ ଶୀଘ୍ର ସମ୍ଭବ ଏହି ବିଦ୍ୟାଳୟ ପାଇଁ ନିଜସ୍ୱ ଗୃହ ଏବଂ ହଷ୍ଟେଲ ଯୋଗାଇ ଦେଲେ ପିଲାମାନେ ଉପକୃତ ହେବେ ବୋଲି ଅଭିଭାବକ ମାନେ ମତ ପ୍ରକାଶ କରିଛନ୍ତି ।

## ଆମ ଗାଁ ମହୋତ୍ସବ ପାଳିତ



ରଘୁନାଥପୁର,(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ଧରାଧରପୁର ଗ୍ରାମର ସ୍ଥାନୀୟ ଯୁବକ ସଂଘ ଆୟୋଜନରେ ରଜ ଉପଲକ୍ଷେ ୩ଦିନ ବ୍ୟାପି ୫ମ ବର୍ଷ "ଆମ ଗାଁ" ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବ ସୋମବାର ଠାରୁ ଆରମ୍ଭ ହୋଇ ବୁଧବାର ଦିନ ଉଦ୍‌ଯାପନ ହୋଇଛି। ସମ୍ମାନିତ ଅତିଥି ଭାବେ ବୃନ୍ଦବନ ଚନ୍ଦ୍ର କଲେଜର ପୂର୍ବତନ ଅଧକ୍ଷ ରମାରଞ୍ଜନ ସ୍ୱାଇଁ ଓ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ୍‌ର ଆସିଷ୍ଟାଣ୍ଟ ମ୍ୟାନେଜର କଲ୍ୟାଣୀ ମୁଖାର୍ଜୀ ଯୋଗଦେଇଥିଲେ ରଜପର୍ବ ସଂପର୍କରେ ଆଲୋକପାତ କରାଇଥିଲେ। ଏଥିରେ ୨୦ଗୋଟି ପ୍ରତିଯୋଗିତା କରାଯାଇଥିଲା। ଏହି ମହୋତ୍ସବରେ କୃତକାର୍ଯ୍ୟ କରିଥିବା ୧୮୨ଜଣ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଫଳବୃକ୍ଷ ଚାରା ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଓଡ଼ିଶାର କଳା ସଂସ୍କୃତିକୁ ଉଦ୍‌ଜୀବିତ କରିବା ଓ ପିଲାମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଖୋଜି ବାହାର କରିବା ଏହି ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂଗଠନର ସଭାପତି ସମାଜସେବୀ ସରିତ୍ ମହାପାତ୍ର ପ୍ରକାଶ କରିଛନ୍ତି। ଏଥିରେ ସମସ୍ତ ଯୁବକ ଭାଇଭଉଣୀମାନେ ସହଯୋଗ ପ୍ରଦାନ କରିଥିବାରୁ ସଙ୍ଗଠନର ସଂପାଦକ ରାକେଶ ଦାସ ଧନ୍ୟବାଦ ଦେଇଛନ୍ତି।

## ଚାଷୀଙ୍କୁ ଦଳି ମାରିଲା ହାତୀ

କରଞ୍ଜିଆ,(ଭାସ୍କର ନ୍ୟୁଜ୍) :ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ମଣଦା ରେଞ୍ଜର ବିଶୋଇ ବ୍ଲକ ଅଧିନସ୍ଥ ଖଡମବେଡା ପଞ୍ଚାୟତର ଦେଓପେଟା ଗ୍ରାମରେ ଅଘଟଣ। ହାତୀ ଆକ୍ରମଣରେ ରତନ ସୋରେନ (୪୭)ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଗତକାଲି ରାତି ୯ଟାରୁ୧୦ଟା ପାଖାପାଖି ସମୟରେ ରତନ ସୋରେନ ଦାଣ୍ଡ ବାହାର ବାଡିର ପଣସ ଗଛ ପାଖକୁ ପରିଶ୍ରା କରିବାକୁ ଯାଇଥିବା ସମୟରେ ହାତୀ ହାବୁଡରେ ପଡ଼ିଥିଲେ । ହାତୀଟି ଚୁପ୍‌ଚାପ୍ ଆସି ପଣସ ଖାଉଥିଲା । ହାତୀଟି ରତନକୁ ସେଠି ଦଳି ଦେଇଥିଲା। ଘର ଲୋକେ ରତନର ଘରକୁ ନ ଫେରିବା ନେଇ ଖୋଜାଖୋଜି କଲାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହୋଇ ପଣସ ଗଛ ପାଖରେ ପଡ଼ି ଥିବା ଦେଖିଥିଲେ। ଘର ଲୋକେ ଗୁରୁତର ଅବସ୍ଥାରେ ଆମ୍ବୁଲାନରେ ରାଇରଙ୍ଗପୁର ଉପଖଣ୍ଡ ଡ଼ାକ୍ତରଖାନାକୁ ରାତିରେ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ରାତି ୧୦ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଡାକ୍ତରଖାନା ଆଉଟ୍ ଡୋରରେ ପଡ଼ି ରହିଥିବା ମୃତକଙ୍କୁ ବନବିଭାଗ ତରଫରୁ କେହି ଦେଖିବାକୁ ପହଞ୍ଚି ନ ଥିଲେ । ଆଜି ସକାଳେ ବନବିଭାଗ ଖବର ପାଇ ଘଟଣା ସ୍ଥଳକୁ ଯାଇ ତଦନ୍ତ କରୁଛନ୍ତି। ବିଶୋଇ ପୋଲିସ ଓ ବନ ବିଭାଗ ଘଟଣାର ତଦନ୍ତ କରୁଛନ୍ତି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ପୁଣି କରଞ୍ଜିଆ ବନଖଣ୍ଡରେ ହାତୀଙ୍କ ଆତଙ୍କ



କରଞ୍ଜିଆ,(ଭାସ୍କର ନ୍ୟୁଜ୍):ଦେଢ଼ ମାସର ବ୍ୟବଧାନ ପରେ ପୁଣି କରଞ୍ଜିଆ ବନଖଣ୍ଡକୁ ପଶି ଆସିଲେ ହାତୀ ପଲ। ପଲରେ ୨୩ଟି ହାତୀ ଅଛନ୍ତି। ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବନଖଣ୍ଡରୁ ବୈତରଣୀ ନଦୀ ପାର ହୋଇ କରଞ୍ଜିଆ ବନଖଣ୍ଡରେ ପ୍ରବେଶ କରିଛନ୍ତି। ଚମ୍ପୁଆ ବନଖଣ୍ଡରେ ରବି ଫସଲ ବ୍ୟାପକ ନଷ୍ଟ କରିଥିବା ସୂଚନା। ହାତୀ ପଲରେ ୨୩ଟି ହାତୀ ଥିବାରୁ ଏବେ କରଞ୍ଜିଆବାସି ଆତଙ୍କିତ। ହାତୀ ପଲ ଏବେ ହଳଦୀଆ ଜଙ୍ଗଲରେ ଡେରା ପକାଇଛନ୍ତି। ବନବିଭାଗ ହାତୀ ଘଉଡ଼େଇବା ପାଇଁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଫଳ ଶୂନ। ସ୍ଥାନୀୟ ଅଞ୍ଚଳବାସି ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି କରୁଛନ୍ତି।

## ବିଦ୍ୟୁତ୍ ସଂଯୋଗ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ସୋରଡ଼ା,(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ସୋରଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଆଦିବାସୀଙ୍କ ଗଣ ଧାରଣା । ଦୀର୍ଘବର୍ଷ ହେବ ବିଦ୍ୟୁତ୍ ସେବାରୁ ବଞ୍ଚିତ ଅଛନ୍ତି ଗ୍ରାମବାସୀ । ଯାହାକୁ ନେଇ ଆଜି ଅଖିଳ ଭାରତ କିସାନ ମଜଦୁର ସଭା ତରଫରୁ ଦାବିକରି ସିଦ୍ଧପୁର ପଞ୍ଚାୟତ ରଘୁନାଥପୁର, କମାଲଖାଲ, ସରାବାଡୀ ପଞ୍ଚାୟତ ମଇଶିଆପଦା, ଅସୁରବନ୍ଧ ପଞ୍ଚାୟତ ବି.ଅଂହଲାଝୋଳି, ଗୌଡ଼ଗୋଠ ପଞ୍ଚାୟତ କରଡାପଙ୍କାଳର ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମୁଖରେରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁସାରେ ନିର୍ବାଚନ ସମୟର ବିଦ୍ୟୁତ୍ ସଂଯୋଗକୁ ନେଇ ଭୋଟ ବର୍ଜନ ମଧ କରିଥିଲେ । କିନ୍ତୁ କିଛି କୁଜି ନେତା ଓ ପ୍ରଶାସନର ମିଥ୍ୟା ପ୍ରତଶ୍ରୁତିରେ ଭୋଟ ବର୍ଜନକୁ ପ୍ରତ୍ୟାହାର କରିଥିଲେ। ଗ୍ରାମବାସୀ ସମସ୍ୟାକୁ ନେଇ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ନେତା ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅବଗତ କରାଇବା ପରେ ମଧ କୌଣସି ଫଳପ୍ରଦ ହୋଇନଥିଲା । ବର୍ତ୍ତମାନ ଗ୍ରାମବାସୀଙ୍କର ଏକା ଦାବି ଯେତେଦିନ ପର୍ଯ୍ୟନ୍ତ ନିଜ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ସେତେଦିନ ପର୍ଯନ୍ତ ବ୍ଲକ କାର୍ଯ୍ୟାଳୟ ସମୁଖରେ ଅନିର୍ଦ୍ଦିଷ୍ଟ କାଳ ପଯ୍ୟନ୍ତ ଗଣଧାରଣା ଚାଲୁରହିବ।

## ଜବର ଦଖଲ ଉଚ୍ଛେଦ ପାଇଁ ଶେଷ ତାରିଖ ଧାର୍ଯ୍ୟ

ବାଲିପାଟଣା (ଭାସ୍କର ନ୍ୟୁଜ୍): ଆଜି ବାଲିପାଟଣା ଅନ୍ତର୍ଗତ ବନମାଳିପୁର ବଜାରରେ ତହସିଲ୍ ପକ୍ଷରୁ ବେଆଇନ୍ ଭାବେ ସରକାରୀ ଜାଗା ଜବର ଦଖଲକୁ ଉଚ୍ଛେଦ ପାଇଁ ଶେଷ ନୋଟିସ୍ ଜାରି କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାଇ ବନମାଳିପୁର ବଜାର ରାସ୍ତା କଡ଼ ଥିବା ସରକାରୀ ଜାଗାକୁ କିଛି ବ୍ୟବସାୟୀ ଜବର ଦଖଲ କରି ଦୋକାନ, କ୍ୟାବିନ କରିଥିବାରୁ ରାସ୍ତା ସଙ୍କୁଚିତ ହୋଇଯାଇଛି ଫଳରେ ଯାତାୟାତ ପାଇଁ ବହୁ ଅସୁବିଧା ସୃଷ୍ଟି ହେଉଛି। ଏଥିପାଇଁ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ସୂଚନା ଦେବା ପରେ ମଧ କେହି ବି ଶୁଣି ନଥିଲେ। ସେଥିପାଇଁ ଉଚ୍ଛେଦ ପାଇଁ ଚଳିତ ମାସ ୧୦ ତାରିଖ ଧାର୍ଯ୍ୟ କରାଯାଇଥିଲା କିନ୍ତୁ ରଜ ପର୍ବର ବ୍ୟବସାୟ ପାଇଁ ଏହାକୁ ସ୍ଥଗିତ ରଖାଯାଇ ଏହାକୁ ୨୦ ତାରିଖ ଧାର୍ଯ୍ୟ କରାଯାଇଛି। । ତେଣୁ ଆଜି ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ବ୍ୟବସାୟୀ ମାନଙ୍କୁ ଆସନ୍ତା ୧୯ ତାରିଖ ମଧ୍ୟରେ ଜବର ଦଖଲ ପରିତ୍ୟାଗ କରିବା ପାଇଁ ନୋଟିସ୍ ଜାରି କରାଯାଇଛି ନଚେତ୍ ୨୦ ତାରିଖରେ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ବାଲିପାଟଣା ତହସିଲ୍‌ଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ସୂଚନା ଦେଇଛନ୍ତି।

## ରାଶିଫଳ

ଶନିବାର, ୧୮ ଜୁନ୍ ୨୦୨୨



**ମେଷ** - ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ । ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି।



**ବୃଷ** - ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।



**ମିଥୁନ** - ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ ।



**କର୍କଟ** - ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ।



**ସିଂହ** - କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ। ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।



**କନ୍ୟା** - ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ।



**ତୁଳା** - ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ।



**ବିଛା** - ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି।



**ଧନୁ**- ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।



**ମକର** - ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



**କୁମ୍ଭ** - ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି।



**ମୀନ** - ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ନିମାପଡା, (ଭାସ୍କର ନ୍ୟୁଜ୍) : ନିମାପଡା ପବିତ୍ର ବସୁମତୀ ସ୍ନାନ ଅବସରରେ ନିମାପଡା ଠାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇଛି । ଯୁବ ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି, ସମାଜ ସେବୀ ମମତା ବେହେରା, ଯୁବ ବିକାଶ ସଭାପତି ନିରଂଜନ ସାହୁ, ଚନ୍ଦ୍ରକାନ୍ତ ବରାଳ, ଆଦର୍ଶ ଦାଶ, କୃଷ୍ଣଚନ୍ଦ୍ର ପାତ୍ର, ରାଧାମୋହନ ଦାଶ, ଗୋବନ୍ଧୁ ସେବା ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଏକ ଶୋଭାଯାତ୍ରା ବଜାର ପରିକ୍ରମା କରି ତହସିଲ ସମ୍ମୁଖରେ ସ୍ଥାପନ ହୋଇଥିବା ଗୋପବନ୍ଧୁଙ୍କ ମୂର୍ତ୍ତୀ ନିକଟରେ ପହଞ୍ଚି ଥିଲା । ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ପରେ ହାଟବଜାରସ୍ଥିତ ଦୁର୍ଗମଣ୍ଡପ ଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମରୁ ଏକ ଆଜ୍ଞାମାଳ ଅଣାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକମାନଙ୍କ ସମାବେଶ ଘଟିଥିଲା ।



# ପାଣି ପିଇବାକୁ ଯାଇ ଫସିଲା ଦନ୍ତା

ସମ୍ବଲପୁର, (ଭାସ୍କର ନ୍ୟୁଜ୍) : ସଙ୍କଟରେ ଗଜରାଜ । କେତେବେଳେ ହାତୀପଲ ନଦୀ ଭିତରେ ଫଶିଯାଉଛନ୍ତି ତ ପୁଣି କେତେବେଳେ ରେଲୱେ ଟ୍ରାକ୍ ଉପରକୁ ଆସି ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରୁଛନ୍ତି । ପୁଣି କେଉଁ ଜଙ୍ଗଲରେ ଶିକାରୀ ଗୁଳିମାଡ଼ କରି ହାତୀର ଦାନ୍ତ କାଟିନେବା ପରେ ମାଟିତଳେ ପୋତି ଦେଉଛି ତ ପୁଣି କେଉଁଠି ବିଦ୍ୟୁତ୍ ଆଘାତରେ ହାତୀର ଜୀବନ ଯାଉଛି । ଏପରି ଅନେକ ଘଟଣା ପ୍ରତିଦିନ ଦେଖିବାକୁ ମିଳିଛି । ତେବେ ପାଣି ପିଇବାକୁ ପୋଖରୀକୁ ଯାଇ ଏକ ଦନ୍ତାହାତୀ ଦୀର୍ଘ ସମୟ ଧରି ଫଶି ରହିବା ଘଟଣା ସମ୍ବଲପୁରରେ ଆଲୋଡ଼ନ ସୃଷ୍ଟି କରିଛି । ସମ୍ବଲପୁର ବନଖଣ୍ଡ ଅନ୍ତର୍ଗତ ବଡ଼ସାହିର ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଏଭଳି ଅଘଟଣ ଘଟିଛି । ଏକ ବଡ଼ ପୋଖରୀ ମଧ୍ୟରେ ଥିବା କାଦୁଅ ଭିତରେ ହାତୀଟି ଫଶି ରହିଛି । ଯେତେ ଚେଷ୍ଟା କଲେ ମଧ୍ୟ ସେ ଉପରକୁ ଉଠି ପାରୁନାହିଁ । ଗ୍ରାମବାସୀମାନେ କହିଛନ୍ତି ଯେ, ଗୁରୁବାର ରାତିରୁ ହାତୀଟି ପାଣି ପିଇବାକୁ ଆସି ଫଶି ଯାଇଛି । ତେବେ ଡିଏଫ୍ଓ କହିଛନ୍ତି ଯେ, ହାତୀଟିକୁ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି ଓ ତାକୁ ଚିକିତ୍ସା ନିମନ୍ତେ ଏକ ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି ।

## ଦଳିଦେଲା ହାତୀ, ଜଣେ ମୃତ

ରାଇରଙ୍ଗପୁର, ୧୭।୬ (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମଣଦା ରେଞ୍ଜ ଦେଓପଟା ଗାଁ ନିକଟରେ ଜଣଙ୍କ ଘର ଆଗରେ ଜଣେ ବ୍ୟକ୍ତିଙ୍କୁ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଛି । ଶୁକ୍ରବାର ସକାଳେ ସେ ଘର ଆଗରେ ଛିଡ଼ା ହୋଇଥିବାବେଳେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେବା ପରେ ପାଦରେ ଦଳିଦେଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଦୁର୍ଘଟଣାରେ ଗୁରୁତର ବ୍ଲକ୍ କୃଷି କର୍ମଚାରୀ

ନିଆଳି,(ଭାସ୍କର ନ୍ୟୁଜ୍) : କଣ୍ଟାପଡ଼ା ବ୍ଲକ୍ କୃଷି କର୍ମଚାରୀ ଶିଶିର କୁମାର ପରିଡ଼ାଙ୍କୁ ଇଚ୍ଛାପୁର ଛକ ଠାରେ ତାଙ୍କ ମଟରସାଇକେଲ୍‌କୁ ଏକ ଅଟୋ ଧକ୍କାଦେଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ଶିଶିର ରାସ୍ତା ଉପରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଡ଼ାକି ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ । ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲ୍‌କୁ ପଠାଇଦିଆଯାଇଥିଲା । ତାଙ୍କ ଦେହର ବହୁ ଜାଗା କ୍ଷତବିକ୍ଷତ ହେବା ସହିତ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାରୁ ପ୍ରବଳ ମାତ୍ରାରେ ରକ୍ତ ସ୍ରାବ ହୋଇଥିଲା । ଏଠାରେ ସୂଚନା ଥାଉକି ଶିଶିର କୁମାର ପରିଡ଼ା, ବ୍ଲକ୍ ଆତ୍ମାର କର୍ମଚାରୀଭାବେ କାମ କରନ୍ତି । ତାଙ୍କର ଦୁର୍ଘଟଣାରେ ସ୍ଥାନୀୟ ଅଞ୍ଚଳ ସ୍ତମ୍ଭୀଭୂତ ହୋଇଯାଇଛି ।

# ଜିଲ୍ଲାର ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ସକ୍ରିୟ ଅଛି: ଆଇଜି




ବାଲେଶ୍ୱର,(ଭାସ୍କର ନ୍ୟୁଜ୍) : କେରଳର ଏର୍ଣ୍ଣାକୁଲମ ଜିଲ୍ଲା ଅଙ୍ଗମାଲି ଗାଁର ସେମିଟି ଦେଭାସି (୨୯) ନାମକ ଯୁବକଙ୍କୁ ଚାନ୍ଦିପୁର ଥାନା ଅନ୍ତର୍ଗତ ତୁଳସୀପଦା ଅଞ୍ଚଳରେ ଗତ ମଇ ମାସ ୩୦ ତାରିଖରେ ସଂଘବଦ୍ଧ ଆକ୍ରମଣ ସହ ଦୁର୍ବୃତ୍ତ ଲୁଟ କରିଥିବା ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥାଇ ଗୋଟିଏ ଦିନ ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ତେବେ ଏହି ମାମଲାର ଦୁଇଜଣ ନାବାଳକଙ୍କ ସମେତ ଗିରଫ ହୋଇଥିବା ୫ ଜଣ ଜଣ ହେଲେ ପୁରୁଣା ବାଲେଶ୍ୱର ତୁଳସୀପଦା ଅଞ୍ଚଳର ସିକୁନ ଓରଫ ସୁଧୀର ରଞ୍ଜନ ମାଝୀ (୩୫), ଟାଉନ ଥାନା ଅନ୍ତର୍ଗତ ପୁରୁଣା ବାଲେଶ୍ୱର ଅଞ୍ଚଳର ବାଙ୍କୁ ଓରଫ ଅଭିଜିତ ସିଂ (୩୫), ରୂପସା, କଣିପଦା ଅଞ୍ଚଳର ସଦା ଓରଫ ସଦାଶିବ ବଢ଼େଇ (୨୭), ଦୁଇ ନାବାଳକ ରଞ୍ଜନ ମଲ୍ଲିକ (୧୬) ଓ ମଣିଶଙ୍କର ବେହେରା (୧୭)। ଅର୍ଥ ପାଇଁ ଏହି ଅଭିଯୁକ୍ତମାନେ କେରଳୀ ଯୁବକଙ୍କୁ ଆକ୍ରମଣ କରିଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀର ଆଇଜି ହିମାଂଶୁ ଲାଲ ଓ ଏସପି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି । ମଇ ମାସ ୨୯ ତାରିଖରେ କେରଳୀ ଯୁବକ ସେମିଟ ଦେଭାସୀ ନିଜର ସାଙ୍ଗ ପ୍ରବୀଣ ମିସ୍ତ୍ରୀଙ୍କ ସହ ବାଲେଶ୍ୱର ସହରକୁ ଟ୍ରେନ ଯୋଗେ ଆସିଥିଲେ । ବସଷ୍ଟାଣ୍ଡ ନିକଟରେ ଥିବା ମହାରାଜ ଲଜରେ ରହିଥିଲେ । ୩୦ ତାରିଖ ସକାଳେ ଲଜରୁ ବାହାରି ନୂଆ ବଜାର ଅଞ୍ଚଳକୁ କାମରେ ଯାଇଥିଲେ । ନୂଆ ବଜାରରେ ଅଭିଯୁକ୍ତ ସୁଧୀର ରଞ୍ଜନ ମାଝୀଙ୍କ ସହିତ ସାକ୍ଷାତ ହୋଇଥିଲା । ବହୁତ ଭଲ ପିକନିକ ସ୍ପଟ ଦେଖାଇଦେବାର ପ୍ରତିଶ୍ରୁତି ଦେଇ ବୁଢ଼ାବଳଙ୍ଗ ନଦୀ, ତୁଳସୀ ପଦା ଅଞ୍ଚଳକୁ ନେଇ ଆସିଥିଲେ । ଏହି ସମୟରେ ସିକୁନ ନିଜର ଅନ୍ୟ ସାଙ୍ଗମାନଙ୍କୁ ଡାକିଥିଲା । ସମସ୍ତେ ପହଞ୍ଚିଯିବା ପରେ ଦୁଇଜଣ କେରଳୀ ଯୁବକଙ୍କୁ ଆକ୍ରମଣ କରିଥିଲେ । ମାଡ଼ଖାଇ ପ୍ରବୀଣ ଦୌଡ଼ି ପଳାଇ ଯାଇଥିଲା ବେଳେ ସେମିଟିକୁ ସମସ୍ତେ ମିଶି ଲୁଟିବା ଉଦ୍ଦେଶ୍ୟରେ ମାଡ଼ ମାରିଥିଲେ । ତାଙ୍କର ମେରୁଦଣ୍ଡରେ ଜୋର ଆଘାତ ଲାଗିବା ପରେ ସେ ଉଠି ପାରି ନଥିଲେ । ସେହିଠାରେ ତାଙ୍କୁ ପକାଇ ଦେଇ ତାଙ୍କଠାରୁ ୧୫ ହଜାର ଟଙ୍କା, ମୋବାଇଲ ଫୋନ ଲୁଟି ନେଇ ପଳାଇଥିଲେ । ପରିତ୍ୟକ୍ତ ସ୍ଥାନରେ ଅଜଣା ବ୍ୟକ୍ତିଙ୍କୁ ଦେଖି ସ୍ଥାନୀୟ କାଉନସିଲର ପୁଲିସକୁ ଖବର ଦେଇଥିଲେ । ପୁଲିସ ସେମିଟିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା ବେଳେ ୩୧ ତାରିଖରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ତେବେ ସହର ସମେତ ଜିଲାରେ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ପୁଲିସ ଉଦ୍ୟମ ଜାରି ରଖିଥିବା ବେଳେ ସଫଳତା ପାଇ ଚାଲିଛି ବୋଲି ଅଧିକାରୀ ଦ୍ୱୟ ସାମ୍ବାଦିକ ସମ୍ମିଳନୀରେ କହିଥିଲେ । ୨୦୨୧ ମସିହା ଜୁନ ୧ ତାରିଖରୁ ୧ ଜୁନ ୨୦୨୨ ମଧ୍ୟରେ ପୁଲିସ ବିଭିନ୍ନ ମାମଲାରେ ୨୯୩ ଜଣଙ୍କୁ ଗିରଫ କରିଛି । ରୁଜୁ ହୋଇଥିବା ୬୯ଟି ମର୍ଡ଼ର କେସରେ ୧୪୭ ଜଣଙ୍କୁ ଗିରଫ କରାଯାଇଛି । ତନ୍ମଧ୍ୟରୁ ୧୦ ଜଣଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇଥିଲା । ତେବେ ବର୍ଷକ ମଧ୍ୟରେ ୬୭ଟି ମୋଟର ସାଇକେଲ, ୩୩୮ଟି ମୋବାଇଲ ଫୋନ, ଦୁଇଟି ଡମ୍ଫର, ଗୋଟିଏ ସ୍କୋର୍ପିଓ ଓ ଗୋଟିଏ ବୋଲେରୋ ଜବତ କରିଛି । ଏହା ସହିତ ୨ଟି ଲାପଟପ, ୯୫ଟି ଟାୱାର ବ୍ୟାଟେରୀ, ୧୧୦ଟି ଅନ୍ୟ ବ୍ୟାଟେରୀ, ୨ଟି ଏସି କମ୍ପ୍ରେସର, ୧୧ଟି ପାଣି ପମ୍ପ, ୨ଟି ହାତବନ୍ଧା ଘଣ୍ଟା, ୧୫ଲକ୍ଷ ୪୦ ହଜାର ଟଙ୍କାର ସୁନା ଅଳଙ୍କାର, ୨ଲକ୍ଷ ୩୦ ହଜାର ଟଙ୍କା ମୂଲ୍ୟର ରୂପା ଅଳଙ୍କାର ଓ ନଗଦ ୯ଲକ୍ଷ, ୪୯ ହଜାର, ୧୩୦ ଟଙ୍କା ଜବତ ହୋଇଛି । ୩ଟି ଦେଶୀ ପିସ୍ତଲ, ୩୭ଟି ତେଲେଙ୍ଗା କଟୁରୀ ଓ ୭ଟି ଭୁଜାଲି ଜବତ ହୋଇଥିବା ଏସପି ସୂଚନା ଦେଇଥିଲେ ।

**Recruitment**

Tiffin center-Dosa Masters needed 4-Training provided- Food and accommodation provided-Location Hyderabad- Call-9060345678 Tiffin center

**Recruitment**

Jobs at Hyderabad IT Companies, Housekeeping 12500, Pantry Boys 13000, Supervisors 15000, Graduate Executive 25000, Whats App 9502759620/ 9945755615

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ମତ୍ସ୍ୟଜୀବୀ...

ଆରମ୍ଭ ହୋଇଥିଲା । ଯଦି ସେମାନଙ୍କ ପତ୍ତା ନମିଳେ ତେବେ ହେଲିକପ୍ଟର ମାଧ୍ୟମରେ ଟ୍ରାକିଂ କରିବାକୁ ଯୋଜନା ମଧ୍ୟ କରାଯାଇଥିଲା । ଏସବୁ ଭିତରେ କୋଷ୍ଟଗାର୍ଡ ଶୁକ୍ରବାର ପୂର୍ବାହ୍ନରେ ନିଖୋଜ ଟ୍ରଲରକୁ ଠାବ କରିବା ସହ ୧୨ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରି କୂଳକୁ ଆଣିଛି । ଅନ୍ୟ ଜଣେ ନିଖୋଜ ଥିବା ସୂଚନା ଦିଆଯାଇଛି । ତାଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି । ଏହି ଟ୍ରଲରଟି ସମୁଦ୍ର ଢେଉରେ ବହୁ ଭିତରକୁ ଚାଲିଯାଇଥିଲା । ଫଳରେ ଯୋଗାଯୋଗ ସମ୍ଭବପର ହୋଇପାରିନଥିଲା ।

### ୨୫ ଜିଲ୍ଲାର...

ବେଗରେ ଆସିବାରୁ ଏକ ପୋଲର କିଛି ଅଂଶ ଭୁଶୁଡ଼ି ପଡ଼ିଛି । ରେଳଧାରଣାରେ ପାଣି ପଶିଯିବାରୁ ଟ୍ରେନ୍ ଚଳାଚଳ ମଧ୍ୟ ବାତିଲ ହୋଇଛି । ସେହିପରି ଆସାମର ସୋନିତପୁର ଜିଲ୍ଲାର ଜିଆଭରୋଲି ନଦୀରେ ଏକ ଡଙ୍ଗା ଓଲଟି ପଡ଼ି ଜଣେ ନିଖୋଜ ଥିବା ସୂଚନା ମିଳିଛି । ୩ ଜଣଙ୍କୁ ଉଦ୍ଧାର କରାଯାଇଛି । ଆସାମ ସରକାର ସ୍ଥିତି ଉପରେ ନଜର ରଖିବା ସହ ପ୍ରଭାବିତଙ୍କୁ ରିଲିଫ୍ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି ।

### ପ୍ରତ୍ୟେକ ଜୀବନ...

ମୁକାବିଲା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ ୮୭୯ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ରହିଥିବାବେଳେ ଅଧିକ ୫୫ଟି ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି । ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷ କରି ଉପକୂଳ ଅଞ୍ଚଳରେ ଏହି ଆଶ୍ରୟସ୍ଥଳ ନିର୍ମାଣ କରାଯାଉଛି ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ । ଏହି ବୈଠକରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ରାଜେନ୍ଦ୍ର ସାହୁ, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଉପସ୍ଥିତ ରହିଥିଲେ ।

### ଖୋଲିଲା ସ୍କୁଲ...

ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । କେବଳ ସ୍କୁଲ୍ ନୁହେଁ କଲେଜ ଓ ବିଶ୍ୱବିଦ୍ୟାଳୟ ମଧ୍ୟ ଶୁକ୍ରବାର ଠାରୁ ଖୋଲିଛି । ସୂଚନାଯୋଗ୍ୟ ଯେ, କରୋନା ମହାମାରୀ ପାଇଁ ଦୀର୍ଘ ୨ ବର୍ଷ ଧରି ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିବା ଫଳରେ ପିଲାଙ୍କ ପାଠପଢ଼ାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଥିଲା । ତେବେ ସଂକ୍ରମଣ କମିବା ପରେ ସକାଳୁଆ ସ୍କୁଲ୍ କରାଯାଇ ପାଠପଢ଼ା ଚାଲିଥିଲା । ତେବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ୧୧ ଦିନ ପୂର୍ବରୁ ସ୍କୁଲ୍ କଲେଜ ସବୁ ବନ୍ଦ କରିଦିଆଯାଇଥିଲା ।

### ମାଆକୁ ଟାଙ୍ଗିଆରେ...

ସେ ତାକୁ ବୁଝାଇବାରେ ମଧ୍ୟ ବିଫଳ ହୋଇଥିଲେ । ଫଳରେ ଉତ୍ତ୍ୟକ୍ତ ପୁଅ ମାଆକୁ ଘରେ ଥିବା ଟାଙ୍ଗିଆରେ ହାଣି ହତ୍ୟା କରିଥିଲା । ପରେ ଗାଁ ଲୋକଙ୍କୁ ଏନେଇ ଜଣାଇବି ଥିଲା । ଗ୍ରାମବାସୀଙ୍କ ଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି ।

### ପୋଡ଼ିଦେଲେ ଏକାଧିକ...

ବିକ୍ଷୋଭକାରୀଙ୍କ ଟେକାପଥରମାଡ଼ ପରେ ପ୍ରଶାସନ ଅଧିକ ସତର୍କ ହୋଇଯାଇଛି । ତେବେ ବିହାରରେ ଘଟିଥିବା ଭଙ୍ଗାରୁଜା ଘଟଣାରେ ପୋଲିସ ୬୫୦ ଜଣଙ୍କ ନାମରେ ମାମଲା ରୁଜୁ କରିଥିବାବେଳେ ୧୬ ଜଣଙ୍କୁ ଗିରଫ କରିଛି । ଆନ୍ଦୋଳନକାରୀମାନେ ୪ ବର୍ଷ ବଦଳରେ ଏହାକୁ ପୂର୍ଣ୍ଣକାଳୀନ କରିବା ପାଇଁ ଦାବି କରୁଛନ୍ତି । ଦିଲ୍ଲୀ, ଉତ୍ତରପ୍ରଦେଶ, ହରିଆଣା, ବିହାର, ରାଜସ୍ଥାନ, ତେଲଙ୍ଗାନା ଏବଂ ଓଡ଼ିଶାରେ ପ୍ରତିବାଦର ସ୍ୱର ତୀବ୍ର ହୋଇଛି । ଅନ୍ୟପକ୍ଷରେ ଦେଶବ୍ୟାପି ଆନ୍ଦୋଳନକୁ ନଜରରେ ରଖି କେନ୍ଦ୍ର ସରକାର ଏହି ନିୟମରେ କିଛିଟା ପରିବର୍ତ୍ତନ ଆଣିଛନ୍ତି । ଆବେଦନ ପାଇଁ ସର୍ବାଧିକ ବୟସସୀମା ୨୧ରୁ ୨୩ ବର୍ଷକୁ ବୃଦ୍ଧି କରାଯାଇଛି । ହେଲେ କେନ୍ଦ୍ର ସରକାରଙ୍କ ଏହି ପରିବର୍ତ୍ତନ ନିଯୁକ୍ତି ଆଶାୟୀଙ୍କୁ ସନ୍ତୁଷ୍ଟ କରିପାରି ନାହିଁ । ସେନାରେ ନୂଆ ନିୟମ ଅନୁଯାୟୀ ଚାକିରିର କାର୍ଯ୍ୟକାଳ ୪ ବର୍ଷ ରହିବ । ଏହି ସମୟରେ ସେମାନଙ୍କୁ ୩୦ରୁ ୪୦ ହଜାର ଟଙ୍କା ଦରମା ସହ ଅନ୍ୟାନ୍ୟ ଭତ୍ତା ପ୍ରଦାନ କରାଯିବ । ଏହା ବ୍ୟତୀତ ସେମାନଙ୍କୁ ମେଡିକାଲ ଓ ବୀମା ସୁବିଧା ମଧ୍ୟ ଯୋଗାଇ ଦିଆଯିବ । ୪ ବର୍ଷ ପରେ ଏମାନଙ୍କ ମଧ୍ୟରୁ ୨୫% ପୂର୍ଣ୍ଣକାଳୀନ ନିଯୁକ୍ତି ପାଇବାକୁ ଥିବାବେଳେ ଅନ୍ୟମାନଙ୍କୁ ଛଟେଇ କରାଯିବ । ତେଣୁ ଏହି ଆନ୍ଦୋଳନ ଜୋର୍ ଧରିଛି ବୋଲି ଚର୍ଚ୍ଚା ଚାଲିଛି ।

**ଧ୍ୟାନ ଦିଅନ୍ତୁ**

ଏଠାରେ ବିଜ୍ଞପ୍ତି ଦିଆଯାଉଛି ଯେ ଲାଲବାଗ, ଜଗନ୍ନାଥ ବଲ୍ଲଭ, କଟକ, ମସଜିଦ୍ ନିକଟରେ ରହୁଥିବା ୪୦ ବର୍ଷୀୟ ଶ୍ରୀ ସୌକତ୍ ଅଲ୍ଲୀ ଖାନ୍, ପିତା ଲିଆକତ୍ ଅଲ୍ଲୀ ଖାନ୍ ମୁଥୁଟ ଫିନକର୍ପ ଲିମିଟେଡ, କଟକ, ନୟାସଡକ ଶାଖାର ଗ୍ରାହକ ଅଟନ୍ତି | ଗ୍ରାହକ ଉକ୍ତ ଶାଖାରୁ ସୁନା ଋଣ ନେଇଛନ୍ତି। ଋଣ ଧାରୀ ବ୍ୟକ୍ତି ତା ୦୨-୦୪-୨୦୨୨, ରିଖ ପର ଠାରୁ ନିଖୋଜ ଥିବା ଜଣା ଯାଇଛି, ଏବଂ ଲାଲବାଗ ଥାନା ରେ ଏକ FIR ପଞ୍ଜିକୃତ ହୋଇଛି। ଶ୍ରୀମତୀ ନାଦିରା ଜାହୋର ସୁନା ଅଳଙ୍କାର ଉପରେ ଅଧିକାର, ଆଖ୍ୟା, ଆଗ୍ରହ ଦାବି କରି ଆମ ପାଖକୁ ଆସିଛନ୍ତି ଏବଂ ସେମାନଙ୍କ ସପକ୍ଷରେ ସୁନା ଅଳଙ୍କାର ମୁକ୍ତ କରିବାକୁ ପ୍ରସ୍ତାବ ଦେଇଛନ୍ତି | ସୁନା ଅଳଙ୍କାର ସମ୍ବନ୍ଧରେ କୌଣସି ପ୍ରକୃତିର କୌଣସି ଅଧିକାର, ଆଖ୍ୟା, ଆଗ୍ରହ, ଦାବି କିମ୍ବା ଚାହିଦା ଥିବା ଅନ୍ୟ କୌଣସି ବ୍ୟକ୍ତି, ଏହାର ଡକ୍ୟୁମେଣ୍ଟାରୀ ପ୍ରୁଫ୍ ସହିତ ଲିଖିତ ଭାବରେ ଶାଖା ଠିକଣାରେ ଏଠାରେ ପ୍ରକାଶିତ ତାରିଖ ଠାରୁ ୧୫ ଦିନ ମଧ୍ୟରେ ଜଣାଇବା ଆବଶ୍ୟକ। ଏଥିରେ ବିଫଳ ହେବା ଦ୍ୱାରା ଦାବିଦାରଙ୍କ ସହ ବୁଝାମଣା ସମାପ୍ତ ହେବ, ଏହିପରି ଦାବିକୁ ବିନା କୌଣସି ଡକ୍ୟୁମେଣ୍ଟ ଗ୍ରହଣ କରାଯିବ ନାହିଁ।

ସ୍ୱ
ଶାଖା ପରିଚାଳକ
ମୁଥୁଟ ଫିନକର୍ପ ଲିମିଟେଡ କଟକ, ନୟାସଡକ।
ସ୍ଥାନ : କଟକ

muthoot FINCORP
ଯେବେ ଜୀବନ ବଦଳିବା ଅଛି

**KVB Karur Vysya Bank** Smart way to bank

**ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲି.**
କଟକ ବ୍ରାଞ୍ଚ
ପ୍ଲଟ ନଂ ୧୨୫୪ପି, ବକ୍ସିବାଜାର ରୋଡ୍, ବୋର୍ଡ ସ୍କୁଲ ନିକଟ, ବକ୍ସିବାଜାର ରୋଡ୍, କଟକ, ଓଡ଼ିଶା-୭୫୩୦୦୧

**ପଜେସନ୍ ନୋଟିସ୍ (ସ୍ଥାବର ସମ୍ପତ୍ତି ପାଇଁ)**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ୍ ୮(୧) ଅଧିନରେ ଜାରି

ଯେପରିକି,
ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲିମିଟେଡ୍‌ର ଅଧିକୃତ ଅଧିକାରୀ ଅଟନ୍ତି । ସିକ୍ୟୁରିଟାଇଜେସନ୍ ଆଣ୍ଡ କନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ (ଆକ୍ଟ ୫୪ ଅଫ୍ ୨୦୦୨) ଅଧିନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅନୁସାରେ ସେ **୨୦.୧୨.୨୦୨୧**ରେ ଡିମାଣ୍ଡ ନୋଟିସ୍ ଜାରି କରି **୧. ଶ୍ରୀ ବିଷ୍ଣୁଚରଣ ସାହୁ (ଋଣକର୍ତ୍ତା)**, ପିତା ସ୍ୱର୍ଗତ - ସୁନାକର ସାହୁ, ସା-ବଡ଼ମୁଣ୍ଡଳୀ, ପୋଷ୍ଟ -ମୁଣ୍ଡଳୀ କଲୋନୀ, ଥାନା-ବାରଙ୍ଗ, ଜିଲ୍ଲା-କଟକ, ଓଡ଼ିଶା-୭୫୪୦୦୬,**୨. ଶ୍ରୀମତୀ ଗୀତାଞ୍ଜଳି ସାହୁ (ଗ୍ୟାରେଣ୍ଟର)**, ସା-ବଡ଼ମୁଣ୍ଡଳୀ, ପୋଷ୍ଟ -ମୁଣ୍ଡଳୀ କଲୋନୀ, ଥାନା-ବାରଙ୍ଗ, ଜିଲ୍ଲା-କଟକ, ଓଡ଼ିଶା-୭୫୪୦୦୬ ଯୋଗାଯୋଗ କରି ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ. ୧୭,୧୭,୧୮୨.୨୪** (ସତର ଲକ୍ଷ ସତର ହଜାର ଏକଶତ ବୟାଅଶୀ ଟଙ୍କା ଏବଂ ଚବିଶି ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି ଏହି ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ ।

ଋଣଗ୍ରହୀତା/ଗ୍ୟାରେଣ୍ଟର ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୧୭ ଜୁନ୍ ୨୦୨୨** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି ।

ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ । ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲିମିଟେଡ୍‌କୁ **ଟ. ୧୭,୧୭,୧୮୨.୨୪** (ସତର ଲକ୍ଷ ସତର ହଜାର ଏକଶତ ବୟାଅଶୀ ଟଙ୍କା ଏବଂ ଚବିଶି ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ ।

**ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ ।**

**ସ୍ଥାବର ସମ୍ପତ୍ତିର ବିବରଣୀ**

ସମସ୍ତ ସମ୍ପତ୍ତିର ଅଂଶବିଶେଷରେ ରହିଛି ଆବାସିକ ଜମି ଓ କୋଠାଘର ୧୫୨୪.୭୦ ସ୍କୋୟାରଫୁଟ । (ଏକର୦.୦୩୫ ଡିସିମିଲ) ଅବସ୍ଥିତ ପ୍ଲଟ୍ ନଂ-୧୪୭୦/ ୨୯୧୫, ଖାତା ନଂ୬୦୪/୩୬୬, ମୌଜା-ମୁଣ୍ଡଳୀ, ତହସିଲ-ବାରଙ୍ଗ, ଜିଲ୍ଲା-କଟକ ଶ୍ରୀ ବିଷ୍ଣୁଚରଣ ସାହୁଙ୍କ ନାମରେ ରହିଛି । ଏହି ସମ୍ପତ୍ତିର ଚତୁଃପାର୍ଶ୍ୱରେ ରହିଛି
ଉତ୍ତରରେ : ପ୍ଲଟ୍‌ର ଅବଶିଷ୍ଟାଂଶ — ଦକ୍ଷିଣରେ : ପ୍ଲଟ୍‌ର ଅବଶିଷ୍ଟାଂଶ
ପୂର୍ବରେ : ଗ୍ରାମ ସଡ଼କ — ପଶ୍ଚିମରେ : ନବୀନ ଲେଙ୍କା

ସ୍ଥାନ : କଟକ — ସ୍ୱୀକୃତିପ୍ରାପ୍ତ ଅଫିସର
ତାରିଖ : ୧୭.୦୬.୨୦୨୨ — ଦି କରୁର ବୈଶ୍ୟ ବ୍ୟାଙ୍କ୍ ଲିମିଟେଡ୍

**O-473**

PANCHAYAT RAJ & DRINKING WATER DEPARTMENT
GOVERNMENT OF ODISHA
OFFICE OF THE SUPERINTENDING ENGINEER, RWS&S DIVISION, NABARANGPUR
Tel-(06858)222643, E-Mail: eerwss_ngp@rediffmail.com /eerwssngp@gmail.com

INVITATION FOR BIDS
No: RWSS_NGP_ONLINE_07/ 2022-23 DATED: - 08/06/2022

The Superintending Engineer RWS&S Division Nabarangpur on behalf of Additional Chief Engineer, RWSS Circle, Koraput invites percentage rate bid through e-procurement in **double** cover system according to norm of e- procurement system in on-line mode.

1. Name of Works : As mentioned in Table "A" which includes Construction of different capacity ESR/OGR, laying of pipe line , FHTC and its ancillary work in commissioned Pipe water supply scheme of different Block in the Nabarangpur District (Clubbed up projects)
2. No. of Works : **8(EIGHT)Nos** (Detailed in Tender Call Notice available in the website)
3. Estimated Cost : As mentioned in Table "A"
4. Tender Paper Cost : As mentioned in Table "A"
5. Class of Contractor : As mentioned in Table "A"
6. Period of Completion : As mentioned in Table "A"
7. Critical Dates :* Further details can be seen in the bidding documents, which is available in the e-procurement Portal https://www.tendersodisha.gov.in
:* publication of this tender can be seen in the web portal https://odisha.gov.in/state-tenders-advertisement
*Subsequent corrigendum if required shall be appeared in the web site.
*Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of Tender online for Bidding | | Last Date of seeking tender Clarification | Last date of receipt of confirmation letter & other documents. | Date of opening of Bid |
|---|---|---|---|---|---|---|
| | | From | To | | | |
| Superintending Engineer, RWSS Division, Nabarangpur | RWSS_NGP_ONLINE_05 of 2022-23 | 08.07.2022 at 05.00 PM | 19.07.2022 at 05.00 PM | 18.07.2022 up to 5.30 PM | 19.07.2022 up to 05.00 P.M. | 20.07.2022 at 11.00 A.M. |

Sd/- Superintending Engineer
RWS&S Division, Nabarangpur

OIPR 25028/11/0010/2223

**B-280**

E-mail.eekalahandi@gmail.com
FAX No.06670-230512
Cell No. 9437050413

GOVERNMENT OF ODISHA
OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA
*E-Procurement Notice*
*Bid Identification No. BC KLD-14/2022-23*
No. 5779 Dated. 12.06.2022

| | | | |
|---|---|---|---|
| 1 | Name of the work: | : | 06 (Six) numbers of Electrical Works and 02 (Two) number of Civil Works |
| 2 | Estimated cost: | : | Rs. 4.00 Lakhs to Rs.99.99Lakhs |
| 3. | Period of completion: | : | 01(one) to 08 (Eight) Calendar Months. |
| 4. | Date and time of availability of bid document in the portal: | : | 11.00 Hours 24.06.2022 to 17.00 Hours of 03.07.2022. |
| 5 | Last date/Time for receipt of bid in the portal: | : | 17.00hour of 04.07.2022. |
| 6 | Name and address of the Officer Inviting Bid: | : | Superintending Engineer, Kalahandi(R&B)Division, Bhawanipatna |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double cover Bid. | : | On 04.07.2022 at 11.00 AM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Sd/-(Er.A.K Babu)
Superintending Engineer
Kalahandi (R&B) Division

OIPR 34017/11/0007/2223

OFFICE OF THE PATTAMUNDAI MUNICIPLITY, PATTAMUNDAI

LETTER NO. 3356 /PM, DATED. 13.06.2022

BID Identification No. PM-03/2022-23

| | | |
|---|---|---|
| 1 | Procurement Officer-Publisher/Officer inviting the Tender | Executive Officer, Pattamundai Municipality |
| 2 | Number of Work | 3 Nos |
| 3 | Estimated Cost(Approx) of the work | 3,44,994.00 to 23,68,421.00 |
| 4 | Date and Time of availability of bid document in the portal | From 9AM of 18-06-2022 to 5PM of 06-2022 |
| 5 | Date time of opening of Bid online | 11AM of 29-06-2022 |

i. The details can be seen from www.tendersoiissa.gov.in
ii. Corrigendum if any shall only be published in the above website.

Sd/- Executive Officer
Pattamundai Municipality

OFFICE OFFFICE THE ROURKELA MUNICIPAL CORPORATION: ROURKELA
INVITATION FOR BID
**C-557**
No. 7827 Dated 10.06.2022

**Bid Identification No. :- MC/RMC/37/2022**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification **No. MC/RMC/37/2022** for **08** nos Civil work with value of **Rs. 59.74** lakh to **Rs. 89.26** lakh.

1. Bid documents will be available in website www.tendersorissa.gov.in from **13.06.2022.**
2. Bids must be submitted on "online" on or before **24.06.2022 by 17.00 hours**
3. Bids shall be opened at 11.00 hours on **27.06.2022** in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Sd/-Municipal Commissioner,
Rourkela Municipal Corporation

OIPR 13131/11/0044/2223

GOVERNMENT OF ODISHA
DEPARTMENT OF WATER RESOURCES, GOVT OF ODISHA
OFFICE OF THE SUPERINTENDING ENGINEER,
BURLA IRRIGATION DIVISION, BURLA
**A-325**
(Email Address: *sambalpurirrigation@rediffmail.com*)

**TENDER CALL NOTICE No. 03/2022-23 Dated:10.06.2022**

Sealed quotation are invited from reputed registered and experienced manpower service provider for providing different category of through outsourcing Personnel to O/o the Superintending Engineer, Burla Irrigation Division, Burla and O/o the Additional Chief Engineer, Canal Circle, Burla on contract basis for day to day official work. The details of the Quotation Call Notice and Documents are available in the website ***https://dowrodisha.gov.in*** or ***https://sambalpur.nic.in***.

Date & time of availability / sale of Tender Document from **18.06.2022 (10.00AM)** to **29.06.2022 (5.30PM).**

Last date & time of receipt of Tender Document is **30.06.2022** up to **02.00 PM**.

Date & Time of Opening of Technical Bid is **30.06.2022 at 03.30 PM**

Sd/-
**Superintending Engineer,**
**Burla Irrigation Division, Burla.**

OIPR 32436/11/0006/2223

OFFICE OFFICE THE ROURKELA MUNICIPAL CORPORATION: ROURKELA
INVITATION FOR BID
**C-563**
No. 7952 Dated 17.06.2022

**Bid Identification No. :- MC/RMC/43/2022**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification **No. MC/RMC/43/2022** for **01** no. different Civil works with value of **Rs. 22.68 lakh.**

1. Bid documents will be available in website www.tendersorissa.gov.in from **17.06.2022.**
2. Bids must be submitted on "online" on or before **24.06.2022 by 17.00 hours**
3. Bids shall be opened at 11.00 hours on **27.06.2021** in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Sd/- Municipal Commissioner,
Rourkela Municipal Corporation

OIPR 13131/11/0050/2223

OFFICE OFFICE THE ROURKELA MUNICIPAL CORPORATION: ROURKELA
INVITATION FOR BID
**C-562**
No. 7949 Dated 17.06.2022

**Bid Identification No. :- MC/RMC/42/2022**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification **No. MC/RMC/42/2022** for **01** no Civil work with value of **Rs. 73.81** lakh

1. Bid documents will be available in website www.tendersorissa.gov.in from 1 .06.2022.
2. Bids must be submitted on "online" on or before 2 .06.2022 **by 17.00 hours**
3. Bids shall be opened at 11.00 hours on 2 .06.2022 in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Sd/- Municipal Commissioner,
Rourkela Municipal Corporation

OIPR 13131/11/0049/2223



ନିମାପଡ଼ା, (ଭାସ୍କର ନ୍ୟୁଜ୍) : ନିମାପଡା ଆଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ଚଳିତ ବର୍ଷ ନୂତନ ଛାତ୍ରଛାତ୍ରୀମାନଙ୍କର ପ୍ରବେଶ ଉତ୍ସବ ଶୁଭାରମ୍ଭ ଶୁକ୍ରବାର ପୂର୍ବାହ୍ନରେ ନିମାପଡା ବାଳକ ଉଚ୍ଚ ବିଦ୍ୟାଳୟର ପୁରାତନ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଏହାର ଶୁଭାରମ୍ଭ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ସମୀର ରଂଜନ ଦାଶଙ୍କ ଦ୍ୱାରା କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ଦିତିକାନ୍ତ ପ୍ରଧାନ, ସହକାରୀ ଶିକ୍ଷାଧିକାରୀ ଚିତ୍ତରଂଜନ ସ୍ୱାଇଁ, ସୌଦାମିନୀ ଦାଶ, ସରୋଜିନୀ ମିଶ୍ର ପୌରାଧକ୍ଷା ସସ୍ମିତା ସାହୁ ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ ପ୍ରମୁଖ ଯୋଗଦେଇଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟର ନୂତନ ଗୃହ ହଂସପଡା ଠାରେ ଚାଲିଥିବାରୁ ଏଠାରେ ପିଲାମାନେ ଶିକ୍ଷାଦାନ କରିବା ପାଇଁ ଏପରି ବ୍ୟବସ୍ଥା କରାଯାଇଅଛି । ତେବେ ସରକାରଙ୍କ ପକ୍ଷରୁ ପିଲାମାନଙ୍କ ପାଠପଢ଼ା ପାଇଁ ନିଆଯାଇଥିବା ପଦକ୍ଷେପକୁ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି ।

# ୩ ଚୋରଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଇଞ୍ଜିନୟରିଂ ସ୍କୁଲ ଛକରେ ଥିବା ଦୋକାନଗୁଡିକରୁ ବାରମ୍ବାର ଚୋରି କରୁଥିବା ୩ ଜଣିଆ ଚୋରଦଳଙ୍କୁ ଗତକାଲି ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଥିଲା । ସେମାନଙ୍କ ଠାରୁ ପୋଲିସ ୧୬ ହଜାର ୧୯୨ ଟଙ୍କା ସହ ୬ଟି ମୋବାଇଲ୍ ,ଏକାଧିକ ରକ୍ତଚାପ ମପା ମେସିନ, ୧୧ଟି ଅମ୍ଳଜାନ ମପା ମେସିନ, ୪ଟି ଗ୍ଲୁକୋମିଟର, ଶିଶୁ ଖାଦ୍ୟ, ଖାଇବା ତେଲ,ଘିଅ ପ୍ୟାକେଟ, ଡ୍ରେସ ଆଦି ଜବତ କରିଥିଲା । ଆଜି ବ୍ରହ୍ମପୁର ଏସପି ଡ଼ା.ସର୍ବଣା ବିବେକ ଏହି ଉଦ୍ଧାର ସାମଗ୍ରୀଗୁଡିକୁ ଦୋକାନମାଲିକଙ୍କୁ ଫେରାଇଛନ୍ତି । ସୂଚନାଯୋଗ୍ୟ, ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ୬ଟି ଦୋକାନରୁ ଉପରୋକ୍ତ ଟଙ୍କା ସହ ସାମଗ୍ରୀ ଚୋରି ହୋଇଥିଲା । ଗିରଫ ଅଭିଯୁକ୍ତଙ୍କ ନିକଟରୁ ସାମଗ୍ରୀ ଉଦ୍ଧାର କରିବା ପରେ ସେଗୁଡିକ ଦୋକାନୀ ମାଲିକଙ୍କୁ ତୁରନ୍ତ ଫେରାଇବାକୁ ଏସପି ନିର୍ଦ୍ଦେଶ ଦେଇଥିଲେ । ଆଜି ସମସ୍ତ ଦୋକାନୀ ମାଲିକଙ୍କୁ ଜବତ ହୋଇଥିବା ଚୋରି ସାମଗ୍ରୀକୁ ଏସପି ଡ଼ା.ସର୍ବଣା ବିବେକଏମଙ୍କ ଉପସ୍ଥିତରେ ୧୬ହଜାର୧୯୨ ଟଙ୍କା ସହ ୬ଟି ମୋବାଇଲ୍, ରକ୍ତଚାପ ମପା ମେସିନ, ୧୧ଟି ଅମ୍ଳଜାନ ମପା ମେସିନ, ୪ଟି ଗ୍ଲୁକୋମିଟର, ଶିଶୁ ଖାଦ୍ୟ, ଖାଇବା ତେଲ,ଘିଅ ପ୍ୟାକେଟ, ଡ୍ରେସ ଦିଆଯାଇଥିଲା । ଏହି ସମୟରେ ବୈଦ୍ୟନାଥପୁର ଥାନା ଅଧିକାରୀ ରାମ କୁମାର ମୁର୍ମୁ ଓ ଏସଆଇ ବିଭୁତ ଭୂଷଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ବ୍ରହ୍ମପୁର ପୋଲିସ ଜିଲ୍ଲାର ବିଭିନ୍ନ ଥାନାରେ ଗତ କିଛି ମାସ ତଳେ ହୋଇଥିବା ଚୋରି ଘଟଣାର ପ୍ରର୍ଯ୍ୟାୟକ୍ରମେ ପର୍ଦ୍ଦାଫାସ୍ କରୁଛି ପୁଲିସ । ସଦର ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଗୋପାଳପୁର ଥାନା ଅଧିକାରୀ ଶ୍ରୀକାନ୍ତ ଖମାରି, ବୈଦ୍ୟନାଥପୁର ଥାନା ଅଧିକାରୀ ରାମ କୁମାର ମୁର୍ମୁ, ଏସଆଇ ବିଭୂତି ଭୂଷଣ ସେଠୀ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚୋର ଓ ଚୋରି ଟଙ୍କା , ସୁନାଅଳଙ୍କାର, ଚୋରି ସାମଗ୍ରୀ ଉଦ୍ଧାର କରିଛନ୍ତି । ଗତ ମେ ୨ତାରିଖରେ ସଦର ଥାନା ଅନ୍ତର୍ଗତ ବ୍ରଜ ନଗର ଅଞ୍ଚଳର ଏଚକେ ପୃଷ୍ଟିଙ୍କୁ ଚୋରି ହୋଇଥିବା ୧୯୦ଗ୍ରାମ ସୁନାକୁ ଫେରାଇଥିଲା ପୋଲିସ । ସୂଚନାଯୋଗ୍ୟ କି ଗତମାସ ୨୭ ତାରିଖ ଏବଂ ଚଳିତମାସ ୧୧ ତାରିଖ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ଛକ ଠାରେ ଥିବା ଏକାଧିକ ଦୋକାନରୁ ସିରିଜ ଚୋରି ହୋଇଥିଲା । ଚୋରମାନେ ହୋଟେଲ, ଭେରାଇଟ ଷ୍ଟୋର, ଔଷଧ ଦୋକାନର ତାଲା ଓ ଗ୍ରୀଲ ଭାଙ୍ଗି ଭିତରେ ପଶିବା ସହ ନଗଦ ଟଙ୍କା ଓ ବିଭିନ୍ନପ୍ରକାର ସାମଗ୍ରୀ ଚୋରି କରି ନେଇଯାଇଥିଲେ । ଥାନାରେ ଅଭିଯୋଗ ହେବାପରେ ପୁଲିସ ତଦନ୍ତ କରି ଗତକାଲି ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ସେମାନଙ୍କ ଠାରୁ ଉଦ୍ଧାର ହୋଇଥିବା ଚୋରି ଟଙ୍କା ଓ ସାମଗ୍ରୀକୁ ପ୍ରକୃତ ମାଲିକ ଫେରାଇ ଦିଆଯାଇଛି । ଥାନା ଅଧିକାରୀ ରାମକୁମାର ମୁର୍ମୁ , ଏସଆଇ ବିଭୂତି ଭୂଷଣ ସେଠୀ ,ଏସଆଇ ଅଞ୍ଜଳୀ ବେହେରା ଓ ତାଙ୍କ ଟିମ୍ ର ଅକ୍ଳାନ୍ତ ପରିଶ୍ରମ ଫଳରେ ଅଳ୍ପ ଦିନ ମଧ୍ୟରେ ଏପରି କିଛି ଚୋରି ଘଟଣାର ପର୍ଦ୍ଦାଫାସ ହୋଇଛି ବୋଲି ଏସପି ବିବେକ ଏମ କହିଛନ୍ତି । ପୋଲିସ ଏହି ଘଟଣାକୁ ଅଳ୍ପ କିଛି ଦିନ ମଧ୍ୟରେ ପର୍ଦ୍ଦାଫାସ କରିଥିବାରୁ ଦୋକାନୀ ମାଲିକ ଓ ସହର ବାସୀ ବ୍ରହ୍ମପୁର ଏସପିଙ୍କୁ ପ୍ରଶଂସା କରୁଛନ୍ତି ।




# ରାଜ୍ୟପାଳଙ୍କ ଦିନିକିଆ କେନ୍ଦ୍ରାପଡା ଗସ୍ତ





କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ) : ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏକ ଦିନିକିଆ କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଆସି ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଆଳି ଡାକବଙ୍ଗଳାରେ ପହଞ୍ଚିବା ପରେ ଜିଲ୍ଲାପାଳ ଅମ୍ରିତ ରତୁରାଜ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେଠାରେ ଆରକ୍ଷୀ ଅଧିକ୍ଷକ ସମ୍ପିତ ସମ୍ପଦ ମଡ଼କର ଉପସ୍ଥିତ ଥିଲେ। ବରିଷ୍ଠ ପୋଲିସ ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ରାଜ୍ୟପାଳଙ୍କ ସୁରକ୍ଷା ପାଇଁ ମୁତୟନ ହୋଇଥିଲେ। ରାଜ୍ୟପାଳ ରାଜକନିକା ବ୍ଲକ ଅନ୍ତର୍ଗତ ମେଘାପୁର ଠାରେ ଶହୀଦ ସ୍ମୃତିସ୍ତମ୍ଭରେ ପୁଷ୍ପାର୍ଘ୍ୟ ଅର୍ପଣ କରିବା ପରେ ରାଜକନିକା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରଜା ଆନ୍ଦୋଳନର ଶତବାର୍ଷିକ ସ୍ମୃତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଇଂରେଜ ଶାସନ ବିରୋଧରେ ଆନ୍ଦୋଳନ କରି ଜୀବନ ଦେଇଥିବା ଶହୀଦମାନଙ୍କ ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମର ଆୟୋଜକଙ୍କୁ ସାଧୁବାଦ ଅର୍ପଣ କରିଥିଲେ। ସ୍ୱାଧୀନତା ସଂଗ୍ରାମ ଇତିହାସରେ କନିକା ପ୍ରଜା ଆନ୍ଦୋଳନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ସ୍ମୃତିସଭାରେ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ସାହିତ୍ୟିକ ହୁସେନ ରବି ଗାନ୍ଧୀ, ପ୍ରଜା ଆନ୍ଦୋଳନ ସ୍ମୃତି ସଂସଦର ସଭାପତି ଦାମୋଦର ଧଳ, ସମ୍ପାଦକ ଶୁକାନ୍ତ ଦାଶ, ବରିଷ୍ଠ ସାମ୍ବାଦିକ ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇ ପ୍ରଜା ଆନ୍ଦୋଳନର ଇତିହାସ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେଉଁଝରର ଅଧାପିକା ଡଃ. ସୁଧା ଦାସ ମଞ୍ଚ ସଞ୍ଚାଳନ କରିଥିବାବେଳେ କାଳି ପ୍ରସାଦ ନାୟକ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ବଳଙ୍ଗା ପୋଲିସକୁ ବିରାଟ ସଫଳତା

# ୮ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ, ୨ ଗିରଫ



ନିମାପଡ଼ା, (ଭାସ୍କର ନ୍ୟୁଜ୍) : ନିମାପଡ଼ା, ବଳଙ୍ଗା ପୋଲିସକୁ ବଡ଼ ସଫଳତା । ୮ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ ସହିତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ । ଦୀର୍ଘଦିନ ହେବ ଏହି ଦୁଇ ଅଭିଯୁକ୍ତ ବ୍ରାଉନ୍ ସୁଗାର ବ୍ୟବସାୟର ସାମ୍ରାଜ୍ୟ ବିସ୍ତାର କରି ଆସିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ବଳଙ୍ଗା ଥାନା ପୋଲିସ ଗତ ଗୁରୁବାର ସଂଧ୍ୟାରେ ବିଶେଷ ସୂତ୍ରରୁ ଖବର ପାଇ ହରିପୁର-ବଳଙ୍ଗା ରାସ୍ତା ଦକ୍ଷିଣରାଡ଼ସ ଗ୍ରାମ ନିକଟରେ ଚଢ଼ାଉ କରିଥିଲେ । ଚଢ଼ଉ ସମୟରେ ଘଟଣାସ୍ଥଳରେ ଠିଆ ହୁଣ୍ଡାଇ ସେଣ୍ଟ କାର (ନଂ-ଓଡ଼ି-୦୨-ବିଜେ ୨୪୦୨) ଭିତରେ ଥିବା ୨ଜଣ ଯୁବକଙ୍କୁ ପଚରା ଉଚରା ଓ ତଲାସି ନିଆଯାଇଥିଲା। ତଲାସୀ ସମୟରେ ସେମାନଙ୍କ ନିକଟରୁ ୭୮ ଗ୍ରାମ୍ ବ୍ରାଉନ୍ ସୁଗାର, ୨ ହଜାର ଟଙ୍କା, ୩ଟି ମୋବାଇଲ୍ ଫୋନ୍ ପୋଲିସ ଜବତ କରିଛି । ଜବତ ବ୍ରାଉନ୍ ସୁଗାରର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି । ଅନ୍ୟ ଏକ ଯୁବକ ବୁଲେଟ୍‌ରେ ଆସୁଥିବା ବେଳେ ବୁଲେଟ୍‌କୁ ପୋଲିସ ଜବତ କରିଛି । ଅଭିଯୁକ୍ତମାନେ ହେଲେ ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ଗଡ଼ପଦନପୁର ଗ୍ରାମର ଚନ୍ଦନ ପାତ୍ର ଓ ପ୍ରଭାତ କୁମାର ସାହୁ । ବଳଙ୍ଗା ପୋଲିସ ଦୁଇ ଯୁବକଙ୍କୁ ଗିରଫ କରିବା ସହ ଇଣ୍ଡିପିଏସ୍ ଆକ୍ଟ ୨୧(ଖ), ୨୯ରେ ମାମଲା ରୁଜୁ କରିଅଛି । ପୁରୀ ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶମତେ ଡ୍ରଗ୍ସ ମାଫିଆଙ୍କ ଉପରେ ପୋଲିସ କଡ଼ା ନଜର ରଖିଥିବା ଜଣାପଡ଼ିଛି । ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନ ପରେ ଏହି ଅଞ୍ଚଳର ନିଶା ମାଫିଆଙ୍କ ମନରେ ଛନକା ପଶିଯାଇଛି ବୋଲି ଚର୍ଚ୍ଚା ଜୋର୍ ଧରିଛି ।

# ଯୁବକଙ୍କ ଆତ୍ମହତ୍ୟା

ଧାମନଗର, (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲଭପୁର ପଞ୍ଚାୟତ ଷୋଳ ଗାଁ ରେ ରତ୍ନାକର ଲେଙ୍କାଙ୍କ ପୁଅ ହରମୋହନ ଲେଙ୍କା (୫୨) ଯେକି ଧୂଷୁରୀ ମୁରଲୀଧର ସରକାରୀ ହାଇସ୍କୁଲରେ ପିଅନ ଚାକିରୀ କରିଛନ୍ତି। ହେଲେ ଆଜି ପରିବାର ଲୋକ କେହି ନଥିବାବେଳେ ଘରେ ନିଜ ବେକରେ ରଶିଲଗାଇ ଆତ୍ମହତ୍ୟା କରିଛନ୍ତି । ଗ୍ରାମ ଲୋକମାନେ ଧାମନଗର ପୋଲିସକୁ ଖବର ଦେବାପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଶବଟିକୁ ଜବତକରି ବ୍ୟବଚ୍ଛେଦ ଲାଗି ଭଦ୍ରକ ସରକାରୀ ମୁଖ୍ୟ ଚିକିତ୍ସାଳୟ କୁ ପଠାଇ ଥିଲେ । ସୂଚନା ଥାଉକି ପାରିବାରିକ ଅଶାନ୍ତି ଯୋଗୁ କିଛିଦିନ ହରମୋହନ ଠିକ ଭାବରେ ଖାଇବା ପିବା କରୁନଥିଲେ । ତେବେ ପାରିବାରିକ ଅଶାନ୍ତି ଯୋଗୁ ସେ ଆତ୍ମହତ୍ୟା କରିପାରିଥାନ୍ତି ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି । ତେବେ ପୋଲିସ ଅଧିକ ତଦନ୍ତ କଲେ ସତ୍ୟତା ପ୍ରକାଶ ପାଇବ।

## ବାଲସିଂହ ବୋମାମାଡ଼ ଘଟଣା, ଆସାମୀଙ୍କୁ କୋର୍ଟଚାଲାଣ

ବୋଲଗଡ଼, (ଭାସ୍କର ନ୍ୟୁଜ୍) : ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ବାଲସିଂହ ଗ୍ରାମର ପଦ୍ମନାଭ ରାଉତ ଓରଫ୍ ବିଜୟ (୪୬)ନାମରେ କେସ୍ ନମ୍ବର -୧୫୭/୨୨ମାମଲା ରୁଜୁ କରି ଆଜି ତାକୁ ଖୋର୍ଦ୍ଧା କୋର୍ଟକୁ ଚାଲାଣ କରାଯାଇଅଛି ।ପୋଲିସ ସୂତ୍ରରୁ ପ୍ରକାଶ ଯେ ବାଲସିଂହ ଗ୍ରାମର ପୂର୍ବତନ ସୀମା ସୁରକ୍ଷା ସାମରିକ ବାହିନୀ ସୈନ୍ୟ ପଦ୍ମନାଭ ରାଉତ ଓରଫ୍ ବିଜୟ ବେନିୟମ ଭାବେ ପାଖରେ ବିଭିନ୍ନ ପ୍ରକାର ମାରଣା ଅସ୍ତ୍ର ଓ ବୋମା ପାଖରେ ରଖି ଗ୍ରାମବାସୀ ଓ ଲୋକମାନଙ୍କୁ ଭୟ ଭୀତ କରୁଥିଲା ।ଘଟଣା ସମ୍ପର୍କରେ ଖବର ପାଇ ବାଙ୍କୋଇ ଫାଣ୍ଡି ଅଧିକାରୀ ବିନାୟକ ମନ୍ତ୍ରୀ ଓ ବୋଲଗଡ ଥାନା ଅଧିକାରୀ ବିଦିତା ନାୟକ ତଥା ସମସ୍ତ ପୋଲିସ କର୍ମଚାରୀ ଶୀଘ୍ର ବାଲସିଂହ ଗ୍ରାମରେ ପହଞ୍ଚି ବିଜୟକୁ କାବୁ କରି ଗିରଫ କରିବା ସଙ୍ଗେ ସଙ୍ଗେ ତାକୁ ଖୋର୍ଦ୍ଧା କୋର୍ଟକୁ ଚାଲାଣ କରିଛନ୍ତି।

## ୪୯ ନଂ ଜାତୀୟ-ରାଜପଥରେ ମର୍ମନ୍ତୁଦ ଦୁର୍ଘଟଣା

# ଜଣେ ମୃତ, ୩ ଗୁରୁତର



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଗହିରା ବାଙ୍କ ଛକ ନିକଟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ଜନୈକ ଦିଶା ଚୌଧରୀ ୩୬ବର୍ଷୀୟ ମହିଳାଙ୍କ ଘଟଣାସ୍ଥଳରେ ଶୋଚନୀୟ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ୱାମୀ ସମ୍ୟ ଚୌଧୁରୀ ଓ ତାଙ୍କ ଦଇପୁଅ ଗୁରୁତର ଆହତ ହୋଇଛନ୍ତି । ସୂଚନାଯୋଗ୍ୟ ଓଡ଼ି ଗାଡି (ନଂ-ଜେଏଚ୍-୦୭-ଡି-୪୮୪)ରେ ଦୁଇ ପୁଅ ସମେତ ମାଆ ଓ ବାପା ଏପରି ଚାରିଜଣ କଲିକତା ରୁ ନାଗପୁର ଯାତ୍ରା କରୁଥିଲେ। ଭାରସାମ୍ୟ ହରାଇ ଗାଡିଟି ରାସ୍ତା ତଳକୁ ଖସି ପଡ଼ିଥିଲା। ଘଟଣା ସ୍ଥଳରେ ମହିଳା ମୃତ୍ୟୁବରଣ କରିଥିବା ବେଳେ ଦୁଇ ନାବାଳକ ଅତି ଗୁରୁତର ଥିବାରୁ ତାଙ୍କୁ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ନିଆଯାଇଛି। ତେବେ ଗାଡି ଚଳାଉଥିବା ପିତା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଯଶିପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରିରଖିଛି।

# ଭାଇ ଓ ଭାଇବୋହୁକୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ

## ଜାଗାବାଡି ବିବାଦ ନେଲା ଉଗ୍ରରୂପ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଜାଗାବାଡି ବିବାଦକୁ ନେଇ ଭାଇବୋହୁ ଓ ଭାଇକୁ ହାଣିଲା ବଡଭାଇ । ମରଣାନ୍ତକ ଆକ୍ରମଣରେ ଗୁରୁତର ଆହତ ଦୁଇ ଜଣଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବାର ସୂଚନା ମିଳିଛି ।ଏଭଳି ଅଭାବନୀୟ ଘଟଣା ଘଟିଛି ଷ୍ଟେସନ ବଜାର ଅଞ୍ଚଳରେ । ସୂଚନା ଅନୁଯାୟୀ ଷ୍ଟେସନ ବଜାର ଅଞ୍ଚଳର ଅରୁଣ ସାହୁ ଓ ତାଙ୍କ ପତ୍ନୀ ପ୍ରଭାତୀ ସାହୁଙ୍କ ସହ ତାଙ୍କ ବଡଭାଇ ଅଶ୍ୱିନୀ ସାହୁଙ୍କ ସହିତ ପୂର୍ବରୁ ଜାଗାବାଡି ବିବାଦ ରହିଥିଲା । ଆଜି ଏହି ଜାଗାବାଡି ବିବାଦକୁ କେନ୍ଦ୍ର କରି ବଡଭାଇ ଅଶ୍ୱିନୀ ସାନଭାଇ ଅରୁଣ ଓ ତାଙ୍କ ପତ୍ନୀ ପ୍ରଭାତୀଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ । ଅଶ୍ୱିନୀଙ୍କ ଖଣ୍ଡା ଆକ୍ରମଣରେ ପ୍ରଭାତୀ ଓ ଅରୁଣ ଗୁରୁତର ଆହତ ହୋଇପଡିଥିଲେ । ଗୁରୁତର ଆହତଙ୍କୁ ଚିକିତ୍ସାପାଇଁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସାନଭାଇ ଅରୁଣଙ୍କ ଅବସ୍ଥା ସଂକଟାପନ୍ନ ଓ ତାଙ୍କ ପତ୍ନୀ ପ୍ରଭାତୀଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରିଥିବାର ଜଣାପଡିଛି । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିବା ବେଳେ ଆକ୍ରମଣକାରୀ ଭାଇ ଘଟଣା ସ୍ଥଳରୁ ଫେରାର୍ ହୋଇଥିବାର ଜଣାପଡିଛି ।

## ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଥାନାରେ ଡିଏସପିଙ୍କ ଦୁର୍ବ୍ୟବହାର

# ମିଥ୍ୟା ମାମଲାରେ ଫସାଇବାକୁ ଧମକ, ଘଟଣାକୁ ନେଇ ଫେରାଦ୍

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ପୋଲିସ ଜନସାଧାରଣଙ୍କ ନିକଟତର ହେବା ସହ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ବିଭିନ୍ନ ସମୟରେ ରାଜ୍ୟ ସରକାର ତାଗିଦ୍ କରୁଥିଲେ ମଧ୍ୟ ତଳସ୍ତରରେ ତାହା ଠିକରେ କାର୍ଯ୍ୟକାରି ହେଉନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ଢେଙ୍କାନାଳ ଜିଲ୍ଲାରେ ଅବସ୍ଥାପିତ ବିଭିନ୍ନ ପୋଲିସ ଅଧିକାରୀଙ୍କ ଠାରେ ଦେଖିବାକୁ ମିଳୁଛି । ଏପରିକି କିଛି ପୋଲିସ ଅଧିକାରୀ ଏହାକୁ ନେଇ ଜାତୀୟ ମାନବ ଅଧିକାରଙ୍କ ଠାରେ ଶରବ୍ୟର ଶିକାର ହୋଇଥିବାର ଦେଖିବାକୁ ମିଳୁଥିବା ବେଳେ କିଛି ପୋଲିସ ଅଧିକାରୀଙ୍କ ନାମରେ କୋର୍ଟରେ ମାମଲା ବିଚାରାଧିନ ରହିଥିବାର ନଜିର ରହିଛି । ଏହି କିଛି ଦିନ ପୂର୍ବେ ଢେଙ୍କାନାଳ ଗଁଦିଆ ଥାନା ଅଧିକାରୀ ଜନୈକ ମହିଳା ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବାକୁ ନେଇ ଆନ୍ଦୋଳନ ପରେ ଉକ୍ତ ଥାନା ଅଧିକାରୀଙ୍କୁ ଗଁଦିଆ ପୋଲିସ ଷ୍ଟେସନରୁ ଅନ୍ତର କରାଯାଇଥିଲା । ଉକ୍ତ ଥାନା ଦାୟିତ୍ୱରେ ଥିବା ଜନୈକ ଡିଏସପି ଗତକାଲି ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଥାନାକୁ ଡାକିନେଇ ଅଟକ ରଖିବା ସହ ଅଶାଳୀନ ମନ୍ତବ୍ୟ ଦେଇ ଗାଳିଗୁଲଜ କରିବା ଘଟଣା ଗଁଦିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଅଭିଯୋଗ ଅନୁଯାୟୀ ଗଁଦିଆ ଅଞ୍ଚଳର ସ୍ୱର୍ଗତ ସାରଙ୍ଗଧର ସାହୁଙ୍କ ପୁଅ ସନ୍ତୋଷ କୁମାର ସାହୁ ନିକଟସ୍ଥ ପୋଷ୍ଟ ଅଫିସକୁ ନିଜ ଏକ କାମରେ ଯାଇଥିବା ବେଳେ ସେଠାରେ ୩ ଜଣ ଥାନାର ଷ୍ଟାଫ ପହଁଚି ତାଙ୍କୁ ପୋଷ୍ଟ ଅଫିସ ବାହାରକୁ ଆସିବାକୁ କହିବା ସହ ତାଙ୍କୁ ଡିଏସପି ମହାନ୍ତି ବାବୁ ଥାନାକୁ ଡାକିଛନ୍ତି କହି ନେଇ ଆସିଥିଲେ । ଶ୍ରୀ ସାହୁ ଥାନା ପରିସରରେ ପହଁଚିବା ପରେ ସେଠାରେ ଥିବା ତ୍ରୀନାଥ ମନ୍ଦିର ସମ୍ମୁଖରେ ଠିଆ ହୋଇଥିବା ଡିଏସପି ମହାନ୍ତି ବାବୁ ହଠାତ୍ ତାଙ୍କୁ ଗାଳିଗୁଲଜ କରିବା ସହ ତୁମ ନାମରେ ୩୦୭ କେସ୍ ଅଛି ତୁମକୁ ଥାନାରେ ବସିବାକୁ କୁହା ଯାଇଥିବା ବେଳେ ତୁମେ ଥାନାରୁ କ'ଣ ଖସି ପଳାଇଛୁ ବୋଲି କହିବା ସହ ଥାନା ଷ୍ଟାଫଙ୍କୁ ଶ୍ରୀ ସାହୁଙ୍କୁ ଥାନା ଭିତରକୁ ନେଇ ଯିବାକୁ କହିଥିଲେ । ତଦନୁଯାୟୀ ଥାନା ଷ୍ଟାଫ ତାଙ୍କୁ ହାଜତ ମଧ୍ୟରେ ରଖିଥିଲେ । ତାହାର କିଛି ସମୟ ପରେ ମୁଁ ମୋର ପରିଚୟ ପ୍ରଦାନ କରିବା ପରେ ମୋତେ ହାଜତରୁ ଛାଡିବା ସହ ଯଦି ଏ ସମ୍ପର୍କରେ କାହାରିକୁ ଜଣାଉ ତେବେ ତୋତେ ଏନଡିପିଏସ ମିଥ୍ୟା ମାମଲାରେ ଫସାଇ କୋର୍ଟ ଫରୱାର୍ଡ କରିବି ବୋଲି ସେଠାରେ ଉପସ୍ଥିତ ଥିବା ପୋରୁହଖୋଜର ଧରଣୀଧର ସାହୁ, ବଣିଆଁପଡାର ମଳୟ ସିଂ,ସାଆନ୍ଦାପଶି ପାଟଣାର ରଂଜନ କୁମାର ବିଶ୍ୱାଳ ଓ ଅଜୟ ସାହୁଙ୍କ ଉପସ୍ଥିତିରେ ଧମକ ଦେଇଥିଲେ ବୋଲି ଅଭିଯୋଗକାରୀ ଶ୍ରୀ ସାହୁ ତାଙ୍କ ଅଭିଯୋଗରେ ଦର୍ଶାଇବା ସହ ତାଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଗଁଦିଆ ଥାନା ଅଧିକାରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିବା ସହ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକ,ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ମାନବ ଅଧିକାର କମିଶନର , ୫-ଟି ସଚିବ ଓ ଗୃହ ବିଭାଗ ମନ୍ତ୍ରୀଙ୍କୁ ଏହାର ଏକକିତା ନକଲ ପ୍ରଦାନ କରିଛନ୍ତି ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୩ ଗିରଫ

ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ଥାନା ଅଚକ ଗ୍ରାମରେ ଜୁଆ ଆଡ୍ଡା ପୁଲିସ ଚଢ଼ାଉ କରି ତିନିଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ଜୁଆ ଖେଳର ବ୍ୟବହୃତ ସାମଗ୍ରୀ ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଅଚକ ଗ୍ରାମର ସୁମିତ ପୁହାଣ, ତରୁଣ ଭୋଇ ଏବଂ କାଁପଡ଼ା ପଞ୍ଚାୟତର ମାନସ ଦାସ ବୋଲି ଜଣା ପଡ଼ିଛି। ପ୍ରକାଶ ଯେ, ଦୀର୍ଘ ଦିନ ଧରି ଅଚକ ଗ୍ରାମରେ ଜୁଆ ଖେଳା ଯାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଗୁରୁବାର ବିଳମ୍ବିତ ରାତିରେ ପୁଲିସ୍ ଅଚକ ଗ୍ରାମରେ ଜୁଆ ଖେଳା ଯାଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇଥିଲା। ଥାନା ଆଇଆଇସି ତପନ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ପୁଲିସର ଏକ ଟିମ୍ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେବେ ପୁଲିସ ଆସୁଥିବା ଜାଣି ପାରି କେତେକ ବ୍ୟକ୍ତି ସେଠାରୁ କୌଶଳକ୍ରମେ ଖସି ଯାଇଥିବା ବେଳେ ଉପରୋକ୍ତ ତିନିଜଣ ବ୍ୟକ୍ତି ପୁଲିସ ହାତରେ ଧରା ପଡ଼ି ଯାଇଥିଲା। ପୁଲିସ ସେମାନଙ୍କୁ ଥାନାକୁ ଆଣିବା ସହ ଶୁକ୍ରବାର ଗିରଫ କରିଥିଲା। ଏ ହିଘଟଣାରେ ପୁଲିସ କେଶ ନଂ ୨୬୦/୨୨ରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି।

# ୭ ଚୋରଙ୍କ ସମେତ ୧୦ ଜଣଙ୍କୁ କୋର୍ଟଚାଲାଣ



ଯାଜପୁର, (ଭାସ୍କର ନ୍ୟୁଜ) : ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ୭ଜଣ ଚୋର ଓ ସେମାନଙ୍କ ଠାରୁ ଚୋରୀ ସାମଗ୍ରୀ କିଣିଥିବା ୩ଜଣ ବ୍ୟକ୍ତିଙ୍କୁ ଯାଜପୁର ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି । ଆଜି ଏଥିନେଇ ଯାଜପୁର ଟାଉନ ଥାନା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦିଆଯିବା ସହ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଚୋରୀ ଅଭିଯୁକ୍ତ ମାନେ ହେଲେ ଜିତୁ ଚାତର , ପୂର୍ଣ୍ଣ ଗାଗରିଆ, ଜଗବନ୍ଧୁ ଦାସ, ଚୁଇନ ଦାସ,ରବି ଦାସ,ଏସକେ ମୁଜାହିଦ୍ ଓ ଏସ୍.କେ କାଲାମ ବୋଲି ଜଣା ପଡିଛି । ଅଭିଯୁକ୍ତ ମାନଙ୍କ ଘର ସ୍ଥାନୀୟ କପାସୀ, ଶିତଳେଶ୍ୱର, ଅକରପଡା ଓ ଅନ୍ୟ ୨ ଜଣ ଅଭିଯୁକ୍ତ କେନ୍ଦ୍ରାପଡା ଓ କେନ୍ଦୁଝର ଜିଲ୍ଲାର ବୋଲି ଜଣା ପଡିଛି । ସେହିପରି ଚୋରି ସାମଗ୍ରୀ କିଣିଥିବା ଅଭିଯୁକ୍ତ ମାନେ ହେଲେ ବିଞ୍ଝାରପୁର ଅଞ୍ଚଳର ମାନସ ରଞ୍ଜନ ପାତ୍ର, ସ୍ଥାନୀୟ ସଦାବ୍ରତ ମଠ ଅଞ୍ଚଳର ଅଜିତ କୁମାର ନାଥ ଓ ବିଞ୍ଝାରପୁର ଅଞ୍ଚଳର ରବିନାରାୟଣ ସାହୁ ବୋଲି ଜଣା ପଡିଛି । ଅଭିଯୁକ୍ତମାନଙ୍କୁ ୩୮୦ /୪୫୭ ଧାରା ଅନୁଯାଇ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି । ଅଭିଯୁକ୍ତମାନେ ଯାଜପୁର ଓ ବରୀ ଅଞ୍ଚଳରେ ନିୟମିତ ଚୋରୀ କରୁଥିଲେ ବୋଲି ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି । ଏହି ଅଭିଯୁକ୍ତ ମାନଙ୍କ ଠାରୁ୧୪୨ ଗ୍ରାମ ସୁନା,୩୨୧ ଗ୍ରାମ ରୂପା ଅଳଙ୍କାର,ନଗଦ ୧୨ ହଜାର ଟଙ୍କା .୪ଟି ମୋବାଇଲ ଫୋନ, ପାଣି ମୋଟର, ବହୁ ପରିମାଣର ନୂଆ ଲୁଗା ଓ ପୋଷାକ ପତ୍ର ,ସିସି କ୍ୟାମାରା ଓ ଚୋରୀରେ ବ୍ୟବହୃତ ବିଭିନ୍ନ ଯନ୍ତ୍ରପାତି ଆଦି ଜବତ କରାଯାଇଥିବା ଜଣାପଡିଛି । ଯାଜପୁର ଟାଉନ ଥାନାଧିକାରୀ ଅଜୟ କୁମାର ଜେନା ବିଭିନ୍ନ ସ୍ଥାନ ଚଢାଉ କରି ଏହି ଚୋର ମାନଙ୍କୁ ଗିରଫ କରିଥିବା ଜଣାପଡିଛି । ଅନ୍ୟପକ୍ଷରେ ଏହି ଚୋରମାନଙ୍କୁ ଗିରଫ କରିବା ପରେ ସ୍ଥାନୀୟ ଅଞ୍ଚଳରେ ଆଶ୍ୱସ୍ତି ପ୍ରକାଶ ପାଇଛି ।



ଇସ୍ଲାମାବାଦ୍: ନିଜ ନିଜର ସୁରକ୍ଷା ନିମନ୍ତେ ସୁନିଶ୍ଚିତ ହେବା ନିମନ୍ତେ ଇସ୍ଲାମାବାଦରେ ବାସ କରୁଥିବା ୧୦୦୦ରୁ ଊର୍ଦ୍ଧ୍ୱ ଚୀନ୍ ନାଗରିକ କୁଆଡ଼େ ବାହାରିବା ପୂର୍ବରୁ ପୋଲିସକୁ ସୂଚନା ଦେବେ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପାକିସ୍ତାନରେ ବାସ କରୁଥିବା ଚୀନ୍ ନାଗରିକମାନଙ୍କୁ ଟାର୍ଗେଟ୍ କରି ଆକ୍ରମଣ କରାଯାଉଥିବାରୁ ପାକିସ୍ତାନ ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସମ୍ବାଦପତ୍ର 'ଡନ୍' ରିପୋର୍ଟ ଅନୁସାରେ, ବିଦେଶୀ ନାଗରିକମାନଙ୍କର, ବିଶେଷକରି ଚୀନ୍ ନାଗରିକଙ୍କ ନିରାପତ୍ତା ନିମନ୍ତେ ଇସ୍ଲାମାବାଦ ପୋଲିସ ନିକଟରେ ସ୍ଥାପନ କରିଥିବା 'ଡିଷ୍ଟ୍ରିକ୍ଟ ଫରେନ୍ ସିକ୍ୟୁରିଟି ସେଲ୍‌ର କାର୍ଯ୍ୟଦକ୍ଷତା ଉପରେ ବସିଥିବା ସମୀକ୍ଷା ବୈଠକରେ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ରାଷ୍ଟ୍ରପତି ଦୌଡରେ ଭେଙ୍କେୟା ନାଇଡୁ



ନୂଆଦିଲ୍ଲୀ: କିଏ ହେବେ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ? ଏନ୍‌ଡିଏ ସରକାର କିମ୍ବା ବିରୋଧୀ ମେଣ୍ଟ, କେହି ବି ନିଜ ନିଜ ପ୍ରାର୍ଥୀ ଘୋଷଣା କରିନଥିବାବେଳେ ବିଭିନ୍ନ ନାଁକୁ ନେଇ ଚର୍ଚ୍ଚା ଜୋର ଧରିଛି । ଆଉ ଏହାରି ଭିତରେ ଚର୍ଚ୍ଚାର ଆଗରେ ରହିଛନ୍ତି ଉପରାଷ୍ଟ୍ରପତି ଏମ ଭେଙ୍କେୟା ନାଇଡୁ । ତାଙ୍କୁ ନେଇ ଜାତୀୟ ଗଣମାଧ୍ୟମରେ ଜୋରଦାର ଆଲୋଚନା ହେଉଛି । କାରଣ ଦକ୍ଷିଣ ଭାରତରେ ନିଜର ଭୋଟ ବ୍ୟାଙ୍କ ବଢାଇବାକୁ ବିଜେପି ଜଣେ ଦକ୍ଷିଣ ଭାରତୀୟ ଚେହେରା ଭାବରେ ଭେଙ୍କେୟା ନାଇଡୁଙ୍କୁ ଆଗକୁ ଆଣିବାକୁ ଚାହୁଁଛି ।ସେହିପରି ବିରୋଧୀ ପ୍ରାର୍ଥୀ ଦେବା ଆଶଙ୍କାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡି ଓ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ସମର୍ଥନ ହାସଲ କରିବାରେ ଏହା ବିଜେପିକୁ ସହାୟକ ହୋଇପାରେ । ଉପରାଷ୍ଟ୍ରପତି ଭାବେ ରାଜ୍ୟସଭା ପରିଚାଳନା କଲାବେଳେ ନିଜର ଦକ୍ଷତା ପ୍ରଦର୍ଶନ କରିପାରିଛନ୍ତି । ଜଣେ ବିଚକ୍ଷଣ ରାଜନେତା ଭାବରେ ଦଳମତ ନିର୍ବିଶେଷରେ ତାଙ୍କର ଆଦୃତି ରହିଛି । ବିଜେଡି ଓ ଏହାର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଭେଙ୍କେୟା ନାଇଡୁଙ୍କ ସୁସଂପର୍କ ରହିଆସିଛି । ତେଣୁ ରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ସମର୍ଥନ ମିଳିବା ସମ୍ଭାବନା ମଧ୍ୟ ବଢ଼ିଯିବ ବୋଲି କୁହାଯାଉଛି ।

### ମୁଖ୍ୟ ସଚିବଙ୍କ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ

## କେନ୍ଦ୍ର-ରାଜ୍ୟ ସମନ୍ୱୟ ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ : କେନ୍ଦ୍ର- ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଶୁକ୍ରବାର ହିମାଚଳ ପ୍ରଦେଶର କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଆୟୋଜିତ ମୁଖ୍ୟ ସଚିବମାନଙ୍କ ସମ୍ମିଳନୀରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହା କହିଛନ୍ତି । ସେ କହିଛନ୍ତି ଯେ ଉଭୟଙ୍କ ମଧ୍ୟରେ ସମନ୍ୱୟ ରହିଲେ ଏହା ଦେଶ ଓ ରାଜ୍ୟପାଇଁ ଶୁଭଙ୍କର ହେବ ଏବଂ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ । ଏହି ଅବସରରେ ସେ ଜାତୀୟ ଶିକ୍ଷାନୀତି, ଶସ୍ୟର ବିକେନ୍ଦ୍ରୀକରଣ ଏବଂ ସହରାଞ୍ଚଳ ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଯେ ଏ କ୍ଷେତ୍ରରେ ଏହି ସମ୍ମିଳନୀରେ ଯୋଗ ଦେଇଥିବା ସମସ୍ତ ମୁଖ୍ୟ ସଚିବ ଓ ଅନ୍ୟ ଅଧିକାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ଉଭୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ବିକାଶମୂଳକ କାର୍ଯ୍ୟକୁ ଆଗକୁ ନେଇପାରିବେ । ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୦୦ ବରିଷ୍ଠ ଅଧିକାରୀଙ୍କ ସହ ବିଶେଷଜ୍ଞମାନେ ଯୋଗଦେଇ ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟମାନଙ୍କ ଏକ ପ୍ରମୁଖ ଭୂମିକା ରହିଥିବା ନେଇ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟ ଯେ କେନ୍ଦ୍ର ସାଧାରଣ ଅଭିଯୋଗ ଓ ପେନସନ ବିଭାଗ ପକ୍ଷରୁ ୨୦୧୦ ମସିହାରେ ଦିଲ୍ଲୀରେ ପ୍ରଥମ ଥରପାଇଁ ମୁଖ୍ୟ ସଚିବଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଏଥିରେ ଯୋଗ ଦେଇଥିଲେ । ସେହିଦିନଠାରୁ ମୁଖ୍ୟସଚିବଙ୍କ ସମ୍ମିଳନୀ ପ୍ରତିବର୍ଷ ଦେଶର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ହୋଇ ଆସୁଛି ।

## ଗ୍ରେ ତାଲିକାରୁ ହଟିଲା ପାକିସ୍ତାନ

ନୂଆଦିଲ୍ଲୀ: ପାକିସ୍ତାନକୁ ମିଳିଲା ଖୁସି ଖବର। ଗତ କିଛି ବର୍ଷ ଧରି ଆତଙ୍କବାଦୀଙ୍କୁ ପାଣ୍ଠିଯୋଗାଣ ବନ୍ଦ କରିବା ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନଥିବାରୁ ପାକିସ୍ତାନକୁ ଗ୍ରେ ତାଲିକାରେ ରଖାଯାଇଥିବା ବେଳେ ଆଜି ପାକିସ୍ତାନକୁ ଗ୍ରେ ତାଲିକାରୁ ହଟାଇ ଦିଆଯାଇଛି। ଆଜି ପାକିସ୍ତାନକୁ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫଏଟିଏଫ)ର ଗ୍ରେ ତାଲିକାରୁ ହଟାଇ ଦିଆଯାଇଛି। ବର୍ଲିନ (ଜର୍ମାନୀ)ରେ ଚାଲିଥିବା ବୈଠକରେ ପାକିସ୍ତାନକୁ ଗ୍ରେ ତାଲିକାରୁ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଛି ।ଏହା ସମ୍ବନ୍ଧୀୟ ସୂଚନା ବର୍ତ୍ତମାନ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫଏଟିଏଫ)ର ୱେବସାଇଟରେ ଅପଡେଟ୍ ହେବ। ଏହା ସହ ଅକ୍ଟୋବରରେ ହେବାକୁ ଥିବା ବୈଠକରେ ପାକିସ୍ତାନକୁ ଗ୍ରେ ତାଲିକାରୁ ହଟାଯାଇଥିବା ନେଇ ଅଧିକାରୀକ ଘୋଷଣା କରାଯିବ ।ମାର୍ଚ୍ଚ ମାସରେ ପ୍ୟାରିସରେ ଥିବା ଫାଇନାନ୍ସିଆଲ୍ ଆକ୍ସନ ଟାସ୍କ ଫୋର୍ସ୍ (ଏଫଏଟିଏଫ୍) ପାକିସ୍ତାନକୁ ପୁଣିଥରେ ଗ୍ରେ ତାଲିକାରେ ରଖିଥିଲା।

### ନେସନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲା

## ମୋତିଲାଲ ଭୋରାଙ୍କୁ ଦାୟୀ କଲେ ରାହୁଲ



ନୂଆଦିଲ୍ଲୀ:ଦୀର୍ଘ ଦିନରୁ ଲାଗିରହିଥିବା ହେରାଲ୍ଡ ପେପର ଏବଂ ମନି ଲଣ୍ଡରିଂ ମାମଲା ଲାଗିରହିଛି। ଏହାକୁ ନେଇ ବିଭିନ୍ନ ସମୟରେ ଗାନ୍ଧି ପରିବାରକୁ ନେଇ ବେଶ ଚର୍ଚ୍ଚା ଜୋର ଧରୁଛି। କାହାକୁ କେତେବେଳେ ଇଡି ଜେରା କରୁଛି। ସଂପ୍ରତି ନେସନାଲ ହେରାଲଡ ମନି ଲଣ୍ଡରିଂ ମାମଲା ନେଇ ଇଡି ଜେରା ସମୟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଦଳର ଦିବଙ୍ଗତ ନେତା ମୋତିଲାଲ ଭୋରାଙ୍କୁ ବିଭିନ୍ନ ଅନିୟମିତତା ପାଇଁ ଦାୟୀ କରିଛନ୍ତି। ଇଡି ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ରାହୁଲ ଏଜେଏଲ୍ (ଆସୋସିଏଟେଡ୍ ଜର୍ଣ୍ଣାଲ୍ସ ଲିମିଟେଡ୍) ଏବଂ ୟଙ୍ଗ୍ ଇଣ୍ଡିଆନ ମଧ୍ୟରେ ହୋଇଥିବା ସମସ୍ତ ଆର୍ଥିକ କାରବାର କଂଗ୍ରେସର ପୂର୍ବତନ କୋଷାଧ୍ୟକ୍ଷ ମୋତିଲାଲ ଭୋରାଙ୍କ ଦ୍ୱାରା ହୋଇଥିବା କହିଛନ୍ତି। ଏଜେଏଲ୍ ଏବଂ ୟଙ୍ଗ ଇଣ୍ଡିଆନ ମଧ୍ୟରେ ଆର୍ଥିକ କାରବାର ପାଇଁ ସମସ୍ତ କ୍ଷମତା ଭୋରାଙ୍କୁ ଦିଆଯାଇଥିଲା ବୋଲି ରାହୁଲ କହିଛନ୍ତି। କିନ୍ତୁ ମୋତିଲାଲ ଭୋରାଙ୍କ ପୁଅ ଅରୁଣ ଭୋରା କହିଛନ୍ତି, ରାହୁଲ ଗାନ୍ଧିଙ୍କ ଏଭଳି ଅଭିଯୋଗ ଭିତ୍ତିହୀନ ଏବଂ ରାହୁଲ ତଥ୍ୟ ଆଧାରରେ ତାଙ୍କ ବୟାନ ରଖିବା ଉଚିତ। ଏହା ସହିତ ଇଡି ଜେରା ସମୟର ଏହି ତଥ୍ୟ ଏଭଳି ଭାବେ ପଦାକୁ ନଆସିବା ଉଚିତ ବୋଲି ସେ କହିଛନ୍ତି। ଏହି ମାମଲାରେ ସତ୍ୟର ବିଜୟ ହେବ ଏବଂ ରାହୁଲ ଗାନ୍ଧି ତାଙ୍କ ପିତାଙ୍କ ବିରୋଧରେ ଏଭଳି ଅଭିଯୋଗ କରିପାରିବେନି ବୋଲି ସେ କହିଛନ୍ତି।

## ସମୁଦ୍ରକୁ ଓହ୍ଲାଇଲା ଚୀନର ୩ୟ ବିମାନବାହୀ ଯୁଦ୍ଧପୋତ, ଭାରତ ପାଇଁ ସତର୍କ ଘଣ୍ଟି



ବେଜିଂ : ଚୀନ ଦ୍ରୁତ ଗତିରେ ନିଜର ନୌସେନାର ଅଧୁନିକୀକରଣ କରିଚାଲିଛି । ବିଶେଷକରି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ନୌସେନା ଆମେରିକାକୁ ଟକ୍କର ଦେବାକୁ ଚୀନ ଉଦ୍ୟମ ଚଳାଇଛି । ଶୁକ୍ରବାର ଚୀନ ନୌସେନା ନିଜର ୩ୟ ବିମାନବାହୀ ଯୁଦ୍ଧପୋତ (ଏୟାରକ୍ରାଫ୍ଟ କ୍ୟାରିୟର)ର ଜଳାବତରଣ କରିଛି । ଏହାର ନାଁ ରଖାଯାଇଛି ଫୁଜିଆନ୍ । ଚୀନର ବୃହଲମ ସହର ସାଂଘାଇଠାରେ ଏହାର ଜଳାବତରଣ କରାଯାଇଛି । ଚୀନର ଏହା ୩ୟ ବିମାନବାହୀ ଯୁଦ୍ଧପୋତ ହୋଇଥିବା ବେଳେ ଚୀନରେ ନିର୍ମିତ ୨ୟ ବିମାନବାହୀ ଯୁଦ୍ଧପୋତ । 'ଫୁଜିଆନ୍'କୁ ଚୀନର ସବୁଠାରୁ ଅତ୍ୟାଧୁନିକ ବିମାନବାହୀ ଯୁଦ୍ଧପୋତ ବୋଲି କୁହାଯାଉଛି ଓ ଏହାକୁ ଚୀନର ରାଷ୍ଟ୍ରାୟତ୍ତ କମ୍ପାନି ଚାଇନା ଷ୍ଟେଟ୍ ସିପବିଲଡିଂ କର୍ପୋରେସନ (ସିଏସଏସସି) ପକ୍ଷରୁ ନିର୍ମାଣ କରାଯାଇଛି । ଚୀନର ପ୍ରଥମ ବିମାନବାହୀ ଯୁଦ୍ଧପୋତ ହେଉଛି ସୋଭିଏତ ରୁଷ ନିର୍ମିତ ଲିଆଓନିଂ । ୨ୟ ଯୁଦ୍ଧପୋତର ନାଁ ହେଉଛି ସାଙ୍ଗଡଙ୍ଗ । ଏହାକୁ ମଧ ସୋଭିଏତ ପ୍ରଯୁକ୍ତି ଓ ଡିଜାଇନ ବ୍ୟବହାର କରି ନିର୍ମାଣ କରାଯାଇଥିଲା । କିନ୍ତୁ ୩ୟ ଯୁଦ୍ଧପୋତଟି ସଂପୂର୍ଣ୍ଣ ଭାରେ ଚୀନ ଜ୍ଞାନକୌଶଳରେ ନିର୍ମିତ ହୋଇଛି । ଏହି ଜାହାଜରେ ଯୁଦ୍ଧ ବିମାନଗୁଡ଼ିକର ସୁରକ୍ଷିତ ଉଡାଣ ଓ ଅବତରଣ ପାଇଁ ଇଲେକ୍ଟ୍ରୋମାଗନେଟିକ କାଟାପଲ୍ଟ ଓ ଆରେଷ୍ଟିଂ ଡିଭାଇସ ଲଗାଯାଇଛି । ଏହି ଜାହାଜର ଓଜନ ହେଉଛି ପ୍ରାୟ ୮୦ ହଜାର ଟନ । ଚୀନ ନୌସେନାର ଶକ୍ତି ବୃଦ୍ଧି କେବଳ ଆମେରିକା ନୁହେଁ, ଭାରତ ପାଇଁ ମଧ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି । କାରଣ ଭାରତ ମହାସାଗରରେ ଚୀନ ନୌସେନାର ଗତିବିଧି ଆଗକୁ ଆହୁରି ବଢିବାର ସମ୍ଭାବନା ରହିଛି ।

### ୟୁକ୍ରେନ୍ ଓ ଚୀନ୍ ଫେରନ୍ତା ମେଡିକାଲ ଛାତ୍ରଛାତ୍ରୀଙ୍କୁ ଅଶ୍ୱସ୍ତି

## ଅନ୍‌ଲାଇନ୍‌ରେ ସାରିପାରିବେ କୋର୍ସ

ନୂଆଦିଲ୍ଲୀ:ୟୁକ୍ରେନ-ଋଷ ଯୁଦ୍ଧ ପାଇଁ ଧନ ଜୀବନ,ପରିବେଶ ପ୍ରଦୂଷଣ ସହ ବେଶୀ ପ୍ରଭାବିତ ହୋଇଛନ୍ତି ସେଠାରେ ପାଠପଢୁଥିବା ଭାରତୀୟ ଛାତ୍ରଛାତ୍ରୀ । ଯୁଦ୍ଧ ଆରମ୍ଭ ହେବା ପରେ ଅନେକ ଭାରତୀୟ ଛାତ୍ରଛାତ୍ରୀ ମେଡିକାଲ ପାଠ୍ୟକ୍ରମ ଅଧାରୁ ଛାଡି ଚାଲି ଆସିଛନ୍ତି । କରୋନା କାରଣରୁ ମଧ ଚାଇନାରୁ ଅନେକ ଛାତ୍ରଛାତ୍ରୀ ଚାଲି ଆସିଛନ୍ତି । ଅନେକ ଶେଷ ବର୍ଷର ପରୀକ୍ଷା ମଧ ଦେଇ ନାହାନ୍ତି । ଯାହାକୁ ନେଇ ସେମାନେ ନାନା ଆଶା ଓ ଆଶଙ୍କାରେ ରହିଛନ୍ତି। ଏହା ଉପରେ କଡା ନଜର ରଖିଛି ନ୍ୟାସନାଲ ମେଡିକାଲ କମିଶନ ବା ଜାତୀୟ ଡାକ୍ତରୀ କମିଶନ । ଛାତ୍ରଛାତ୍ରୀମାନେ ପ୍ୟାରେଣ୍ଟ ୟୁନିଭର୍ସିଟିରେ ଅନଲାଇନ୍ ପାଠପଢି ପାରିବେ ଓ ପରେ ଭାରତରେ ପ୍ରାକ୍ଟିସ୍ ପାଇଁ ପରୀକ୍ଷା ଦେଇପାରିବେ ବୋଲି କମିଶନ କହିଛନ୍ତି ।ରିପୋର୍ଟ ଅନୁସାରେ, କମିଶନ ଭାରତୀୟ ଛାତ୍ରଙ୍କ ପାଇଁ ସଚେତନ ଅଛନ୍ତି । ଚୀନରେ କରୋନା ଲହରୀ ଓ ୟୁକ୍ରେନ ଯୁଦ୍ଧ ପାଇଁ ଅନେକ ଛାତ୍ର ସେଠାରୁ ପଳାଇ ଆସିଛନ୍ତି । ସେମାନେ ଏଫଏମଜିଇରେ ପାସ୍ କଲେ ସେମାନଙ୍କୁ ଦୁଇ ବର୍ଷ ବଦଳରେ ଗୋଟିଏ ବର୍ଷ ଇଣ୍ଟର୍ନସିପ୍ କରିବାକୁ ହେବ । ପ୍ରଥମ ଓ ଦ୍ୱିତୀୟ ବର୍ଷର ମେଡିକାଲ ଛାତ୍ରଛାତ୍ରୀଙ୍କୁ ନିଟ୍ ପରୀକ୍ଷା ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରାଳୟ ପରାମର୍ଶ ଦେଇଛି । ଏହାଦ୍ୱାରା ସେମାନେ ଭାରତୀୟ କଲେଜରେ ପାଠ ପଢିପାରିବେ ।ତେବେ ଋଷିଆ, କାଜାଖସ୍ତାନ, କିର୍ଜିସ୍ତାନ, ରୋମାନିଆ ଆଦି ଦେଶ ୟୁକ୍ରେନ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ପଢାଇବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । କିନ୍ତୁ ଡାକ୍ତରୀ କମିଶନ ଅନୁସାରେ, ଛାତ୍ରଛାତ୍ରୀମାନେ ଅଣ୍ଡରଗ୍ରାଜୁଏଟ୍ କୋର୍ସ ପାଇଁ ଗୋଟିଏ କଲେଜରୁ ପାଠ ପଡିବା ଆବଶ୍ୟକ ।ସୂଚନାଯୋଗ୍ୟ, ଚାଇନା ଓ ୟୁକ୍ରେନରୁ ପ୍ରାୟ ୪୦ ହଜାର ମେଡିକାଲ ଛାତ୍ରଛାତ୍ରୀ ଭାରତ ଫେରି ଆସିଛନ୍ତି । ଏକ ଏମବିବିଏସ ଡିଗ୍ରୀ ସାଢେ ପାଞ୍ଚ ବର୍ଷ ଅଟେ । ଏହାମଧ୍ୟରେ ୯ଟି ସେମିଷ୍ଟର ଓ ଗୋଟିଏ ବର୍ଷର ଇର୍ଣ୍ଟର୍ନସିପ୍ ମଧ କରିବାକୁ ହେବ। ସୂଚନାଯୋଗ୍ୟ ଯେ ୟୁକ୍ରେନ-ରୁଷ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗି ରହିଥିବାବେଳେ ସେଠାରେ ଭାରତୀୟ ଛାତ୍ରଛାତ୍ରୀମାନେ ଡାକ୍ତରୀ ବିଦ୍ୟା ଅଧ୍ୟୟନ ଅଧାରୁ ଛାଡ଼ି ଦେଶକୁ ଫେରି ଆସିଥିଲେ । ତେବେ ସେମାନେ କିପରି ପାଠ୍ୟକ୍ରମ ଶେଷ କରିବେ ସେ ନେଇ ମଧ୍ୟ ଚିନ୍ତାରେ ପଡ଼ିଥିଲେ । ଏ କ୍ଷେତ୍ରରେ ଏମସିଆଇର ଗାଇଡ୍ ଲାଇନ୍ ଅନୁଯାୟୀ ଛାତ୍ରଛାତ୍ରୀମାନେ ଅନଲାଇନରେ କୋର୍ସ ଶେଷ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

# ବାଣିଜ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମିଶନ ଶକ୍ତି ବିଭାଗ ଓ ଆପାରେଲ ମେଡ୍-ଅପ୍ସ ଆଣ୍ଡ ହୋମ୍ ଫର୍ଣ୍ଣିସିଂ ସେକ୍ଟର ସ୍କିଲ୍ କାଉନ୍ସିଲ୍ (ଏଏମ୍ଏଚ୍ଏସ୍ଏସ୍ସି), ଏଏମ୍ଏଚ୍ଏସ୍ଏସ୍ସି ନୂଆଦିଲ୍ଲୀଙ୍କ ମଧ୍ୟରେ ଶୁକ୍ରବାର 'ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ସିଲେଇ ମେସିନ୍ ଅପରେଟର ଭାବରେ ଦକ୍ଷତାଭିତ୍ତିକ ତାଲିମ' ଶୀର୍ଷକ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ମିଶନ ଶକ୍ତି ସ୍ୱୟଂ ସହାୟକ ସଦସ୍ୟାମାନେ ଆତ୍ମନିର୍ଭରଶୀଳ ହେବାକୁ ସୁଯୋଗ ପାଇବା ସହିତ ପୋଷାକ ଶିଳ୍ପ କ୍ଷେତ୍ରରେ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବାରେ ସକ୍ଷମ ହେବେ।

## ଫ୍ୟୁଜନ ମାଇକ୍ରୋଫାଇନାନ୍ସ: ଓଡ଼ିଶାରେ ଔଦ୍ୟୋଗିକତାର ସ୍ୱପ୍ନକୁ ଗଢୁଛି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାଇକ୍ରୋଫାଇନାନ୍ସ ଶିଳ୍ପ ଅନେକ ଆଶାୟୀ ମହିଳାଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ଓ ସ୍ୱାବଲମ୍ବୀ ହେବାରେ ସହାୟତା କରି ସେମାନଙ୍କ ଜୀବନରେ ରୂପା'ରଣ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଫ୍ୟୁଜନ ମାଇକ୍ରୋଫାଇନାନ୍ସ ଭଳି ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡିକ ଆପଦରେ ଥିବା ଗୋଷ୍ଠୀଗୁଡିକୁ ଆର୍ଥିକ ସମାଧାନ ଯୋଗାଇଦେବା ସହିତ ଏକ ସ୍ଥିର ଜୀବନ ଯାପନ ନିମନ୍ତେ ଏହାର ମହିଳା ଋଣଗ୍ରହୀତାଙ୍କୁ ବ୍ୟାପକ ସମର୍ଥନ ଯୋଗାଇଦେଇଛି। ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଅଇନିରି ଗ୍ରାମର ବାସିନ୍ଦା କୌଶଲ୍ୟା ପାତ୍ରଙ୍କ ପ୍ରେରଣାଦାୟୀ କାହାଣୀ କଠିନ ପରିଶ୍ରମ ଏବଂ କୁଶଳତା ସଫଳତା ଆଣିଥାଏ ବୋଲି ପ୍ରଦର୍ଶିତ କରୁଛି। ତିନିଟି ସନ୍ତାନଙ୍କ ଜନନୀ କୌଶଲ୍ୟା ବହୁ କଷ୍ଟରେ ତାଙ୍କ ପରିବାର ସହିତ ରହୁଥିଲେ। ତାଙ୍କ ସ୍ୱାମୀଙ୍କର ଆୟ ପାଞ୍ଚଜଣିଆ ପରିବାରର ଦୈନିକ ଆବଶ୍ୟକତା ମେଣ୍ଟାଇବାକୁ ଯଥେଷ୍ଟ ନଥିଲା। କୌଶଲ୍ୟାଙ୍କର ବୁଣାବୁଣି ଓ ସିଲେଇ ପ୍ରତି ରୁଚି ରହିଥିଲା କିନ୍ତୁ ସିଲେଇ ମେସିନ ଅଭାବରୁ ଏକ ଟେଲରିଂ ଦୋକାନରେ କାମ କରିବା ବ୍ୟତୀତ ତାଙ୍କ ପାଇଁ ଅନ୍ୟ କିଛି ବିକଳ୍ପ ନଥିଲା। ସେଥିପାଇଁ ତାଙ୍କୁ ଖୁବ୍ କମ ପାରିଶ୍ରମିକ ମିଳୁଥିଲା। ସେ ତାଙ୍କ ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଏବଂ ଏକ ଉତ୍ତମ ଜୀବନ ବଞ୍ଚିବାକୁ ନିଜେ କିଛି କରିବାକୁ ଚାହୁଁଥିଲେ। ପରିବାରର ଆୟ ବୃଦ୍ଧି ଘଟାଇବାକୁ କୌଶଲ୍ୟା ଏକ ଦୀର୍ଘସ୍ଥାୟୀ ଆୟ ଉତ୍ସ ସନ୍ଧାନରେ ଥିବାବେଳେ ସେ ଫ୍ୟୁଜନ ମାଇକ୍ରୋଫାଇନାନ୍ସ ଏବଂ ତାହାର ମାଇକ୍ରୋ-ଋଣ ଯୋଜନା ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେ ଫ୍ୟୁଜନ ମାଇକ୍ରୋଫାଇନାନ୍ସର ଜଣେ ଋଣ ଅଧିକାରୀଙ୍କୁ ଭେଟିଲେ ଏବଂ ନିଜର ଟେଲରିଂ ବ୍ୟବସାୟ କରିବା ନେଇ ତାଙ୍କର ଇଚ୍ଛା ଜଣାଇଲେ। ସେମାନଙ୍କ ମଧ୍ୟରେ ଏହି ସାକ୍ଷାତ କୌଶଲ୍ୟାଙ୍କ ଜୀବନକୁ ବଦଳାଇବା ଭଳି ଘଟଣା ଥିଲା।

## ଆର୍‌ଏସ୍‌ପି ଦ୍ୱାରା ବର୍ଷର ପ୍ରଥମ ଦୁଇ ମାସରେ ଉଲ୍ଲେଖନୀୟ ପ୍ରଦର୍ଶନ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି । ଇସ୍ପାତ କାରଖାନା ଅପ୍ରେଲ-ମଇ ମାସରେ ୭୪୮୧୩୯ ଟନ୍ ଉତ୍ତପ୍ତ ଧାତୁ, ୬୭୦୪୯୮ ଟନ୍ ଅଶୋଧିତ ଇସ୍ପାତ ଏବଂ ୬୦୧୩୩୭ ଟନ ବିକ୍ରୀଯୋଗ୍ୟ ଇସ୍ପାତ ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ମଇ ପ୍ରଦର୍ଶନ ହାସଲ କରିବା ସହିତ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ଯଥାକ୍ରମେ ୭.୯୪%, ୫.୨୫% ଓ ୩.୩୨% ଅଭିବୃଦ୍ଧି ହାସଲ କରିଛି। ସିଣ୍ଟର ପ୍ଲାଣ୍ଟଗୁଡିକ ମଧ ସମତାଳରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଅପ୍ରେଲ-ମଇ ମାସରେ ସର୍ବଶ୍ରେଷ୍ଠ ୧୧୮୮୦୦୨ ଟନ୍ ସିଣ୍ଟର ଉତ୍ପାଦନ ହାସଲ କରିଥିଲେ। ସିଣ୍ଟର ପ୍ଲାଣ୍ଟ-୨ ମଇ ମାସରେ ସର୍ବକାଳୀନ ଶ୍ରେଷ୍ଠ ୧୮୩୧୦୯ ଟନ ସିଣ୍ଟର ଉତ୍ପାଦନ ହାସଲ କରି ଏହି ସଫଳତାରେ ପ୍ରମୁଖ ଯୋଗଦାନ ଦେଇଥିଲା। ସେହିଭଳି କୋକ ଓଭେନ ବ୍ୟାଟେରୀ ୬ ମଧ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ହାରାହାରି ୯୦.୫ ପୁସିଙ୍ଗ ସହିତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା ଏବଂ ଏହାର ୨୦୧୮ର ଅନୁରୂପ ଅବଧି ପାଇଁ ଏହାର ପୂର୍ବ ରେକର୍ଡ ୮୯.୭ ପୁସିଙ୍ଗରେ ଉନ୍ନତି ଆଣିଥିଲା। ସେହିଭଳି ଚାଲାଣ କ୍ଷେତ୍ରରେ, ଆରଏସପି ଅପ୍ରେଲ-ମଇ ମାସରେ ସର୍ବକାଳୀନ ଶ୍ରେଷ୍ଠ ୫୯୯୬୯୨ ଟନ୍ ବିକ୍ରୟ ଯୋଗ୍ୟ ଇସ୍ପାତ ଚାଲାଣ ହାସଲ କରି ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୨.୩୨% ଅଭିବୃଦ୍ଧି ହାସଲ କରିଛି।

## ଆମାଜନ.ଇନ ପକ୍ଷରୁ ଯୋଗ ଷ୍ଟୋର୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ: ଯୋଗକୁ ଆରାମଦାୟକ ଏବଂ ଆନନ୍ଦମୟ କରିବା ପାଇଁ ଆମାଜନ.ଇନ ପକ୍ଷରୁ ଯୋଗ ଷ୍ଟୋରର ଶୁଭାରମ୍ଭ କରାଯାଇଛି । ଏଥିରେ ବହୁ ଯୋଗ ସାମଗ୍ରୀ ତଥା ଯୋଗ ମ୍ୟାଟ, ବୋତଲ, ସେକର୍ସ, ଆପାରେଲ, ସୌନ୍ଦର୍ଯ୍ୟ ଟ୍ରାକ୍ସ, ଫିଟନେଓ, ଟ୍ରାକର୍ସ ଓ ସ୍ମାର୍ଟ ୱାଚ, ଆକସେସୋରିଜ ଇତ୍ୟାଦି ୬୦ପ୍ରତିଶତ ରିହାତିର ଆକର୍ଷଣୀୟ ଅଫର ସହିତ ଉପଲବ୍ଧ ହେବ। ଏହି ଷ୍ଟୋରରେ ପୁମା, ବୋଲ୍ଡ ଫିଟ, ରିବକ୍, ବ୍ଲିନକିନ, ନ୍ୟୁଟ୍ରିଜେନା ଏବଂ ଖଦି ପରି ବ୍ରାଣ୍ଡର ଉତ୍ପାଦ ଉପଲବ୍ଧ ହେବ । ଏହି ଉତ୍ପାଦଗୁଡିକ ଅନଲାଇନ ମାଧ୍ୟମରେ ମଧ ଆପଣ କ୍ରୟ କରିପାରିବେ । ଅନଲାଇନ ମାଧ୍ୟମରେ ଏସବିଆଇ କ୍ରେଡିଟ କାର୍ଡ ଦ୍ୱାରା କ୍ରୟ କରି ଆପଣ ଅତିରିକ୍ତ ୧୦ ପ୍ରତିଶତ ତୁରନ୍ତ ରିହାତି ପାଇବେ । କ୍ରେଡିଟ କାର୍ଡ ଇଏମଆଇରେ ସର୍ବାଧିକ ଟ.୧୫୦୦ ଟଙ୍କାର ରିହାତି ଏବଂ କ୍ରେଡିଟ କାର୍ଡରେ ସର୍ବାଧିକ ରିହାତି ଟ.୧୭୫୦ ଟଙ୍କା ପାଇପାରିବେ । ଏହି ଅଫର ୧୭ ଜୁନ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଏହା ସହିତ ଆଇସିଆଇସିଆଇ କାର୍ଡଧାରୀମାନେ ଡେବିଟ ଏବଂ କ୍ରେଡିଟ କାର୍ଡ ଇଏମଆଇରେ ଅତିରିକ୍ତ ୧୦ ପ୍ରତିଶତ ରିହାତି ପାଇବେ । ଏହା ସହିତ ଆଇସିଆଇସିଆଇ ସିବିସିରେ ୫ପ୍ରତିଶତ ତୁରନ୍ତ ରିହାତି ସୁବିଧା ରହିଛି ଯାହାର ସର୍ବନିମ୍ନ ଟ୍ରାନଜାକସନ ହେଉଛି ଟ.୫୦୦୦ । ଏହା ସହିତ କ୍ରେଡିଟ କାର୍ଡରେ ସର୍ବାଧିକ ରିହାତି ଟ.୧୫୦୦ ଏବଂ କ୍ରେଡିଟ କାର୍ଡ ଇଏମଆଇରେ ସର୍ବାଧିକ ଟ.୧୭୫୦ର ରିହାତି ଏବଂ ସିବିସିରେ ସର୍ବାଧିକ ଟ.୭୫୦ର ରିହାତି ପାଇପାରିବେ । ଏହି ସୁବିଧା ୧୮ଜୁନ ୨୦୨୨ ପର୍ଯ୍ୟନ୍ତ ଉପଲବ୍ଧ ହେବ।

## ଆସସ୍ ପକ୍ଷରୁ ନୂଆ 'ଜେନ୍‌ବୁକ୍ ଏସ୍୧୩ ଓଏଲ୍‌ଇଡି'ର ଶୁଭାରମ୍ଭ



ନୂଆଦିଲ୍ଲୀ: ତାଇୱାନିଜ୍ ଟେକ୍ ଜିଆଂଟ୍ ଆସସ୍ ପକ୍ଷରୁ ଆଜି ଏହାର ସବୁଠାରୁ ପତଳା ଓ ହାଲୁକା ଲାପଟପ୍ ଜେନ୍‌ବୁକ୍ ଏସ୍୧୩ ଓଏଲଇଡିର ଶୁଭାରମ୍ଭର ଘୋଷଣା କରାଯାଇଛି। ଏହି ଲାପ୍‌ଟପ୍‌ର ଓଜନ ମାତ୍ର ୧.୧ କିଲୋଗ୍ରାମ ଓ ମୋଟେଇ ୧୪.୯ ଏମ୍‌ଏମ୍ ରହିଛି। ଜେନ୍‌ବୁକ୍ ଏସ୍୧୩ ଓଏଲଇଡି ସହିତ ଆସସ୍ ଏଭଳି ଏକ ଲାପ୍‌ଟପ୍ ଆଣିଛି ଯାହା ପତଳା, ଶକ୍ତିଶାଳୀ ଓ ସେଥିରେ ଏକ ଷ୍ଟେଲାର ବ୍ୟାଟେରୀ ଲାଇଫ୍ ରହିଛି। କାର୍ଯ୍ୟରତ ପ୍ରଫେସ୍‌ନାଲ, ଡିଜିଟାଲ ନୋମାଡ୍ ଓ ସବୁବେଳେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହାକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଆସସ୍ ପକ୍ଷରୁ ଭିଭୋବୁକ୍ ପ୍ରୋ ୧୪ ଓଏଲଇଡି ଓ ଭିଭୋବୁକ୍ ୧୬ଏକ୍ସ ମଧ ଉନ୍ମୋଚନ କରାଯାଇଛି, ମିଲେନିଆଲ ଓ କାର୍ଯ୍ୟରତ ପେସାଦାରଙ୍କ ପାଇଁ ଏକ ଉପଯୁକ୍ତ ସାଥୀ। ଜେନ୍‌ବୁକ୍ ଏସ୍୧୩ ଓଏଲ୍‌ଇଡିର ମୂଲ୍ୟ ୯୯,୯୯୦ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଭିଭୋବୁକ୍ ୧୪ ପ୍ରୋ ଓଏଲଇଡିର ମୂଲ୍ୟ ୫୯,୯୯୦ ଟଙ୍କା ଏବଂ ଭିଭୋବୁକ୍ ୧୬ଏକ୍ସର ମୂଲ୍ୟ ୫୪୯୯୦ ଟଙ୍କା ରହିଛି ଏବଂ ଏଗୁଡିକର ସେଲ୍ (ଆସସ୍ ଇ-ସପ୍ / ଆମାଜନ୍) ଓ ଅଫ୍‌ଲାଇନ୍ (ଆସସ୍ ଏକ୍ସକ୍ଲୁସିଭ୍ ଷ୍ଟୋର୍/ ଆର୍‌ଓଜି ଷ୍ଟୋର୍/ କ୍ରୋମା/ ବିଜୟ ସେଲ୍ସ/ ରିଲାଏନ୍ସ ଡିଜିଟାଲ)ରେ ହେବ। ଜେନ୍‌ବୁକ୍ ଏସ୍୧୩ ଓଏଲ୍‌ଇଡି ଫ୍ଲିପ୍‌କାର୍ଟରେ ମଧ ଉପଲବ୍ଧ ହେବ। ଏହି ଲଞ୍ଚ୍ ଉପରେ ଆସସ୍ ଇଣ୍ଡିଆ, ସିଷ୍ଟମ୍ ବିଜ୍‌ନେସ୍ ଗ୍ରୁପ୍, କ୍ୟୁମର ଓ ଗେମିଙ୍ଗ୍ ପିସି, ବିଜ୍‌ନେସ୍ ହେଡ୍ ଆର୍ଣ୍ଣୋଲ୍ଡ ସୁ କହିଛନ୍ତି, 'ଗତ କିଛି ବର୍ଷ ମଧ୍ୟରେ ପିସି ଶିଳ୍ପ ଭାରତରେ ଚମତ୍କାର ଅଭିବୃଦ୍ଧି ଦେଖିଛି। ଚାହିଦାରେ ବୃଦ୍ଧି ଓ ପରିବର୍ତ୍ତିତ କାର୍ଯ୍ୟ ପରିବେଶକୁ ଦୃଷ୍ଟିରେ ରଖିଏ ଆମେ ଆମର ସବୁଠାରୁ ପତଳା ଲାପ୍‌ଟପ୍ ଜେନ୍‌ବୁକ୍ ଏସ୍ ୧୩ ଓଏଲ୍‌ଇଡିର ଲଞ୍ଚ୍ ଘୋଷଣା କରିଛୁ। ଏସମ୍ପର୍କରେ ଏଏମ୍‌ଡିର ସେଲ୍ସ ବିଭାଗର ପରିଚାଳନା ନିର୍ଦ୍ଦେଶକ ବିନୟ ସିହ୍ନା କହିଛନ୍ତି, ଏଏମ୍‌ଡି ଆସସ୍ ଇଣ୍ଡିଆର ଏଏମ୍‌ଡି ରାଇଜେନ୍ ୫୦୦୦ ମୋବାଇଲ ଓ ନୂଆ ରାଇଜେନ୍ ୬୦୦୦ ମୋବାଇଲ ପ୍ରୋସେସର୍ ଦ୍ୱାରା ପରିଚାଳିତ ନୂଆ ଜେନ୍‌ବୁକ୍ ଏସ୍ ଓ ଭିଭୋବୁକ୍ ନୋଟ୍‌ବୁକ୍‌ଗୁଡିକୁ ଲଞ୍ଚ୍ କରିବା ପାଇଁ କମ୍ପାନୀ ସହ ସହଭାଗିତା କରି ଉତ୍ସାହିତ ରହିଛି।

## ଆମାଜନ ଫ୍ୟାଶନର ୱାର୍ଡରୋବ ରିଫ୍ରେସ ସେଲରେ ପାଆନ୍ତୁ ୮୦% ପର୍ଯ୍ୟନ୍ତ ରିହାତି

ମୁମ୍ବାଇ: ଆମାଜନ ଫ୍ୟାଶନ ର ୱାର୍ଡରୋବ ରିଫ୍ରେସ ସେଲ (ଡବ୍ଲ୍ୟୁଆର୍‌ଏସ୍) ବିଭିନ୍ନ ପ୍ରକାରର ସିଲେକ୍ସନରେ ଆକର୍ଷଣୀୟ ଡିଲ୍ ନେଇ ଆସିଛି । ଯେଉଁଥିରେ ସାମିଲ ରହିଛି ଅନେକଗୁଡ଼ିଏ ଲୋକପ୍ରିୟ ଫ୍ୟାଶନ ଓ ବିୟୁଟି ବ୍ରାଣ୍ଡ । ୱାର୍ଡରୋବ ରିଫ୍ରେସ ସେଲ (ଡବ୍ଲ୍ୟୁଆର୍‌ଏସ୍)) ଶନିବାର ଜୁନ ୧୮ ତାରିଖରୁ ଆରମ୍ଭ ହୋଇ ଜୁନ ୨୨ ପର୍ଯ୍ୟନ୍ତ ଚାଲୁ ରହିବ। ଏହା ସହିତ ପ୍ରାଇମ ସଦସ୍ୟମାନଙ୍କ ପାଇଁ ୨୪ ଘଂଟା ପୂର୍ବରୁ ସପିଂ କରିବାର ସୁବିଧା ପ୍ରାଇମ ଆର୍ଲି ଆକସେସ୍ ମାଧ୍ୟମରେ ମିଳିପାରିବ ଯାହାକି ଜୁନ ୧୭ ଶୁକ୍ରବାର ମଧ ରାତି ୧୨ଠାରୁ ଆରମ୍ଭ ହେଉଛି । ଗ୍ରାହକମାନେ ଏହି ଅବସରରେ ୫୦% ରୁ ୮୦% ପର୍ଯ୍ୟନ୍ତ ଛାଡ଼ ସୁବିଧା ବିଭିନ୍ନ ବର୍ଗରେ ପାଇପାରିବେ, ଯେଉଁଥିରେ ରହିଛି ଆପେରାଲ, ଘଣ୍ଟା, ଫ୍ୟାଶନ ଓ ମୂଲ୍ୟବାନ ଜୁଏଲାରୀ, ହ୍ୟାଣ୍ଡ ବ୍ୟାଗସ, ଲଗେଜ ଓ ବ୍ୟାଗପ୍ୟାକ, ମେକଅପ, ସ୍କିନ କେୟାର, ବାଥ୍ ଓ ବଡି ଓ ଆହୁରି ଅନେକ କିଛି ରହିଛି । ଏହି ଅଫରରେ ୩ ଲକ୍ଷ ରୁ ଅଧିକ ଷ୍ଟାଇଲରୁ କିଣାକିଣି କରନ୍ତୁ ଯେଉଁଥିରେ ସାମିଲ ରହିଛି ଭାରତର ସବୁଠାରୁ ଲୋକପ୍ରିୟ ଓ ପ୍ରସିଦ୍ଧ ଫ୍ୟାଶନ ଓ ବ୍ୟୁଟି ବ୍ରାଣ୍ଡ ଯଥା ଆଲେନ ସୋଲି, ୟୁଏସ୍‌ପିଏ, ବିବା, ଭେରୋ, ମୋଡା, ଆଡିଡାସ, ପୁମା, କ୍ରୋକସ, ମେବିଲିନ, ଲ୍ୟାକମେ, ସିମ୍ବଲ, ଆମେରିକାନ ଟୁରିଷ୍ଟର, ଫାଷ୍ଟ ଟ୍ରାକ, ସାଇନିଂ ଡିଭା, ଚୁମ୍ବକ, ସପର୍ସ ଷ୍ଟପ, ବାଥ ଆଣ୍ଡ ବଡି ୱାର୍କସ, ବୋର୍ଜ ଓ ହାଇଡସାଇନ । ଏହା ସହିତ ଆମାଜନ ଫ୍ୟାଶନର ଏହି ୱାର୍ଡରୋବ ରିଫ୍ରେସ୍ ସେଲ୍‌ରେ ଆହୁରି ଅନେକ ଗୁଡ଼ିଏ ବ୍ରାଣ୍ଡ ଉପଲବ୍ଧ ରହିଛି ।



କଟକ, (ଭାସ୍କର ନ୍ୟୁଜ୍): ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶା ପୁଲିସରେ କାର୍ଯ୍ୟରତ ଦୁର୍ଗେଶ ନନ୍ଦିନୀ ଦେ' ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କୋଲକାତାର ଦାସନଗର ଇନ୍‌ଡୋର ଷ୍ଟାଡିୟମରେ ନକଆଉଟ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଆୟୋଜିତ ଇଣ୍ଡିଆ ପ୍ରୋଗ୍ରେସିଭ କପ୍‌ର ବରିଷ୍ଠ ମହିଳା କ୍ୟୁରୋଗିର ୬୭ କେଜିରୁ କମ୍ ଓଜନ ବର୍ଗ ଏବଂ ପୁମ୍‌ସେର ୪୦ ବର୍ଷରୁ କମ୍ ବୟସ ବର୍ଗରେ ଦୁଗେଶ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦୁର୍ଗେଶ ଏବେ ସିଡିଏ ଫେଜ୍-୨ ଥାନାରେ କନଷ୍ଟେବଳ ଭାବେ ନିୟୋଜିତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ପିନାକ ମିଶ୍ର, ଫେଜ୍-୨ ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂହ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଚତୁର୍ଥ ଟି-୨୦: ଦକ୍ଷିଣ ଆଫ୍ରିକାକୁ ଧୂଳିସାତ କଲା ଭାରତ

# ସିରିଜ ୨-୨ରେ ବରାବର

ରାଜକୋଟ(ଗୁଜରାଟ): ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଆସୋସିଏସନ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଚଳିତ ୫ ମ୍ୟାଚ ବିଶିଷ୍ଟ ଟି-୨୦ କ୍ରିକେଟ ସିରିଜର ଚତୁର୍ଥ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଧରାଶାୟୀ କରି ଭାରତ ଦମଦାର ବିଜୟ ହାସଲ କହିତ ପୂର୍ବ ମ୍ୟାଚ ପରାଜୟର ଚରମ ପ୍ରତିଶୋଧ ନେଇଛି। ଭାରତ ଧାର୍ଯ୍ୟ କରିଥିବା ୧୭୦ ରନ ଟାର୍ଗେଟକୁ ପିଛା କରି ଦକ୍ଷିଣ ଆଫ୍ରିକା ୧୬;୫ ଓଭରରେ ୯ ୱିକେଟ ହରାଇ ୮୭ ରନ କରିବା ସହିତ ୮୨ ରନରେ ପରାସ୍ତ ହୋଇଛି। ଅଧିନାୟକ ତେମ୍ବା ବାଭୂମା ୮ ରନ କରି ରିଟାୟାର୍ଡ ହର୍ଟ ହୋଇ ଥିବା ବେଳେ ପୁଣି ବ୍ୟାଟିଂ କରିବା ସମ୍ଭବ ହୋଇ ନ ଥିଲା। ଫଳରେ ଭାରତ ଏକ ଉତ୍ସାହପୂର୍ଣ୍ଣ ବିଜୟ ହାସଲ କରି ୨-୨ରେ ସିରିଜ ବରାବର କରିଛି। ଭାରତର ସଫଳ ବୋଲର ଭାବେ ଅଭେସ ଖାନ ୪ ୱିକେଟ ଅକ୍ତିଆର କରି ଭାରତକୁ ଚତୁର୍ଥ ମ୍ୟାଚରେ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ୱିଣ୍ଟନ ଡି କକ ୧୪, ମାର୍କୋ ଜାନସେନ ୧୨ ଓ ଭାନଡେନ ଡୁସେନ ସର୍ବାଧିକ ୨୦ ରନ କରିଥିବା ବେଳେ ଅନ୍ୟ ମାନେ ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚି ପାରି ନ ଥିଲେ। ଦକ୍ଷିଣ ଆଫ୍ରିକା



ପ୍ରଥମ ଓ ଦ୍ୱିତୀୟ ମ୍ୟାଚରେ ବିଜୟୀ ହୋଇ ଥିବା ବେଳେ ଭାରତ ତୃତୀୟ ଓ ଚତୁର୍ଥ ମ୍ୟାଚରେ ସଫଳ ହେବା ଫଳରେ ଉଭୟ ଦଳର ସ୍ଥିତି ବରାବର ହୋଇ ପାରିଛି। ଆସନ୍ତା ୧୯ ତାରିଖ ଦିନ ବେଙ୍ଗାଲୁରରେ ସିରିଜର ପଞ୍ଚମ ତଥା ଶେଷ ମ୍ୟାଚ ଅନୁଷ୍ଠିତ ହେବ। ଏହି ମ୍ୟାଚରସଫଳ ଦଳ ସିରିଜ ବିଜୟୀ ହେବ। ଆଜିର ମ୍ୟାଚରେ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଭାରତ ୬ ୱିକେଟ ହରାଇ କରିଥିଲା ୧୬୯ ରନ। ଭାରତ ପ୍ରାରମ୍ଭରୁ ଲଗାତର ୱିକେଟ ହରାଇ ବିପଦର ସମ୍ମୁଖୀନ ହୋଇ ଥିଲା। ଓପନର ଋତୁରାଜ ଗାଏକ୍ୱାଡ ୫ ରନ କରି ଦକ୍ଷିଣ ଆଫ୍ରିକାର ପେସ୍ ବୋଲର ଲୁଙ୍ଗି ଏନଗିଦଙ୍କ ବଲରେ ଆଉଟ ହେବା ପରେ ବଡ ଧକ୍କା ଲାଗି ଥିଲା। ସେହିପରି ପରବର୍ତ୍ତୀ ଓଭରରେ ଶ୍ରେୟସ ଆୟାରଙ୍କୁ ଆଉଟ କରି ଅନ୍ୟତମ ପେସ୍ ବୋଲର ମାର୍କୋ ଜାନସେନ ଭାରତ ପାଇଁ ବଡ ବିପଦ ସୃଷ୍ଟି କରିଥିଲେ। ଫଳରେ ଭାରତ ୨୪ ରନରେ ହରାଇ ଥିଲା ଦୁଇ ୱିକେଟ। ଚଳିତ ସିରିଜର ଇନ ଫର୍ମ ବ୍ୟାଟର ଇଶାନ କିଶାନଙ୍କ ଉପରେ ଅଧିକ ନିର୍ଭର କରା ଯାଉଥିବା ବେଳେ ସେ ମଧ୍ୟ ନିରାଶ କଲେ।। ପନ୍ତ ୨୩ ବଲରୁ ୧୭ ରନ କରି ପ୍ରତିପକ୍ଷ ବୋଲର କେଶବ ମହାରାଜଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରି ଥିଲେ। ଭାରତ ୮୪ ରନରେ ୪ ୱିକେଟ ହରାଇବା ଫଳରେ ଏକ ସମ୍ମାନ ଜନକ ସ୍କୋର କରିବା ଅସମ୍ଭବ ହୋଇ ପଡିଥିଲା। ମାତ୍ର ଦିନେଶ କାର୍ତ୍ତିକ ଓ ପାଣ୍ଡ୍ୟା ୬୫ ରନର ପାର୍ଟନରଶିପ କରିବା ଫଳରେ ଭାରତ ୧୮.୩ ଓଭରରେ ୧୫୦ ରନ ସୀମାରେଖା ଅତିକ୍ରମ କରିଥିଲା। ପାଣ୍ଡ୍ୟା ୩୧ ବଲରୁ ୪୬ ଓ ଦିନେଶ କାର୍ତ୍ତିକ ୨୭ ବଲରୁ ୫୫ ରନ କରିବା ଫଳରେ ଭାରତ ୨୦ ଓଭରରେ ୬ ୱିକେଟ ହରାଇ କରିଥିଲା ୧୬୯ ରନ।

## ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ୪୯୮ ରନ୍ କଲା

# ନିଜ ରେକର୍ଡ ଭାଙ୍ଗିଲା ଇଂଲଣ୍ଡ

ଲଣ୍ଡନ: ଏକ ଦିବସୀୟ କ୍ରିକେଟରେ ନିଜ ରେକର୍ଡ ଭାଙ୍ଗିଲା ଇଂଲଣ୍ଡ। ଶୁକ୍ରବାର ଦିନ ଅନୁଷ୍ଠିତ ନେଦରଲାଣ୍ଡ ବିପକ୍ଷ ଦିନିକିଆ ମ୍ୟାଚରେ ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ ହରାଇ ୪୯୮ ରନ କରିଛି ଇଂଲଣ୍ଡ। ଏହି ମ୍ୟାଚରେ ଇଂଲଣ୍ଡର ତିନି ବ୍ୟାଟର ଡାୱିଦ ମାଲାନ, ଫିଲ ସଲ୍ଟ ଓ ଜୋସ ବଟଲରର ଶତକ ଅର୍ଜନ କରିଥିବା ବେଳେ ଲିଆମ ଲିଭିଂଷ୍ଟୋନ ଦ୍ରୁତତମ ଦିନିକିଆ ଅର୍ଦ୍ଧଶତକ ହାସଲ କରିଛନ୍ତି। ସୂଚନା ଯୋଗ୍ୟ ଯେ ଇଂଲଣ୍ଡ ୨୦୧୮ରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ମ୍ୟାଚରେ କରିଥିବା ୪୮୧ ରନ ୧୨୫, ଫିଲ ସଲ୍ଟ ୧୨୨ ଓ ବଟଲର ଅପରାଜିତ ୧୬୨ ରନ କରିଛନ୍ତି। ମାଲାନ ଓ ଫିଲ ସଲ୍ଟ ଯୋଡି ରେକର୍ଡ ୨୨୨ ରନ ଯୋଗ କରିବା ପରେ ବଟଲର ୭ ଚୌକା ଓ ୧୪ ଛକା ସହିତ ଅପରାଜିତ ୧୬୨ ରନ କରି ଦଳୀୟ ରନକୁ ଆହୁରି ଅଧିକ ଦଳର ଆଗେଇ ନେଇଥିଲେ। ସେହିପରି ଇଂଲଣ୍ଡର ଅନ୍ୟତମ ବ୍ୟାଟର ଲିଭିଂଷ୍ଟୋନ ଦମଦାର ବ୍ୟାଟିଂ କରି ପ୍ରଥମ ୧୭ ବଲରୁ ୫୦ ଓ ୨୨ ବଲରୁ ବଲରୁ ଅପରାଜିତ ୬୨ ରନ କରିଥିଲେ। ସେହିପରି ଇଂଲଣ୍ଡ ୨୦୧୬ରେ ମଧ୍ୟ ପାକିସ୍ତାନ ବିପକ୍ଷ




ରେକର୍ଡକୁ ଆଜି ଅତିକ୍ରମ କରି ନେଦରଲାଣ୍ଡ ବିରୋଧରେ ରେକର୍ଡ ସ୍କୋର ୪୯୮ ରନ କରିଛି। ପ୍ରତିପକ୍ଷ ଦଳ ବୋଲରଙ୍କୁ ସଠିକ ମୁକାବିଲା କରି ମାଲାନ ଦିନିକିଆରେ କରିଥିଲା ୪୪୪ ରନ। ତେଣୁ ଦିନିକିଆ କ୍ରିକେଟରେ ଇଂଲଣ୍ଡ ତିନିକିଆ ସର୍ବାଧିକ ଦଳଗତ ସ୍କୋର କରିବାରେ ସଫଳ ହୋଇଛି।

## ଚେସ୍ ଅଲିମ୍ପିଆଡ୍ ମଶାଲ ଶୋଭଯାତ୍ରା

# ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ






ନୂଆଦିଲ୍ଲୀ: ଆସନ୍ତା ଜୁଲାଇ ୨୮ରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନାଇରେ ଅନୁଷ୍ଠିତ ହେବ ୪୪ତମ ଚେସ ଅଲିମ୍ପିଆଡ। ୧୯୨୭ ମସିହାରୁ ଏହା ଆରମ୍ଭ ହୋଇ ଥିଲେ ହେଁ ଭାରତ କେବେ ଏହି ସମ୍ମାନ ଜନକ ଅଲିମ୍ପିଆଡ ଆୟୋଜନ କରିବା ସୁଯୋଗ ପାଇ ନ ଥିଲା। ମାତ୍ର ଚଳିତ ବର୍ଷ ଭାରତକୁ ମିଳିଛି ଏହି ଅପୂର୍ବ ସୁଯୋଗ। ଅନ୍ୟ ପକ୍ଷରେ ଗତ ୩୦ ବର୍ଷଧରି ଏସିଆ ମହାଦେଶର କୌଣସି ଦେଶରେ ମଧ୍ୟ ଏହି ଅଲିମ୍ପିଆଡ ଆୟୋଜନ ହୋଇ ନ ଥିଲା। ତେଣୁ ଭାରତୀୟ ଚେସ ପାଇଁ ଏହା ଏକ ନୂଆ ଇତିହାସ ହେବାକୁ ଯାଉଛି। ତେବେ ଭାରତ ଏହି ଅଲିମ୍ପିଆଡକୁ ଏକ ନିଆରା ଢଙ୍ଗରେ ଆୟୋଜନ କରିବା ପାଇଁ ଯୋଜନା କରିଛି। ଏହି ପ୍ରତିଯୋଗିତାରେ ବିଶ୍ୱର ୧୮୯ ଦେଶର ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ଏଥିରେ ବହୁ ପ୍ରଖ୍ୟାତ ଗ୍ରାଣ୍ଡ ମାଷ୍ଟର ଓ ସୁନାମ ଧନ୍ୟ ଖେଳାଳିଙ୍କୁ ଦେଖିବାକୁ ମିଳିବ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ପ୍ରଥମ ଥର ପାଇଁ ଚେସ ଅଲିମ୍ପିଆଡରେ ଆରମ୍ଭ ହେବ ମଶାଲ ଶୋଭଯାତ୍ରା। ପୂର୍ବରୁ କୌଣସି ଚେସ ଅଲିମ୍ପିଆଡରେ ଏହି ପରମ୍ପରା କାର୍ଯ୍ୟକାରୀ ହୋଇ ନ ଥିଲା। ମାତ୍ର ଭାରତୀୟ ଚେସ ମହାସଂଘ ଓ ଅନ୍ତର୍ଜାତୀୟ ଚେସ ମହାସଂଘ(ଫିଡେ) ମିଳିତ ଏହି ପରମ୍ପରା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସୂଚନା ଯୋଗ୍ୟ ଯେ କେବଳ ଅଲିମ୍ପିକ୍ କ୍ରୀଡା ଆରମ୍ଭ ପୂର୍ବରୁ ମଶାଲ ଶୋଭଯାତ୍ରା ଆୟୋଜନ କରାଯାଇ ଥାଏ। ତେବେ ଚଳିତ ବର୍ଷ ଚେସ ଅଲିମ୍ପିଆଡରେ ଅଲିମ୍ପିକ ଶୈଳୀରେ ଆରମ୍ଭ ହେବ ମଶାଲ ଶୋଭାଯାତ୍ରା। ଆସନ୍ତା ୧୯ ତାରିଖ ଦିନ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ମଶାଲ ଶୋଭାଯାତ୍ରାକୁ ଉଦଘାଟନ କରିବେ। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଏହି ମଶାଲ ଶୋଭଯାତ୍ରାର ଶୁଭାରମ୍ଭ ହେବ। ଫିଡେ ସଭାପତି ଆରମାଡି ଭୋରକେରଭିକ ପ୍ରଥମେ ଏହି ମଶାଲକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରିବା ପରେ ପ୍ରଧାନମନ୍ତ୍ରୀ ଏହାକୁ ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦଙ୍କୁ ହସ୍ତାନ୍ତର କରିବେ। ଭାରତର ୭୫ ସହର ପରିକ୍ରମା କରିବା ପରେ ଏହି ମଶାଲ ଶୋଭାଯାତ୍ରା ଆୟୋଜକ ନଗରୀ ଚେନ୍ନାଇ ନିକଟସ୍ଥ ମହାବଳୀପୁରମରେ ପହଞ୍ଚିବ। ତେବେ ଚଳିତ ବର୍ଷ ଗ୍ରହଣ କରା ଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆଗାମୀ ସମୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଚେସ ଅଲିମ୍ପିଆଡ ମଶାଲ ଶୋଭଯାତ୍ରା ଭାରତରୁ ଆରମ୍ଭ ହେବ। କାରଣ ଭାରତ ହେଉଛି ଚେସର ଜନ୍ମ ସ୍ଥଳୀ। ତେଣୁ ଭାରତରୁ ମଶାଲ ଶୋଭଯାତ୍ରା ଆରମ୍ଭ ହେବା ପରେ ଏହା ଫିଡେ ସହିତ ଅନୁବନ୍ଧିତ ସମସ୍ତ ଦେଶ ପରିକ୍ରମା କରିବ। ମାତ୍ର ଚଳିତ ବର୍ଷ ସମୟ ସ୍ୱଳ୍ପତା ଦୃଷ୍ଟିରୁ କେବଳ ଭାରତର ବିଭିନ୍ନ ସହର ପରିକ୍ରମା କରିବ। ତେଣୁ ଏହି ନୂଆ ପରମ୍ପରା ଭାରତୀୟ ଚେସ ପାଇଁ ଏକ ଐତିହାସିକ ମୁହୂର୍ତ୍ତ।

## ଫିଫା ଇତିହାସରେ ନୂଆ ପରମ୍ପରା

# ତିନି ଦେଶରେ ୨୦୨୬ ଫୁଟ୍‌ବଲ୍ ବିଶ୍ୱକପ୍

ଜ୍ୟୁରିକ(ସ୍ୱିଜରଲାଣ୍ଡ): ଚଳିତ ବର୍ଷ ଉପସାଗରୀୟ ରାଷ୍ଟ୍ର କାତାରର ରାଜଧାନୀ ଦୋହାରେ ଫିଫା ଫୁଟବଲ ବିଶ୍ୱକପ ଅନୁଷ୍ଠିତ ହେବାକୁ ଥିବା ବେଳେ ୨୦୨୬ ବିଶ୍ୱକପ ତିନି ଦେଶରେ ଅନୁଷ୍ଠିତ ହେବ। ଫିଫା ସଭାପତି ଗିଆନୀ ଇନଫାଣ୍ଟିନୋ କହିଛନ୍ତି ଯେ ଫୁଟବଲକୁ ଅଧିକ ଲୋକପ୍ରିୟ ଓ ଜଗତୀକାରଣ କରଣ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଆରମ୍ଭ ହୋଇଛି। ତେଣୁ ୨୦୨୬ ବିଶ୍ୱକପ ଆମେରିକା, ମେକ୍ସିକୋ ଓ କାନାଡାରେ ଅନୁଷ୍ଠିତ ହେବ। କାନାଡାର ଦୁଇ ସହର ଟରଣ୍ଟୋ ଓ ଭାଙ୍କୋଭର ଏବଂ ମେକ୍ସିକୋର ଗୁଆଡାଲାଜାରା, ମେକ୍ସିକୋ ସିଟି ଓ ମୋଣ୍ଟେରେ ସହିତ ଆମେରିକାର ଆଟଲାଣ୍ଟା, ବୋଷ୍ଟନ, ଡଲାସ, ହାଉଷ୍ଟନ, କାନାସସିଟି, ଲସ ଏଞ୍ଜେଲ୍ସ, ମିଆମି, ନ୍ୟୁୟର୍କ/ନ୍ୟୁଜର୍ସି, ଫିଲାଡେଲଫିଆ, ସାନ




ଫ୍ରାନସିକ୍ସୋ, ବେ ଏରିଆ ଓ ସିଟଲ ସହର ବିଶ୍ୱକପ ମ୍ୟାଚ ଆୟୋଜନ ପାଇଁ ଚୂଡାନ୍ତ ହୋଇଛି ବୋଲି ଫିଫା ସଭାପତି ଗିଆନି ଇନଫାଣ୍ଟିନୋ କହିଛନ୍ତି। ସେହିପରି ଆଗାମୀ ବିଶ୍ୱକପରେ ଅଧିକ ରୋମାଞ୍ଚ ଓ ଉନ୍ମାଦନା ସୃଷ୍ଟି କରିବା ଅନ୍ୟ ୬ ସହରକୁ ସାମିଲ କରିବା ଲକ୍ଷ୍ୟ ରହିଛି। ତେବେ ବିଶ୍ୱକପ ମ୍ୟାଚ ଆୟୋଜନ କରିବା ପାଇଁ ପ୍ରବଳ ଆଗ୍ରହ ଦେଖାଇଥିବା ତିନି ଦେଶର ଏହି ୧୬ ସହରକୁ ଆମେ ଅଭିନନ୍ଦନ ଜଣାଉଛୁ ବୋଲି ଇନଫାଣ୍ଟିନୋ କହିଛନ୍ତି। ପ୍ରଥମ ଥର ପାଇଁ ତିନି ଦେଶ ଏକକାଳୀନ ବିଶ୍ୱକପ ଆୟୋଜନ କରିବା ପାଇଁ ସହମତି ଭିତିରେ ମିଳିତ ହେବା ଫିଫା ବିଶ୍ୱକପ ପାଇଁ ଏକ ବଡ ସଫଳତା।

# ଅଲ୍ଟିମେଟ୍ ଖୋ ଖୋରେ ନୂଆ ଫ୍ରାଞ୍ଚାଇଜ୍ ହେଲା କ୍ୟାପ୍ରି ଗ୍ଲୋବାଲ ଓ କେଏଲ୍‌ଓ ସ୍ପୋର୍ଟସ୍

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଅଲ୍ଟିମେଟ୍ ଖୋ ଖୋ ୨୦୨୨ରେ ଆରମ୍ଭ ହେବାକୁ ଯାଉଥିବାବେଳେ ଖୋ ଖୋ ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣ ପାଇଁ ରାଜସ୍ଥାନ ଓ ଚେନ୍ନାଇ ଟିମ୍‌ର ମାଲିକ ଭାବେ ଦୁଇଟି ନୂଆ ଫ୍ରାଞ୍ଚାଇଜ୍ କ୍ୟାପ୍ରି ଗ୍ଲୋବାଲ ଓ କେଏଲ୍‌ଓ ସ୍ପୋର୍ଟସ୍‌କୁ ସ୍ୱାଗତ କରିଛି। କେଏଲ୍‌ଓ ସ୍ପୋର୍ଟସ୍ ମାଲିକାନାରେ ଥିବା ଟିମ୍ ଚେନ୍ନାଇ କ୍ୱିକ୍ ଗନ୍‌ସ ଭାବେ ପରିଚିତ ହେବ ଏବଂ କ୍ୟାପ୍ରି ଗ୍ଲୋବାଲ୍‌ର ରାଜସ୍ଥାନ-ଆଧାରିତ ଫ୍ରାଞ୍ଚାଇଜ୍‌ର ନାମ ଘୋଷଣା ହେବା ବାକି ରହିଛି। କେଏଲ୍‌ଓ ସ୍ପୋର୍ଟସ୍ ଉତ୍ସାହୀ କ୍ରୀଡ଼ାପ୍ରେମୀ ସୟ ଜୁପୁଡି ଓ ଶ୍ରୀନାଥ ଚିତୁରିଙ୍କ ସହ-ମାଲିକାନାରେ ରହିଛି, ଯେଉଁମାନେ କି ଭାରତ ତଥା ବିଦେଶରେ ନିର୍ମାଣ,



ଅଟୋମୋବାଇଲ ଓ ଆଇଟି କ୍ଷେତ୍ରରେ ସଫଳ ବ୍ୟବସାୟୀ ଅଟନ୍ତି। ଅଲ୍ଟିମେଟ୍ ଖୋ ଖୋ ପୂର୍ବରୁ ଗୁଜରାଟ ଓ ତେଲେଙ୍ଗାନା ଫ୍ରାଞ୍ଚାଇଜ୍‌ର ମାଲିକ ଭାବେ ଅଗ୍ରଣୀ ଶିକ୍ଷ ସଂସ୍ଥା ଆଦାନି ଗ୍ରୁପ୍ ଓ ଜିଏମ୍‌ଆର୍ ଗ୍ରୁପ୍‌ର ସହଭାଗିତା ସମ୍ପର୍କରେ ଘୋଷଣା କରିଥିଲା। ଭାରତର ପ୍ରଥମ ଫ୍ରାଞ୍ଚାଇଜ୍-ଆଧାରିତ ଖୋ ଖୋ ଲିଗ୍‌କୁ ଡାବର୍ ଗ୍ରୁପ୍‌ର ଅଧକ୍ଷ ଅମିତ୍ ବର୍ମନ୍, ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ସହ ସହଭାଗିତାରେ ପ୍ରମୋଟ୍ ବା ପ୍ରସାର କରୁଛନ୍ତି। ଏସମ୍ପର୍କରେ ଅଲ୍ଟିମେଟ୍ ଖୋ ଖୋର ସିଇଓ ତେଙ୍ଗ୍ ନିୟୋଗି କହିଛନ୍ତି, 'ଆମେ ଲିଗ୍‌ର ରୋଷ୍ଟର୍‌ରେ କେଏଲ୍‌ଓ ସ୍ପୋର୍ଟସ୍ ଓ କ୍ୟାପ୍ରି ଗ୍ଲୋବାଲକୁ ସ୍ୱାଗତ କରି ରୋମାଞ୍ଚିତ ଅନୁଭବ କରୁଛୁ। କେଏଲ୍‌ଓ ସ୍ପୋର୍ଟସ୍‌ର ସହ-ମାଲିକ ଓ କ୍ୱେଂଟେଲିର ପ୍ରତିଷ୍ଠାତା ସୟ ଜୁପୁଡି କହିଛନ୍ତି, 'ଆମର ଲକ୍ଷ୍ୟ ହେଉଛି ଖୋ ଖୋକୁ ଭାରତରେ ଏକ ମୁଖ୍ୟଧାରାର କ୍ରୀଡାରେ ପରିଣତ କରିବା। ତୃଣମୂଳ ସ୍ତରରେ ନିବେଶ ବ୍ୟତୀତ କେଏଲ୍‌ଓ ସ୍ପୋର୍ଟସ୍ ଏକ ପ୍ଲାଟ୍‌ଫର୍ମ ନିର୍ମାଣ କରିବାରେ ମଧ ବହୁମାତ୍ରାରେ ନିବେଶ କରିବ ଯାହା ପ୍ରଶଂସକଙ୍କ ସହ ନିୟୋଜିତ ହେବ ଏବଂ ସମସ୍ତ କ୍ରୀଡା ଫ୍ରାଂଚାଇଜିଙ୍କ ପାଇଁ ଏକ ରୋଲ୍ ମଡେଲରେ ପରିଣତ ହେବ।'

## ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ: ଭାରତ ପାଇଁଶେଷ ଚାଲେଞ୍ଜ

ରୋଟେରଡାମ (ନେଦରଲାଣ୍ଡ): ଭାରତୀୟ ପୁରୁଷ ହକି ଦଳ ପାଇଁ ବହୁତ ବଡ ଚାଲେଞ୍ଜ। କାରଣ ଚଳିତ ବର୍ଷର ଏଫଆଇଏଚ ହକି ପ୍ରୋ-ଲିଗ ଶେଷ ପର୍ଯ୍ୟାୟ ମୁକାବିଲାରେ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରେ ଥିବା ନେଦରଲାଣ୍ଡ ସହିତ ମୁକାବିଲା କରିବ ଭାରତ। ଏହା ପୂର୍ବରୁ ଅଲିମ୍ପିକ୍ ଚାମ୍ପିଅନ ଓ ବିଶ୍ୱକପ ବିଜେତା ବେଲଜିୟମ ବିରୋଧରେ ଭାରତ ଖେଳି ଫଳାଫଳ ଅମୀମାଂସିତ ରଖିଥିଲା। ତେବେ ନେଦରଲାଣ୍ଡ ପରି ଶକ୍ତିଶାଳୀ ଦଳକୁ ସେମାନଙ୍କ ନିଜ ପରିବେଶରେ ମୁକାବିଲା କରିବା ଯେ କୌଣସି ଦଳ ପାଇଁ ବିରାଟ ଚାଲେଞ୍ଜ। କାରଣ ହୋମ ଗ୍ରାଉଣ୍ଡରେ ନେଦରଲାଣ୍ଡ ସବୁବେଳେ ଶକ୍ତିଶାଳୀ ସାବ୍ୟସ୍ତ ହୋଇଥାଏ। ତେଣୁ ପଏଣ୍ଟ ତାଲିକାର ଆଗକୁ ବଢ଼ିବା ପାଇଁ ଭାରତ ଶେଷ ସୁଯୋଗରେ ବିଜୟୀ ହେବା ଏକାନ୍ତ ଜରୁରି। କାରଣ ନେଦରଲାଣ୍ଡ ବର୍ତ୍ତମାନ ସର୍ବାଧିକ ୩୧ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ଥିବା ବେଳେ ବେଲଜିୟମ ମଧ୍ୟ ୩୧ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ୨୯ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ଥିବାରୁ ନେଦରଲାଣ୍ଡ ବିପକ୍ଷ ମ୍ୟାଚରେ ବରାବର ସୁଧାର ଆଣିବାକୁ ପଡିବ। ଭାରତୀୟ ଦଳ ଅଧିନାୟକ ଅମିତ ରୋହିଦାସ କହିଛନ୍ତି ଯେ ଚଳିତ ବର୍ଷ ପ୍ରାରମ୍ଭରେ ଆମେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ଏକାଧିକ ମ୍ୟାଚ ଖେଳି ଥିଲୁ। ସେହିପରି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିମୟରେ ଏକାଧିକ ଦଳ ସହିତ ପ୍ରୋ-ଲିଗ ମ୍ୟାଚ ଖେଳି ଥିଲୁ। ବର୍ତ୍ତମାନ ୟୁରୋପ ଗସ୍ତରେ ଆମେ ଅଛୁ। ତେଣୁ ବିଭିନ୍ନ ପରିବେଶରେ ଏହି ସମ୍ମାନ ଜନକ ଲିଗ ଖେଳିବା ବଡ ଅନୁଭୂତି। ସେହିପରି ଚଳିତ ମାସ ୧୮ ଓ ୧୯ରେ ନେଦରଲାଣ୍ଡ ବିପକ୍ଷ ଡବଲ ହେଡର ପ୍ରୋଲିଗ ମ୍ୟାଚ ଆମ ପାଇଁ ନିଶ୍ଚିତ ବଡ ଚାଲେଞ୍ଜ। ତେବେ ଏହି ଚାଲେଞ୍ଜକୁ ମୁକାବିଲା କରିବା ବଡ ଆହ୍ୱାନ।

## ରଣଜୀ ଟ୍ରଫି: ଦୃଢ଼ ସ୍ଥିତରେ ମଧ୍ୟପ୍ରଦେଶ

ଆଲୁର (କର୍ଣ୍ଣାଟକ): ଏଠାରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ସେମିଫାଇନାଲ ମ୍ୟାଚରେ ଅଧିନାୟକ ଅଭିମନ୍ୟୁ ଇଶ୍ୱରନଙ୍କ ଦ୍ୱିତୀୟ ଇନିଂସ ଅର୍ଦ୍ଧଶତକ ବଳରେ ବେଙ୍ଗଲ ଲଢ଼େଇ ଜାରି ରଖି ଥିଲେ ହେଁ ମଧ୍ୟ ପ୍ରଦେଶ ଦୃଢ଼ ସ୍ଥିତିରେ ରହି ଫାଇନାଲ ଖେଳିବା ଆଶା ଉଜ୍ଜ୍ୱଳ କରିଛି। ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ବେଙ୍ଗଲ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ ୯୬ ରନ କରିଥିବା ବେଳେ ପଞ୍ଚମ ତଥା ଶେଷ ଦିନରେ ଆଉ ୨୫୪ ରନ କଲେ ବିଜୟ ଟାର୍ଗେଟ ୩୫୦ ରନ ହାସଲ କରି ପାରିବ। ଅନ୍ୟ ପକ୍ଷରେ ମଧ୍ୟ ପ୍ରଦେଶ ଅବଶିଷ୍ଟ ୬ ୱିକେଟ ଅକ୍ତିଆର କରି ୨୩ ବର୍ଷ ପରେ ପ୍ରଥମ ଥର ପାଇଁ ଫାଇନାଲ ଖେଳିବା ଆଶା ନେଇ ଆଗେଇ ଚାଲିଛି। ମଧ୍ୟ ପ୍ରଦେଶ ପ୍ରଥମ ଇନିଂସରେ ୩୪୧ ଓ ଦ୍ୱିତୀୟ ଇନିଂସରେ ୨୮୧ ରନ କରିଥିବା ବେଳେ ବେଙ୍ଗଲ ପ୍ରଥମ ଇନିଂସରେ କରିଥିଲା ୨୭୩ ରନ।

## ରଣଜୀ ଟ୍ରଫି: ମୁମ୍ବାଇ ୬୬୨ ରନରେ ଅଗ୍ରଣୀ



ବେଙ୍ଗାଲୁର: ଏଠାରେ ଚାଲିଥିବା ଘରୋଇ ରଣଜୀ ଟ୍ରଫି କ୍ରିକେଟ ସେମିଫାଇନାଲ ମ୍ୟାଚରେ ଉତ୍ତରପ୍ରଦେଶ ଠାରୁ ୬୬୨ ରନରେ ଅଗ୍ରଣୀ ହୋଇଛି ୪୧ଥର ଟାଇଟଲ ବିଜେତା ମୁମ୍ବାଇ। ଚତୁର୍ଥ ଦିନ ଖେଳ ଷମ୍ପ ଅପସାରଣ ବେଳକୁ ମୁମ୍ବାଇ ଦ୍ୱିତୀୟ ଇନିଂସରେ ୪ ୱିକେଟ ହରାଇ କରିଛି ୪୪୯ ରନ କରିବା ସହିତ ମୋଟ ୬୬୨ ରନରେ ଆଗୁଆ ହୋଇଛି। କ୍ୱାର୍ଟରଫାଇନାଲରେ ପ୍ରଥମ ରଣଜୀ ଶତକ ଅର୍ଜନ କରିଥିବା ମୁମ୍ବାଇ ବ୍ୟାଟର ଯଶଭି ଜୟସ୍ୱାଲ ସେମିଫାଇନାଲ ମ୍ୟାଚର ଦ୍ୱିତୀୟ ଇନିଂସରେ ୧୮୧ ଓ ଅର୍ମନ ଜାଫର ୧୭୭ ରନ କରିଛନ୍ତି। ପ୍ରଥମ ଇନିଂସରେ ଉତ୍ତରପ୍ରଦେଶ ଠାରୁ ୩୪୬ ରନରେ ଆଗୁଆ ଥିବା ମୁମ୍ବାଇ ଗତକାଲି ତୃତୀୟ ଦିନ ଦ୍ୱିତୀୟ ଇନିଂସ ଆରମ୍ଭ କରି ଗୋଟିଏ ୱିକେଟ ହରାଇ କରିଥିଲଶ ୧୩୩ ରନ। ତେବେ ଚତୁର୍ଥ ଦିନ ଅର୍ମନ ଜାଫର ଓ ଜୟସ୍ୱାଲ ଦ୍ୱିତୀୟ ୱିକେଟ ଯୋଡିରେ ୨୮୬ ରନ ଯୋଗ କରିବା ଫଳରେ ଏକ ବଡ ସ୍କୋର କରି ବିପୁଳ ରନରେ ଅଗ୍ରଣୀ ହୋଇଛି। ସୂଚନା ଯୋଗ୍ୟ ଯେ ମୁମ୍ବାଇ ପ୍ରଥମ ଇନିଂସରେ ୩୯୩ ଓ ଉତ୍ତର ପ୍ରଦେଶ ୧୮୦ ରନ କରିଥିଲା।

# ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଦଳର ନେତୃତ୍ୱ ନେବେ ନୀରଜ

ନୂଆଦିଲ୍ଲୀ: ଇଂଲଣ୍ଡର ବର୍ମିଂହାମଠାରେ ଜୁଲାଇ ୨୮ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଦଳର ନେତୃତ୍ୱ ନେବେ ଟୋକିଓ ଅଲିମ୍ପିକ୍ କ୍ରୀଡ଼ାରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ୍ ଥ୍ରୋର ନୀରଜ ଚୋପ୍ରା। ଗତକାଲି ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍‌ଆଇ) ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ୩୭ ଜଣିଆ ଦଳ ଘୋଷଣା କରିଛି। ଏଥିରେ ଓଡ଼ିଶାର ଦୁଇ ଦୌଡ଼ରାଣୀ ଦୂତି ଚାନ୍ଦ ଓ ଶ୍ରାବଣୀ ନନ୍ଦ ସ୍ଥାନ ପାଇଛନ୍ତି। ଭାରତୀୟ ଦଳରେ ନୀରଜ ଚୋପ୍ରା, ଡିପି ମନୁ ଓ ରୋହିତ ଯାଦବଙ୍କ ରୂପରେ ୩ ଜଣ ଜାଭଲିନ୍ ତାରକା ରହିଛନ୍ତି। ସେହିଭଳି ୩ ଜଣ ଟ୍ରିପଲ ଜମ୍ପର ଅବଦୁଲା ଆବୁବାକର, ପ୍ରବୀଣ ଚିତ୍ରଭେଲ ଓ ଏଲଡୋସ୍ ପଲ୍ ବି ରହିଛନ୍ତି। ଅନ୍ୟପକ୍ଷରେ ସଟ୍ ପୁଟର ତେଜୀନ୍ଦର ପାଲ ସିଂହଙ୍କୁ ଦଳରେ ସ୍ଥାନ ବଜାୟ ରଖିବା ଲାଗି କାଜାଖସ୍ଥାନ ମିଟ୍‌ରେ ଭଲ କରିବାକୁ ହେବ। ଅନ୍ୟପକ୍ଷରେ ଧାବକ ଅମୋଜ ଜ୍ୟାକବ୍‌ଙ୍କୁ ଭାରତୀୟ ଦଳ ଯିବା ପୂର୍ବରୁ ନିଜ ଫିଟନେସ୍‌ର ପ୍ରମାଣ ଦେବାକୁ ହେବ। ଡିସକସ୍ ଖେଳାଳି ନଭନୀତ କୌର ଢିଲୋଁ, ସୀମା ଆନ୍ତିଲ ପୁନିଆ ଏବଂ ହାମର ଥ୍ରୋୟର୍ ସରିତା ସିଂହଙ୍କୁ କାଜାଖସ୍ଥାନ କିମ୍ବା କାଲିଫର୍ଣ୍ଣିଆ ମିଟ୍‌ରେ ଭଲ କରିବା ପରେ ଯାଇ ଚୂଡ଼ାନ୍ତ ଦଳରେ ସୁଯୋଗ ମିଳିବ। ଚାଲିରେ ଭାବନା ଜାଟ୍‌ଙ୍କୁ ବି ଫିଟନେସର ପ୍ରମାଣ ଦେବାକୁ ହେବ। ଭାରତୀୟ ଦଳ ପୂର୍ବାପେକ୍ଷା ଏଥର ଭଲ କରିବ ବୋଲି ଏଏଫ୍‌ଆଇ ସଭାପତି ଆଦିଲ ସୁମେରିୱାଲା ଦୃଢ଼ ଆଶା ପୋଷଣ କରିଛନ୍ତି। ତା' ସହ ଦୌଡ଼କୁଦରେ ଆଉ କିଛି କୋଟା ବଢ଼ାଇବାକୁ




ପ୍ରୟାସ କରିବା ଲାଗି ଭାରତୀୟ ଅଲିମ୍ପିକ୍ସ ସଂଘକୁ ଅନୁରୋଧ କରିଛନ୍ତି। ଭାରତୀୟ ଦୌଡ଼କୁଦ ଦଳ: ମହିଳା: ୧୦୦ ମିଟର- ଧନଲକ୍ଷ୍ମୀ, ୧୦୦ ମିଟର ବାଧାଦୌଡ଼-ଜ୍ୟୋତି ୟାର୍ଜି, ସଟ୍ ପୁଟ୍-ମନପ୍ରୀତ କୌର, ଡିସକସ୍- ନଭନୀତ କୌର, ସୀମା ପୁନିଆ, ଜାଭଲିନ୍-ଅନୁ ରାଣୀ, ଶିଳ୍ପା ରାଣୀ, ହାମର ଥ୍ରୋ-ମଞ୍ଜୁବାଳା ଦେବୀ, ସରିତା ସିଂହ, ଲମ୍ଫ ଡିଆଁ-ଐଶ୍ୱର୍ଯ୍ୟା ବି, ଆନ୍ସି ସୋଜନ୍, ଟ୍ରିପଲ୍ ଜମ୍ପ-ଐଶ୍ୱର୍ଯ୍ୟା ବି, ୧୦ କିମି ଚାଲି-ଭାବନା ଜାଟ୍, ପ୍ରିୟଙ୍କା ଗୋସ୍ୱାମୀ, ୪ ଗୁଣା ୧୦୦ ମିଟର ରିଲେ-ଧନଲକ୍ଷ୍ମୀ, ହିମା ଦାସ, ଦୂତି ଚାନ୍ଦ, ଶ୍ରାବଣୀ ନନ୍ଦ, ଜିଲନା ଏମ୍‌ଭି, ସିମି ଏନଏସ୍। ପୁରୁଷ: ୩୦୦ ମିଟର ଷ୍ଟିପଲଚେଜ୍-ଅଭିନାଷ ସାବ୍‌ଲେ, ମାରାଥନ୍-ନିତେନ୍ଦର ରାୱତ, ସଟ୍ ପୁଟ୍- ତେଜିନ୍ଦର ସିଂହ ତୁର, ଜାଭଲିନ୍ ଥ୍ରୋ-ନୀରଜ ଚୋପ୍ରା, ମନୁ ଡିପି, ରୋହିତ ଯାଦବ, ଲମ୍ଫ ଡିଆଁ-ଶ୍ରୀଶଙ୍କର, ମହମ୍ମଦ ଆନିସ୍, ଟ୍ରିପଲ୍ ଜମ୍ପ-ଅବଦୁଲା ଆବୁବାକର, ପ୍ରବୀଣ ଚିତ୍ରଭେଲ, ଏଲଢୋସ୍ ପଲ୍, ୧୦ କିମି ଚାଲି-ସନ୍ଦୀପ କୁମାର, ଅମିତ, ୪ ଗୁଣା ୪୦୦ ମିଟର ରିଲେ-ଅମୋଜ ଜାକବ, ନୋଆ ନିର୍ମଳ ଟମ୍, ଆରୋକିଆ ରାଜୀବ, ମହମ୍ମଦ ଆଜମଲ୍, ନାଗନାଥନ ପଣ୍ଡି, ରାଜେଶ ରମେଶ। ତେବେ ଦୂତୀ ଚାନ୍ଦ ଓ ଶ୍ରାବଣୀ ନନ୍ଦ ୧୦୦ କିମ୍ବା ୨୦୦ ମିଟର ପରିବର୍ତ୍ତେ କେବଳ ୬ ଜଣିଆ ୪ ଗୁଣା ୧୦୦ ମିଟର ରିଲେ ଦଳରେ ସୁଯୋଗ ମିଳିଛି। ଅନ୍ୟପକ୍ଷରେ ତାମିଲନାଡୁର ଧନଲକ୍ଷ୍ମୀଙ୍କୁ ୧୦୦ ମିଟରରେ ସ୍ଥାନ ମିଳିଥିଲା ବେଳେ ୨୦୦ ମିଟରରେ କୌଣସି ଖେଳାଳି ବଛା ଯାଇନାହାନ୍ତି। ତେବେ ଜାତୀୟ ରେକର୍ଡଧାରିଣୀ ଦୂତିଙ୍କ ପରିବର୍ତ୍ତେ ଧନଲକ୍ଷ୍ମୀଙ୍କୁ ୧୦୦ ମିଟରରେ ସୁଯୋଗ ମିଳିବା ସମସ୍ତଙ୍କୁ ଚକିତ କରିଛି। କାରଣ ଚଳିତବର୍ଷ ଆଶାଜନକ ପ୍ରଦର୍ଶନ କରିପାରିନଥିଲେ ମଧ ଦୂତି ଏବେ ବି ୧୦୦ ମିଟର ମହିଳା ବିଶ୍ୱ ମାନ୍ୟତାର ୭୧ତମ ସ୍ଥାନରେ ରହିଛନ୍ତି। ଧନଲକ୍ଷ୍ମୀ କିନ୍ତୁ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ ୧୦୦ ଭିତରେ ବି ନାହାନ୍ତି। ତା' ଛଡ଼ା ସେ ହେଉଛନ୍ତି ୨୦୦ ମିଟରର ବିଶେଷଜ୍ଞ ଧାବିକା। ଅବଶ୍ୟ ୨୪ତମ ଫେଡେରେସନ୍ କପ୍‌ରେ ସେ ଅଳ୍ପକେ ଦୂତିଙ୍କୁ ଟପି ଯାଇଥିଲେ। ସମ୍ଭବତଃ ଏହା ତାଙ୍କ ସପକ୍ଷରେ ଯାଇଛି।



ଦିନ ଗଡ଼ିବା ସହ ଦିନକୁ ଦିନ ପ୍ରଖର ହେବାରେ ଲାଗିଛି ଖରା। କେତକ ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀ ଡେଇଁଲାଣି। ଏବେ ଗ୍ରୀଷ୍ମର ପ୍ରଭାବ ସାରା ଦେଶରେ ଅନୁଭୂତ ହେଉଛି। ତେବେ ଏହି ସମୟରେ ବିଶେଷ ଭାବେ ଖାଦ୍ୟ ପେୟ ଉପରେ ବିଶେଷ ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ। ଏମିତି କିଛି ଜିନିଷ ଅଛି ଯାହାକୁ ଆପଣ ଖାଇଲେ ଆପଣଙ୍କ ଶରୀର ସୁସ୍ଥ ରହିବା ସହ ବିଭିନ୍ନ କାର୍ଯ୍ୟ କରିବାରେ ତତ୍ପର ହେବେ। ଖରାଦିନ ଆସିବା ମାତ୍ରେ ଲୋକମାନେ ଆମ୍ବକୁ ପ୍ରଥମ ପସନ୍ଦ କରିଥାନ୍ତି। ତେବେ ଏହି ଆମ୍ବରେ ରହିଥାଏ ପ୍ରଚୁର ପରିମାଣରେ ଭିଟାମିନ ସି। ଆଖି, ଚର୍ମ, କୋଲେଷ୍ଟ୍ରଲ ଏବଂ ହଜମ ଶକ୍ତି ବଢାଇବା ସହ କର୍କଟ ଭଳି ରୋଗ ଇତ୍ୟାଦିରୁ ରକ୍ଷା କରିଥାଏ ହଳଦିଆ ଆମ୍ବ। ତେବେ ଆମ୍ବ ତୁଳନାରେ ବଜାରରେ ମିଳୁଥିବା ଜୁସ ଏତେଟା ଫଳପ୍ରଦ ନୁହେଁ। ଯଦିଓ ଏହା ସ୍ୱାଦରେ ଏକ ନମ୍ବର ଥାଏ କିନ୍ତୁ ଏଥିରେ ଭିଟାମିନ ଭାଗ କମିଯାଇଥାଏ। କଦଳୀ ସବୁ ଋତୁରେ ମିଳୁଥିବା ଫଳ ମାନଙ୍କ ଭିତରୁ ଗୋଟିଏ। ଏହି ଫଳରେ ବିଭିନ୍ନ ପ୍ରକାର ଭିଟାମିନ ଯେମିତି ଏ, ବି, ସି, ଇ ଇତ୍ୟାଦି ସହ ପୋଟାସିୟମ ଏବଂ ମ୍ୟାଗ୍ନିସିୟମ ମଧ୍ୟ ଭରପୂର ମାତ୍ରାରେ ରହିଥାଏ। ତେଣୁ କଦଳୀ ଖାଇବା ଦ୍ୱାରା ଏହି ସମସ୍ତ ଭିଟାମିନ ଶରୀରକୁ ଯାଇଥାଏ। ଏହାବ୍ୟତୀତ କଦଳୀରେ ଏମିନୋଏସିଡ ଏବଂ ବି-୬ ମଧ୍ୟ ରହିଥାଏ, ଯାହା ଆଣ୍ଟି ଅକ୍ସିଡାଣ୍ଟ ହୋଇଥାଏ। ଅମୃତ ଭଣ୍ଡା ସବୁ ବେଳ ପାଇଁ ଉପଯୋଗୀ ହୋଇଥାଏ । କିନ୍ତୁ ଖରାଦିନେ ଖାଦ୍ୟରେ ଅମୃତଭଣ୍ଡା ସାମିଲ କରିବା ଶରୀର ପାଇଁ ଅଧିକ ଉପଯୋଗୀ ପ୍ରମାଣିତ ହୋଇଥାଏ। ଏଥିରେ ଭିଟାମିନ ସି ଏବଂ ଭିଟାମିନ ଏ ରହିଥାଏ।

## ସପ୍ତଫେଣୀ ଗଛ କାଟିବା ଗର୍ହିତ ଅପରାଧ



ଆମେ ସାଧାରଣତଃ ବାଡ଼ିରେ ସପ୍ତଫେଣୀ ପରି କଣ୍ଟା ଗଛ ଦେଖିଲେ ତାହାକୁ କାଟି ଦେଇଥାଉ। କାରଣ ସେଭଳି ଗଛ ଆମର କୌଣସି ଉପକାରରେ ଆସିନଥାଏ। ଅପରପକ୍ଷେ, ବଗିଚା କାମ କଲା ବେଳେ ଅବାଧରେ ଚଳପ୍ରଚଳ କରିବା ପାଇଁ ତାହାର ଟାଣୁଆ ତୀକ୍ଷ୍ଣ କଣ୍ଟା ବାଧା ଦେଇଥାଏ। ଅବଶ୍ୟ କେହି କେହି ବାଡ଼ିବଗିଚା ସୀମାରେ ଏହି କଣ୍ଟା ଗଛକୁ ସୁରକ୍ଷିତ ବାଡ଼ ଭାବେ ବ୍ୟବହାର କରିଥାନ୍ତି। ତେବେ ପୃଥିବୀରେ ଏମିତି ସ୍ଥାନ ରହିଛି, ଯେଉଁଠି ଏହି କଣ୍ଟା ଗଛର ଭାରି ଆଦର। ପଶ୍ଚିମ ଆମେରିକୀୟ ପ୍ରଦେଶ ଆରିଜୋନାରେ ସାଗୁଆରୋ ନାମକ ଏକ ପ୍ରକାର ସପ୍ତଫେଣୀ ଗଛ କାଟିବା ଏକ ଗର୍ହିତ ଅପରାଧ ଭାବେ ପରିଗଣିତ। ଏପରିକି କାକ୍ଟସ୍ କଟାଳିଙ୍କର ଏହି ଅପରାଧ ପାଇଁ ସରକାର ୨୫ ବର୍ଷ ଯାଏ କାରାଦଣ୍ଡାଦେଶ ସହ ମୋଟା ଅଙ୍କ ଜରିମାନା ଆଦାୟର ମଧ୍ୟ ନିୟମ ରଖିଛନ୍ତି। ଏହା ପଛର କାରଣ ହେଲା, ପ୍ରାୟ ଦେଢ଼ଶହରୁ ଦୁଇ ଶହ ବର୍ଷ ଯାଏ ଜୀବନ ଧାରଣ କ୍ଷମତା ରଖିଥିବା ଏହି କଣ୍ଟାଗଛ ବିଶେଷ କରି ଆରିଜୋନାରେ ହିଁ ଦେଖାଯାଇଥାଏ। ଏହାର ବୃଦ୍ଧି ପ୍ରକ୍ରିୟା ଭୀଷଣ ମନ୍ଥର। ଉଠିବାର ଦଶ ବର୍ଷ ବେଳକୁ ତାହା ମାତ୍ର ଦୁଇ ଇଞ୍ଚ ଡେଙ୍ଗା ହୋଇଥାଏ। ତେଣୁ ବିଲୁପ୍ତପ୍ରାୟ ହେବାକୁ ବସିଥିବା ଏହି ବୃକ୍ଷକୁ ସଂରକ୍ଷିତ ଘୋଷିତ କରାଯାଇଛି। ଏହାକୁ ଧ୍ୱଂସମୁଖରୁ ବଞ୍ଚାଇବା ଲାଗି ସରକାର ଏପରି ଦଣ୍ଡବିଧାନ କରିଛନ୍ତି। ଏପରିକି କାହା ନିଜ ବାଡ଼ିରେ ଏହି ଗଛ ଉଠିଥିଲେ ମଧ୍ୟ ତାହାକୁ ସଫା କରିବା ପାଇଁ ସରକାରଙ୍କ ଅନୁମତି ଲୋଡ଼ା।





## ନଡ଼ିଆ ଗଛ ଚଢ଼ା ବଲୁଆ କଙ୍କଡ଼ା

ବିଭିନ୍ନ ପ୍ରକାରର କଙ୍କଡ଼ା ରହିଛି। ସେଥି ମଧ୍ୟରୁ ଏହି ବଲୁଆ କଙ୍କଡ଼ା ଅନ୍ୟତମ। ଦକ୍ଷିଣ ପଶ୍ଚିମ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗରରେ ଏହା ଦେଖିବାକୁ ମିଳେ। ଏହାକୁ ଅନେକ ଦୈତ୍ୟ କଙ୍କଡ଼ା ବି କହନ୍ତି। ଉକ୍ତ କଙ୍କଡ଼ାର ଲମ୍ବ ୧ ମିଟର ହୋଇଥିବା ବେଳେ ଓଜନ ୪.୫ କିଗ୍ରା ହୋଇଥାଏ। ଏହାର ଗୋଡ଼ ବହୁତ ଶକ୍ତ। ଏହି କଙ୍କଡ଼ା ନଡ଼ିଆର ବାହାର ଆବରଣକୁ ଭାଙ୍ଗିପାରେ। ନଡ଼ିଆ ଗଛ ଉପରକୁ ଚଢ଼ି ନଡ଼ିଆ ତୋଳିବା ସହିତ ନଡ଼ିଆକୁ ଭାଙ୍ଗି ବି ଦିଏ। ତେଣୁ ଏହାକୁ କୋକୋନେଟ୍ କ୍ରାବ୍ ମଧ୍ୟ କୁହାଯାଏ। ଏହାର ଗୋଡ଼ ଏତେ ଶକ୍ତ ଯେ, ମଣିଷର ହାଡ଼କୁ ବି ଭାଙ୍ଗି ଦେଇପାରେ। ଏହି କଙ୍କଡ଼ା ଦେହରେ ୩୩୦୦ ନ୍ୟୁଟନ୍ ବଳଥାଏ। କଙ୍କଡ଼ାଟିର ବିଶେଷତ୍ୱ ହେଉଛି ବୟସ ଅନୁସାରେ ଏହା ରଙ୍ଗ ବଦଳାଇଥାଏ। ଯୁବା ଅବସ୍ଥାରେ ମାଟିଆ ରଙ୍ଗ ଥିଲାବେଳେ ବୟସ୍କ ହେଲେ ବାଇଗଣୀ ରଙ୍ଗର ହୋଇଥାଏ। ଏହି କଙ୍କଡ଼ା ପଚାଶଢ଼ା ଖାଦ୍ୟ ଖାଇ ବଞ୍ଚେ। ଏମାନେ ରାତିରେ ହିଁ ଖାଦ୍ୟ ଅନ୍ୱେଷଣରେ ବାହାରିଥାଆନ୍ତି। ଏହି କଙ୍କଡ଼ାକୁ ଅନେକ ଚୋର କଙ୍କଡ଼ା ବି କହନ୍ତି।



## ଦାଢ଼ି ରଖିଲେ ବିବାହ ମନା

ପୁରୁଷଙ୍କ ପାଇଁ ଏବେ ଦାଢ଼ି ରଖିବା ବଡ ଫ୍ୟାଶନ ପାଲଟିଗଲାଣି। ଦାଢ଼ିକୁ ଭିନ୍ନ ଭିନ୍ନ ଷ୍ଟାଇଲରେ ରଖିବା ଯୁବକଙ୍କ ମଧ୍ୟରେ ବଡ ଟ୍ରେଣ୍ଡ ପାଲଟିଛି। କ୍ଲିନ୍ ସେଭଙ୍କୁ ଆଉ କିଏ ପସନ୍ଦ କରୁନାହାନ୍ତି। କହିବାକୁ ଗଲେ ବିଅର୍ଡ ଲୁକ୍ ପୁରୁଷଙ୍କ ଉପରେ ଭାରି ମାନେ। ସେ ବିରାଟ କୋହଲି ହୁଅନ୍ତୁ କି କେଜିଏଫ୍ ସୁପରଷ୍ଟାର ଯଶ୍ ଅବା ପୁଷ୍ପାର ଅଲ୍ଲୁ ଅର୍ଜୁନ। ଦାଢ଼ି ପାଇଁ ସମସ୍ତେ ଚର୍ଚ୍ଚିତ। ହେଲେ ଏମିତି ଏକ ଗାଁ ଅଛି ଯେଉଁଠି ଦାଢ଼ି ରଖିବା ମନା। ପୁରୁଷଙ୍କ ଦାଢ଼ି ଉପରେ ଜାରି ହୋଇଛି କଟକଣା। ରାଜସ୍ଥାନର ପାଲି ଜିଲ୍ଲା। ଏଠକାର ୧୯ଟି ଗାଁରେ ଦାଢ଼ି ରଖିବାକୁ ନେଇ ଜାରି ହୋଇଛି ଫତୱା। ପୁରୁଷଙ୍କୁ ଦାଢ଼ି ରଖିବାକୁ ମନା ହୋଇଛି। ଯିଏ ଦାଢ଼ି ରଖିବ ତା'ର ହୋଇପାରିବନି ବାହାଘର। ଏନେଇ ସମାଜ ପକ୍ଷରୁ ସଫା ସଫା ଚେତାବନୀ ଜାରି କରାଯାଇଛି। ଦାଢ଼ି ରଖିଥିବା ପୁଅଙ୍କୁ ଝିଅ ଦିଆଯିବ ନାହିଁ। ବିବାହ କରିବାକୁ ହେଲେ କ୍ଲିନ୍ ସେଭ୍ ବାଧ୍ୟତାମୂଳକ। ଏନେଇ କୁମାୱତ ସମାଜର ସରପଞ୍ଚ ଏକ ପ୍ରସ୍ତାବ ପାରିତ କରିଛନ୍ତି। ଏଥିସହ ଜିଲ୍ଲାର ୧୯ଟି ଗାଁରେ ପତୱା ମଧ୍ୟ



ଜାରି କରିଛନ୍ତି। ବରର ଦାଢ଼ିକୁ ନେଇ ଜାରି ଫତୱାକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା ଆରମ୍ଭ ହୋଇଛି। ପାରିତ ହୋଇଥିବା ପ୍ରସ୍ତାବ ମୁତାବକ, ଯଦି ବର ଦାଢ଼ି ବଢ଼ାଇ ବିବାହ ବେଦିରେ ବସେ ତେବେ ତାକୁ ସାତ ଫେରା ନେବାକୁ ଦିଆଯିବ ନାହିଁ। କୁମାୱତ ସମାଜର ବୈଠକରେ ଏହି ପ୍ରସ୍ତାବକୁ ପାରିତ କରାଯାଇଛି। କୁମାୱତ ସମାଜର କହିବା ମୁତାବକ, ବିବାହ ଏକ ନିଆରା ପରମ୍ପରା, ଏଥିରେ ବୀଙ୍କୁ ରାଜା ଭଳି ଦେଖାଯିବା ଉଚିତ। ଏଭଳି ସ୍ଥିତିରେ ଯଦି ବର ଦାଢ଼ି ରଖେ, ତେବେ ତାହା ଅଶୁଭ ବୋଲି ବିଶ୍ୱାସ କରାଯାଏ। ଫ୍ୟାଶନକୁ ନେଇ କୌଣସି ସମସ୍ୟା ନାହିଁ, କିନ୍ତୁ ବର ଦାଢ଼ି ରଖି ବିବାହ କରିବା ଆମକୁ ମଞ୍ଜୁର ନୁହେଁ ବୋଲି କମାୱତ ସମାଜ କହିଛି।

## ୩ଶହ କୋଟି ଟଙ୍କାରେ ନିର୍ମାଣ ହେବ 'ଶକ୍ତିମାନ'

୯୦ ଦଶକର ଟିଭି ପରଦାରେ 'ଶକ୍ତିମାନ' ଧାରାବାହିକ ପିଲାମାନଙ୍କୁ ବହୁତ ମନୋରଞ୍ଜନ କରିଥିଲା। ଏହି ସୁପରହିଟ୍ ସୋ'ରେ ଅଭିନେତା ମୁକେଶ ଖାନ୍ନା ଶକ୍ତିମାନଙ୍କ ଭୂମିକାରେ ଅଭିନୟ କରିଥିଲେ। ଗତ କିଛି ଦିନ ହେବ ଚର୍ଚ୍ଚା ହେଉଥିଲା ଯେ, ଏହି ଧାରାବାହିକ ପୁଣିଥରେ ଫେରିବ । ଆଉ ଏବେ ଶକ୍ତିମାନ ବିଷୟରେ ଅଭିନେତା ମୁକେଶ ଖାନ୍ନା ଏକ ବଡ଼ ଖୁଲାସା କରିଛନ୍ତି। ଏକ ଜଣାଶୁଣା ୱେବସାଇଟ୍ ସହିତ ଏକ ସାକ୍ଷାତକାରରେ ମୁକେଶ ଖାନ୍ନା 'ଶକ୍ତିମାନ' ବିଷୟରେ ଅନେକ ରହସ୍ୟ ଖୋଲିଛନ୍ତି । ମୁକେଶ ଖାନ୍ନା କହିଛନ୍ତି ଯେ 'ଏହି ପ୍ରୋଜେକ୍ଟ ବହୁ ବର୍ଷ ପରେ ମୋ ପାଖକୁ ଆସିଛି। ଅନେକ ଲୋକ ମୋତେ କହିଥିଲେ ଯେ ତୁମେ ଶକ୍ତିମାନର ଦ୍ୱିତୀୟ ସିଜିନ୍ କରିବା ଉଚିତ୍। କିନ୍ତୁ ଏଥର ମୋତେ ଟିଭିରେ ନୁହେଁ ବରଂ ଫିଲ୍ମରେ ଶକ୍ତିମାନ ଆଣିବାକୁ ପଡିଲା। ମୁକେଶ ଖାନ୍ନା କହିଛନ୍ତି ଯେ 'ମୁଁ ସୋନି ଲୋକଙ୍କ ସହ ହାତ ମିଶାଇଛି ଏବଂ ସେମାନେ ମଧ୍ୟ ଏହି ଜିନିଷକୁ ସାର୍ବଜନୀନ କରିଛନ୍ତି। ଏହା ଏକ ବଡ ଫିଲ୍ମ। ପ୍ରାୟ ୩ ଶହ କୋଟିର। ତେବେ ସବୁକିଛି ସ୍ଥିର ନହେବା ପର୍ଯ୍ୟନ୍ତ ଅଧିକ କିଛି କହିପାରିବି ନାହିଁ। ଶକ୍ତିମାନକୁ ଏକ ଫିଲ୍ମ ରୂପେ ଆଣିବା ବିଷୟରେ ମୁକେଶ ଖାନ୍ନା କହିଛନ୍ତି ଯେ' ମୁଁ ଏହି ଫିଲ୍ମର କାହାଣୀକୁ ନିଜ ପଦ୍ଧତିରେ ପ୍ରସ୍ତୁତ କରିଛି। ତାଙ୍କ ପାଇଁ ମୋର ଏକମାତ୍ର ସର୍ତ୍ତ ଥିଲା ଯେ କାହାଣୀଟି ପରିବର୍ତ୍ତନ ହେବ ନାହିଁ। ଶକ୍ତିମାନ କିଏ ହେବେ ବୋଲି ପ୍ରଶ୍ନର ଉତ୍ତରରେ ମୁକେଶ ଖାନ୍ନା କହିଛନ୍ତି ଯେ ଯଦି ଅନ୍ୟ କେହି ଶକ୍ତିମାନ ହୁଅନ୍ତି, ତେବେ ଦେଶ ତାଙ୍କୁ ଗ୍ରହଣ କରିବ ନାହିଁ।



## ସାଇ ପଲ୍ଲବୀଙ୍କ ବୟାନକୁ ନେଇ ଥାନାରେ ମାମଲା

ସାଉଥ୍ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତ୍ରୀ ସାଇ ପଲ୍ଲବୀ ନିଜର ସୁନ୍ଦରତା ଏବଂ ଲୁକ୍ ପାଇଁ ବେଶ୍ ଜଣାଶୁଣା। ନିକଟରେ ତାଙ୍କର ଆଗାମୀ ଚଳଚ୍ଚିତ୍ର ବିରାଟ ପର୍ବମର ପ୍ରମୋସନରେ ଖୁବ୍ ବ୍ୟସ୍ତ ଥିଲେ। ଏହି ସମୟରେ ସାଇ ପଲ୍ଲବୀ ଏପରି କିଛି କହିଛନ୍ତି, ଯାହା ସୋସିଆଲ ମିଡିଆରେ ବିବାଦ ସୃଷ୍ଟି ହୋଇଛି। ବାସ୍ତବରେ, ସାଇ ପଲ୍ଲବୀ ବଲିଉଡ ଫିଲ୍ମ କାଶ୍ମୀର ଫାଇଲରେ ପ୍ରଦର୍ଶିତ କାଶ୍ମୀର ପଣ୍ଡିତଙ୍କ ଦୃଶ୍ୟକୁ ମୋବ୍ ଲିଞ୍ଚିଂ ସହିତ ତୁଳନା କରିଛନ୍ତି। ଏହି ପ୍ରକାରର ବିବାଦୀୟ ବିବୃତ୍ତି ଦେଇ ସମଗ୍ର ଦୁନିଆକୁ ବିବାଦ ଘେରକୁ ଟାଣି ଆଣିଛନ୍ତି। ତେବେ ନିକଟରେ ଏକ ସାକ୍ଷାତକାରରେ ଏପରି କହିଛନ୍ତି ଯାହାକୁ ନେଇ ଚାରିଆଡେ ଚର୍ଚ୍ଚା ଚାଲିଛି। ସେ ଫିଲ୍ମ କାଶ୍ମୀର ଫାଇଲସ୍ କାଶ୍ମୀର ପଣ୍ଡିତଙ୍କ ହତ୍ୟାକାଣ୍ଡକୁ ନେଇ ଦର୍ଶାଇଛି। ଏହା ବ୍ୟତୀତ ସେ କହିଥିଲେ କି, ଯଦି ହିଂସା ଏବଂ ଧର୍ମର ମାପରେ ଓଜନ କରାଯାଏ, ତେବେ କିଛି ସମୟ ପୂର୍ବରୁ ଗୋଟିଏ ଟ୍ରକ୍‌ରେ ଭର୍ତ୍ତି ହୋଇଥିବା ଗାଇକୁ ନେଇକି ଯାଉଥିବା ଜଣେ ମୁସଲମାନ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବରେ ମାଡ ଦିଆଯାଉଛି । ପରେ ଜୟ ଶ୍ରୀ ରାମ ଜପ କରିବାକୁ କୁହାଯାଉଛି। କାହିଁକି କୁହନ୍ତୁ... ତାହେଲେ ମୋତେ କୁହନ୍ତୁ ଏହି ଦୁଇଟି ଘଟଣାର ପାର୍ଥକ୍ୟ କ'ଣ? ମୋ ମତରେ ଏଭଳି ପରିସ୍ଥିତିରେ କୌଣସି ପ୍ରକାରର ଭେଦଭାବ କରିବା ଉଚିତ୍ ନୁହେଁ। ସାଇ ପଲ୍ଲବୀଙ୍କ ଏହି ମନ୍ତବ୍ୟ ଶୁଣି ନାନା ପ୍ରକାରର ବିବାଦ ଆରମ୍ଭ ହୋଇଛି। ବିବାଦୀୟ ବୟାନ ପାଇଁ ଅଭିନେତ୍ରୀ ସାଇ ପଲ୍ଲବୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବଜରଙ୍ଗ ଦଳ ପକ୍ଷରୁ ସୁଲତାନ ବଜାର ଥାନାରେ ଏହି ମାମଲା ରୁଜୁ କରାଯାଇଛି। ଗ୍ରେଟ୍ ଆନ୍ଧ୍ର ୟୁଟ୍ୟୁବ ଚ୍ୟାନେଲକୁ ସାକ୍ଷାତକାର ଦେବା ଅବସରରେ ସେ କାଶ୍ମୀର ପଣ୍ଡିତଙ୍କ ହତ୍ୟା ଓ ଗୋ-ଚାଲାଣ ନାମରେ ହେଉଥିବା ହତ୍ୟାର ତୁଳନା କରିଥିଲେ। ସେ କହିଥିଲେ ଯେ ଦି କାଶ୍ମୀର ଫାଇଲ୍ସ ଫିଲ୍ମରେ ସେହି ସମୟରେ ଘଟିଥିବା କାଶ୍ମୀର ପଣ୍ଡିତଙ୍କ ହତ୍ୟା ଘଟଣାକୁ ପ୍ରଦର୍ଶିତ କରାଯାଇଛି। ଯଦି ଧାର୍ମିକ ସଂଘର୍ଷ କଥା କହିବେ ତେବେ କୋଭିଡ-୧୯ ସମୟରେ ମୁଁ କିଛି ଖବର ପଢ଼ିଥିଲି। ଯେଉଁଥିରେ ଗାଇ ନେଇ ଯାଉଥିବା ଜଣେ ମୁସଲିମ ଡ୍ରାଇଭରଙ୍କୁ ଜୟ ଶ୍ରୀରାମ ନାରା ଦେଉଥିବା କିଛି ଗୋ-ସୁରକ୍ଷା କର୍ମୀ ପିଟି ପିଟି ହତ୍ୟା କରିଥିଲେ। ସେତେବେଳେ ଯାହା ଘଟିଥିଲା ଏବଂ ବର୍ତ୍ତମାନ ଯାହା ଘଟୁଛି ସେଥିରେ ଫରକ୍ କ'ଣ?



## ପଶୁ ଡାକ୍ତରଙ୍କୁ ଜୋର ଜବରଦସ୍ତି ବେଦିରେ ବସାଇଦେଲେ

ମଇଁଷି ଚିକିତ୍ସା ପାଇଁ ଖବର ପାଇ ଆସିଲେ। ହେଲେ ହଠାତ୍ ଜବରଦସ୍ତ ବାହାଘର ହୋଇଯିବ ବୋଲି ଜାଣିନଥିଲେ। ଏମିତି ଏକ ଅଜବ ଘଟଣା ଜଣେ ପଶୁ ଡାକ୍ତରଙ୍କ ସହ ଘଟିଛି। ତାଙ୍କୁ ଚିକିତ୍ସା ପାଇଁ ଡାକି କିଛି ଲୋକେ ଅପହରଣ କରି ତାଙ୍କର ବିବାହ କରାଇ ଦେଇଛନ୍ତି। ବିହାରର ବେଗୁସରାୟରେ ଘଟିଛି ଏଭଳି ଏକ ଫିଲ୍ମ ଷ୍ଟାଇଲ୍‌ର ଘଟଣା। ସତ୍ୟମ କୁମାର ଝା। ସେ ପେସାରେ ଜଣେ ପଶୁ ଡାକ୍ତର। ବେଗୁସରାୟ ଜିଲ୍ଲା ତେଘରା ଥାନା ପିଧୌଲି ଗାଁରେ ରୁହନ୍ତି ସତ୍ୟମ। ସୋମବାର ସନ୍ଧ୍ୟାରେ କିଛି ବ୍ୟକ୍ତି ତାଙ୍କ ମଇଁଷି ଅସୁସ୍ଥ ଥିବା କହି ଚିକିତ୍ସା ପାଇଁ ସତ୍ୟମଙ୍କୁ ଡାକିଥିଲେ। ଏହାପରେ ଉକ୍ତ ବ୍ୟକ୍ତିମାନେ ପଶୁ ଡାକ୍ତରଙ୍କୁ ଅପହରଣ କରିନେଇଥିଲେ। ପରେ ଜଣେ ଯୁବତୀଙ୍କ ସହ ତାଙ୍କର ଜୋରଜବରଦସ୍ତ ବିବାହ କରାଇ ଦେଇଥିଲେ। ଏନେଇ ସତ୍ୟମଙ୍କ ବାପା ସୁବୋଧ କୁମାର ଝା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ମୁତାବକ, ସତ୍ୟମ ବିଳମ୍ବିତ ରାତି ଯାଏ ନ ଫେରିବା ପରେ ତାଙ୍କୁ ଖୋଜାଖୋଜି କରିବା ଆରମ୍ଭ କରିଥିଲେ। ମଙ୍ଗଳବାର ସକାଳେ ତାଙ୍କ ଫୋନକୁ ଏକ ଭିଡିଓ ମେସେଜ ଆସିଥିଲା। ଯେଉଁଥିରେ ତାଙ୍କ ପୁଅର ବିବାହ ଏକ ଝିଅ ସହ କରାଯାଉଥିବା ଦେଖିବାକୁ ମିଳିଥିଲା। ତାଙ୍କ ପୁଅକୁ ନିଶା ଦେଇ ମଣ୍ଡପରେ ବସାଇ ବିବାହ କରାଯାଇଥିଲା। ଏ ନେଇ ସେ ତେଘରା ପୋଲିସ ଷ୍ଟେସନରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଏହି ଜବରଦସ୍ତି ବିବାହ ସମ୍ପର୍କିତ ଅଭିଯୋଗ ଆମକୁ ମିଳିଛି। ମାମଲାର ତଦନ୍ତ ଚାଲିଛି। ଉଲ୍ଲେଖଯୋଗ୍ୟ, ବିହାରରେ ଏଭଳି ବିବାହ ନୂଆ ଘଟଣା ନୁହେଁ। ଏଠାକାର ବିଭିନ୍ନ ଅଞ୍ଚଳରେ ଜରଦସ୍ତି ଉଠାଇ ନେଇ ବିବାହ କରାଯିବା ପ୍ରଥା ରହିଛି। ଗତ ବର୍ଷ ନଭେମ୍ବର ମାସରେ ଏଭଳି ଏକ ବିବାହ କରାଯାଇଥିବା ଘଟଣା ସାମ୍ନାକୁ ଆସିଥିଲା।



## ମାଛ ଧରିବା ପାଇଁ ପକ୍ଷୀ ପାଲଟିଯାଏ ଛତା

ବ୍ଲାକ୍ ଇଗ୍ରେଟ୍ ହେଉଛି ଆଫ୍ରିକାର ହେରନ୍ ନାମକ ଏକ ପ୍ରକାର ପକ୍ଷୀର ପ୍ରଜାତି। ଏହି ପକ୍ଷୀର ଏକ ସ୍ୱତନ୍ତ୍ର ପ୍ରକାରର ଶିକାର କରିବା ପଦ୍ଧତି ରହିଛି, ଯାହା ବେଶ୍ କୌତୂହଳମୟ। ଚଢ଼େଇଟି ଅଗଭୀର ଜଳରେ ଧୀରେ ଧୀରେ ଆସି ନିଜର ଦୁଇ ଡେଣାକୁ ଶରୀର ଚାରିପଟେ ଏଭଳି ପ୍ରସାରିତ କରି ରଖେ ଯେ, ତା'ର ଶରୀର ଦେଖାଯାଏ ନାହିଁ। ଆଉ ସେ ସମ୍ପୂର୍ଣ୍ଣଭାବେ ଏକ ଛତା ଭଳି ଦେଖାଯାଏ। ଛୋଟ ମାଛଗୁଡ଼ିକ ନିଜକୁ ପରଭକ୍ଷୀଙ୍କଠାରୁ ରକ୍ଷା କରିବା ପାଇଁ ସେହି ଛତାକୁ ସୁରକ୍ଷିତ ସ୍ଥାନ ଭାବି ଭିତରକୁ ଚାଲି ଆସନ୍ତି। ଆଉ ଚଢ଼େଇଟି ନିଜର ଲମ୍ବା ଥଣ୍ଟରେ ଆରାମରେ ସେହି ଛୋଟ ମାଛକୁ ଖାଇଦିଏ। ଏହି ପଦ୍ଧତିକୁ 'କ୍ୟାନୋପି ଫିଡିଂ' ବୋଲି କୁହାଯାଏ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଜିଲ୍ଲାପାଳ ସରୋଜ କୁମାର ସେଠୀ ଆଜି ପୂର୍ବାହ୍ନରେ ଅଚାନକ ଢେଙ୍କାନାଳ ସଦର ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଜିଲ୍ଲାପାଳ ଶ୍ରୀ ସେଠୀ ତହସିଲ କାର୍ଯ୍ୟାଳୟର ସମସ୍ତ ବିଭାଗ ବୁଲି କାର୍ଯ୍ୟକାରିତା ସମ୍ପର୍କରେ କର୍ମଚାରୀମାନଙ୍କ ଠାରୁ ପଚାରି ବୁଝିଥିଲେ । ୫-ଟି ଅନୁଯାୟୀ କାର୍ଯ୍ୟ କରିବା, ସାଧାରଣ ଲୋକମାନେ ମୌଳିକ ସେବା ପାଇବାରେ ଯେପରି ହଇରାଣ ନହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦେବା ସହିତ ଜାତିଗତ ଓ ବାସସ୍ଥାନ ପ୍ରମାଣ ପତ୍ର ପାଇଁ ଆବେଦନ କରୁଥିବା ପିଲାମାନେ ଯେପରି ସୁବିଧାରେ ଏବଂ ଠିକ ସମୟରେ ପ୍ରମାଣପତ୍ର ପାଇ ପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ମ୍ୟୁଟେସନ ଓ ବେବନ୍ଦୋବସ୍ତ କାର୍ଯ୍ୟ ସମ୍ବନ୍ଧରେ ଜିଲ୍ଲାପାଳ ଶ୍ରୀ ସେଠୀ ତହସିଲଦାର ସୁଶ୍ରୀ ଅନୁପମା ମୁର୍ମୁଙ୍କୁ ପଚାରି ବୁଝିଥିଲେ ।

## ଟ୍ରକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ୫୫ନଂ ଜାତୀୟ ରାଜପଥ ମରଣାଯନ୍ତା ପାଲଟିଥିବାବେଳେ ରାସ୍ତାର ବିପର୍ଯ୍ୟସ୍ତ ଯୋଗୁଁ ପ୍ରତିଦିନ ଦୁର୍ଘଟଣାମାନ ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିବାର ଦେଖିବାକୁ ମିଳୁଛି । ଟାଙ୍ଗୀ ଥାନା ନାରପଡା ଗ୍ରାମର ପ୍ରସନ୍ନ ବିଶ୍ୱାଳ (୪୨) ନାମକ ଜଣେ ବ୍ୟକ୍ତି ନିଜ ମଟର ସାଇକେଲ (ନଂ- ଓଡି-୦୫-ଏ୪-୬୩୦) ଯୋଗେ ସ୍ତ୍ରୀ ଓ ପୁଅକୁ ନେଇ ଦେବୀନଗର ନିଜ ଶ୍ୱଶୁର ଘରକୁ ଯିବା ବାଟରେ ଚୌଦ୍ୱାର ଧୂମାବତୀ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ (ନଂ-ଏମ୍‌ପି-୦୯-ଏଚ୍‌ଏଚ୍-୫୫୭୦) ସହ ଦୁର୍ଘଟଣା ଘଟିଥିଲା । ପରେ ସ୍ଥାନୀୟ ଲୋକେ ଚୌଦ୍ୱାର ପୁଲିସ ସହାୟତାରେ ଆହତ ତିନିଜଣଙ୍କୁ କଟକ ବଡମେଡିକାଲକୁ ନେବା ସମୟରେ ପ୍ରସନ୍ନ ମୃତ୍ୟୁ ବରଣ କରିଥିବାର ଡାକ୍ତର ପ୍ରକାଶ କରିଥିଲେ । ପ୍ରସନ୍ନଙ୍କର ଏକମାତ୍ର ପୁତ୍ରର ଗୋଡଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ତାଙ୍କ ସ୍ତ୍ରୀ ଗଭିର ଆଘାତ ପାଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।



ମୃତ ବ୍ୟକ୍ତି ଜଣଙ୍କ କଜଳକଣାର ଏକ ସଅମିଲ୍‌ରେ କାର୍ଯ୍ୟ କରୁଥିବାବେଳେ ଦୁର୍ଘଟଣାରେ ତାଙ୍କ ମୃତ୍ୟୁପରେ ସ୍ଥାନୀୟ ଅଞ୍ଚଳରେ ଋପା ଉତ୍ତେଜନା ଦେଖିବାକୁ ମିଳିଥିଲା । ପରେ ପୁଲିସ ଏହାକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହେବା ସହ ଉପସ୍ଥିତ ଲୋକମାନେ ମୃତ ପରିବାରଙ୍କୁ ସରକାରଙ୍କ ନିକଟରୁ ସହାୟତା ରାଶି ଯୋଗାଇ ଦେବାକୁ ଦାବି କରିଥିଲେ ।

## ପୂର୍ବ ଶତ୍ରୁତାକୁ ନେଇ ମାଡ ମାରିବା ଘଟଣା ରେ ମାମଲା ରୁଜୁ

ବାଲିପାଟଣା, (ଭାସ୍କର ନ୍ୟୁଜ୍) : ପୂର୍ବ ଶତ୍ରୁତା କୁ ନେଇ ମାଡ ମାରିବା ଘଟଣା ରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ବାଲିପାଟଣା ଥାନା ଅନ୍ତର୍ଗତ ମଝିହରା ବସ୍ତିର ରଞ୍ଜନ ନାୟକ (୩୮) ପିତା ରାମ ଚନ୍ଦ୍ର ନାୟକ ଏବଂ ହେମନ୍ତ ବାରିକ ପିତା ନରେନ୍ଦ୍ର ବାରିକଙ୍କ ପରିବାର ସହିତ ପୂର୍ବରୁ ଜମିବାଡି କୁ ନେଇ ଶତ୍ରୁତା ଥିଲା । ଗତ ବୁଧବାର ରାତି ରେ ରଞ୍ଜନଙ୍କ ଗାଡି ହେମନ୍ତ ଙ୍କ ଘର ପାଖ ରେ ଖରାପ ହେଇଯିବା ର ସୁଯୋଗ ନେଇ ତାଙ୍କୁ ହେମନ୍ତ ଙ୍କ ପରିବାର ମାଡ ମାରିଥିଲେ । ଏନେଇ ଥାନା ରେ ଉଭୟ ପକ୍ଷରୁ ଅଭିଯୋଗ କରିବା ପରେ ଦୁଇଟି ପୃଥକ୍ କେଶ୍ ୧୬୨/୨୨, ୧୬୩/୨୨ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କୃପାସିନ୍ଧୁ ବରାଡ ସୂଚନା ଦେଇଛନ୍ତି ।

## ମାସ୍କ ପରିଧାନ ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସଓ୍ୱାନ ହଲ ଠାରେ ଜିଲ୍ଲାପାଳ ସରୋଜ କୁମାର ସେଠୀ କୋଭିଡ ପରିଚାଳନା ଓ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି । ଅନ୍ୟ ରାଜ୍ୟରେ ବୃଦ୍ଧି ପାଉଥିବା କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ମାସ୍କ ପରିଧାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଉପଜିଲ୍ଲାପାଳ, ବିଡିଓ ମାନେ ୧୫ରୁ ୧୭ ବର୍ଷ ବୟସ୍କ ପିଲାମାନଙ୍କ ଟିକାକରଣ ଉପରେ ପ୍ରାଧାନ୍ୟ ଦେବା ସହିତ ଜନସାଧାରଣଙ୍କ ସଚେତନତା ପାଇଁ ମାସ୍କ ପରିଧାନ ନିମନ୍ତେ ମାଇକ ଯୋଗେ ପ୍ରଚାର କରିବା ପାଇଁ ପରାମର୍ଶ ଦେଇଛନ୍ତି । ସ୍ୱାସ୍ଥ୍ୟ ଅଧିକାରୀମାନେ ଟୀକାଦାନ ଉପରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ୨୨୨୦ ଟି ଅଙ୍ଗନଓ୍ୱାଡି କେନ୍ଦ୍ରର ପ୍ରତ୍ୟେକ କର୍ମୀ, ସ୍ୱାସ୍ଥ୍ୟ ଓ ପାଠ ପଢାରେ ଦୁର୍ବଳ ଥିବା ଜଣେ ଲେଖାଏଁ ପିଲାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ତାର ବିଶେଷ ଯତ୍ନ ନେବାକୁ ପରାମର୍ଶ ଦେଇଛନ୍ତି । ଅଙ୍ଗନଓ୍ୱାଡି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକରେ ନ୍ୟୁଟ୍ରି ଗାର୍ଡେନ ତିଆରି ନିଶ୍ଚିତ କରିବାକୁ କହିଛନ୍ତି । ଜିଲ୍ଲାର ସମସ୍ତ ୨୧୨ ଗୋଟି ଗ୍ରାମ ପଞ୍ଚାୟତରେ ମଡେଲ ରୁରାଲ ପାର୍କ, ପୋଖରୀ ଏବଂ ପ୍ରଶସ୍ତ ମାଟି ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଅଞ୍ଚଳବାସୀଙ୍କୁ ଅଧିକ ରୋଜଗାର କ୍ଷମ କରାଇବାକୁ କହିଛନ୍ତି । ପ୍ରତ୍ୟେକ ଦୁର୍ଗମ ଗ୍ରାମକୁ ରାସ୍ତା କରାଯାଇ ଅଞ୍ଚଳର ବିକାଶ ନିମନ୍ତେ ଧ୍ୟାନ ଦେବାକୁ ଓ ଏହା ଅଗଷ୍ଟ ୧୫ ତାରିଖ ମଧ୍ୟରେ ଶେଷ କରିବାକୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ପୋଖରୀ, ଜଳାଶୟର ପୁନରୁଦ୍ଧାର କରିବା ଦିଗରେ ଧ୍ୟାନ ଦେବାକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ ବିଡିଓ ମାନଙ୍କୁ କହିଛନ୍ତି । ମଡେଲ ରୁରାଲ ପାର୍କ, ପୋଖରୀ ଏବଂ ପ୍ରଶସ୍ତ ମାଟି ରାସ୍ତା ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ କାମ ଯୋଗାଇ ଦେଇ ସେମାନଙ୍କର ରୋଜଗାର ବୃଦ୍ଧି ସହିତ ପଞ୍ଚାୟତ ଗୁଡିକର ସବୁଜିମା ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ କମିଟି ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆସନ୍ତା ୧୮ ଓ ୧୯ ତାରିଖ ଦୁଇଦିନ ଧରି ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ସାମୁହିକ ଅଭ୍ୟାସ (ମକ୍ ଡ୍ରିଲ) ଆୟୋଜନ କରାଯିବ । ୫-ଟି ସ୍କୁଲର ବାକିଥିବା କାର୍ଯ୍ୟକୁ ଶେଷ କରି ସାର୍ଟିଫିକେଟ ପ୍ରଦାନ ପାଇଁ ବିଡିଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଉଦୟ କୁମାର ମହାପାତ୍ର ଭୂଦାନ ଜମି ବଂଟନ, ମ୍ୟୁଟେସନ, ବେବନ୍ଦୋବସ୍ତ କାର୍ଯ୍ୟ ସାରିବାକୁ ତହସିଲଦାରମାନଙ୍କୁ ଅନୁରୋଧ କରିଥିଲେ । ଦେଶରେ ପୁଣି ଥରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଜନସାଧାରଣ ସାମାଜିକ ଦୂରତା ରକ୍ଷା ସହିତ ମାସ୍କ ପରିଧାନ ପ୍ରତି ଯତ୍ନବାନ ହେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅଶୋକ କୁମାର ଦାଶ ପରାମର୍ଶ ଦେଇଛନ୍ତି ଏବଂ ୧୫ରୁ ୧୭ ବୟସ୍କ ପିଲାମାନଙ୍କର ଟୀକାକରଣ ଉପରେ ସୂଚନା ପ୍ରଦାନ କରିଥିଲେ । ସ୍ୱାସ୍ଥ୍ୟ ଅଧିକାରୀମାନେ କୋଭିଡ ଟେଷ୍ଟ କରିବା ସହିତ ଟୀକାକରଣକୁ ପ୍ରାଧାନ୍ୟ ଦେବାକୁ କହିଛନ୍ତି । ଏହି ବୈଠକରେ ପ୍ରକଳ୍ପନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ରମେଶ ଚନ୍ଦ୍ର ସେଠୀ, ଉପଜିଲ୍ଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସୌଦାମିନୀ ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା.ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲ୍ଲା ଆପାତକାଳିନ ଅଧିକାରୀ ଶ୍ରୀମତୀ ସ୍ନିଗ୍ଧଛାୟା ମହାପାତ୍ର, ତହସିଲଦାର ଅନୁପମା ମୁର୍ମୁ ଓ ଓସଡମା ଡିପିଓ ଶ୍ରୀମତୀ ସଙ୍ଗୀତା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଆତ୍ମା କର୍ମଚାରୀ ସଙ୍ଘର ଜିଲ୍ଲା ପ୍ରତିନିଧିମଣ୍ଡଳୀ ବୈଠକ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଆତ୍ମା ଅଧୀନରେ ୩୦ ଜିଲ୍ଲା ତଥା ସମସ୍ତ ବ୍ଲକ୍‌ରେ ୧୧୧୫ରୁ ଉର୍ଦ୍ଧ୍ୱ କର୍ମଚାରୀ ଦୀର୍ଘ ୧୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ରାଜ୍ୟର ସମସ୍ତ କୃଷକ ଭାଇ ଓ ଭଉଣୀମାନଙ୍କୁ ସେବା ଯୋଗାଇ ଆସୁଛନ୍ତି । ତନ୍ମଧ୍ୟରୁ ଜଣେ କମ୍ପ୍ୟୁଟର ଅପରେଟର୍, ଜଣେ ଆକାଉ□ା□କମ୍ କ୍ଲର୍କ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଓ ଜଣେ ବିଟିଏମ୍ ଓ ୩ ଜଣ ଏଟିଏମ୍ ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଛନ୍ତି । ମାତ୍ର ସରକାର ଚଂଚକତା କରି ୧୦ ବର୍ଷ ଧରି ଅଭିଜ୍ଞତା ସମ୍ପନ୍ନ କର୍ମଚାରୀମାନଙ୍କୁ ବାହାର କରି ନୂଆ ନିଯୁକ୍ତି କରିବା ପାଇଁ ଆର୍‌ଏଫ୍‌ପି ପ୍ରକାଶ କରିଥିଲେ । ଏହାକୁ ବିରୋଧ କରି ଓଡ଼ିଶା ଆତ୍ମା କର୍ମଚାରୀ ସଙ୍ଘ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ଶୁଣାଣି ଅନୁସାରେ ଆବେଦନକାରୀ କର୍ମଚାରୀଙ୍କୁ କାର୍ଯ୍ୟରୁ ବାହାର କରାଯାଇପାରିବ ନାହିଁ ବୋଲି ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ମାମଲାର ୬ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ କେନ୍ଦ୍ର କୃଷି ମନ୍ତ୍ରାଳୟ, ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି, ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ତଥା ରାଜ୍ୟ ନୋଡାଲ୍ ଅଫିସର୍ ଓ ଅନ୍ୟ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ସମସ୍ତ କଥାକୁ ବିଚାରକୁ ନେଇ ୩୦ଟି ଜିଲ୍ଲାର ଜଣେ ଲେଖାଏଁ ପ୍ରତିନିଧି ଓ ଏକ୍‌ଜିକ୍ୟୁଟିଭ୍ ବଡିର ୧୫ ଜଣ ମୋଟ ୪୫ ଜଣଙ୍କୁ ନେଇ କଟକସ୍ଥିତ ଗ୍ରାଣ୍ଡରେସିଡେନ୍ସି ହୋଟେଲ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ସଭାରେ ଆଇନଜୀବୀ ଦେବଦତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କେସ୍‌ର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ । ସଙ୍ଘର ସଭାପତି ସୌମ୍ୟରଞ୍ଜନ ସାହୁ ଓ ସମ୍ପାଦକ ସୁଶାନ୍ତ ବେହେରା ସଦସ୍ୟମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଓ ଆଗାମୀ ରଣନୀତି ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ । ଏଥିରେ ୩୦ ଜିଲ୍ଲା ସମେତ ପୁରୀ ଜିଲ୍ଲାର ଡେଲାଙ୍ଗ ପିପିଲି, କଣାସ ସତ୍ୟବାଦୀ ପୁରୀ ସଦର, ନିମାପଡା, କାକଟପୁର, ବ୍ରହ୍ମଗିରି ବ୍ଲକ କର୍ମଚାରୀମାନେ ସଂଘର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଆଦର୍ଶ ଶିକ୍ଷକ ଭାଗବତ ପ୍ରସାଦ କରଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଶାନ୍ତି ଶୈଳେନ୍ଦ୍ର ହାଇସ୍କୁଲର ଆଦର୍ଶ ଶିକ୍ଷକ ତଥା ସେକେଣ୍ଡ ମାଷ୍ଟ୍ରେ ଭାବେ ପରିଚିତ ଭାଗବତ ପ୍ରସାଦ କରଙ୍କ ଦ୍ୱାଦଶାହ ଉପଲକ୍ଷେ ପୁରାତନ ଛାତ୍ରଛାତ୍ରୀ ସଂସଦ ପକ୍ଷରୁ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ପୀରହାଟ କାଳୀପଡ଼ିଆ ଠାରେ ଏହି ଅବସରରେ ପୁରାତନ ଛାତ୍ର ରବିନାରାୟଣ ନାୟକଙ୍କ ସଂଚାଳନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରତନ ଛାତ୍ର ତଥା ପୂର୍ବତନ ସାଂସଦ ମହାମେଘବାହନ ଐର ଖାରବେଳ ସ୍ୱାଇଁ, ସାହିତ୍ୟିକ ଅମରେଶ ବିଶ୍ୱାଳ, ହରେକୃଷ୍ଣ ମହାକୁଡ଼, ନରେନ୍ଦ୍ର ପଣ୍ଡା, ପଞ୍ଚାନନ ପଲାଇ, ଶାନ୍ତିଲତା ପାଢ଼ୀ, ଡ. ଭାସ୍କର କର, ପ୍ରଫୁଲ୍ଲ ପାଢ଼ୀ, ନିଶାମଣି କର, ନିରଂଜନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ମୁକ୍ତିକାନ୍ତ ନାୟକ, ମଥୁରାମୋହନ ବେହେରା, ବିଜୟ କୁମାର ପଣ୍ଡା, ସୁଶାନ୍ତ ପଣ୍ଡା, ସଂଜୟ ଦାସ, ଗୋପୀନାଥ କର, ସୁକାନ୍ତ କୁମାର ବଳ, ରାଜେନ୍ଦ୍ର ବିଶ୍ୱାଳ, ଅରୁଣ ମହାନ୍ତି, ସୁଧାରଂଜନ ମହାନ୍ତି, ବିଷ୍ଣୁ ଚରଣ ପଣ୍ଡା, ହୃଷିକେଶ ସାହୁ, ଭରତ ଚନ୍ଦ୍ର ପାଲ, ଅମର ମିଶ୍ର, ଭାସ୍କର ସେଠୀ ପ୍ରମୁଖ ବହୁ ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

## ବୁଦ୍ଧ ବିହାରରେ ଧର୍ମାଲୋଚନା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ବୌଦ୍ଧ ସଙ୍ଘ ଓ କଳିଙ୍ଗ ସଦ୍ଧମ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ତଥାଗତ ବୁଦ୍ଧ ବିହାର ପ୍ରାଙ୍ଗଣରେ ଏକ ଧର୍ମାଲୋଚନା ଓ ସ୍ୱତନ୍ତ୍ର ପ୍ରାର୍ଥନା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସନ୍ଧ୍ୟା ସମୟରେ ଉଭୟ ସଙ୍ଗଠନର କର୍ମକର୍ତାମାନେ ଉପସ୍ଥିତ ରହି ମହାକାରୁଣୀକ ବୁଦ୍ଧଙ୍କ ନିକଟରେ ପ୍ରଦିପ ପଜ୍ୱଳନ କରିବା ସହ ବୁଦ୍ଧ ବନ୍ଦନା ଓ ସୂତ୍ର ସମୂହ ପାଠ କରିଥିଲେ । ଆୟୋଜିତ ଉତ୍ସବରେ କଳିଙ୍ଗ ସଦ୍ଧମ ସଙ୍ଗଠନର ମୁଖ୍ୟ ସଦସ୍ୟ ସୁବାଷ ଚନ୍ଦ୍ର ପାତ୍ର ଓ ଡ. ସମୀର ପାତ୍ରଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ପବିତ୍ର କୁମାର ଦେବତା, ସମ୍ମାନିତ ଅତିଥିଭାବେ ବାବାଜୀ ଚରଣ ପାତ୍ର ମହମ୍ମଦପୁର ବୌଦ୍ଧ ସଙ୍ଘର ସମ୍ପାଦକ ସୁବାଷ ଚନ୍ଦ୍ର ପାତ୍ର ବିଶ୍ୱର ମଙ୍ଗଳକାମନା ପ୍ରାର୍ଥନା କରି ଭଗବାନ ବୁଦ୍ଧଙ୍କ ଧର୍ମାଲୋଚନା କରିଥିଲେ । ଏହି ଅବସରରେ କଳିଙ୍ଗ ସଦ୍ଧମ ସଙ୍ଗଠନ ତରଫରୁ ବୌଦ୍ଧ ଧର୍ମ ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିବା ମହମ୍ମଦପୁର ଗ୍ରାମର ଉପାସକ ବୈରାଗୀ ଦେବତା, ବଟକୃଷ୍ଣ ପାତ୍ର, ମାଧବ ଚରଣ ପାତ୍ର, ଭୀମସେନ ପାତ୍ର ଓ ସୁରେଶ ପାତ୍ରଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଲକ୍ଷ୍ମୀପାଳ, ଦେବେନ୍ଦ୍ର ପାତ୍ର, ଦିପୁନ ପାତ୍ର, ଶୁଭଲକ୍ଷ୍ମୀ ଦତଙ୍କ ସମେତ ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଅନ୍ୟ ମୁଖ୍ୟ ସଦସ୍ୟ ସ୍ନେହଲତା ମହାପାତ୍ର, ସୁଜାତା ମହାପାତ୍ର, ଲିଟୁନ ଚନ୍ଦ, ସନ୍ଦିପ ପାତ୍ର, କଳ୍ପନା ଦେବତା, ଅର୍ଚ୍ଚନା ଦେବତା, ଅନିଲ ମହାପାତ୍ର, ଜିତେନ୍ଦ୍ର ପାଳ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପୂର୍ଣ୍ଣ ସହଯୋଗ କରାଇଥିଲେ । ବୌଦ୍ଧ ଭିକ୍ଷୁ ଦିବ୍ୟ ପ୍ରକାଶ ଓ ସୁଶାନ୍ତ ଯୁନିୟନର ପଥ ପ୍ରଦର୍ଶନରେ ଅନୁପ୍ରାଣିତ ହୋଇ ସଙ୍ଗଠନ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି ।

## ବିଡିସିଡିଏ କାର୍ଯ୍ୟକାରିଣୀ ନିର୍ବାଚନ

ବାଲେଶ୍ୱର, (ଭାସ୍କର ନ୍ୟୁଜ) : ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଏସୋସିଏସନ ଦ୍ୱାରା ସ୍ୱିକୃତିପ୍ରାପ୍ତ ବାଲେଶ୍ୱର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଏସୋସିଏସନର (ବିଡିସିଡିଏ)ର ୨୦୨୨-୨୦୨୫ କାର୍ଯ୍ୟକାରିଣୀ ପାଇଁ ଟାଉନ ଓ ସହଦେବଖୁଣ୍ଟା ଜୋନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । କାଳୀଦାସପୁର ସ୍ଥିତ ସଂଗଠନ କାର୍ଯ୍ୟାଳୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଲାଇଜୁ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ନିର୍ବାଚନ ପରିଚାଳନାରେ ସେକ୍ ଅକତର୍ ଅଲୀ, ସନ୍ଦୀପ ସାମନ୍ତରାୟ ସହଯୋଗ କରିଥିଲେ । ସକାଳ ୯ ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ପର୍ଯ୍ୟନ୍ତ ଚାଲିଥିଲା । ଏହି ଭୋଟ ପ୍ରକ୍ରିୟାରେ ଟାଉନ ଓ ସହଦେବଖୁଣ୍ଟା ଜୋନର ଲାଇଫ ମେମ୍ବରମାନେ ଭୋଟ ଦେଇଥିଲେ । ସହଦେବଖୁଣ୍ଟା ଜୋନରୁ ସର୍ବମୋଟ ୮୩ ଓ ଟାଉନ ଜୋନରୁ ୧୩୭ଜଣ ମତଦାନ କରିଥିଲେ । ସହଦେବଖୁଣ୍ଟା ଜୋନରୁ ପାଞ୍ଚଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସିଦ୍ଧାର୍ଥ ସାରଥି ଦାସ, ସୁଦୀପ୍ ଚକ୍ରବର୍ତ୍ତୀ, ଦେବୀ ପ୍ରସନ୍ନ ପରିଡା ଓ ଅଶୋକ ନନ୍ଦ ବିଜୟୀ ହୋଇଥିବା ବେଳେ ଓ ଟାଉନ ଜୋନରୁ ଦଶଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଆଠ ଜଣ ଯଥା- ସମୀର ଜଟାନିଆ, ନୀରଜ ପଦାର, ମମତା ପଦାର, ଅରୁଣ ଖଣ୍ଡେଲୱାଲ, ବିକ୍ରମଜିତ୍ କର, ମନୋଜ ଦାସ, ସନ୍ଦୀପ ସାମନ୍ତରାୟ, ଓ ଲାଇଜୁ ମିଶ୍ର ବିଜୟୀ ହେଇଥିଲେ । ବିଜୟୀ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ସଂଘ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି । ଅବାଧ ଓ ନିରପେକ୍ଷ ମତଦାନ ତଥା ଶାନ୍ତି ଶୃଙ୍ଖଳା ପାଇଁ ଜିଲା ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା



ଯାଜପୁର,(ଭାସ୍କର ନ୍ୟୁଜ୍): ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଗତ କିଛିବର୍ଷ ହେବ ଭାରତରେ ଇସ୍‌ଲାମିକ୍ ଜେହାଦି କଟ୍ଟରପନ୍ଥୀ ମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ସମଗ୍ର ଦେଶରେ ଶ୍ରୀ ରାମନବମୀ ଶୋଭାଯାତ୍ରା ଉପରେ ପଥରବାଜି ସହ ଆକ୍ରମଣ କରାଗଲା । ଯେଉଁଥି ପାଇଁ ଦେଶର ଅନେକ ସ୍ଥାନରେ କର୍ଫ୍ୟୁ ଲଗାଯିବା ସହ ଉତ୍ତେଜନା ଲାଗି ରହିଛି । ହନୁମାନ ଜୟନ୍ତୀ ଅବସରରେ ଶୋଭାଯାତ୍ରା ଉପରେ ମଧ୍ୟ ପଥରବାଜି ହୋଇଥିଲା । ଜିହାଦ୍ ବିବାଦ ସମୟରେ କର୍ଣ୍ଣାଟକରେ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ହର୍ଷଙ୍କୁ ନିର୍ମମ ହତ୍ୟା କରାଯାଇଥିଲା । ଏବେ ନୁପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ଟିପ୍ପଣୀକୁ ନେଇ ଗତ ଦୁଇ ଶୁକ୍ରବାର ଜୁମାର ନମାଜ ପରେ ମସ୍‌ଜିଦ୍‌ରୁ ଆକ୍ରମଣ କରାଗଲା । ହିନ୍ଦୁଘର ଦୋକାନ ଓ ଯାନବାହନକୁ ନିଆଁ ଲଗାଇ ସରକାରୀ ସଂପତି ଓ ମନ୍ଦିରମାନଙ୍କୁ ଭଙ୍ଗାରୁଜା କରାଯାଇ କ୍ଷତିଗ୍ରସ୍ତ କରାଗଲା । ଏ.ଆଇ.ଏମ.ଆଇ.ଏମ୍ ର ନେତା ଅସଉଦ୍ଦିନ୍ ଓବେସି ଜଗନ୍ନାଥଙ୍କୁ ନେଇ ବିଭ୍ରାନ୍ତକାରୀ ଓ ସମାଜ ବିଭାଜନକାରୀ ମନ୍ତବ୍ୟ ଦେଇଥିଲେ । ଏହି ମର୍ମରେ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କୁ ମସ୍‌ଜିଦ୍‌ରୁ ଆକ୍ରମଣ କରିଥିବା ଦଙ୍ଗାକାରୀଙ୍କୁ ଚିହ୍ନଟ କରାଯାଇ ଦଣ୍ଡବିଧାନ କରିବା, ସେମାନଙ୍କୁ ଉସ୍‌କାଉଥିବା ମୁଲ୍ଲା, ମୌଲବି ମାନଙ୍କୁ ରାସୁକା ଲଗାଇ ଗିରଫ କରିବା, ସାଂପ୍ରତିକ ଉଗ୍ରଭାଷଣ ନେତାମାନଙ୍କୁ ଗିରଫ କରିବା, ଧମକ ଦିଆଯାଇଥିବା ବ୍ୟକ୍ତିମାନଙ୍କୁ ସୁରକ୍ଷା ପ୍ରଦାନ କରିବା, ଇସ୍‌ଲାମିକ୍ ଜେହାଦି କଟ୍ଟରତା ସୃଷ୍ଟି କରୁଥିବା ଆତଙ୍କି ସଂଗଠନ କୁ ପ୍ରତିବନ୍ଧିତ କରାଯିବା, ଭାରତରେ ଯେଉଁ ସ୍ଥାନରେ ହିନ୍ଦୁ ସଂଖ୍ୟାଲଘୁ ହୋଇଯାଇଛି ସେଠାରେ ସଶକ୍ତ ପୋଲିସ ଓ ଥାନା କରାଯିବା ସହ ହିନ୍ଦୁମାନଙ୍କୁ ସୁରକ୍ଷା ଦେବା ଦାବିକରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

## ଶିକ୍ଷକ ନିଯୁକ୍ତିକୁ ନେଇ ଦ୍ୱନ୍ଦ

ବାଲିପାଟଣା, (ଭାସ୍କର ନ୍ୟୁଜ୍) : ଦୀର୍ଘ ପାଞ୍ଚ ବର୍ଷ ଶିକ୍ଷକତା କରିବାପରେ ଦୁଇ ଜଣ ଶିକ୍ଷକଙ୍କୁ ବାହାର କରି ଅନ୍ୟ ଦୁଇ ଶିକ୍ଷକଙ୍କୁ ନିଯୁକ୍ତି ଦେଲା ଶିକ୍ଷା ବିଭାଗ । ଘଟଣାଟି ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ପାଳସାହିର ମଧୁବନ ଉଚ୍ଚ ବିଦ୍ୟାଳୟର । ନୂତନ ଭାବେ ନିଯୁକ୍ତି ଲେଟର ପାଇ ବିଦ୍ୟାଳୟରେ ପହଁଞ୍ଚିବା ବେଳେ ଅପ୍ରିତିକର ପରିସ୍ଥିତି ଉପୁଜିଥିଲା । ଗ୍ରାମବାସୀ ଏହାକୁ ବିରୋଧ କରିବା ପୂର୍ବର ୨ ଶିକ୍ଷକଙ୍କୁ କାହିଁକି ତଡି ଦିଆଯାଇଛି ପ୍ରଧାନ ଶିକ୍ଷକଙ୍କୁ ପ୍ରଶ୍ନ କରିଥିଲେ । ସୂଚନା ଅନୁଯାୟୀ ବିଦ୍ୟାଳୟରେ ମିଳନ ମୌତ୍ରୀ ପରିଡ଼ା ଏବଂ ପ୍ରକାଶ ଚନ୍ଦ୍ର ନାୟକ ବର୍ଷ ବର୍ଷ ଧରି ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଯୋଗୁ ବିଦ୍ୟାଳୟ ପରିଚାଳନା କମିଟି ଏହି ଦୁଇ ଶିକ୍ଷକଙ୍କୁ ବିଦ୍ୟାଳୟରୁ ବହିସ୍କାର କରିଥିଲା । ପରେ ୨୦୧୫ ମସିହା ରେ ବିଜ୍ଞାନ ଶିକ୍ଷକ ବଂଶୀଧର ବେହେରା ଏବଂ ହିନ୍ଦୀ ଶିକ୍ଷୟତ୍ରୀ ଭାବେ ପଲ୍ଲୀପୁଷ୍ପା ପରିଜାଙ୍କୁ ମଧୁବନ ଉଚ୍ଚ ବିଦ୍ୟାଳୟ, ପାଳସାହିର ପରିଚାଳନା କମିଟି ନିଯୁକ୍ତି ଦେଇଥିଲା । ସେବେଠାରୁ ଏହି ଦୁଇ ଶିକ୍ଷକ ବିଦ୍ୟାଳୟରେ ନିରବିଚ୍ଛିନ୍ନ ଭାବେ ଶିକ୍ଷାଦାନ କରି ଆସୁଥିଲେ । ଗତ ୨୬.୮.୨୦୧୬ ତାରିଖରେ



ବିଦ୍ୟାଳୟ ଅନୁମୋଦନ ପାଇବା ପରେ ଏହି ୨ ଜଣ ଶିକ୍ଷକଙ୍କ ପଦବୀକୁ ମଧ୍ୟ ତାରିଖ ୨୬.୮.୨୦୧୬ ରେ ଅନୁମୋଦନ ଦେଇଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ । ସେବେଠାରୁ ଏହି ଦୁଇ ଶିକ୍ଷକ ସରକାରଙ୍କ ଠାରୁ ଦରମା ପାଇ ଆସୁଥିଲେ । ମାତ୍ର ପରେ ମିଳନ ମୌତ୍ରୀ ପରିଡ଼ା ଏବଂ ପ୍ରକାଶ ଚନ୍ଦ୍ର ନାୟକ ବିଦ୍ୟାଳୟରେ ଜଏନ କରିବା ପାଇଁ ଲିଖିତ ଦାବୀ କରିବା ପରେ ୨୩.୪.୨୦୨୧ ଠାରୁ ବଂଶୀଧର ବେହେରା ଏବଂ ପଲ୍ଲୀପୁଷ୍ପା ପରିଜାଙ୍କ ଦରମା ବନ୍ଦ କରିଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ । ଏ ନେଇ ଉଭୟ ମାନ୍ୟବର ଶିକ୍ଷା ବିଭାଗ ଟ୍ରିବୁନାଲଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏବେ ମଧ୍ୟ ମାମଲାଟି ବିଚାରଧିନ ରହିଛି । ମାତ୍ର ପୁନର୍ବାର ଜିଲ୍ଲା ଶିକ୍ଷା ଅଧିକାରୀ କିପରି ମିଳନ ମୌତ୍ରୀ ପରିଡ଼ା ଏବଂ ପ୍ରକାଶ ଚନ୍ଦ୍ର ନାୟକ ଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେବେ ୫ ବର୍ଷ ସରକାରଙ୍କ ଠାରୁ ଦରମା ପାଇବା ପରେ ନିଜ ଚାକିରୀରୁ ବିତାଡିତ ହେବା ପରେ ବଂଶୀଧର ବେହେରା ଏବଂ ପଲ୍ଲୀ ପୁଷ୍ପା ପରିଜା ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି । ପୁନର୍ବାର ଏହି ଘଟଣା କ୍ରମର ବିଚାର ଜିଲ୍ଲା ଶିକ୍ଷା ଅଧିକାରୀ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କରିବା ପାଇଁ ଦୁଇ ଶିକ୍ଷକ ନିବେଦନ କରିଛନ୍ତି । ଏନେଇ ବାଲିପାଟଣା ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କୁ ଯୋଗା ଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୋଗା ଯୋଗ ହୋଇ ପାରିନଥିଲା ।

### ଖଣି ଅଞ୍ଚଳରେ ପରିବହନ ଠପ୍

## ବନ୍ଦ ହେବାକୁ ବସିଲାଣି ଖଣି ଓ କାରଖାନା

ଯୋଡ଼ା, (ଭାସ୍କର ନ୍ୟୁଜ୍): ସରକାରଙ୍କ ଅପରିଣାମଦର୍ଶିତା କାରଣରୁ ଯୋଡା ଖଣି କ୍ଷେତ୍ରରେ ଅନେକ ଖଣି ଏବଂ କାରଖାନା ବନ୍ଦ ହେବାକୁ ବସିଲାଣି । ଚଢା ଦରରେ ନିଲାମ ଧରି ଖଣି ହାତେଇଥିବା ଖଣି ମାଲିକମାନେ ଏବେ ଅଧିକାଂଶ ଖଣି ସରକାରଙ୍କୁ ଫେରାଇଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି । ଏହା ସହିତ ଲୁହା ପଥର ଏବଂ ଲୁହା ପିଲେଟ (ଲୁହା ଗୁଲି) ରପ୍ତାନୀ ଉପରେ କେନ୍ଦ୍ର ସରକାର ଯଥାକ୍ରମେ ୫୦ ପ୍ରତିଶତ ଓ ୪୫ ପ୍ରତିଶତ ଶୁଳ୍କ ଲାଗୁ କରିବା ପରେ ଯୋଡା ଖଣି କ୍ଷେତ୍ରରୁ ଲୁହାପଥର ରପ୍ତାନୀ ଏକ ପ୍ରକାର ଠପ୍ ହୋଇପଡିଛି । କେବଳ ନିଜସ୍ୱ କାରଖାନାମାନଙ୍କୁ ଲୁହାପଥର ଏବଂ ଲୁହା ପିଲେଟ ପରିବହନ କରାଯାଉଥିବା ବେଳେ ଯୋଡା ଅଞ୍ଚଳରେ ପରିବହନ ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ହୋଇପଡିଛି । ଟାଟା କମ୍ପାନୀଙ୍କ କାଟାମାଟି ଖଣି ଏବଂ ଖଣ୍ଡବନ୍ଧ ଖଣିରୁ ଲୁହାପଥର ତାଙ୍କର ଭୂଷଣସ୍ଥିତ ନିଜସ୍ୱ କାରଖାନକୁ



ପରିବହନ ହେଉଥିବା ବେଳେ ତାହା ପର୍ଯ୍ୟାପ୍ତ ପରିମାଣରେ ଟ୍ରକ ମାଲିକମାନଙ୍କୁ କାମ ଯୋଗାଇପାରୁନାହିଁ । ଯୋଡା ଖଣି ଅଞ୍ଚଳରେ ଯୋଡା ଟ୍ରକ ମାଲିକ ସଂଘ (ଜାଟୋଆ) ଓ ଆଞ୍ଚଳିକ ଟ୍ରକ ମାଲିକ ସଂଘ (ଆଟୋଆ) ଭଳି ୨ଟି ସଂଘ କାର୍ଯ୍ୟ କରୁଥିବା ବେଳେ ସେଥିରେ ୪ହଜାରରୁ ଉର୍ଦ୍ଧ ଟ୍ରକ ଅନୁବନ୍ଧିତ ରହିଛନ୍ତି । ଏହି ଖଣି ଦୁଇଟିରୁ ଦୈନିକ ମାତ୍ର ୫୦ରୁ ୧୦୦ ଟ୍ରକ ଲୁହାପଥର ବୋଝେଇ ପାଉଥିବା ବେଳେ ଟ୍ରକ ମାଲିକମାନେ ଦିନ ଦିନ ଧରି ସେମାନଙ୍କ ଟ୍ରକ ଗୁଡିକୁ ଠିଆ କରି ରଖିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟପକ୍ଷରେ ଯୋଡା ଖଣି କ୍ଷେତ୍ରରେ କାର୍ଯ୍ୟରତ ବୃହତ ଖଣି ଗୁଡିକରୁ ଲୁହାପଥର ପ୍ରାୟ ସରିଆସିଥିବା ବେଳେ ସେଥିରେ ନିମ୍ନମାନର ଲୁହାପଥର ବାହାରୁଥିବାରୁ ବଜାରରେ ତାହାର ଚାହିଦା ନଥିବା ଜଣାପଡିଛି । ସେଗୁଡିକ ମଧ୍ୟରେ ଇନ୍ଦ୍ରାଣୀ ପଟ୍ଟନାୟକ ଲୌହ ଖଣି, ଜେଏସଡବ୍ଲୁଙ୍କ ଜଜାଙ୍ଗ ଲୌହ ଖଣି, କାଶଡି ଇଣ୍ଟରନ୍ୟାସନାଲଙ୍କ ଜରିବାହାଲ ଲୌହ ଖଣି, ଲଙ୍ଗାଲୋଟା ଲୌହ ଖଣି, ସିରାଜୁଦ୍ଦିନ ଲୌହ ଖଣି ଗୁଡିକ ଅନ୍ତର୍ଭୁକ୍ତ । ଏହି ଖଣି ଗୁଡିକରୁ ଉଚ୍ଚମାନର ଲୁହାପଥର ବାହାରୁନଥିବା ବେଳେ ଖଣି କମ୍ପାନୀ ଗୁଡିକ ୨ ବର୍ଷର ସମୟ ଅବଧି ପରେ ଏହାକୁ ସରକାରଙ୍କୁ ଫେରାଇଦେବା ପାଇଁ ସ୍ଥିର କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି । ଅନ୍ୟପକ୍ଷରେ ସ୍ଲରୀ ପାଇପ ଓ ରେଳପଥରେ ଲୁହାପଥର ଗୁଣ୍ଡ କେତେକ ଖଣି କମ୍ପାନୀ ପରିବହନକୁ ପ୍ରାଧାନ୍ୟ ଦେଉଥିବା ବେଳେ ଟ୍ରକ ଗୁଡିକର ଚାହିଦା ଦିନକୁ ଦିନ ଖଣି ଅଞ୍ଚଳରେ କମିବାରେ ଲାଗିଛି । ସେହିପରି ସୋୟାବାଲିସ୍ଥିତ ଜିନ୍ଦଲ ପିଲେଟ କାରଖାନାରୁ ଲୁହା ପିଲେଟ ଝାରସୁଗୁଡାସ୍ଥିତ ତାଙ୍କର ନିଜସ୍ୱ କାରଖାନାକୁ ପ୍ରେରଣ କରାଯାଉଥିବା ବେଳେ ସଡକ ପଥରେ ପରିବହନ ମୂଲ୍ୟ ବୃଦ୍ଧି ଫଳରେ କମ୍ପାନୀ ରେଳ ଯୋଗେ ପରିବହନ କରିବାକୁ ପ୍ରାଧାନ୍ୟ ଦେଉଥିବା ଜଣାପଡିଛି । ଅନ୍ୟ ଦୁଇଟି ପିଲେଟ କାରଖାନା ମଧ୍ୟରୁ ଜଗନ୍ନାଥ ଷ୍ଟିଲର ନିଜସ୍ୱ ଲୁହା କାରଖାନା ନଥିବାରୁ ତାଙ୍କର ପିଲେଟ କାରଖାନାଟି ବନ୍ଦ ହୋଇପଡିଛି ଓ ଆର୍ଯ୍ୟା ପିଲେଟ କାରଖାନାର ସ୍ଥିତି ମଧ୍ୟ ଭଲ ନଥିବା ଜଣାପଡିଛି । ଖଣି ଅଞ୍ଚଳରେ ପରିବହନ ଅଧିକାଂଶ ଲୋକଙ୍କ ଜୀବିକା ନିର୍ବାହର ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ଏହି ମାନ୍ଦା ଅବସ୍ଥା ଯୋଗୁଁ ଋଣ କରି ଟ୍ରକ ଆଣିଥିବା ଅନେକ ଯୁବ ଗାଡି ମାଲିକ ଟ୍ରକ କିସ୍ତି ଦେଇନପାରି ଏବେ ଦେବାଳିଆ ହେବାକୁ ବସିଲେଣି । ଫଳରେ ଅନେକ ଟ୍ରକ ମାଲିକ ନିଜର ଟ୍ରକ ଗୁଡିକୁ କାବାଡିଆଙ୍କୁ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି । ଏ ନେଇ ଯୋଡା ସହରରେ ଏକ ଅଚଳା ଅବସ୍ଥା ସୃଷ୍ଟି ହୋଇଥିବା ବେଳେ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇବାରେ ଲାଗିଛି ।